
# ଧରିତ୍ରୀ DHARITRI

ବାଲେଶ୍ୱର, ରବିବାର, ଅକ୍ଟୋବର ୨୭/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Balasore, Sunday, October 27/2019 | ★★★★

୪୫ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-

**ଭାରତ ଟୁର୍‌ରେ ଆସିବେନି ତାମିମ**

ବାଂଲାଦେଶ କ୍ରିକେଟ ଦଳର ସିନିୟର ଓପନର ତାମିମ ଇକ୍‌ବାଲ ଭାରତ ଗସ୍ତରୁ ଓହରି ଯାଇଛନ୍ତି।

୧୯

୧୦

**ଦୀପାବଳି ପାଳିବେନି ଆଲିଆ ଭଟ୍ଟ**

ନିଜର ଦମ୍‌ଦାର ଅଭିନୟ ଏବଂ କ୍ୟୁଟ୍‌ନେସ୍ ପାଇଁ ବଲିଉଡ୍‌ରେ ନାଁ କରିଥିବା ଅଭିନେତ୍ରୀ ଆଲିଆ ଭଟ୍ଟ ଏଥର ଫିଲ୍ମ 'ସଡ଼କ-୨'ରେ ବ୍ୟସ୍ତ ଥିବାରୁ ଦୀପାବଳି ପାଳିବେ ନାହିଁ।



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଦୀପାବଳି ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

**ଧରିତ୍ରୀର ଛୁଟି**

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା୨୭.୧୦.୨୦୧୯ରିଖ ରବିବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା୨୯.୧୦.୨୦୧୯ରିଖ ମଙ୍ଗଳବାର ସକାଳେ ପ୍ରକାଶ ପାଇବ।

## ମହାରାଷ୍ଟ୍ରରେ ଛିଡୁନି କ୍ଷମତା ଭାଗବଣ୍ଟା

# ଭାଜପାକୁ ଗ୍ୟାରେଣ୍ଟି ମାଗିଲା ଶିବସେନା

**ମୁମ୍ବାଇ,୨୬।୧୦(ପି.ଟି.)**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟକୁ ସଂଖ୍ୟାଗରିଷ୍ଠତା ମିଳିଥିଲେ ମଧ୍ୟ ସରକାର ଗଠନ ନେଇ କ୍ଷମତା ଭାଗବଣ୍ଟା ଅଙ୍କ ଛିଡୁନି। ୫୦-୫୦ ସୂତ୍ରରେ କ୍ଷମତା ବଣ୍ଟନ ଦାବିରେ ଶିବସେନା ଅଟଳ ରହିଛି। ରାଜ୍ୟରେ ପରବର୍ତ୍ତୀ ମେଣ୍ଟ ସରକାର ଗଠନ ଲାଗି ଦାବି ଜଣାଇବା ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦ ବଦଳ ପାଇଁ ସହଯୋଗୀ ଭାଜପାଠାରୁ ଲିଖିତ ପ୍ରତିଶ୍ରୁତି ଦାବି କରିଛନ୍ତି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ। ଶିବସେନାର ଦାବି ଅନୁଯାୟୀ ଉଭୟ ସହଯୋଗୀ ଅଢ଼େଇ ବର୍ଷ ଲେଖାଏ ପାଳି କରି ମୁଖ୍ୟମନ୍ତ୍ରୀ ପଦ ରଖିବେ। ଶିବସେନାର ଯୁବନେତା ଆଦିତ୍ୟ ଠାକ୍‌ରେ ହେବେ ମୁଖ୍ୟମନ୍ତ୍ରୀ। ଏଥିପାଇଁ ଯଦି ଭାଜପା ଲିଖିତ ପ୍ରତିଶ୍ରୁତି ନ ଦିଏ ତେବେ ଶିବସେନା ବିକଳ୍ପ ଖୋଜିବ ବୋଲି ସୂଚନା ଦେଇଛି। ଫଳରେ ସରକାର ଗଠନ ନେଇ ଅଡୁଆରେ ପଡିଛି ଭାଜପା।



ଆଦିତ୍ୟ ଠାକ୍‌ରେଙ୍କ ସହ ଉଦ୍ଧବ ଠାକ୍‌ରେ।

ଭୋଟ ଫଳାଫଳ ପ୍ରକାଶ ପାଇବାର ଦୁଇଦିନ ପରେ ନବନିର୍ବାଚିତ ଶିବସେନା ବିଧାୟକମାନେ ଦଳ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ତାଙ୍କ ବାସଭବନରେ ଭେଟି ପରବର୍ତ୍ତୀ ସରକାର ଗଠନ ସମ୍ପର୍କରେ ସମସ୍ତ ନିଷ୍ପତ୍ତି ନେବା ଲାଗି ତାଙ୍କୁ କ୍ଷମତା ପ୍ରଦାନ କରିଥିଲେ। ସେମାନେ ଆଦିତ୍ୟ ଠାକ୍‌ରେଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି ବୋଲି କହିଥିଲେ। ସହଯୋଗୀ ଦଳ ସେମାନଙ୍କ ଦାବି ଗ୍ରହଣ ନ କଲେ ତାଙ୍କ ପାଇଁ ଅନ୍ୟ ବିକଳ୍ପ ଖୋଲା ରହିଥିବା ଉଦ୍ଧବ କହିଛନ୍ତି। ତେବେ ଭାଜପା ଓ ଶିବସେନା ହିନ୍ଦୁତ୍ୱ ନୀତି ଆଦର୍ଶରେ ଚାଲୁଥିବାରୁ ବିକଳ୍ପ ପାଇଁ ସେ ଆଗ୍ରହୀ ନ ଥିବା ସୂଚାଇଛନ୍ତି। ଏଥର ନିର୍ବାଚନରେ ଭାଜପାକୁ ୧୦୫ ଆସନ ମିଳିଛି ଯାହା ୨୦୧୪ ତୁଳନାରେ ୧୭ ଆସନ କମ୍। ଫଳରେ ଶିବସେନାକୁ ମୂଳଚାଳ ପାଇଁ ସୁଯୋଗ ମିଳିଛି। ସରକାରରେ ମୁଖ୍ୟମନ୍ତ୍ରୀ ବଦଳ ଲାଗି ଶିବସେନା ଚାପ ପକାଇବା ସହ ଲିଖିତ ପ୍ରତିଶ୍ରୁତି ମାଗିଛି। ମିଳିତ ଭାବେ ଲୋକ ସଭା ନିର୍ବାଚନ ଲଢ଼ିବା ନିଷ୍ପତ୍ତି ପୂର୍ବରୁ କ୍ଷମତା ବଦଳ ନିମନ୍ତେ ଠାକ୍‌ରେଙ୍କ ବାସଭବନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଉପସ୍ଥିତିରେ କଥା ଚୂଡ଼ାନ୍ତ ହୋଇଥିଲା ବୋଲି ଶିବସେନା ବିଧାୟକ ପ୍ରତାପ ସର୍‌ନାଏକ କହିଛନ୍ତି। ତେଣୁ ଭାଜପା ଏଥିପାଇଁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ପରବର୍ତ୍ତୀ ସରକାର ଗଢ଼ାହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସରକାର ଗଠନ ନେଇ ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ଟଣାଓଟରା ଲାଗି ରହିଥିଲାବେଳେ ଏହି ବିବାଦ ନିଆଁରେ ଘିଅ ଢାଳିବାକୁ ଉଦ୍ୟମ କରିଛି ବିରୋଧୀ କଂଗ୍ରେସ। ଶିବସେନା ମୁଖ୍ୟ ବିକଳ୍ପ ବ୍ୟବସ୍ଥା କରିବା ଉଚିତ ବୋଲି ରାଜ୍ୟ କଂଗ୍ରେସ ନେତା ବିଜୟ ୱଡେଟ୍ଟିୱାର ଶନିବାର କହିଛନ୍ତି। ଜନାଦେଶ ଭାଜପା ସପକ୍ଷରେ ଯାଇ ନ ଥିବାରୁ ସରକାର ଗଠନ ଲାଗି ଶିବସେନା ବିକଳ୍ପ ବ୍ୟବସ୍ଥା ଲାଗି ଆଗେଇ ଆସିବାକୁ ସେ ପରାମର୍ଶ ଦେଇଛନ୍ତି।

ଭାଜପା ୩୦ରେ ବିଧାୟକମାନଙ୍କ ବୈଠକ ଡାକିଛି। ବୈଠକରେ ଗୃହର ନେତା ବଛାଯିବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ୧୫ ସ୍ୱାଧୀନ ବିଧାୟକଙ୍କ ସମେତ ଅନ୍ୟ ଛୋଟ ଦଳର ସମର୍ଥନ ଯୋଗାଡ଼ ଲାଗି ଯୋଗାଯୋଗରେ ରହିଥିବା ରାଜ୍ୟ ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ ସୂଚନା ଦେଇଛନ୍ତି।

**ଶିବସେନାର ଦାବି**

- ଅଢ଼େଇ ବର୍ଷ ଲେଖାଏ ପାଳି କରି ମୁଖ୍ୟମନ୍ତ୍ରୀ ପଦ ରଖିବେ ଦୁଇ ସହଯୋଗୀ
- ଆଦିତ୍ୟ ହେବେ ମୁଖ୍ୟମନ୍ତ୍ରୀ
- ଲିଖିତ ପ୍ରତିଶ୍ରୁତି ନ ଦେଲେ ସରକାରରେ ସାମିଲ ହେବନି

## ସ୍ଥାବର ସମ୍ପତ୍ତି ସହ ହେବ ଆଧାର ଲିଙ୍କ୍

**ଆଇନ ଆଣିବ କେନ୍ଦ୍ର**




**ନୂଆଦିଲ୍ଲୀ,୨୬।୧୦**

ସ୍ଥାବର ସମ୍ପତ୍ତିକୁ ଆଧାର ସହିତ ଲିଙ୍କ୍ କରିବା ଲାଗି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଯୋଜନା କରିଛନ୍ତି। ଏନେଇ ୫ ଜଣିଆ ସଂସଦୀୟ କମିଟି ଗଠନ ହେବା ସହ ଚିଠା ବିଲ୍ ପ୍ରସ୍ତୁତ ହୋଇସାରିଛି। ଏହା ଆଇନରେ ପରିଣତ ହେଲେ ବେନାମୀ ସମ୍ପତ୍ତି ଧରାପଡିବା ସହ ଜମିଜମା କ୍ଷେତ୍ରରେ ହେଉଥିବା ଜାଲ୍ କାରବାରର ପର୍ଦ୍ଦାଫାଶ ହୋଇପାରିବ। ଏହାଦ୍ୱାରା ଜମି ମାଫିଆଙ୍କ ଅବୈଧ କାରବାର ବନ୍ଦ ହୋଇଯିବ। ସ୍ଥାବର ସମ୍ପତ୍ତିକୁ ଆଧାର ଲିଙ୍କ୍ କରିଥିବା ବ୍ୟକ୍ତିଙ୍କ ଜମିକୁ ଅନ୍ୟକେହି କବ୍‌ଜା କଲେ ଏହାର ସମାଧାନ ଦାୟିତ୍ୱ ସରକାର ବହନ କରିବେ। ଯେଉଁମାନେ ଆଧାର ଲିଙ୍କ୍ କରି ନ ଥିବେ ସେମାନଙ୍କୁ ସରକାରୀ କ୍ଷତିପୂରଣ ମିଳିବ ନାହିଁ ବୋଲି ସୂତ୍ରରୁ ଜଣାପଡିଛି।

# ମଧ୍ୟାହ୍ନଭୋଜନରେ ଝିଟିପିଟି ଲାଞ୍ଜ: ୪୭ ଛାତ୍ରୀଛାତ୍ର ଅସୁସ୍ଥ

**ମେଡିକାଲ ପରିସରରେ ଉତ୍ତେଜନା, ପ୍ରଧାନଶିକ୍ଷକଙ୍କୁ ଠେଲାପେଲା**

**ଭଦ୍ରକ ଅଫିସ,୨୬।୧୦**

ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥା ବିଭିନ୍ନ ସମୟରେ ଦୃଷ୍ଟିକୁ ଆସୁଥିଲେ ମଧ୍ୟ ଏହାର ପ୍ରତିକାର ହୋଇପାରୁ ନାହିଁ। ଅସୁରକ୍ଷିତ ପରିବେଶରେ ରୋଷେଇ ହେଉଥିବାରୁ ବିଭିନ୍ନ ସ୍ଥାନରେ ମଧ୍ୟାହ୍ନଭୋଜନରୁ ଝିଟିପିଟି ଓ ଅନ୍ୟ ବିଷାକ୍ତ ସରୀସୃପ ବାହାରିବା ନଜରକୁ ଆସୁଛି। ଶନିବାର ଭଦ୍ରକ ବ୍ଲକ କେଦାରପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରସ୍ତୁତ ମଧ୍ୟାହ୍ନଭୋଜନ ଖାଇବାବେଳେ ସେଥିରୁ ଝିଟିପିଟିର ଏକ ଲାଞ୍ଜ ବାହାରିଥିଲା। କେତେଜଣ ଶିକ୍ଷକ ଏହା ଦେଖି ବଳକା ଖାଦ୍ୟକୁ ଫିଙ୍ଗି ଦେଇଥିଲେ। ତେବେ ସେତେବେଳକୁ ୯୦ ଛାତ୍ରୀଛାତ୍ର ଖାଦ୍ୟ ଖାଇସାରିଥିଲେ। ଏହି ଖାଦ୍ୟ ଖାଇଥିବା ଛାତ୍ରୀଛାତ୍ର ସ୍କୁଲରୁ ଘରକୁ ଫେରିବା ପରେ ସେମାନଙ୍କ ମଧ୍ୟରୁ ୪୭ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ମୁଣ୍ଡ ବୁଲାଇବାରୁ କେତେଜଣ ବାନ୍ତି କରିଥିଲେ। ଏଭଳି ଅବସ୍ଥା ଦେଖି ଅଭିଭାବକମାନେ ବ୍ୟସ୍ତ ହୋଇପଡ଼ିଥିଲେ। ସ୍ଥାନୀୟ ସରପଞ୍ଚ ଭରତ ତ୍ରିପାଠୀ ଆମ୍ବୁଲାନ୍ସ ☞ପୃଷ୍ଠା-୪



ଭଦ୍ରକ ଜିଲା ଚିକିତ୍ସାଳୟରେ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଉଛି।

## ଲଘୁଚାପ ଉଜାଡ଼ିଲା ଫସଲ: ଜିଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ

# ୪ ସୁଦ୍ଧା କ୍ଷୟକ୍ଷତି ଆକଳନ ରିପୋର୍ଟ ଦିଅ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ଅକ୍ଟୋବର ୨୩ରୁ ୨୫ ମଧ୍ୟରେ ହୋଇଥିବା ଲଘୁଚାପ ବର୍ଷା ଯୋଗୁ ବିଭିନ୍ନ ଜିଲାରେ ବ୍ୟାପକ ଫସଲହାନି ହୋଇଛି। ବିଲରେ ଆଣ୍ଠୁଏ ଲେଖାଏ ପାଣି ବୁଡ଼ିରହିଛି। ମୁଗ, ବିରି, ପନିପରିବା ଫସଲ ଉଜୁଡ଼ିଯାଇଛି। ଗତ ତିନିଦିନ ଧରି ଲଗାଣବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ରାଜ୍ୟ ସରକାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ସମସ୍ତ ଜିଲାର ଜିଲାପାଳଙ୍କୁ ନଭେମ୍ବର ୪ ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ଚିଠି ଲେଖିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍)/ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ର ଗାଇଡ୍‌ଲାଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ପ୍ରବଳ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ଗୃହ, ଫସଲହାନି (୩୩%ରୁ ଊର୍ଦ୍ଧ୍ୱ), ଜମିରେ ବାଲିଚର ଆଦିର ଆକଳନ କରିବାକୁ କୁହାଯାଇଛି। କ୍ଷୟକ୍ଷତି ଆକଳନ ଶେଷ ହେବା ମାତ୍ରେ କ୍ଷତିଗ୍ରସ୍ତ ଲୋକଙ୍କୁ ଏସ୍‌ଡିଆର୍‌ଏଫ୍‌ରୁ ଘର ମରାମତି/ ନୂତନ ଗୃହ ନିର୍ମାଣ ଏବଂ ଜୀବନଜୀବିକାର ପୁନରୁଦ୍ଧାର ଲାଗି ତୁରନ୍ତ କ୍ଷତିପୂରଣ ଦିଆଯିବ। ରାଜ୍ୟ ସରକାର ଏହାକୁ ସ୍ଥାନୀୟ ଅଞ୍ଚଳ ବିପତ୍ତି ଭାବେ ଘୋଷଣା କରି ଏସ୍‌ଡିଆର୍‌ଏଫ୍ ପାଣ୍ଠିର ବାର୍ଷିକ ବ୍ୟୟ ବରାଦରୁ ୧୦% ଖର୍ଚ୍ଚ କରିବାକୁ ଅନୁମତି ଦେଇଛନ୍ତି। ଲଘୁଚାପ ଯୋଗୁ କୌଣସି ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ କିମ୍ବା ୨ ଦିନ ଧରି ପ୍ରବଳ ବର୍ଷା ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ ବିପନ୍ନ ପରିବାରଙ୍କୁ ଲୁଗାପଟା, ବାସନକୁସନ ଦିଆଯିବ। ପ୍ରତ୍ୟେକ କ୍ଷତିଗ୍ରସ୍ତ ଗୃହର ଫଟୋ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ବର୍ଷା ଯୋଗୁ ଜୀବନହାନି ହୋଇଥିବା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ତୁରନ୍ତ ଅନୁକମ୍ପାମୂଳକ ସହାୟତାରାଶି ପ୍ରଦାନ କରାଯିବ। ଯଦି କୌଣସି ଜିଲାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବ ଜିଲାପାଳମାନେ କ୍ଷତିଗ୍ରସ୍ତଙ୍କୁ ଜିଲା ବିପର୍ଯ୍ୟୟ ପାଣ୍ଠିରୁ ତୁରନ୍ତ ସହାୟତା ଦିଆଯିବ। ଚୂଡ଼ାନ୍ତ ରିପୋର୍ଟ ପରେ ପ୍ରଦତ୍ତ ରାଶି ସମ୍ପୃକ୍ତ ଜିଲାକୁ ପ୍ରଦାନ କରାଯିବ। ଅନୁକମ୍ପାମୂଳକ ରାଶି କିମ୍ବା କ୍ଷତିପୂରଣ ଅର୍ଥ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ମାଧ୍ୟମରେ ପ୍ରଦାନ କରାଯିବ। କ୍ଷତିପୂରଣ ରାଶି ଦେବାବେଳେ ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟର ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଏସ୍‌ଆର୍‌ସି ତାଙ୍କ ଚିଠିରେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ କେତେକ ସ୍ଥାନରେ ଜୀବନହାନି ଘଟଣା ନଜରକୁ ଆସିଛି। କ୍ଷୟକ୍ଷତି ଆକଳନ କରିବାକୁ ବିଭିନ୍ନ ବିଭାଗ ପର୍ଯ୍ୟାପ୍ତ ଟିମ୍ ଗଠନ କରିବା ଲାଗି କୁହାଯାଇଛି। ଫସଲହାନି ଆକଳନ କରିବା ପାଇଁ କୃଷି, ରାଜସ୍ୱ ବିଭାଗ ଏବଂ ଉଦ୍ୟାନ କୃଷି କର୍ମଚାରୀଙ୍କୁ ନେଇ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନଙ୍କୁ ନେଇ ଗଠନ ଟିମ୍ କ୍ଷୟକ୍ଷତି ଆକଳନ ଠିକ୍ ଅଛି କି ନାହିଁ ତାହା ନିଶ୍ଚିତ କରିବେ।

**ଆଜିର ସମ୍ପାଦକୀୟ**

ମିଛ ଦେଶପ୍ରେମ

**ଆଜିର ମନ୍ତବ୍ୟ**

"ଏନ୍‌ସିପି ମହାରାଷ୍ଟ୍ରରେ ସରକାର ଗଠନ ଉଦ୍ୟମ କରୁନାହିଁ।

-ଶରଦ ପାୱାର, ଏନ୍‌ସିପି ମୁଖ୍ୟ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୦୩୯ ବିଲିୟନ ଡଲାର ବୃଦ୍ଧି ଘଟି ୪୪୦.୭୫୧ ବିଲିୟନ ଡଲାର ଟପିଛି।

- ରିଜର୍ଭ ବ୍ୟାଙ୍କ


Vencobb Fresh Chicken — Taste the difference!

26.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 64 | 111 | 121 |
| BHM | 60 | 106 | 116 |

*Conditions Apply

Issued in the Interest of Consumers





ପବିତ୍ର ଦୀପାବଳି-୨୦୧୯ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ରାଜ୍ୟକୁ ଏକ ସଂପୂର୍ଣ୍ଣ ସାକ୍ଷର, ସମୃଦ୍ଧ ଏବଂ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ନିମନ୍ତେ ସମସ୍ତେ ଏକମନ, ଏକପ୍ରାଣ ହୋଇ କାମ କରିବାକୁ ମୁଁ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)

15001/13/0063/1920



ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା। ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା।

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଦୀପାବଳିର ଆଲୋକରେ ସମସ୍ତଙ୍କ ଜୀବନ ଉଜ୍ଜ୍ୱଳମୟ ହେବା ସହିତ ଘରେ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ, ଏହା ହିଁ ମୋର କାମନା।

(ରଘୁନନ୍ଦନ ଦାସ)

ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-39

ଧରିତ୍ରୀ
DHARITRI
ରବିବାର, ଅକ୍ଟୋବର ୨୭, ୨୦୧୯



# ଚିଲିକାରେ ପହଞ୍ଚିଲେ ବିଦେଶୀ ପକ୍ଷୀ

## ନଳବଣରେ ୧ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ, ସୁରକ୍ଷା ପାଇଁ ୧୯ କ୍ୟାମ୍ପ

ବାଲୁଗାଁ,୨୬।୧୦(ଡି.ଏନ.ଏ.)



ଶୀତର ପହିଲି ସ୍ପର୍ଶ ସାଙ୍ଗକୁ ନୀଳାମ୍ବୁ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ଶନିବାର ସୁଦ୍ଧା ଚିଲିକା ମଧ୍ୟସ୍ଥ ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ସୂତ୍ରରୁ ଜଣାଯାଇଛି । ପକ୍ଷୀଙ୍କ ଆଗମନ ହେତୁ ଚିଲିକା ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ପର୍ଯ୍ୟଟକ ଓ ପକ୍ଷୀ ବିଶାରଦଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଚିଲିକାରେ ଶୀତଦିନେ ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ହେଉଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୭ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ସର୍ବାଧିକ ସଂଖ୍ୟାରେ ଗଡ଼ୱାଲ ୩୫୦, ୟୁରାସିଆନ୍ ୱିଜିଅନ୍ ୨୫୦, ନର୍ଦ୍ଦର୍ନ ପିଣ୍ଟେଲ୍ ୧୦୦, ଗାର୍ଗେନି ୧୦, କମନ୍‌କୁଟ୍ ୧୦, ନର୍ଦ୍ଦର୍ନ ସୋଭଲର ୨୦ ଓ ଚିଲିକାକୁ ଶୋଭା ବର୍ଦ୍ଧନ କରୁଥିବା ଆକର୍ଷଣୀୟ ଗ୍ରେଟର ଫ୍ଲେମିଙ୍ଗୋ ୪୦(ଏରା ପକ୍ଷୀ) ଆଦି ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଥିବା ନଳବଣ ସୁରକ୍ଷା ଦାୟିତ୍ୱରେ ଥିବା ବନରକ୍ଷୀ ନିରଞ୍ଜନ ମହାରଣା ସୂଚନା ଦେଇଛନ୍ତି।

# ଦାଦାପୁଅ ଭାଇଙ୍କ ଗଳା କାଟି ହତ୍ୟା

- ଅଭିଯୁକ୍ତ ଥାନାରେ ଅଟକ
- ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ବୁଗୁଡ଼ା,୨୬।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ସହର ଉପକଣ୍ଠ ବେତାରସିଙ୍ଗରେ ଶୁକ୍ରବାର ବିଳମ୍ବିତ ରାତିରେ ଦାଦାପୁଅ ଭାଇଙ୍କ ଗଳା ଓ ପେଟରେ ଛୁରି ଭୁସି ବଡ଼ବାପା ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ନିଲୁ ପାତ୍ର (୧୫)। ଅନ୍ୟ ଜଣେ ଭାଇଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ.୨୩୫/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ବିନୋଦ ପାତ୍ର (୨୪)ଙ୍କୁ ଥାନାରେ ଅଟକ ରଖିଛି। ପ୍ରକାଶ ଯେ, ରାମ ପାତ୍ର ଓ ତାଙ୍କ ଭାଇ କାହ୍ନୁଙ୍କ ପରିବାର ୧୫ବର୍ଷ ତଳେ ବୁଗୁଡ଼ା ଥାନା ବିରଞ୍ଚିପୁରରେ ରହୁଥିଲା। ରାମଙ୍କର ୪ ପୁଅଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଛି। କାହ୍ନୁଙ୍କର ନିଲୁ ବୋଲି ଜଣେ ପୁଅ ଥିଲେ। ନିଲୁ ୩ ମାସର ହୋଇଥିବାବେଳେ ତାଙ୍କ ମା'ଙ୍କର ମୃତ୍ୟୁ ହୋଇଯିବାରୁ ତାଙ୍କୁ ତାଙ୍କ ବଡ଼ବାପା ରାମ ଆଣି ରଖିଥିଲେ। ପରେ ରାମ ପରିବାର ସହ ନିଲୁଙ୍କୁ ଧରି ବୁଗୁଡ଼ା ସହର ମାଳିଖୋଲା ମନ୍ଦିର ନିକଟରେ ରହୁଥିଲେ। ରାମଙ୍କ ପରିବାର ଘୁଷୁରି ପାଳନ କରି ଚଳୁଥିଲେ। ରାମଙ୍କର ଦୁଇ ପୁଅ ଅନ୍ୟତ୍ର ଯାଇ କାମ କରୁଥିବାବେଳେ ତାଙ୍କ ପାଖରେ ଅନ୍ୟ ଜଣେ ପୁଅ ବିନୋଦ (ମଙ୍ଗୁଲୁ) ଏବଂ ନିଲୁ ରହୁଥିଲେ। ତେବେ ବିନୋଦ ଓ ନିଲୁଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣରୁ ବିନୋଦ ଛୁରିରେ ନିଲୁଙ୍କ ଗଳା କାଟିବା ସହ ପେଟକୁ ଭୁସି ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସେ ନିଲୁଙ୍କ ମୃତଦେହ ନେଇ ମନ୍ଦିର ପଛପଟ ଏକ ବୁଦାରେ ପକାଇ ଦେଇଥିଲେ। ଖବର ପାଇ ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବିନୋଦଙ୍କୁ ଥାନାରେ ଅଟକ ରଖିଛନ୍ତି। ଏଥିସହ ତାଙ୍କ ମା' ବାପାଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି। ହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିବା ଜଣାପଡ଼ିଛି।






## ଜିଲା ଚିଠି
### ନୟାଗଡ଼

# ଗାଦି ମାଡ଼ି ବସିଛନ୍ତି ବାବୁ

ନିୟମ ଅନୁସାରେ କୌଣସି ଗୋଟିଏ ସ୍ଥାନରେ ଜଣେ ଅଧିକାରୀ କିମ୍ବା କର୍ମଚାରୀ ୩ବର୍ଷ ରହିବା ପରେ ତାଙ୍କର ବଦଳି ହେବା କଥା। କିନ୍ତୁ ନୟାଗଡ଼ ଜିଲାରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ଅଧିକାରୀ ଓ କର୍ମଚାରୀ ସେମାନଙ୍କ ଗାଦି ମାଡ଼ି ବସିଛନ୍ତି। ସେମାନେ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କୁ ହାତ କରି ନିଜ ଗାଦି ସୁରକ୍ଷିତ ରଖିଛନ୍ତି। ବଦଳି ହେବାର ସୁରାକ ପାଇବା ମାତ୍ରେ ବାବୁମାନେ ପହଞ୍ଚି ଯାଉଛନ୍ତି ସେହି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖରେ। ଏହା ପରେ ବଦଳି ପ୍ରସଙ୍ଗ ଉଭେଇଯାଉଛି। କିଛିମାସ ତଳେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଜିଲାର ବିଭିନ୍ନ ଥାନାରେ ଥିବା ପୋଲିସ ଅଧିକାରୀ, କର୍ମଚାରୀ ଓ ନିର୍ବାଚନରେ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବଦଳି ହୋଇଥିଲା। କିନ୍ତୁ ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ବଦଳିହୋଇ ନ ଥିଲା। ଅନ୍ୟପକ୍ଷରେ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ଦିନ ରହିବା ଫଳରେ ଅଧିକାରୀମାନେ ଦୁର୍ନୀତିରେ ଲିପ୍ତ ରହୁଥିବା ଅଭିଯୋଗ ସାମ୍ନାକୁ ଆସୁଛି। ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ବିଭାଗ ତାଙ୍କଠାରୁ ୨.୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରିଥିଲା। ସେ ଜିଲାରେ ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି କାର୍ଯ୍ୟ କରିଆସୁଥିଲେ। କେବଳ ଏହି ଅଧିକାରୀ ନୁହନ୍ତି, ଜିଲାରେ ଏହିଭଳି ଅନେକ ଅଧିକାରୀ ୩ ବର୍ଷ ପରେ ବି ଗାଦି ମାଡ଼ି ବସିଛନ୍ତି। କିରାଣିମାନେ ଏଥିରୁ ବାଦ୍ ପଡ଼ିନାହାନ୍ତି। ଜିଲାର ଅଧିକାଂଶ କାର୍ଯ୍ୟାଳୟର କିରାଣି ବହୁବର୍ଷ ଧରି ରହିଆସୁଥିବା ବେଳେ ସେମାନେ କୋଟିପତି ପାଲଟିଥିବା ସହରରେ ଚର୍ଚ୍ଚା ହେଉଛି। ଖାଲି ଯେ ଜିଲା ମୁଖ୍ୟାଳୟ ତା' ନୁହେଁ, ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀଙ୍କ ଗାଦି ମୋହ ଛାଡୁନାହିଁ। ଜିଲା ମୁଖ୍ୟ ଦପ୍ତରଠାରୁ ଆରମ୍ଭ କରି ବ୍ଲକ ଅଫିସରେ ଯନ୍ତ୍ରୀମାନେ ୩ ବର୍ଷରୁ ଅଧିକ ସମୟ ରହିସାରିଥିଲେ ମଧ୍ୟ ବିଭାଗ ସେମାନଙ୍କ ବଦଳି ନାଁ ଧରୁନାହିଁ। ବିଭିନ୍ନ ବିଭାଗରେ କାର୍ଯ୍ୟକରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ବ୍ୟବଧାନରେ ଯଦି ବଦଳି ହୁଅନ୍ତା ତେବେ ଜିଲାରେ ଅନେକ ମାତ୍ରାରେ ଦୁର୍ନୀତି କମି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସରକାର ବର୍ତ୍ତମାନ ୫–ଟି ଉପରେ ଗୁରୁତ୍ୱ ଦେଉଥିବାରୁ ଏଥିପ୍ରତି ଧ୍ୟାନଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

– ରଞ୍ଜନ କୁମାର ପ୍ରଧାନ

# ନିରାପଦ ଦୀପାବଳି ପାଇଁ...

ଆଲୋକର ପର୍ବ ଦୀପାବଳି। ପରିବାର, ବନ୍ଧୁ ପରିଜନଙ୍କ ସହିତ ଆନନ୍ଦ ଉଲ୍ଲାସରେ ସମୟ ଅତିବାହିତ କରିବାର ବେଳ। ଅନ୍ଧାରକୁ ଏଡ଼ିଦେଇ କିଛି ସମୟ ପରିବେଶକୁ ଆଲୋକିତ କରିବାର ପ୍ରୟାସରେ ଏହି ପର୍ବର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି ଆତସବାଜି। ମିଠା ସାଙ୍ଗକୁ ଆତସବାଜି ଏହି ମୁହୂର୍ତ୍ତକୁ ସବୁବେଳ ପାଇଁ ଉଜ୍ଜୀବିତ ରଖେ।



ଗତ କିଛିବର୍ଷ ହେଲା ଦେଶରେ ବିଶେଷକରି ଓଡ଼ିଶାରେ ମଧ୍ୟ ଏହି ପର୍ବଜନିତ ଅର୍ଥାତ୍ ଆତସବାଜି ଦୁର୍ଘଟଣାଜନିତ ସଂଖ୍ୟା ବୃଦ୍ଧି ଘଟୁଥିବାର ଦେଖିବାକୁ ମିଳୁଛି। ଆଉ ଏହା ମୁଖ୍ୟତଃ ଆତସବାଜି ତିଆରି କରୁଥିବା କମ୍ପାନୀମାନଙ୍କର ନିମ୍ନମାନର ତିଆରି ପ୍ରଣାଳୀ, ସରକାରଙ୍କ ପକ୍ଷରୁ ମାନ ନିର୍ଦ୍ଧାରଣ କ୍ଷେତ୍ରରେ ବିଫଳତା ଏବଂ ବ୍ୟବହାରକାରୀଙ୍କ ଖାମଖିଆଲି ନୀତି ଯୋଗୁ ଘଟୁଛି। ତେବେ ଏହା ଖାଲି ଦୁର୍ଘଟଣାର କାରଣ ହୋଇଛି ତା'ନୁହେଁ, ବରଂ ଶବ୍ଦ ପ୍ରଦୂଷଣ ଏବଂ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଏହାର ଯୋଗଦାନ ବଢ଼ିଛି। ତେଣୁ ଏହି ଆଲୋକର ପର୍ବକୁ କେବଳ ଆଲୋକ, ମିଠେଇରେ ସୀମିତ ରଖି ନିଜକୁ ସୁସ୍ଥ, ନିଜ ପରିବେଶକୁ ସୁସ୍ଥ ରଖିବା ନିହାତି ଦରକାର।

## କିଛି ଟିପ୍‌ସ...

- ଯଦି ଆପଣ ଆତସବାଜି କିଣିବା ପାଇଁ ଇଚ୍ଛୁକ ତେବେ ଆଇନଗତ ସ୍ୱୀକୃତି ଲାଭ କରିଥିବା କମ୍ପାନୀମାନଙ୍କର ଆତସବାଜି କିଣନ୍ତୁ।
- ଆତସବାଜି ବ୍ୟବହାର ପାଇଁ ପିଲାଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ। ସେମାନଙ୍କର ପାଖେପାଖେ ରୁହନ୍ତୁ।
- ଘର ଭିତରେ କୌଣସି ଭାବେ ଆତସବାଜି ଲଗାନ୍ତୁ ନାହିଁ।
- ନିଜ ପାଖରେ କିମ୍ବା ଆତସବାଜି ଲାଗୁଥିବା ନିକଟ ସ୍ଥାନରେ ଅନ୍ୟ ଆତସବାଜି ପକାନ୍ତୁ ନାହିଁ।
- ପାଖରେ ସବୁବେଳେ ପାଣି ବାଲ୍‌ଟି ରଖନ୍ତୁ। ନାଇଲନ୍ କିମ୍ବା ପଲିଷ୍ଟର ପୋଷାକ ଏହି ସମୟରେ ପିନ୍ଧନ୍ତୁ ନାହିଁ।
- ରକେଟ ତଥା ବମ୍ ଭଳି ଆତସବାଜି ଜନଗହଳି ସ୍ଥାନରେ ଲଗାନ୍ତୁ ନାହିଁ।
- ନିରୀହ ପଶୁଙ୍କ କ୍ଷେତ୍ରରେ ଏହି ଆତସବାଜିର ପ୍ରୟୋଗ କରନ୍ତୁ ନାହିଁ।
- ମଜାରେ କାହା ଉପରକୁ ଏହା ଫିଙ୍ଗନ୍ତୁ ନାହିଁ।
- ନିଜ ଭଳି କିଭଳି ଅନ୍ୟମାନେ ମଧ ଏହି ମୁହୂର୍ତ୍ତର ମଜା ଉପଭୋଗ କରିବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

**ସଂକ୍ଷେପରେ**

## ରୋଗୀଙ୍କ ପାଇଁ ମାଗଣା ବସ୍ ସେବା ଆରମ୍ଭ

**ମାଲକାନଗିରି,୨୬।୧୦ (ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରିର ଜିଲାବାସୀଙ୍କୁ ଦେଇଛନ୍ତି ଦିପାବଳି ଉପହାର। ଜିଲାର ରୋଗୀ ଓ ସେମାନଙ୍କ ସହାୟକଙ୍କ ଯିବାଆସିବା ପାଇଁ ୨ଟି ମାଗଣା ବସ ସେବା ଆରମ୍ଭ କରିଛନ୍ତି। ଜିଲା ସଦର ମହକୁମାସ୍ଥିତ ଚିକିତ୍ସାଳୟ ପରିସରରେ ଶନିବାର ଏହି ମାଗଣା ବସ ସେବାକୁ ଶୁଭାରମ୍ଭ କରିଛନ୍ତି ଜିଲାପାଳ ମନୀଷ ଅଗ୍ରୱାଲ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଏକ୍ସପ୍ରେସ ଯୋଜନାରେ ଏହି ୨ଟି ବସ୍ ଜିଲାକୁ ମିଳିଛି। ବସ ପ୍ରତ୍ୟେକ ଦିନ ୨ଟି ରୁଟରେ ଯାତାୟାତ କରିବ । ଗୋଟିଏ ବସ ଚିତ୍ରକୋଣ୍ଡା ବ୍ଲକର ଜନ୍ତାପାଇଠାରୁ ସକାଳ ୬.୩୦ରେ ବହାରି ଜାନବାଇ, ଚିତ୍ରକୋଣ୍ଡା, ବାଲିମେଳା ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ସକାଳ ୧୦ରେ ପହଞ୍ଚିବ। ଅପରାହ୍ନ ୪ଟାରେ ମାଲକାନଗିରିରୁ ବାହାରି ସଂନ୍ଧ୍ୟା ୭.୩୦ରେ ଜନ୍ତାପାଇରେ ପହଞ୍ଚିବ । ସେହିପରି ଅନ୍ୟ ଏକ ବସ କାଲିମେଳା ବ୍ଲକର ମୋଟରୁ ସକାଳ ୬.୩୦ରେ ବାହାରି ଏମ.ଭି-୭୯, କାଲିମେଳା, ପୋଟେରୁ ହୋଇ ସକାଳ ୧୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବ। ଏହି ବସ୍ ଅପରାହ୍ନ ୪ ଟାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ମୋଟୁରେ ସଂନ୍ଧ୍ୟା ୭.୩୦ରେ ପହଞ୍ଚିବ । ମାଲକାନଗିରି ଜିଲାର ଦୁର୍ଗମ ଅଞ୍ଚଳର ଲୋକଙ୍କୁ ମାଗଣା ବସ୍ ସେବା ସହ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଏହି ବସ ସେବା ଆରମ୍ଭ କରିଛନ୍ତି। ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ,ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକ ଶାଳିନୀ ପଣ୍ଡିତ ଗତ ୯ରେ ମାଲକାନଗିରି ଜିଲା ଗସ୍ତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । ଏହି ସମୟରେ ଜିଲା ପ୍ରଶାସନ ଏହି ୨ଟି ରୁଟରେ ବସ୍ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲା। ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନମୋଦନ କରିଥିଲେ।

# ତିଆରି ହେବ ୧୦ ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ଟ୍ରେନ୍

- ରାଜକୀୟ ଆତିଥ୍ୟ ପାଇବା ସହ ପର୍ଯ୍ୟଟନସ୍ଥଳୀ ବୁଲିବେ ଯାତ୍ରୀ
- ପ୍ରଥମ ପର୍ଯ୍ୟାୟରେ ୨୦୦ ସେଲୁନ୍ ବ୍ୟବହାର କରିବ ଆଇଆର୍‌ସିଟିସି

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ରାଜସ୍ୱ ବୃଦ୍ଧି ସହ ବିଳାସପୂର୍ଣ୍ଣ ସେବା କ୍ଷେତ୍ରକୁ ଆହୁରି ଆଗକୁ ନେବାକୁ ଭାରତୀୟ ରେଳପଥ ନୂଆ ପଦକ୍ଷେପ ଗ୍ରହଣ କରିଛି। ଯାତ୍ରୀଙ୍କୁ ରାଜକୀୟ ଆତିଥେୟତା ପ୍ରଦାନ ସହ ପର୍ଯ୍ୟଟନସ୍ଥଳୀ ବୁଲାଇବା ପାଇଁ ଖୁବ୍‌ଶୀଘ୍ର ଆଉ ୧୦ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା ହେବ। ଏଥିପାଇଁ ଇଣ୍ଡିଆନ ରେଲ୍‌ୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ ଲିମିଟେଡ୍ (ଆଇଆର୍‌ସିଟିସି) ୨୦୦ ସେଲୁନ (ସ୍ୱତନ୍ତ୍ର କୋଚ୍)କୁ ୧୦ ବିଳାସପୂର୍ଣ୍ଣ ଟ୍ରେନ୍‌ରେ ପରିଣତ କରିବାକୁ ଯାଉଛି। ଗୋଟିଏ ସେଲୁନ୍‌ରେ ୨ ବେଡ୍‌ରୁମ୍, କିଚେନ୍, ଲାଟିନ୍, ବାଥରୁମ୍, ପେଣ୍ଟ୍ରି ଓ ଲାଉଞ୍ଜ ବ୍ୟବସ୍ଥା ରହିଛି। ପର୍ଯ୍ୟଟକମାନେ ୫ଦିନ ପର୍ଯ୍ୟନ୍ତ କୋଚ୍ ବାହାରକୁ ନ ବାହାରି ମଧ୍ୟ ସବୁକିଛି ସୁବିଧା ପାଇପାରିବେ। ଆଗାମୀଦିନରେ ଆଇଆରସିଟିସି କେବଳ ଟୁର୍ ପ୍ୟାକେଜ୍ ପାଇଁ ଏଭଳି ୨୦ଟି ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ଟ୍ରେନ୍‌ର ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଭାରତୀୟ ରେଳପଥ ନିକଟରେ ୩୩୬ ସେଲୁନ୍ ରହିଛି। ଏଥିମଧ୍ୟରୁ ୨୦୦ ସେଲୁନ୍‌କୁ ରେଲ୍‌ୱେ ଅତିରିକ୍ତ ରାଜସ୍ୱ ଉପାର୍ଜନ କରିବା ପାଇଁ ବ୍ୟବହାର କରିବାକୁ ଯୋଜନା କରୁଛି। ତେବେ ୧୦ ବିଳାସପୂର୍ଣ୍ଣ ଟ୍ରେନ ଭିତରୁ ଓଡ଼ିଶା ତଥା ପୂର୍ବତଟ ରେଳପଥକୁ ଗୋଟିଏ ମିଳିବାର ସମ୍ଭାବନା ରହିଛି। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପ୍ରତି ରାଜ୍ୟ ବାହାରର ପର୍ଯ୍ୟଟକ ଖୁବ୍ ଆକୃଷ୍ଟ ହେବେ। ପୂର୍ବରୁ ଆଇଆର୍‌ସିଟିସି ବିଭିନ୍ନ ଟୁର୍ ପ୍ୟାକେଜ୍‌ରେ ପୁରୀ, କୋଣାର୍କ, ରତ୍ନଗିରିକୁ ସାମିଲ କରିଥିଲା। ଏହି ଟୁର୍ ପ୍ୟାକେଜ୍ ସଫଳ ହୋଇଥିବାବେଳେ ବିଳାସପୂର୍ଣ୍ଣ ଟ୍ରେନ ବ୍ୟବସ୍ଥା କରାଗଲେ ଓଡ଼ିଶାକୁ ଆହୁରି ଅଧିକ ପର୍ଯ୍ୟଟକ ଆସିବେ ବୋଲି କୁହାଯାଉଛି। ରେଳପଥ ନିକଟରେ ରହିଥିବା ସେଲୁନ୍‌ଗୁଡ଼ିକ ଭିତରୁ ଅଧିକାଂଶ ବ୍ୟବହାର ହେଉନି। ସେଗୁଡିକୁ ପୁନରୁଦ୍ଧାର କରାଯାଇ ବିଳାସପୂର୍ଣ୍ଣ ଟ୍ରେନରେ ପରିଣତ କରାଯିବ, ଯେଉଁଥିରେ ତାରକା ହୋଟେଲ୍ ଭଳି ସୁବିଧା ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ, ଏହି ସେଲୁନ୍‌ଗୁଡ଼ିକ ପ୍ରଥମେ ରେଳପଥର ବିଭିନ୍ନ କାର୍ଯ୍ୟ ନିରୀକ୍ଷଣ ପାଇଁ ତିଆରି କରାଯାଇଥିଲା। ତେବେ ସ୍ୱତନ୍ତ୍ର ବିଳାସପୂର୍ଣ୍ଣ ଟ୍ରେନ୍ ତିଆରି ହୋଇଯିବାପରେ ବଳକା ସେଲୁନ୍‌ଗୁଡିକୁ ରେଲ୍‌ୱେର ସମସ୍ତ ୧୬ ଜୋନ୍‌ରେ କାର୍ଯ୍ୟ ନିରୀକ୍ଷଣ ପାଇଁ ରଖାଯିବ ବୋଲି ଜଣାପଡ଼ିଛି।

# ପ୍ରଦୀପ ଦାଶଙ୍କୁ 'ଶାରଳା ପୁରସ୍କାର'



ସମ୍ମାନ ଗ୍ରହଣ କରୁଛନ୍ତି ପ୍ରଦୀପ ଦାଶ।




ହରମୋହନ ଖୁଣ୍ଟିଆ, ଲଲାଟ ମୋହନ ପଟ୍ଟନାୟକ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ଇମ୍ଫା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ଏଣ୍ଡ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୪୦ତମ ଶାରଳା ପୁରସ୍କାର ଉତ୍ସବ ଶନିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବିଶିଷ୍ଟ ଲେଖକ ଡ. ପ୍ରଦୀପ ଦାଶଙ୍କୁ ସମ୍ମାନଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଛି। ତାଙ୍କ ରଚିତ ପୁସ୍ତକ 'ଚରୁ ଚିବର ଓ ଚର୍ଯ୍ୟା' ପାଇଁ ଏହି ସମ୍ମାନ ମିଳିଛି। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଦାଶଙ୍କୁ ପୁରସ୍କାର ସ୍ୱରୂପ ୫ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରିଛନ୍ତି। ସେହିପରି ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ଇଲା ପଣ୍ଡା ସଙ୍ଗୀତ ସମ୍ମାନ' ଓ ଲଲାଟ ମୋହନ ପଟ୍ଟନାୟକଙ୍କୁ 'ଇଲା ପଣ୍ଡା ଚିତ୍ରକଳା ସମ୍ମାନ' ପ୍ରଦାନ କରାଯାଇଛି। ଉଭୟଙ୍କୁ ପୁରସ୍କାର ରାଶି ବାବଦକୁ ଦେଢ଼ ଲକ୍ଷ ଟଙ୍କା ଓ ମାନପତ୍ର ମିଳିଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ବିବେକ୍ ଶାନ୍‌ଭାଗ୍ ଯୋଗଦେଇଥିବା ବେଳେ 'ଶାରଳା ପୁରସ୍କାର' ଉପଦେଷ୍ଟା ମଣ୍ଡଳୀର କାର୍ଯ୍ୟକାରୀ ସଭାପତି ମାଳବିକା ରାୟ, ସମ୍ପାଦକ ରାଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ଫା ଟ୍ରଷ୍ଟର ଟ୍ରଷ୍ଟି ପାରମିତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

**ପଣ୍ଡିତ ହରମୋହନ ଖୁଣ୍ଟିଆ ପାଇଲେ 'ଇଲା ପଣ୍ଡା ସଙ୍ଗୀତ ସମ୍ମାନ'**

**ଲଲାଟ ମୋହନ ପଟ୍ଟନାୟକଙ୍କୁ 'ଇଲା ପଣ୍ଡା ଚିତ୍ରକଳା ସମ୍ମାନ'**




■ ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଏସ୍‌ପିଙ୍କ ନାମରେ ଥାନାରେ ଏତଲା




ଧର୍ମଶାଳା ଥାନା ସମ୍ମୁଖରେ ଭାଜପା କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ।

- ଅଶାନ୍ତ ହେଉଛି ଯାଜପୁର ଜିଲା
- ଜିଲାର ସବୁ ଥାନାରେ ଭାଜପା ଦେଲା ଏତଲା

**ଯାଜପୁର ଅଫିସ,୨୬।୧୦**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଜିଲା ଅଶାନ୍ତ ହେବାରେ ଲାଗିଛି। ଜିଲା ପୋଲିସର ସ୍ୱଚ୍ଛ ତଦନ୍ତ ଉପରେ ବିରୋଧୀ ଭାଜପା ଓ କଂଗ୍ରେସ ପ୍ରଶ୍ନ ଉଠାଇଛି। ପୂର୍ବରୁ ଭାଜପା ପକ୍ଷରୁ ସିବିଆଇ ତଦନ୍ତ ଦାବିରେ ଯାଜପୁର ଜିଲା ବନ୍ଦ ସ୍ୱତଃପୂର୍ତ୍ତ ଭାବେ ସଫଳ ହୋଇଥିବାବେଳେ କଂଗ୍ରେସ ଏସ୍‌ପି ଅଫିସକୁ ଘେରାଉ କରିଥିଲା। ଏପରି କି ଜିଲା ପିଇଓ ସଂଘ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ତଥାପି ଜିଲା ପୋଲିସ କାହା ଚାପରେ ନୀରବ ରହିଛି ତାହା ସାଧାରଣ ଲୋକଙ୍କୁ ଆଚମ୍ବିତ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣା ଧର୍ମଶାଳା ଅଞ୍ଚଳରେ ହୋଇଥିବାରୁ ବ୍ୟବଚ୍ଛେଦ ମଧ୍ୟ ବଡ଼ଚଣା ଚିକିତ୍ସାକେନ୍ଦ୍ରରେ ହେବା କଥା। ହେଲେ କାହାର ପ୍ରରୋଚନାରେ ବଡ଼ଚଣା ପରିବର୍ତ୍ତେ ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ସମ୍ପାଦିତ ହେଲା ସେ ନେଇ ପ୍ରଶ୍ନ ଉଠିଛି। ସେହିପରି ବ୍ୟବଚ୍ଛେଦ ସମୟରେ ଦୁଇଜଣ ଡାକ୍ତର ଅଧାରୁ ଦୀର୍ଘ ସମୟ ଧରି ଗାଏବ ହୋଇ ପୁଣି ଆସି ବ୍ୟବଚ୍ଛେଦ କରିଥିଲେ ବୋଲି ଆଲୋଚନା ହୋଇଛି। ଏପରି କି ସ୍ମିତାଙ୍କ ମୃତ୍ୟୁ ସମୟରେ ଗେଷ୍ଟହାଉସରେ ଉପସ୍ଥିତ ଥିବା ରାମ୍‌କୋର ଜନୈକ ଅଧିକାରୀ ଓ ଅନ୍ୟମାନଙ୍କୁ କାହିଁକି ଜେରା କରାଯାଉ ନାହିଁ ବୋଲି ଦାବି ଉଠିଛି। ଏପରିକି ସ୍ମିତାରାଣୀଙ୍କ ମୃତ୍ୟୁ ପରେ ତାଙ୍କ ଚରିତ୍ରକୁ ପଦାରେ ପକାଇବାରେ ଏସ୍‌ପି ପଛଘୁଞ୍ଚା ଦେଇନାହାନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରୁଥିବାବେଳେ ପୋଲିସ ଘଟଣାକୁ ଅତି ହାଲୁକା ଭାବେ ନେଇ ନିଦାବିଷ୍ଟ ସାଜିଛି। ଏହିକ୍ରମରେ ଶନିବାର ଭାଜପା ପକ୍ଷରୁ ଜିଲା ସଭାପତି ଗୌତମ ରାୟଙ୍କ ଆହ୍ୱାନରେ ଜିଲାର ସମସ୍ତ ଥାନାରେ ଏସ୍‌ପି ଚରଣସିଂ ମୀନାଙ୍କ ନାମରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଏତଲା ଦିଆଯାଇଛି। ବିଭିନ୍ନ ସ୍ଥାନରେ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ବାହାରି ଥାନା ଅଧିକାରୀଙ୍କୁ ଏତଲା ପ୍ରଦାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି କଲା ଭାଜପା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ପଦ ଏକ ସାମ୍ବିଧାନିକ ଦାୟିତ୍ୱ । ଏହା ବିଜେଡିର ରାଜନୈତିକ ପଦବୀ ନୁହେଁ । ଯାଜପୁର ଜିଲାର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ କମିଶନ ଅଧ୍ୟକ୍ଷା ଉପଯୁକ୍ତ ତଦନ୍ତ କରୁ ନ ଥିବା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା ଶନିବାର ରାଜ୍ୟ ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀ କରି କମିଶନ ଅଧ୍ୟକ୍ଷାଙ୍କୁ ଟାର୍ଗେଟ କରିବା ସହ ଇସ୍ତଫା ଦାବି କରିଛନ୍ତି। ପ୍ରଭାତୀ କହିଛନ୍ତି ଯେ, ବଳାତ୍କାର ଓ ହତ୍ୟା ସମ୍ପର୍କରେ ଅଭିଯୋଗ ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ପ୍ରଥମେ ଚୁପ ରହିଲେ। ପରବର୍ତ୍ତୀ ସମୟରେ ତଦନ୍ତର ଶିଥିଳତା ନେଇ ଗଣମାଧ୍ୟମ ପ୍ରଶ୍ନ କରିବାରୁ ଅନୁସନ୍ଧାନ ନିରପେକ୍ଷ ଭାବେ ଚାଲୁଥିବା ମତ ଦେଇଥିଲେ। ହେଲେ ତଦନ୍ତ ଠିକ୍ ଭାବେ ଚାଲୁନାହିଁ। କମିଶନ ଅଧ୍ୟକ୍ଷା ଗତ ୧୯ରେ ସେ ଯାଜପୁର ଯାଇ ତଦନ୍ତ କରିଥିବା କଥା କହୁଛନ୍ତି। ଏହା ସମ୍ପୂର୍ଣ୍ଣ ମିଛ । ଯଦି ତଦନ୍ତ କରି ଯାଇଥିଲେ, ତେବେ କାହାକୁ ଭେଟିଥିଲେ ବୋଲି ପ୍ରଭାତୀ ପ୍ରଶ୍ନ କରିଛନ୍ତି। ଅଧ୍ୟକ୍ଷା ସ୍ମିତାଙ୍କ ପରିବାରକୁ ଭେଟିଥିଲେ କି। ମହିଳା କମିଶନ ଅଧ୍ୟକ୍ଷା ସ୍ମିତାରାଣୀଙ୍କ ଗାଁକୁ ଯାଇ ନ ଥିବା, ଏପରିକି ସ୍ମିତାଙ୍କ ସ୍ୱାମୀଙ୍କୁ ଭଲଭାବେ ଚିହ୍ନି ନାହାନ୍ତି। କାହା ପାଖରେ ମହିଳା କମିଶନ ଅଧ୍ୟକ୍ଷାଙ୍କ ଗସ୍ତର ଖବର ନାହିଁ। ତେଣୁ ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ଉପଯୁକ୍ତ ଢଙ୍ଗରେ ନିଜ ଦାୟିତ୍ୱ ପାଳନ କରୁ ନ ଥିବା ଅଧ୍ୟକ୍ଷା ଇସ୍ତଫା ଦିଅନ୍ତୁ ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଯଦି ଅଧ୍ୟକ୍ଷା ଇସ୍ତଫା ନ ଦିଅନ୍ତି, ତେବେ ଚଳିତ ମାସ ୨୮ରେ ମହିଳା ମୋର୍ଚ୍ଚା କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଚେତାବନୀ ଦେଇଛି।

DSPL - 129

ଶ୍ରୀ ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ବାର୍ତ୍ତା

ଦୁର୍ନୀତି ବିକାଶ ଓ ସୁଶାସନର ପରିପନ୍ଥୀ । ଏହା ନାଗରିକମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧିକାର ଓ ମୌଳିକ ସେବା ପ୍ରଦାନ ପ୍ରକ୍ରିୟାକୁ ପ୍ରତିହତ କରିଥାଏ । ଏହା ଗଣତନ୍ତ୍ରର ଆଧାରକୁ ଦୁର୍ବଳ କରିବା ସହିତ ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣରେ ପ୍ରତିବନ୍ଧକ ହୋଇଥାଏ ।

ଶାସନ ପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବା ସହିତ ରାଜ୍ୟର ଜନସାଧାରଣଙ୍କୁ ମୌଳିକ ସେବା ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ ସରକାର ପ୍ରଶାସନିକ ବ୍ୟବସ୍ଥାରେ 5Tର ପ୍ରୟୋଗ କରିଛନ୍ତି, ଯେଉଁଥିରେ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରାଯାଇଛି । ସରକାରୀ କାର୍ଯ୍ୟ ପରିଚାଳନାରେ ସ୍ୱଚ୍ଛତା ଆଣିବା ନିମନ୍ତେ ସରକାର ପ୍ରତିବଦ୍ଧ । ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ଆମ ସମସ୍ତଙ୍କୁ ସାଧୁତାରେ ଦୃଢ ବିଶ୍ୱାସ ରଖିବା ସହିତ ସଚ୍ଚୋଟତାକୁ ଆମ ଜୀବନଶୈଳୀ ଭାବେ ଗ୍ରହଣ କରିବାକୁ ହେବ ।

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**
**୨୮ ଅକ୍ଟୋବର ରୁ ୨ ନଭେମ୍ବର ୨୦୧୯**

ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ସାରା ରାଜ୍ୟରେ ପାଳନ କରାଯାଉଛି । ଏହି ଅବସରରେ ମୁଁ ଓଡିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସଂକଳ୍ପବଦ୍ଧ ଏବଂ ଉତ୍ସର୍ଗୀକୃତ ଭାବେ ପୂର୍ଣ୍ଣପ୍ରାଣରେ ସାମିଲ ହେବାକୁ ଆହ୍ୱାନ କରୁଅଛି ।

ଏହି ଅବସରରେ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ଏହାର କାର୍ଯ୍ୟ ଦକ୍ଷତା ଓ ଉତ୍କୃଷ୍ଟ ସେବା ମନୋଭାବ ପାଇଁ ଅଭିନନ୍ଦନ ଜଣାଉଛି ଏବଂ ଆଶା କରୁଛି ଯେ, ଏହି ବିଭାଗ ଜନସାଧାରଣଙ୍କ ସେବାରେ ନିଜକୁ ଅଧିକ ନିଷ୍ଠାର ସହ ନିୟୋଜିତ କରିବ ।

ସେହିପରି, ଜନସେବାରେ ନିୟୋଜିତ ସମସ୍ତ ପଦପଦବୀଧାରୀଙ୍କୁ ନିଜର କାର୍ଯ୍ୟଧାରା ତଥା ଆଚରଣରେ ଦୃଷ୍ଟାନ୍ତମୂଳକ ସଚ୍ଚୋଟତା ପ୍ରଦର୍ଶନ କରି ଲୋକସେବାରେ ନିଜକୁ ପୂର୍ଣ୍ଣପ୍ରାଣରେ ସମର୍ପିତ କରିବା ପାଇଁ ଏହି ଅବସରରେ ମୁଁ ଆହ୍ୱାନ କରୁଅଛି ।

ଏକ ଦୁର୍ନୀତିମୁକ୍ତ, ଉତ୍ତରଦାୟୀ ଓ ଜନହିତୈଷୀ ସମାଜ ଗଠନ ଦିଗରେ ମୁଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡିଶା

09002/13/0002/1920

## ଦୀପାବଳି ଶୁଭକାମନା ଜଣାଇଲେ ଧର୍ମେନ୍ଦ୍ର

ଆଲୋକର ପର୍ବ ଦୀପାବଳି ଉପଲକ୍ଷେ ଦେଶ ତଥା ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ ବୋଲି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରିଛନ୍ତି। ଏହି ପବିତ୍ର ଦିନରେ ସମସ୍ତେ ସଚେତନ ହୋଇ ସୁରକ୍ଷିତଭାବେ ଦୀପାବଳି ପାଳନ କରିବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଓମ୍ ପ୍ରକାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୩ ଜିଲାରେ ଡେଙ୍ଗୁ

**କଟକ ଅଫିସ, ୨୬।୧୦**

ରାଜ୍ୟର କଳାହାଣ୍ଡି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଜିଲାକୁ ବାଦ୍ ଦେଲେ ବାକି ୨୩ଟି ଜିଲାରୁ ଏସ୍‌ସିବି ମେଡିକାଲକୁ ଡେଙ୍ଗୁ ରୋଗୀ ଆସିଛନ୍ତି। ଅର୍ଥାତ୍ ରାଜ୍ୟର ୯୦ ପ୍ରତିଶତରୁ ଅଧିକ ଜିଲା ଡେଙ୍ଗୁ କବଳିତ। ଚଳିତବର୍ଷ ଏସ୍‌ସିବି ମେଡିକାଲରେ ହୋଇଥିବା ରକ୍ତ ପରୀକ୍ଷା ରିପୋର୍ଟରୁ ୧୩୫୮ଜଣ ରୋଗୀଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବାବେଳେ ମେଡିକାଲରେ ମୋଟ୍ ୧୧୧୮ ଜଣ ରୋଗୀ ଆଡମିଶନ ହୋଇଛନ୍ତି। ପଜିଟିଭ ରୋଗୀମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲାର ୨୬୯, କଟକର ୨୪୬, ଭଦ୍ରକର ୧୭୪, ଯାଜପୁରର ୧୯୫, କେନ୍ଦ୍ରାପଡାର ୧୬୯ ଓ ଜଗତ୍‌ସିଂହପୁରର ୯୫ଜଣ ରୋଗୀ ରହିଛନ୍ତି। ଶନିବାର ମେଡିକାଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମେଡିକାଲରେ ୬୫ଜଣ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୬ଜଣଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ କଟକରୁ ୪ଜଣ ରହିଛନ୍ତି। ଶନିବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ମୋଟ୍ ୬୩ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୫୮ଜଣ ୱାର୍ଡରେ ଓ ୫ଜଣ ଆଇସିୟୁରେ ଅଛନ୍ତି।

## ରେଙ୍ଗାଳି ଡ୍ୟାମର ଗୋଟିଏ ଗେଟ୍ ଖୋଲିଲା

କଣିହାଁ, ୨୬।୧୦(ଡି.ଏନ.ଏ.)-ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇବାରୁ ଶନିବାର ଷଷ୍ଠ ଥର ପାଇଁ ଗୋଟିଏ ଗେଟ ଖୋଲାଯାଇଛି। ଡ୍ୟାମ ଅବବାହିକା ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା କହିଛନ୍ତି, ଡ୍ୟାମର ଉପର ମୁଣ୍ଡରେ ବର୍ଷା ଯୋଗୁ ନଦୀବନ୍ଧକୁ ପ୍ରତି ସେକେଣ୍ଡରେ ୩୩୩୦ ଘନ ମିଟର ଜଳ ପ୍ରବେଶ କରୁଛି। ଖୋଲାଯାଇଥିବା ୯ନଂ. ଗେଟ ଓ ବିଦ୍ୟୁତ୍ ଉତ୍ପାଦନକୁ ନେଇ ପାୱାର ହାଉସରୁ ପ୍ରତି ସେକେଣ୍ଡରେ ୨୩୨୯ ଘନ ମିଟର ଜଳ ନିଷ୍କାସିତ ହେଉଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ମୃଦୁଶିଖା ସାମଲ


ଶୁଭ୍ରଜିତ୍ ଲେଙ୍କା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**ଥାନା ଅଧିକାରୀଙ୍କ ଅନୁଭୂତି**

# ଫାର୍ମାସିଷ୍ଟଙ୍କ ସୂଚନାରୁ ଧରାପଡ଼ିଲେ ହତ୍ୟା ଅଭିଯୁକ୍ତ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ରାଜ୍ୟରେ ଅନେକ ଅପରାଧ ଘଟୁଛି। କେତେକ ମାମଲାର ତଦନ୍ତରେ ପୋଲିସ ସଫଳ ହେଉଥିବାବେଳେ ଆଉ କେତେକରେ ବିଫଳ ହେଉଛି। ଜଣେ ଥାନା ଅଧିକାରୀଙ୍କ ଚାକିରି କାଳର ଅନୁଭୂତି ମଧ୍ୟରେ ଏଭଳି କିଛି ମାମଲା ରହିଛି, ଯାହା ତାଙ୍କ ପାଇଁ ସ୍ମରଣୀୟ। ସେଭଳି ଏକ ମାମଲା ବିଷୟରେ କହିଛନ୍ତି ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ। ସେ ଚୌଦ୍ୱାର ଥାନାରେ ଥିବାବେଳେ ଏକ ହତ୍ୟାକାଣ୍ଡ ଚହଳ ପକାଇଥିଲା। ଅଭିଯୁକ୍ତଙ୍କୁ ଧରିବା ଚ୍ୟାଲେଞ୍ଜ ଥିଲା। ଏ କ୍ଷେତ୍ରରେ ପୋଲିସ କିଭଳି ସଫଳତାର ସହ ଆଗକୁ ବଢ଼ି ଅଭିଯୁକ୍ତଙ୍କୁ ଧରିପାରିଥିଲା ତାହା ବର୍ଣ୍ଣନା କରିଛନ୍ତି ଥାନା ଅଧିକାରୀ ସେଠୀ।

ଚୌଦ୍ୱାର ଥାନା ଅଧୀନ ନୂଆପାଟଣାରେ ରାସ୍ତା କାମ ହେଉଥାଏ। ଏଥିପାଇଁ ରାସ୍ତାକଡ଼ରେ ବାଲି ଗଦା ହୋଇଥାଏ। ୨୦୧୮ ଡିସେମ୍ବର ୩୧ ସକାଳେ ଶ୍ରମିକମାନେ ବାଲି କାଢୁଥିବାବେଳେ ମିଳିଥିଲା ଏକ ଅର୍ଦ୍ଧଦଗ୍ଧ ମୃତଦେହ। କାନରେ କାନଫୁଲ ଲାଗିଥିବାରୁ ମୃତକ ଜଣକ ମହିଳା ବୋଲି ଜଣାପଡିଥିଲା। କିନ୍ତୁ ମୁହଁ ପୋଡ଼ିଯାଇଥିବାରୁ ତାଙ୍କର ପରିଚୟ ପାଇବା କଷ୍ଟକର ହୋଇପଡ଼ିଥିଲା। ପରିଚୟ ଜାଣିବା ପାଇଁ ଏକାଧିକ ଥାନାରେ ନିଖୋଜ ମାମଲା ଖୋଜାଯାଇଥିଲା। ଏପରି କି କଟକର ଏକାଧିକ ନର୍ସିଂହୋମକୁ ପୋଡାଜନିତ କେସ୍ ଖୋଜାଯାଇଥିଲା। କିନ୍ତୁ କୌଣସି ପରିଚୟ ମିଳି ନ ଥିଲା। ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ପରେ ପୋଲିସ ନିଜ ଆଡୁ କେସ୍ ନଂ-୯/୧୯ରେ କରି ଆଇପିସି ଦଫା ୩୦୨ ଓ ୨୦୧ ଅନୁଯାୟୀ ତଦନ୍ତ ଆଗକୁ ବଢ଼ିଥିଲା। ପୋଲିସ କଟକର ବିଭିନ୍ନ ହସ୍ପିଟାଲ ଯାଇ ମୃତକଙ୍କ ବିଷୟରେ ପଚରାଉଚରା କରିବା ସମୟରେ ଜଣେ ଫାର୍ମାସିଷ୍ଟଙ୍କ କଥାରୁ ଏକ ବଡ଼ ସୁରାକ ମିଳିଥିଲା। ଉକ୍ତ ଫାର୍ମାସିଷ୍ଟ ଜଣକ କହିଥିଲେ ଯେ, ସେ ଡିସେମ୍ବର ୩୦ ତାରିଖ ରାତିରେ ବାଦାମବାଡ଼ିରେ ଚା ପିଉଥିବାବେଳେ ଜଣେ ବ୍ୟକ୍ତି ବ୍ୟସ୍ତହୋଇ ମେଡିକାଲ ବାବଦରେ ଜରୁରୀ ଥିବା କହି ଦୋକାନୀଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ମାଗି ନେବା ସମୟରେ ଉକ୍ତ ବ୍ୟକ୍ତିଙ୍କ ହାତ ଓ ନାକରେ ପୋଡ଼ାଚିହ୍ନ ରହିଥିଲା। ଏହି କଥାକୁ ଆଧାର କରି ପୋଲିସ ଚା ଦୋକାନୀଙ୍କୁ ପଚରାଉଚରା କରିବା ସହ ତାଙ୍କଠାରୁ ଉକ୍ତ ବ୍ୟକ୍ତିଙ୍କ ପରିଚୟ ଓ ମୋବାଇଲ ଫୋନ ନମ୍ବର ସଂଗ୍ରହ କରିଥିଲା। ସେହି ଫୋନ ନମ୍ବରର କଲ୍ ଡିଟେଲ ରେକର୍ଡ(ସିଡିଆର) ଯାଞ୍ଚ କରାଯିବା ପରେ ଜଣାପଡିଲା ଯେ, ମୃତଦେହ ମିଳିବାର ପୂର୍ବ ରାତି (୩୦ ଡିସେମ୍ବର) ଓ ସେହିଦିନ ୧୧ଟାରେ ଉକ୍ତ ନମ୍ବର ଥିବା ଫୋନ ଘଟଣାସ୍ଥଳ(ମୃତଦେହ ମିଳିବା ସ୍ଥାନ)ରେ ଥିଲା। ଅନ୍ୟ କୌଣସି ଦିନ ଘଟଣାସ୍ଥଳ ଓ ଆଖପାଖକୁ ଉକ୍ତ ଫୋନ ଯାଇ ନ ଥିବାରୁ ସେହି ବ୍ୟକ୍ତିଙ୍କ ଉପରେ ସନ୍ଦେହ ବଢ଼ିଥିଲା। ଏହାପରେ ଏକ ଟିମ୍ ଉକ୍ତ ବ୍ୟକ୍ତିଙ୍କୁ ପାରାଦୀପର ଏକ ମଦଦୋକାନ ଆଗରୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା କରାଯିବା ପରେ ସେ ସବୁ କଥା ମାନିନେଇଥିଲେ।


ଯତୀନ୍ଦ୍ରନାଥ ସେଠୀ

ଅଭିଯୁକ୍ତ ଜଣକ ହେଲେ ଜଣେ କଣ୍ଟ୍ରାକ୍ଟର ଗୋବିନ୍ଦ(ଛଦ୍ମନାମ)। ସ୍ତ୍ରୀ ଓ ଦୁଇ ପୁଅ ଥିଲେ ମଧ୍ୟ ଗୋବିନ୍ଦ କଟକ କଲ୍ୟାଣୀନଗର ଅଞ୍ଚଳର ମାନସିକ ବିକାରଗ୍ରସ୍ତ ଭଉଣୀଙ୍କ ସହ ରହୁଥିଲେ। ବାଲେଶ୍ୱରର ଜଣେ ଯୁବତୀ ପରିଚାରିକା ଭାବେ ତାଙ୍କ ଘରେ କାମ କରୁଥିବାବେଳେ ତାଙ୍କ ସହ ଗୋବିନ୍ଦଙ୍କ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ସୁନା ଗହଣା ଚୋରି କରିଥିବା ନେଇ ଯୁବତୀଙ୍କ ସହ ତାଙ୍କର ୨୦୧୮ ଡିସେମ୍ବର ୨୭ରେ ବଚସା ହୋଇଥିଲା। ଗୋବିନ୍ଦ ଉତ୍କ୍ଷିପ୍ତ ହୋଇ ଏକ ବାଡ଼ିରେ ଯୁବତୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସେ ସେଠାରେ ଟଳିପଡ଼ିବା ପରେ ତାଙ୍କୁ ବାଥରୁମ୍‌କୁ ନେଇ ଦେହରେ ପେଟ୍ରୋଲ ଢାଳି ପୋଡ଼ିଦେଇଥିଲେ। ପୋଡ଼ିବା ସମୟରେ ଗୋବିନ୍ଦ ମୋବାଇଲ ଫୋନରେ ଫଟୋ ଉଠାଇଥିଲେ, ଯାହା ପୋଲିସ ପାଇଁ ଉପଯୁକ୍ତ ପ୍ରମାଣ ହୋଇପାରିଥିଲା। ମୃତଦେହ ମିଳିବା ପୂର୍ବ ରାତିରେ ଗୋବିନ୍ଦ ଭୁବନେଶ୍ୱରରେ ଡିପ୍ଲୋମା କରୁଥିବା ତାଙ୍କ ନାବାଳକ ସାନପୁଅଙ୍କୁ ଡକାଇଥିଲେ। ଉଭୟେ ଏକ କାରରେ ମୃତଦେହ ପୂରାଇ ନୂଆପାଟଣାରେ ରାସ୍ତାକାମ ପାଇଁ ଥିବା ବାଲିଗଦାରେ ପୋତିଦେଇ ଆସିଥିଲେ। ଏପରି କି ମୃତଦେହ ଦେଖିବା ପାଇଁ ଗୋବିନ୍ଦ ଓ ତାଙ୍କ ପୁଅ ପରଦିନ ସେହି ସ୍ଥାନକୁ ଯାଇଥିଲେ। ଏହି ମାମଲାରେ ପୋଲିସ ଗୋବିନ୍ଦଙ୍କ ନାବାଳକ ପୁଅଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିବା ପରେ ବାଳସୁଧାର ଗୃହକୁ ପଠାଯାଇଥିଲା।

## ଜଗନ୍ନାଥ କୋଇଲା ଖଣିରେ ଅଗ୍ନିକାଣ୍ଡ

ତାଳଚେର, ୨୬।୧୦(ନି.ପ୍ର.)- ଏମ୍‌ସିଏଲର ତାଳଚେରସ୍ଥିତ ଜଗନ୍ନାଥ କୋଇଲା ଖଣିରେ ଶନିବାର ଅଗ୍ନିକଣ୍ଡ ଘଟିଛି। ଏଥିରେ ୧୨ଶହ ଏଚ୍‌ପିର ଏକ ପିସି ମେଶିନ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ମଧ୍ୟାହ୍ନ ପ୍ରାୟ ୧୨ଟାବେଳେ ଅପରେଟର କୋଇଲା ଖଣିରେ ଉକ୍ତ ମେଶିନ ଦ୍ୱାରା ଖନନ କାମ କରୁଥିବାବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ସଙ୍ଗେ ସଙ୍ଗେ ନିଆଁ ଚାରିପାଖକୁ ବ୍ୟାପି ଯାଇଥିଲା। ଅପରେଟର ସେଠାରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ। ଖବରପାଇ ବିଭାଗୀୟ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ପୋଡି ଯାଇଥିବା ମେଶିନର ଦାମ୍ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ରକ୍ଷଣାବେକ୍ଷଣ ଅଭାବରୁ ଏପରି ଘଟିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେହିଭଳି ଶୁକ୍ରବାର ସକାଳେ ଅନନ୍ତ କୋଇଲା ଖଣିର ଏକ ସରଫେସ ମାଇନର କ୍ୱାରି ଭିତରକୁ ଖସି ପଡିଥିଲା।

## ସଡ଼କ ଦୁର୍ଘଟଣା ରୋକିବାକୁ ନୂଆ ବ୍ୟବସ୍ଥା

# ପ୍ରଥମ ୪୮ଘଣ୍ଟା ପାଇଁ ମିଳିବ ମାଗଣା ଚିକିତ୍ସା

- ୧୦୮ ଆମ୍ବୁଲାନ୍ସ ସହ ଯୋଡିହେବ ଘରୋଇ ହସ୍ପିଟାଲର ଆମ୍ବୁଲାନ୍ସ
- ପ୍ରଥମ ପର୍ଯ୍ୟାୟରେ ୩ ଘରୋଇ ହସ୍ପିଟାଲ ସହ ଚୁକ୍ତି
- ପରିବହନ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଯାଇଛି ୪କୋଟି

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଓଡ଼ିଶାରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟଙ୍କ ତାଗିଦ୍ ସତ୍ତ୍ୱେ ସଡ଼କ ସୁରକ୍ଷା କ୍ଷେତ୍ରରେ ସେତେଟା ଉନ୍ନତି ଆଣିବାରେ ପରିବହନ ବିଭାଗ ବାରମ୍ବାର ଫେଲ୍ ମାରିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୨୦୧୬ରେ ରାଜ୍ୟରେ ୧୦,୫୩୨ ଦୁର୍ଘଟଣା ଘଟିଥିବା ବେଳେ ୪,୪୬୩ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ରେ ୧୦,୮୫୫ ଦୁର୍ଘଟଣାରେ ୪,୭୯୦ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ୨୦୧୮ରେ ମୋଟ ୧୧,୨୬୨ଟି ଦୁର୍ଘଟଣା ଘଟିଥିବା ବେଳେ ୫,୩୧୫ଜଣ ମୃତ୍ୟୁବରଣ କରିଛନ୍ତି। ୨୦୧୯ ଜୁନ୍ ସୁଦ୍ଧା ୫,୮୦୨ଟି ଦୁର୍ଘଟଣାରେ ୩୦୧୩ଜଣଙ୍କ ମୃତ୍ୟୁ ହୋଇଛି। ଏହି ସଂଖ୍ୟା ଦେଖିଲେ ସ୍ପଷ୍ଟ ପ୍ରମାଣିତ ହେଉଛି ପ୍ରତ୍ୟେକ ବର୍ଷ ସଡ଼କ ଦୁର୍ଘଟଣା ସଂଖ୍ୟା ବଢିବା ସାଙ୍ଗକୁ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଶତଚେଷ୍ଟା ସତ୍ତ୍ୱେ ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ତେବେ ସଡକ ଦୁର୍ଘଟଣା ପରେ ମୃତ୍ୟୁ ସଂଖ୍ୟାକୁ କିପରି କମାଯାଇପାରିବ ସେନେଇ ପରିବହନ ବିଭାଗ ଏବେ ନୂଆ ବ୍ୟବସ୍ଥା ଆରମ୍ଭ କରିଛି। ଆଉ ଏଥିପାଇଁ ଏକ ସଫ୍ଟୱେର ତିଆରି କରିବା ପାଇଁ ନ୍ୟାଶନାଲ ଇନଫରମେଟିଭ ସେଣ୍ଟର(ଏନ୍‌ଆଇସି)କୁ ଦାୟିତ୍ୱ ଦିଆଯାଇଛି। ଏହି ସଫ୍ଟୱେର କାର୍ଯ୍ୟକାରୀ ହେଲେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଖୁବଶୀଘ୍ର ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଯାଇପାରିବ। ଏହାସହ ଦୁର୍ଘଟଣାର କାରଣ ଏବଂ ନିରାକରଣ ସହଜରେ କରାଯାଇପାରିବ। ଏହି ବ୍ୟବସ୍ଥା ଅନୁଯାୟୀ ଏକ ଟୋଲ୍ ଫି ସେଣ୍ଟର କାର୍ଯ୍ୟକାରୀ ହେବ। ଦୁର୍ଘଟଣା ସମ୍ବନ୍ଧୀୟ ତଥ୍ୟ ମିଳିବା ମାତ୍ରେ କଲ୍ ସେଣ୍ଟରରେ ଥିବା କର୍ମଚାରୀମାନେ ପ୍ରଥମେ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାର ବ୍ୟବସ୍ଥା କରିବେ। ଏହାପରେ ପୂର୍ତ୍ତ ବିଭାଗକୁ ଫୋନ୍ କରି ଘଟଣାସ୍ଥଳକୁ ଯିବା ପାଇଁ କହିବେ। ପୂର୍ତ୍ତ ବିଭାଗର ଭୁଲ୍ ପାଇଁ ଯଦି ଦୁର୍ଘଟଣା ହୋଇଥିବ ତେବେ ସଙ୍ଗେସଙ୍ଗେ ତ୍ରୁଟି ସୁଧାରାଯିବ। ଏହାପରେ ପୋଲିସ ଏବଂ ପରିବହନ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯିବ। ପ୍ରତ୍ୟେକ ଦୁର୍ଘଟଣାର କାରଣକୁ ଭଲରେ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ ହେବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଏହାସହ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ସମସ୍ତ ଘରୋଇ ଆମ୍ବୁଲାନ୍ସଗୁଡ଼ିକୁ ଏବେଠାରୁ ୧୦୮ ଆମ୍ବୁଲାନ୍ସ ପରିସରଭୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପରିବହନ ବିଭାଗ ଅନୁରୋଧ କରିଛି। ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ଏନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଅର(ଏସ୍‌ଓପି) ବାହାର କରିବା ଲାଗି କାମ ଆରମ୍ଭ କରିଛନ୍ତି। ଏସ୍‌ଓପି ପ୍ରସ୍ତୁତି ପାଇଁ ବମ୍ବେର ଏକ ଏନ୍‌ଜିଓ(ରାଢି ଫାଉଣ୍ଡେଶନ) ସହ ସ୍ୱାସ୍ଥ୍ୟ ବିଭାଗ ଚୁକ୍ତି ସ୍ୱାକ୍ଷର କରିଥିବା ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ଏହି ସୁବିଧା ଘରୋଇ ହସ୍ପିଟାଲରେ ଦେବା ପାଇଁ ମଧ୍ୟ ନିଷ୍ପତ୍ତି ସରିଛି। ହଠାତ୍ ଜଣେ ଦୁର୍ଘଟଣାରେ ଶିକାର ହେଲେ ପ୍ରଥମ ୪୮ଘଣ୍ଟା ପାଇଁ ସେମାନଙ୍କୁ ଘରୋଇ ଡାକ୍ତରଖାନାରେ ମାଗଣାରେ ସେବା ଯୋଗାଇ ଦିଆଯିବ। ଏହାକୁ ଗୋଲ୍‌ଡେନ୍ ଆୱାର ଟ୍ରିଟ୍‌ମେଣ୍ଟ ବୋଲି ନାମକରଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ସୁବିଧା ଭୁବନେଶ୍ୱର ଓ କଟକରେ ଏହା ଲାଗୁ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ଘରୋଇ ଡାକ୍ତରଖାନା ଆପୋଲୋ, ଆମ୍ରି ଏବଂ କଟକର ଅଶ୍ୱିନୀ ହସ୍ପିଟାଲ ସହ ଚୁକ୍ତି ସରିଥିବା ଜଣାପଡିଛି। ଆଗକୁ ଏହା ଅନ୍ୟ ସହରଗୁଡିକରେ ମଧ୍ୟ ଲାଗୁ କରିବା ପାଇଁ ଅନ୍ୟ ଘରୋଇ ଡାକ୍ତରଖାନା ସହ ଚୁକ୍ତି ହେବ। ପ୍ରାଥମିକସ୍ତରରେ ଏହି ବାବଦ ଖର୍ଚ୍ଚ ଲାଗି ସ୍ୱାସ୍ଥ୍ୟ ବିଭାଗକୁ ପରିବହନ ବିଭାଗ ପକ୍ଷରୁ ୪କୋଟି ଟଙ୍କା ପ୍ରଦାନ କରାଯାଇଥିବା ମଧ୍ୟ ଜଣାପଡିଛି। ଏଥିରୁ ବର୍ତ୍ତମାନ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପାଖପାଖି ୨୮ଲକ୍ଷ ଖର୍ଚ୍ଚ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମଧ୍ୟାହ୍ନଭୋଜନରେ...

ଡକାଇ ସମସ୍ତ ଅସୁସ୍ଥ ପିଲାଙ୍କୁ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ପ୍ରଧାନଶିକ୍ଷକ ବହୁ ବିଳମ୍ବରେ ଆସି ମେଡିକାଲରେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ପ୍ରଧାନଶିକ୍ଷକଙ୍କୁ ସେଠାରେ ଠେଲାପେଲା କରିବାକୁ ପଛାଇ ନ ଥିଲେ।

ମଧ୍ୟାହ୍ନଭୋଜନ ଖାଇ ଏତେସଂଖ୍ୟାରେ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ଖବର ପ୍ରଚାରିତ ହେବା ପରେ ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ, ଭଦ୍ରକ ବିଡିଓ ଉମେଶ ଚନ୍ଦ୍ର ମଲ୍ଲିକ, କେଦାରପୁର ସରପଞ୍ଚ ଭରତ ତ୍ରିପାଠୀ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ଘଡ଼େଇ ପ୍ରମୁଖ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପ୍ରାଥମିକ ଚିକିତ୍ସା ପରେ ୪୧ ଛାତ୍ରୀଛାତ୍ରଙ୍କୁ ଡାକ୍ତରଖାନାରୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟ ୬ ଜଣ ଚିକିତ୍ସାଧୀନ ରହିଛନ୍ତି। ତେବେ ସେମାନେ ବିପଦମୁକ୍ତ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି। ମଧ୍ୟାହ୍ନଭୋଜନ ରୋଷେଇ ବେଳେ କିଭଳି ଝିଟିପିଟି ପଡ଼ିଲା ଓ ଏଥିପାଇଁ କିଏ ଦାୟୀ, ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହି ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନଭୋଜନ ରୋଷେଇ ହେବା ପରେ ମୋଟ ୯୦ ଛାତ୍ରୀଛାତ୍ର ଏହାକୁ ଖାଇଥିଲେ। ତଦନ୍ତ ପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୪ ଯାଏ ବଡ଼ ବର୍ଷା ନାହିଁ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)-ରାଜ୍ୟରୁ ଲଘୁଚାପ ଅପସରି ଯାଇଛି। ଆସନ୍ତା ନଭେମ୍ବର ୪ ତାରିଖ ଯାଏ କୌଣସି ବଡ଼ ବର୍ଷାର ସମ୍ଭାବନା ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତା ୨୮ ତାରିଖରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପୁରୀରେ ସର୍ବାଧିକ ୫୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୧୪.୨, ଚାନ୍ଦବାଲି ୫.୨, ପାରାଦୀପ ୧୦.୩, ଭୁବନେଶ୍ୱର ୫, ଗୋପାଳପୁର ୩, ବାରିପଦା ୫, କେନ୍ଦୁଝର ୧୧.୪, କୋରାପୁଟ ୨, ଟିଟିଲାଗଡ଼୨ ଏବଂ ଦାରିଙ୍ଗବାଡ଼ିରେ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବାରମ୍ବାର ପ୍ରତିବନ୍ଧକ ମଧ୍ୟଦେଇ ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଅର୍ଥଶ୍ରାଦ୍ଧ ଓ ବୁଦ୍ଧି ଖର୍ଚ୍ଚ କରିବାକୁ ପଡ଼ିବ। ବନ୍ଧୁମାନଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ବ୍ୟବସାୟରେ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଘର ଲୋକମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମତଭେଦ କାରଣରୁ ପାରିବାରିକ ଅସ୍ଥିରତା ସଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାବହୁଳ ରହିବ। ଆଜି ସହକର୍ମୀଙ୍କ ସହାୟତାରେ ଅର୍ଥଲାଭ ସଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଘରର କେତେକ ବ୍ୟତିକ୍ରମ ବିଷୟକୁ ନେଇ ଚିନ୍ତା ପ୍ରକଟ କରିପାରନ୍ତି। କମ୍ପାନୀ କାମରେ ମାଲିକ ସହ ଛୋଟ କଥାରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ** ଆତ୍ମୀୟ ସ୍ୱଜନଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସୃଷ୍ଟିର ସମ୍ଭାବନା ରହିଛି। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ପ୍ରିୟବନ୍ଧୁଙ୍କ ପ୍ରଭାବରେ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ** ପାରିବାରିକ ଜୀବନରେ ବ୍ୟୟବହୁଳ ଖର୍ଚ୍ଚ ମାନସିକ ସ୍ଥିତିକୁ ପ୍ରଭାବିତ କରିବ। ନିଜର ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟରେ ବାଣିଜ୍ୟ,ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

**ସିଂହ** ମନ କଥା ମନ ଭିତରେ ସାଇତି ରଖି ନିତିଦିନିଆ କାମ ସକାଶେ ସକାଳୁ ସକାଳୁ ବାହାରିବାକୁ ପଡ଼ିପାରେ। କୌଣସି କାମ ସକାଶେ ବାରମ୍ବାର ଅସଫଳତା ହେତୁ ନିଜ ଲୋକମାନଙ୍କ ଉପରୁ ଭରସା ତୁଟି ଯାଇପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**କନ୍ୟା** ଆପଣଙ୍କ ସୁଚିନ୍ତିତ ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ରପ୍ତାନି ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି।

**ତୁଳା** ବୃଥା ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ବିବ୍ରାନ୍ତ କରିପାରେ। ତଥାପି ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କାର୍ଯ୍ୟସାଧନ କ୍ଷେତ୍ରରେ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହେବେ।

**ବିଛା** କୌଣସି ନୂତନ ବନ୍ଧୁତ୍ୱ ସଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିଣା ବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡିଯିବାର ଆଶଙ୍କାକୁ ଏଡି ହେବନାହିଁ। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କଳା,ସାହିତ୍ୟ, ରାଜନୀତିରେ ଚେଷ୍ଟା ସଫଳ ହେବେ।

**ଧନୁ** କୌଣସି ଆନୁଷ୍ଠାନିକ ମଧ୍ୟରେ ପ୍ରିୟ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଆନନ୍ଦ ଅନୁଭବ କରିବେ। ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। କେତେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବା ସକାଶେ ବାଧ ହୋଇପାରନ୍ତି।

**ମକର** କୌଣସି କାମ ନ ଅଟକିଲେ ମଧ୍ୟ କାମ ହାସଲର ଦୀର୍ଘତା ମନକୁ ଭାରାକ୍ରାନ୍ତ କରିବ। ଏହା ସଙ୍ଗକୁ ସଦା ସର୍ବଦା ରୋଗ, ଋଣ ଓ ଶତ୍ରୁତା ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ** ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। କିନ୍ତୁ ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ କିଛି କରିବା ସକାଶେ ଯାହା ଓ ଯେପରି ଭାବୁଛନ୍ତି ଶୀଘ୍ର ଆରମ୍ଭ କରନ୍ତୁ, ସଫଳତା ନିଶ୍ଚିତ ମିଳିବ। ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ।

**ମୀନ** ଧୀରେ ଧୀରେ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ ଓ ବିଦେଶଯାତ୍ରା, ମାମିଲାମକଦ୍ଦମା, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। ନିଜ ପରିବାର ସମ୍ବନ୍ଧରେ କୌଣସି ସୂତ୍ରରୁ ଶୁଣା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଦୀପାବଳି ଅମାବାସ୍ୟା, ଶ୍ୟାମାକାଳୀ ପୂଜା, ପୟାଶ୍ରାଦ୍ଧ, ଅକ୍ଟୋବର ୨୭ ତାରିଖ, ରବିବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅମାବାସ୍ୟାର ଶ୍ରାଦ୍ଧ। ସକାଳ ଘ୬।୩୪ମି. ଗତେ ଘ୮।୫୧ମି. ମଧ୍ୟେ ଘ୧୧।୫୩ମି. ଗତେ, ଘ୨।୫୫ମି. ମଧ୍ୟେ ଅମୃତବେଳା, ଦିବା ଘ୮।୪୪ମି. ଗତେ ଘ୧୦।୧୯ମି. ମଧ୍ୟେ, ଘ୧୨।୨୮ମି. ଗତେ ଘ୨।୩୧ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ୩।୪୬ମି. ଗତେ ଘ୫।୧୧ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ମୁଖ୍ୟମନ୍ତ୍ରୀଙ୍କୁ ଦାମଙ୍କ ପ୍ରଶଂସା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ): ବରିଷ୍ଠ ନେତା ଦାମୋଦର ରାଉତ ନିୟମିତ ବ୍ୟବଧାନରେ ନିଜ ମନ୍ତବ୍ୟ ନେଇ ଚର୍ଚ୍ଚାରେ ରହିଆସିଛନ୍ତି। ଭାଜପାରୁ ଇସ୍ତଫା ଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ଦାମ ପ୍ରଶଂସା କରିଛନ୍ତି। ଏପରିକି ସେ ବିଜେଡି ପ୍ରତି କଦାପି ବିମୁଖ ନ ଥିବା କହିଛନ୍ତି।



ଗଣମାଧ୍ୟମ ପ୍ରତିନିଧିଙ୍କୁ ଦାମ କହିଛନ୍ତି ଯେ, ମୁଁ ବିଜେଡି ପ୍ରତି ବିମୁଖ ନୁହେଁ। ବିଜେଡି ତାଙ୍କୁ ଦଳରୁ ବିଦା କରିଥିଲା, ସେ ବିଜେଡି ଛାଡି ନ ଥିଲେ। ୧୯୭୪ରୁ ବିଜୁ ପଟ୍ଟନାୟକଙ୍କ ସହ ଥିଲି, ତାଙ୍କ ଦେହାନ୍ତ ପରେ ନବୀନ ବାବୁଙ୍କ ସହ ରହିଛି। ନବୀନ ବାବୁଙ୍କ କ୍ଷତି କରିଥିବା ଲୋକଙ୍କଠାରୁ ତାଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରିଛି। ଏସବୁ ସତ୍ତ୍ୱେ ଦଳ ମୋତେ ବାହାର କରିଦେଲା। ରାଜ୍ୟବାସୀ ଜାତୀୟ ଦଳ ଅପେକ୍ଷା ଆଞ୍ଚଳିକ ଦଳକୁ ଅଧିକ ପସନ୍ଦ କରୁଛନ୍ତି। ତେଣୁ ନବୀନ ବାବୁ ଅପରାଜେୟ ବୋଲି ଦାମ କହିଛନ୍ତି। ଦାମଙ୍କ ଏପରି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଲାଗିରହିଛି। ଦାମ କୌଣସିମତେ ନିଜ ପୂର୍ବ ଦଳ ବିଜେଡିକୁ ଫେରିବା ପାଇଁ ମସୁଧା କରୁଥିବା ସମୀକ୍ଷକମାନେ ମତ ଦେଇଛନ୍ତି।




## ନିଶାସକ୍ତ ଡାକ୍ତରଙ୍କୁ ଥାନାରେ ଅଟକ ରଖିଲା ପୋଲିସ

- ସିଡିଏମ୍‌ଓଙ୍କ ହସ୍ତକ୍ଷେପ ପରେ ପୋଲିସ ଛାଡିଲା
- କାରଣ ଦର୍ଶାଅ ନୋଟିସ ଜାରି

ବଲାଙ୍ଗୀର ଅଫିସ, ୨୬।୧୦

ସ୍ଥାନୀୟ ରେଳ ଷ୍ଟେଶନ ଅଞ୍ଚଳରୁ ଶୁକ୍ରବାର ରାତିରେ ଜଣେ ନିଶାଗ୍ରସ୍ତ ଡାକ୍ତରଙ୍କୁ ପୋଲିସ ଉଦ୍ଧାର କରିବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି । ସଂପୃକ୍ତ ଡାକ୍ତରଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା । ଶନିବାର ସକାଳୁ ଭାରପ୍ରାପ୍ତ ସିଡିଏମ୍‌ଓ ଡା.ଦୈତାରୀ ସାହୁ ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପୋଲିସ ତାଙ୍କୁ ଛାଡିଛି। ଏ ନେଇ ସିଡିଏମ୍‌ଓ ସମ୍ପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ତଦନ୍ତ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଟାଉନ ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସହରର ରେଳ ଷ୍ଟେଶନ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଡିପଟେ ସଂପୃକ୍ତ ଡାକ୍ତର କୌଣସି କାରଣରୁ ପଶିଯାଇଥିଲେ। ଖବର ପାଇ ଟାଉନ ଥାନା ପିସିଆର ତାଙ୍କୁ ଉଦ୍ଧାର କରିଥିଲା । ପରେ ତାଙ୍କୁ ଟାଉନ ଥାନାକୁ ଅଣାଯାଇଥିଲା। ନିଶାସକ୍ତ ଥିବା ଡାକ୍ତର ପୋଲିସ କର୍ମଚାରୀଙ୍କୁ ନାକେଦମ କରିଥିଲେ । ଏହି ଘଟଣା ଜଣାପଡିବା ପରେ ସହରରେ ଚର୍ଚ୍ଚା ଜୋର ଧରିଥିଲା। ଜଣେ ଡାକ୍ତରଙ୍କ ଏଭଳି ଦୌରାତ୍ମ୍ୟକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

## ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ହେବ ଜନ୍ମ ମୃତ୍ୟୁର ଇ-ପଞ୍ଜୀକରଣ

**୫-ଟି ସମୀକ୍ଷା ବୈଠକ**

- ୧୦୬ ଭିଏସ୍ କ୍ଲର୍କଙ୍କୁ ନିଯୁକ୍ତି ଦିଆଯିବ
- ଉନ୍ନତ ଆମ୍ବୁଲାନ୍ସ ସେବା ପାଇଁ ନୂତନ ଏସ୍‌ଓପି ପ୍ରସ୍ତୁତ
- ସରକାରୀ ଡାକ୍ତରଖାନାରେ ଯନ୍ତ୍ରପାତିର ଯାଞ୍ଚ, କଲ୍ ସେଣ୍ଟର ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ଏଣିକି ଜନ୍ମ ମୃତ୍ୟୁର ଇ-ପଞ୍ଜୀକରଣ କାର୍ଯ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ହାତକୁ ଆସିବ। ପୂର୍ବରୁ ଏହା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିକଟରେ ଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ୫-ଟି ସମୀକ୍ଷା ଅବସରରେ ଏହି ନିଷ୍ପତ୍ତି ହୋଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ମିଳିଥିବା ସୂଚନାନୁସାରେ, ଇ-ପଞ୍ଜୀକରଣ ଲାଗି ବିସ୍ତୃତ ଯୋଜନା ପ୍ରସ୍ତୁତ ସହିତ ଇ-ମ୍ୟୁନିସିପାଲିଟି ସଫ୍ଟୱେର ଦେବାକୁ ଟିସିଏସ୍‌କୁ ଦାୟିତ୍ୱ ଦିଆଯାଇଛି। ଏହି ପଞ୍ଜୀକରଣ ନିମନ୍ତେ ୧୦୬ ଭିଏସ୍ କ୍ଲର୍କଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ସେହିଭଳି ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବାର ଗୁଣବତ୍ତା ସଂକ୍ରାନ୍ତରେ ଅନୁଧ୍ୟାନ ନିମନ୍ତେ ଏକ ନୂତନ ଏସ୍‌ଓପି ପ୍ରସ୍ତୁତ ହୋଇଛି। ଏଥିରେ ଅଧିକ ୮୪ଟି ୧୦୮ ଆମ୍ବୁଲାନ୍ସ ଚଳାଇବାର ବ୍ୟବସ୍ଥା କରାଯାଉଛି। ମୃତ ବ୍ୟକ୍ତିଙ୍କ ପରିବହନ ନିମନ୍ତେ ମହାପ୍ରୟାଣ ଯୋଜନାରେ କିଛିଟା ପରିବର୍ତ୍ତନ ଅଣାଯାଇ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇଛି। ଏହା ଉପରେ ମିଶନ ଶକ୍ତି କମିଶନରଙ୍କ ମତାମତ ମିଳିଥିବାବେଳେ ସାଧାରଣ ପ୍ରଶାସନ ବିଭାଗକୁ ପଠାଯାଇଥିବା ବୈଠକରୁ ଜଣାପଡ଼ିଛି। କ୍ୟାପିଟାଲ ହସ୍ପିଟାଲ, ଶିଶୁଭବନ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ସିଟି ହସ୍ପିଟାଲ କଟକ ଏବଂ ସିଟି ହସ୍ପିଟାଲ ବ୍ରହ୍ମପୁରରେ ଥିବା ସମସ୍ତ ଯନ୍ତ୍ରପାତିର ଯାଞ୍ଚ ସହିତ କଲ୍ ସେଣ୍ଟର ବ୍ୟବସ୍ଥା ହୋଇଛି। ଅନ୍ୟ ସମସ୍ତ ସରକାରୀ ଡାକ୍ତରଖାନାଗୁଡ଼ିକର ଯାଞ୍ଚ ଓ କଲ୍ ସେଣ୍ଟର ବ୍ୟବସ୍ଥା ଚଳିତବର୍ଷ ଶେଷସୁଦ୍ଧା ସମ୍ପୂର୍ଣ୍ଣ ହେବ। ବଡ଼ବଡ଼ ସରକାରୀ ଡାକ୍ତରଖାନାରେ ମିଳୁଥିବା ଚିକିତ୍ସା ସେବା ଓ ସୁବିଧା ସୁଯୋଗରେ ଉନ୍ନତି ଆଣିବା ପାଇଁ ବିଭାଗ ତରଫରୁ ଗଠିତ ଏକ ଟିମ୍ ମାଡ୍ରାସ ମେଡିକାଲ କଲେଜ, ସିଏମ୍‌ସି ଭେଲୋର, ନାରାୟଣ ହୃଦୟାଳୟ ବେଙ୍ଗାଲୁରୁ ଯାଇ ସେଠାରେ ଚିକିତ୍ସା ସେବା ସହ ପରୀକ୍ଷାଗାର, ସଫା ସୁତୁରା, ଖାଦ୍ୟ ଯୋଗାଣ ଏବଂ ଅନ୍ୟାନ୍ୟ ସେବା ସମ୍ପର୍କରେ ଅନୁଧ୍ୟାନ କରି ଫେରିଛନ୍ତି। ନିର୍ମଳ, ନିଦାନର ରିପୋର୍ଟ ସଂଗ୍ରହ, ପ୍ରଶାସନିକ ବ୍ୟବସ୍ଥାର ପୁନର୍ଗଠନ, କ୍ୟାପିଟାଲ ହସ୍ପିଟାଲକୁ ପୋଷ୍ଟ ଗ୍ରାଜୁଏଟ୍ ପ୍ରତିଷ୍ଠାନ କରିବା ପାଇଁ ଆଲୋଚନା ହୋଇଛି। ସମସ୍ତ ରକ୍ତଭଣ୍ଡାରରେ ରକ୍ତର ଉପଲବ୍ଧି ସଂକ୍ରାନ୍ତରେ ସୂଚନା ଏବଂ ଏହାକୁ ଦୁର୍ନୀତିମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ସମ୍ପୃକ୍ତ ରକ୍ତଭଣ୍ଡାରଗୁଡ଼ିକରେ ବ୍ଲଡବ୍ୟାଙ୍କ୍ ଅଧିକାରୀଙ୍କ ମୋବାଇଲ୍ ନମ୍ବର ଏବଂ ଉପଲବ୍ଧ ଥିବା ରକ୍ତର ସୂଚନା ପ୍ରଦର୍ଶିତ ହେଉଛି। ଡାକ୍ତରଖାନା ହେଲ୍ପ ଡେସ୍କକୁ ସ୍ୱାସ୍ଥ୍ୟ ମିତ୍ର/ଏସ୍‌ଏଚ୍‌ଜି ଗ୍ରୁପଙ୍କ ଦ୍ୱାରା ପରିଚାଳନା କରିବା ନିମନ୍ତେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ମିଶନ ଶକ୍ତି ନିର୍ଦ୍ଦେଶକଙ୍କୁ ପଠାଯାଇଛି। ଆଇପିଏସ୍ ମାନ ଅନୁଯାୟୀ ପାରା ମେଡିକ୍ ନିଯୁକ୍ତି, ଡାକ୍ତରଙ୍କ ଉପସ୍ଥାନ, ଜିଲାପାଳଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଦିନରେ ସ୍ୱାସ୍ଥ୍ୟସେବା ସମୀକ୍ଷା ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୦୪ କଲ୍‌ସେଣ୍ଟର ମାଧ୍ୟମରେ ୧୮,୪୪୮ଟି ଫୋନ୍ କଲ୍ ବିଭାଗ ତରଫରୁ କରାଯାଇଥିବାବେଳେ ୭୧୨୪ଟିରୁ ସଫଳତା ମିଳିଥିବା ବୈଠକରୁ ଜଣାପଡ଼ିଛି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ମେଡିକାଲ ନିଗମ ଏମ୍‌ଡି ଯାମିନୀ ଷଡ଼ଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାର, ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ବଢୁଥିବା ଚାହିଦା ଇସ୍ପାତ ଶିଳ୍ପକୁ ଦ୍ରୁତ ବିକାଶ ଆଡକୁ ନେବ

**ଟୋକିଓ ଜିଏଫ୍‌ଏସ୍‌ଇଏସ୍ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର**

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଭାରତରେ ବଢୁଥିବା ଇସ୍ପାତ ଚାହିଦା ଏହି ଶିଳ୍ପକୁ ଦ୍ରୁତ ବିକାଶ ଆଡକୁ ନେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପାଞ୍ଚଦିନିଆ ଜାପାନ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଅନ୍ତିମ ଦିବସରେ ଟୋକିଓରେ ଆୟୋଜିତ ଇସ୍ପାତ ଶିଳ୍ପର କ୍ଷମତା ବୃଦ୍ଧି ଉପରେ ଗ୍ଲୋବାଲ ଫୋରମ୍(ଜିଏଫ୍‌ଏସ୍‌ଇଏସ୍)ର ମନ୍ତ୍ରୀସ୍ତରୀୟ ବୈଠକରେ ଏହା କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତରେ ଇସ୍ପାତ ବ୍ୟବହାର ବଢାଇବା ତଥା ବିଶେଷକରି ଇସ୍ପାତ ଚାହିଦାକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୩୦ ସୁଦ୍ଧା ଇସ୍ପାତର ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାରଙ୍କ ଯୋଜନା ରହିଛି। ଏଥିପାଇଁ ଆଗାମୀ ୫ ବର୍ଷରେ ପ୍ରାୟ ୧.୪ ଟ୍ରିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରାଯାଇ ଏହାର ଭିତ୍ତିଭୂମି ବିକାଶ କରାଯିବାର ଲକ୍ଷ୍ୟ ରଖାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ମନ୍ତ୍ରୀସ୍ତରୀୟ ବୈଠକରେ ଧର୍ମେନ୍ଦ୍ର ଜାପାନର ଶିଳ୍ପ ଓ ପ୍ରାକୃତିକ ସମ୍ବଳ ମନ୍ତ୍ରୀ ବଣ୍ଡାର ଅଲ୍ ଖୋରାଈଫଙ୍କୁ ଭେଟି ଇସ୍ପାତ କ୍ଷେତ୍ରରେ ସୌଦି ଆରବର ସହଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିପରି ଜାପାନ ଅର୍ଥ ମନ୍ତ୍ରୀ ହିରୋସିମା କାଜିୟାମାଙ୍କୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଭେଟିଥିଲେ। ଉଭୟଙ୍କ ମଧ୍ୟରେ ତୈଳ, ଗ୍ୟାସ ଏବଂ ଇସ୍ପାତ କ୍ଷେତ୍ରରେ ସମୀକ୍ଷା କରିଥିଲେ। ଉଲ୍ଲେଖଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୨୨ରୁ ୨୬ ପର୍ଯ୍ୟନ୍ତ ପ୍ରତିନିଧି ଦଳ ସହ ରୁଷିଆ ଓ ଜାପାନ ଗସ୍ତ କରିଥିଲେ। ଉଭୟ ଦେଶ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ଚେଷ୍ଟା କରିଥିଲେ। ରୁଷିଆର ସାଖାଲିନ୍ -୧ ପ୍ରକଳ୍ପର ସମୀକ୍ଷା କରିବା ସହ ଜାପାନ ଗସ୍ତ କରି ସେଠାକାର ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ କମ୍ପାନୀର ମୁଖ୍ୟ ଓ ପ୍ରତିନିଧିମଣ୍ଡଳଙ୍କ ସହ ଇସ୍ପାତ କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ବଡ଼ଭାଇଙ୍କ ମୃତଦେହ ଦେଖି ସାନଭାଇଙ୍କ ମୃତ୍ୟୁ

ବାଲୁଗାଁ,୨୬।୧୦(ଡି.ଏନ.ଏ.)

ବଡ଼ଭାଇଙ୍କ ମୃତ୍ୟୁ ଖବର ପାଇ ଦୁଃଖରେ ମ୍ରିୟମାଣ ହୋଇଗଲେ ସାନଭାଇ। ଭାଇଙ୍କ ମୃତଦେହ ଦେଖି ଚେତା ହରାଇଲେ ସେ। ଡାକ୍ତରଖାନା ନେବା ବାଟରେ ମୃତ୍ୟୁ ଘଟିଲା ତାଙ୍କର। ଏପରି ଏକ ଦୁଃଖଦ ଘଟଣା ଘଟିଛି ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟସ୍ଥ ଧୂଆଁଳ ଗ୍ରାମରେ ।

ପ୍ରକାଶ ଯେ, ଧୂଆଁଳ ଗ୍ରାମର ଜଟିଆ ବିଶ୍ୱାଳ ଦୀର୍ଘଦିନ ହେଲା ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ତାଙ୍କର ଦେହାନ୍ତ ହୋଇଥିଲା। ଏପରିସ୍ଥଳେ ବଡ଼ ଭାଇଙ୍କ ମୃତ୍ୟୁ ଖବର ଶୁଣି ସାନ ଭାଇ ଗଗନ ବିଶ୍ୱାଳ କିଛି ସମୟ ପରେ ଘରେ ପହଞ୍ଚି ଭାଇଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ିଥିଲେ। ହଠାତ୍ ବଡ଼ଭାଇଙ୍କ ମୃତଦେହ ନିକଟରେ ଅଚେତ ହୋଇପଡ଼ିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦ୍‌ଘାତ ଯୋଗୁ ଗଗନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ଏହି ଘଟଣା ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ଶ୍ମଶାନରେ ଦୁଇଭାଇଙ୍କ ଶବ ସତ୍କାର କରାଯାଇଛି ।



କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର
ଜଳନିଧି-୨ ଯୋଜନା ଅନ୍ତର୍ଗତ
କ୍ଷୁଦ୍ର ଉଠା ଜଳସେଚ କାର୍ଯ୍ୟକ୍ରମ ୨୦୧୯-୨୦
(Cluster Micro River Lift Projects)
On-line ରେ ଚାଷୀମାନଙ୍କଠାରୁ ଆବେଦନ ପତ୍ର ଦାଖଲ ପାଇଁ ସୂଚନା

(On-line) ରେ ଦରଖାସ୍ତ ଦାଖଲ (ଚାଷୀ) → ପ୍ରକଳ୍ପ ସମ୍ଭାବନା ଅନୁସନ୍ଧାନ (OAIC) → ସମ୍ଭାବନା ସୂଚନା ଅନ୍ତେ, ଦେୟ ରାଶି ଦାଖଲ (ଚାଷୀ) → ଓଡ଼ିଶା କୃଷି ଶିଳ୍ପ ନିଗମ ଜିଲ୍ଲା କାର୍ଯ୍ୟାଳୟରେ ପ୍ରକଳ୍ପ ପ୍ରସ୍ତୁତ କାର୍ଯ୍ୟ → ପ୍ରକଳ୍ପ ନିର୍ମାଣ → ବିଦ୍ୟୁତ୍ ସଂଯୋଗ ସହ ପୂର୍ଣ୍ଣାଙ୍ଗ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ → ଅଧିକାରୀଙ୍କ ଦ୍ୱାରା ପ୍ରକଳ୍ପ ହସ୍ତାନ୍ତର → ଚାଷୀଙ୍କ ଦ୍ୱାରା କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପର ପରିଚାଳନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ

ଓଡ଼ିଶା ସରକାର, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଥିବା ବିଭିନ୍ନ ଜଳ ଉତ୍ସ ଯଥା-ନଦୀ, ନାଳ, ଆଡିବନ୍ଧ **(Check Dam)**ର ଉପର ମୁଣ୍ଡ ଇତ୍ୟାଦିରେ ଏକ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ **(Micro River Lift)** କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନାରେ ଚାଷୀମାନଙ୍କୁ ଏକକ ମାଲିକାନା ଭିତ୍ତିରେ ଗୋଟିଏ ଗୋଟିଏ ପମ୍ପ, ପମ୍ପ ପିଣ୍ଡି, ପ୍ୟାନେଲ୍, ପାଇପ୍ ଓ ବିଦ୍ୟୁତ୍ ସଂଯୋଗ ସ୍ୱତନ୍ତ୍ର ସବ୍‌ଷ୍ଟେସନ ମାଧ୍ୟମରେ ଦିଆଯାଇ ସମ୍ପୂର୍ଣ୍ଣ ପ୍ରକଳ୍ପ ଗଠିତ ହେବ ।

ଆବେଦନକାରୀ ଚାଷୀ ଶତକଡା ୧୦ ପ୍ରତିଶତ ଖର୍ଚ୍ଚ ବହନ କରିବେ ଯାହାର ସର୍ବୋଚ୍ଚ ରାଶି ୨୦,୦୦୦/- ଟଙ୍କା ମାତ୍ର (**BPL/NFS**, ଆଦିବାସୀ ଓ ହରିଜନ ଆବେଦନକାରୀ କ୍ଷେତ୍ରରେ ଏହି ରାଶି ସର୍ବୋଚ୍ଚ ୧୦,୦୦୦/- ଟଙ୍କା ମାତ୍ର) ଅଟେ । ହସ୍ତାନ୍ତର ପରେ ପ୍ରକଳ୍ପଟିର ସମସ୍ତ ଦାୟିତ୍ୱ ସମ୍ପୃକ୍ତ ଚାଷୀ ବହନ କରିବେ ।

କ୍ଷୁଦ୍ର ଉଠାସେଚ ପ୍ରକଳ୍ପଗୁଡ଼ିକ ଗ୍ରୁପ୍ ବା **Cluster** ଭିତ୍ତିରେ ଚୟନ କରାଯିବ । ଏଣୁ, ଗୋଟିଏ ଗୋଟିଏ ଗ୍ରୁପରେ ତିନୋଟି ବା ତତୋଧିକ ସେଚ ପ୍ରକଳ୍ପ ପାଇଁ ଆବେଦନ କରାଯିବା ବାଞ୍ଛନୀୟ ।

ସେଚ ପ୍ରକଳ୍ପପାଇଁ ଉଦ୍ଦିଷ୍ଟ ଜମିର ଦୂରତା ଜଳଉତ୍ସଠାରୁ ଅତି ବେଶୀରେ ୫୦୦ ମିଟର ହେବା ଉଚିତ । ଆବେଦନକାରୀ ଚାଷୀଙ୍କର ଅତି କମରେ ଅଧା ଏକର ଅଣଜଳସେଚିତ ଜମି ସମ୍ପୃକ୍ତ ଉଠା ସେଚ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ଜରୁରୀ ।

ପ୍ରସ୍ତାବିତ ପ୍ରକଳ୍ପଗୁଡିକ **Cluster** ନିକଟସ୍ଥ ୧୧ କେ.ଭି. ଲାଇନ୍‌ଠାରୁ ଅତି ବେଶୀରେ ୪୦୦ ମିଟର ଦୂରତା ମଧ୍ୟରେ ରହିଥିବା ଆବଶ୍ୟକ ।

ପ୍ରତି ଉଠା ସେଚ ପ୍ରକଳ୍ପର ଜଳ ସେଚନ କ୍ଷମତା ଦୁଇ ହେକ୍ଟର ବା ତଦୁର୍ଦ୍ଧ୍ୱ ହେବା ଆବଶ୍ୟକ । ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ନିମିତ ଆବଶ୍ୟକୀୟ ରାଜିନାମା ସମ୍ପୃକ୍ତ ଚାଷୀ ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ସହିତ କରିବେ ।

ପ୍ରତ୍ୟେକ ପ୍ରକଳ୍ପକୁ **MAIN** ପାଇପ୍ ସହ **Sprinkler** କିମ୍ବା **Pump House** ଯୋଗାଇ ଦିଆଯିବ ।

ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ଚାଷୀମାନଙ୍କୁ ଅନୁରୋଧ କରାଯାଉଛି କି, ଚାଷୀମାନେ ନିଜର **Farmer ID** ରେ ଆବଶ୍ୟକୀୟ ଫର୍ମ **On-line (www.odishaagro.nic.in)** ରେ ୦୧.୧୧.୨୦୧୯ରୁ ଆବେଦନ କରନ୍ତୁ କିମ୍ବା ନିକଟସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ ଜିଲ୍ଲା କାର୍ଯ୍ୟାଳୟ ସହ ସାକ୍ଷାତ୍ କରନ୍ତୁ ।

ଓଡ଼ିଶା କୃଷି ଶିଳ୍ପ ନିଗମ
ଓଡ଼ିଶା କୃଷି ଶିଳ୍ପ ନିଗମ
୯୫, ସତ୍ୟନଗର, ଭୁବନେଶ୍ୱର
Contact: ୦୬୭୪-୨୫୭୧୫୪୦, ୧୮୦୦୩୪୫୭୧୨୭
www.orissaagro.com

ଦୈହିକ ଅମରତ୍ୱ ଲାଭ କରିବାର ଏକ ଉପାୟ ଅଛି। ଯଦିବା ମୃତ୍ୟୁ ହୁଏ– ତେବେ ତାହା ହେବ ମୋର ଇଚ୍ଛାମୃତ୍ୟୁ। ପ୍ରକୃତିର ବାଧ୍ୟତାରେ ନୁହେଁ। କିନ୍ତୁ ଭାବଦେଖ୍ ! କିଏ ଭଲା। ଗୋଟିଏ କୁର୍ଡ଼ା ଶହେବର୍ଷ ଧରି ପିନ୍ଧିଚାଲିଥିବ ? କିମ୍ବା କିଏ ଭଲା ଶହେ ବର୍ଷ ଯାଏ ଗୋଟିଏ ମାତ୍ର ସଂକୀର୍ଣ୍ଣ ପରିବର୍ତ୍ତନହୀନ କୋଠରି ମଧ୍ୟରେ ସୁଦୀର୍ଘ ଶାଶ୍ୱତ କାଳ ଧରି ବସବାସ କରିପାରିବ ? –ଶ୍ରୀଅରବିନ୍ଦ



# ମିଛ ଦେଶପ୍ରେମ



ଆକାର ପଟେଲ

ଇଂଲିଶ ଡିକ୍ସନାରି ଲେଖିଥିବା ସାମୁଏଲ ଜନ୍‌ସନ କହିଥିଲେ: ''ଦେଶପ୍ରେମ ହେଉଛି ଖଳବ୍ୟକ୍ତିମାନଙ୍କର ଶେଷ ଆଶ୍ରୟସ୍ଥଳୀ।'' ତାଙ୍କ କହିବାର ଅର୍ଥ ହେଲା, ଆଜିଯାଏ ନିଜକୁ ଦେଶଭକ୍ତ ବୋଲି ଚିତ୍କାର କରୁଥିବା ଲୋକ ଯେକୌଣସି ଅପରାଧ ବା ଅଶିଷ୍ଟାଚରଣ କଲେ ମଧ୍ୟ ତାକୁ ସହ୍ୟ କରାଯାଇ ଆସିଛି। ଅନ୍ୟ ପକ୍ଷରେ ଜଣେ ବ୍ୟକ୍ତି ଯଦି ଦେଶ ବା ସରକାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ କରିଛି, ତେବେ ସେ ଲୋକଟି ଯେତେ ମହତ୍ ହୋଇଥାନ୍ତୁ ନା କାହିଁକି, ତାଙ୍କୁ ଦେଶଦ୍ରୋହୀ ଭାବେ ଅଭିହିତ କରାଯାଇଛି। ଏ କଥାଟି ଆମ ଦେଶ ଓ ଆମ ସମୟ ପାଇଁ ମଧ୍ୟ ପ୍ରଯୁଜ୍ୟ। ମୁଁ ସେ ପ୍ରସଙ୍ଗକୁ ପଛେ ଆସିବି, କିନ୍ତୁ ପ୍ରଥମେ ଆମେ ଦେଖିବା ଆମେରିକାରେ କ'ଣ ଚାଲିଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ (ଆମେରିକାର ଲୋକ ସଭା) ଦ୍ୱାରା ମହାଭିଯୋଗର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତା'ପରେ ଆମେରିକାର ସିନେଟ ନିଷ୍ପତ୍ତି ନେବ ତାଙ୍କୁ ଛାଡ଼ିଦିଆଯିବ ବା ଦୋଷୀ ସାବ୍ୟସ୍ତ କରାଯିବ। ରାଷ୍ଟ୍ରପତିମାନେ କ୍ଷମତାରେ ଥିବାବେଳେ ସେ ଯେତେ ଅପରାଧ କଲେ ବି ତାଙ୍କର କିଛି ହୁଏ ନାହିଁ, କିନ୍ତୁ ମହାଭିଯୋଗ ମାଧ୍ୟମରେ ତାଙ୍କୁ ଗାଦିଚ୍ୟୁତ କରାଯାଇପାରେ। ଦୁଇ ଦଶନ୍ଧି ତଳେ ବିଲ୍ କ୍ଲିଣ୍ଟନ ମହାଭିଯୋଗର ସମ୍ମୁଖୀନ ହୋଇଥିଲେ। କିନ୍ତୁ ସିନେଟ ତାଙ୍କୁ ଦୋଷୀ ସାବ୍ୟସ୍ତ ନ କରି ଛାଡ଼ିଦେଇଥିଲା। ନିର୍ବାଚିତ ହେବା ପରଠାରୁ ହିଁ ଟ୍ରମ୍ପଙ୍କ ବିରୋଧରେ ଭ୍ଲାଡିମିର ପୁଟିନଙ୍କ ସହ ଗୁପ୍ତ ବୁଝାମଣା କରିଥିବା ନେଇ ଅଭିଯୋଗ ରହିଆସିଛି। ଏବେ ରୁଷିଆ ମନ୍ଦ ଉଦ୍ଦେଶ୍ୟ ନେଇ ଆମେରିକାର ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା, ପ୍ରଭାବିତ କରିବା ଓ ବାଧାସୃଷ୍ଟି କରୁଥିବା ନେଇ ଆଉ କାହାରି ଦ୍ୱିମତ ନାହିଁ। ସାମାଜିକ ଗଣମାଧ୍ୟମ ଓ ମିଛ ଖବରର ସାହାରା ନେଇ ୨୦୧୬ ନିର୍ବାଚନରେ ଏହା ହିଲାରୀ କ୍ଲିଣ୍ଟନଙ୍କୁ ହରାଇବା ଓ ଟ୍ରମ୍ପଙ୍କୁ ଜିତାଇବାରେ ସାହାଯ୍ୟ କରିଥିଲା। ଟ୍ରମ୍ପଙ୍କ ଅଧୀନରେ ଥିବା ଉଭୟ ସିଆଇଏ ଓ ଏଫ୍‌ବିଆଇ ଏକଥା କହିଛନ୍ତି। ବିଭିନ୍ନ କଥା ଜଣାପଡ଼ିବା ପରେ ସ୍ଥିର କରାଗଲା ଯେ ଏଫ୍‌ବିଆଇ ନିର୍ଦ୍ଦେଶକ ରବର୍ଟ ମୁଲରଙ୍କ ନେତୃତ୍ୱରେ ରୁଷିଆର ହସ୍ତକ୍ଷେପ ଉପରେ ଏକ ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ କରାଯିବ। ମୁଲରଙ୍କ ରିପୋର୍ଟ ମିଳିବା ପରେ ଟ୍ରମ୍ପଙ୍କ ଅନେକ ସହଯୋଗୀ ଭୁଲ୍‌କାମ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଟ୍ରମ୍ପଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକେଲ ଫ୍ଲିନ୍ ଏଫ୍‌ବିଆଇକୁ ମିଛ କହି ଜେଲ ଯାଇଥିଲେ। ଟ୍ରମ୍ପଙ୍କ ଉପ ପ୍ରଚାର ପରିଚାଳକ ରିକ୍ ଗେଟ୍‌ସ ଏଫ୍‌ବିଆଇକୁ ମିଛ ବିବୃତି ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଟ୍ରମ୍ପଙ୍କ ବିଦେଶ ନୀତି ପରାମର୍ଶଦାତା ଜର୍ଜ ପାପାଡୋପୋଲସ ଏଫ୍‌ବିଆଇକୁ ମିଛ ବିବୃତି ଦେବା ଓ ନିର୍ବାଚନ ପ୍ରଚାର ସମୟରେ ରୁଷିଆ ସହ ଯୋଗାଯୋଗରେ ରହିବା ଅଭିଯୋଗରେ ଜେଲ ଯାଇଥିଲେ। ଟ୍ରମ୍ପଙ୍କ ଓକିଲ ଓ ମଧ୍ୟସ୍ଥ ମାଇକେଲ କୋହେନ ୨୦୧୬ ନିର୍ବାଚନ ବିଷୟରେ କଂଗ୍ରେସକୁ ମିଛ କହିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଟ୍ରମ୍ପଙ୍କ ପ୍ରଚାର ଅଧ୍ୟକ୍ଷ ପଲ୍ ମାନାଫୋର୍ଟ ନ୍ୟାୟକୁ ପ୍ରତିବନ୍ଧିତ କରିବା ଅଭିଯୋଗରେ ଜେଲରେ ଅଛନ୍ତି। ଟ୍ରମ୍ପଙ୍କ ପୁଅ ଓ ଜ୍ୱାଇଁ ରୁଷୀୟ ଏଜେଣ୍ଟଙ୍କ ସହ ବୈଠକ କରିଥିଲେ। ଏହି ବୈଠକରେ ଯୋଗ ଦେଇଥିବା କେତେକ ରୁଷୀୟ ଗୁପ୍ତଚର ବୃତ୍ତି କରୁଥିବା ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଟ୍ରମ୍ପ ନିଜେ କେତେକ ମହିଳାଙ୍କ ସହ ରାତି ବିତାଇବା ପାଇଁ ପ୍ରଚାର ଟଙ୍କାରୁ ସେମାନଙ୍କୁ ଦେଇଥିବାର ଅଭିଯୋଗ ରହିଛି। ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି ଯେ, ଟ୍ରମ୍ପ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ୟୁକ୍ରେନ୍‌କୁ କଂଗ୍ରେସ ଦ୍ୱାରା ମଞ୍ଜୁର ହୋଇଥିବା ସତ୍ତ୍ୱେ ସାମରିକ ସାହାଯ୍ୟ ପ୍ୟାକେଜ୍ ନ ଦେଇ ବ୍ଲାକ୍‌ମେଲ କରୁଥିଲେ। ସବୁ ଦୃଷ୍ଟିରୁ ଦେଖିଲେ ସେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିଲେ ଏବଂ ଦେଶର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିଥିଲେ। କିନ୍ତୁ ଏସବୁ ନାଟକ ସତ୍ତ୍ୱେ ଟ୍ରମ୍ପ ନିଜକୁ ଦେଶପ୍ରେମୀ ଓ ଜାତୀୟତାବାଦୀ ବୋଲି ଛଳନା କରିଆସୁଛନ୍ତି। ନିଜେ ଦେଶ ସ୍ୱାର୍ଥବିରୋଧୀ କାର୍ଯ୍ୟ କରି ବି ଆମେରିକାକୁ ଆଉଥରେ ମହାନ୍ କରିତୋଳିବା ପାଇଁ ସେ ସ୍ଲୋଗାନ ଦେଉଛନ୍ତି। ତାଙ୍କ ପ୍ରଶାସନରେ ଥିବା ହ୍ୱିଶିଲ୍‌ବ୍ଲୋୟରମାନେ ୟୁକ୍ରେନ୍ ପ୍ରସଙ୍ଗରେ କଂଗ୍ରେସକୁ ଚେତେଇଦେବା ପରେ ସେ ସେମାନଙ୍କ ବିରୋଧରେ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ଥିବାର ଅଭିଯୋଗ କରିଛନ୍ତି। ପ୍ରକୃତରେ କିଏ ବେଆଇନ କାର୍ଯ୍ୟ କରୁଛି ତାହା ଏବେ ସ୍ପଷ୍ଟ ହୋଇଯାଇଛି। କିନ୍ତୁ ଟ୍ରମ୍ପଙ୍କୁ ସମର୍ଥନ କରିବା ଭଳି ଲୋକ ବି ଅଛନ୍ତି। ସେମାନେ ଆପ୍ରବାସୀ ଓ ମୁସଲମାନଙ୍କ ବିରୋଧରେ ଘୃଣାଭାବର ପ୍ରସାର କରି ନିଜର ମିଛ ଦେଶଭକ୍ତିର ମୂଳଦୁଆକୁ ମଜଭୁତ କରିବାକୁ ଚେଷ୍ଟା କରୁଛନ୍ତି। ଆମେରିକୀୟ ସମାଜର କିଛି ଅଂଶରେ ବିଶେଷତଃ ଗୋରା ଲୋକଙ୍କ ଭିତରେ ଟ୍ରମ୍ପ ଏବେ ମଧ୍ୟ ଲୋକପ୍ରିୟ ହୋଇ ରହିଛନ୍ତି। ସେମାନେ ଟ୍ରମ୍ପଙ୍କୁ ସୁରକ୍ଷା ଦେଉଛନ୍ତି।

ଭାରତରେ ମଧ୍ୟ ଏପରି ମିଛ ଦେଶପ୍ରେମର ଜୟଯାତ୍ରା ଚାଲିଛି। ସତକଥା ଗୁରୁତ୍ୱହୀନ ଓ ନିରର୍ଥକ ହୋଇପଡ଼ିଛି। ବିରୋଧୀମାନଙ୍କୁ ଦେଶଦ୍ରୋହୀ ଭାବେ ଅଭିହିତ କରାଯାଉଛି। ଗଣମାଧ୍ୟମର ମଧ୍ୟ ଏଥିରେ ଭୂମିକା ରହିଛି। ଟ୍ରମ୍ପ ଯେତେ ଭୁଲ କାମ କଲେ ବି ନିର୍ଦ୍ଦିଷ୍ଟ କେତେକ ନ୍ୟୁଜ୍ ଚାନେଲ ପକ୍ଷରୁ ତାଙ୍କ ପ୍ରତି ସମର୍ଥନ ରହିଛି। ଯେଉଁ ଖବରକାଗଜ ସତକଥା ଲେଖୁଛନ୍ତି ସେ ତାଙ୍କ ବିରୋଧରେ ଏକପ୍ରକାର ଯୁଦ୍ଧ ଘୋଷଣା କରୁଛନ୍ତି। ଚଳିତ ସପ୍ତାହରେ ଟ୍ରମ୍ପ ସମସ୍ତ ସଂଘୀୟ କାର୍ଯ୍ୟାଳୟରେ ନ୍ୟୁୟର୍କ ଟାଇମ୍ସ ଓ ୱାଶିଂଟନ ପୋଷ୍ଟକୁ ନିଷିଦ୍ଧ କରିଛନ୍ତି। ପ୍ରକୃତ ଦେଶପ୍ରେମ ବଦଳରେ ଏହି ମିଛ ଦେଶପ୍ରେମ ଅଧିକ ଗ୍ରହଣୀୟ ହୋଇଛି, ଯାହାକୁ ବ୍ୟବସ୍ଥା ଭିତରୁ କାଢ଼ି ବାହାର କରିଦେବା ଅତ୍ୟନ୍ତ କଷ୍ଟକର।

Email: aakar.patel@gmail.com

# ଏବେ ଭଲରେ ଅଛୁ



ପ୍ରକାଶ ତ୍ରିପାଠୀ

ଗତ ଦଶହରା ଛୁଟି ସମୟରେ କିଛିଦିନ କାଟିଥିଲି ମୋ ଗାଁରେ। ମହାଷ୍ଟମୀରେ ଗାଁ ଠାକୁରାଣୀଙ୍କ ପୀଠରେ ଜନ୍ତାଳ ଓ ଦଶହରାରୁ କୁମାରପୂର୍ଣ୍ଣମୀ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜାକୁ ମନଭରି ଉପଭୋଗ କରିଥିଲି। ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବରେ ଆଲୋକ ସଜ୍ଜା, ଡିଜେ, ବାଣଫୁଟା ସାଙ୍ଗକୁ ଗାଁର ନବଯୁବକମାନଙ୍କର ବିରାମଶୂନ୍ୟ ନୃତ୍ୟ ଗାଁ ପରିବେଶକୁ ମତୁଆଲା କରିଥିଲା ତ ନିଶ୍ଚିତ, ହେଲେ ମୁଁ ତଉଲୁଥିଲି ମୋ କିଶୋର/ଯୁବାବସ୍ଥାରେ ମୋ ଗାଁ ଜୀବନ ସହ ବର୍ତ୍ତମାନର ସ୍ଥିତିକୁ। ଭସାଣି ପରଦିନ କିଛି ନବଯୁବକଙ୍କ ସହ ଗାଁ କୋଠଘରେ କଟିଥିଲା କିଛି ମୁହୂର୍ତ୍ତ। ମୋର ଅତୀତର ସ୍ମୃତିମନ୍ଥନକୁ ବିଶ୍ୱାସକୁ ନେଉ ନ ଥିଲେ ମୋ ଗାଁର କିଶୋର ଓ ଯୁବକମାନେ। ବିଶ୍ୱାସ କରିପାରୁ ନ ଥିଲେ ସେମାନଙ୍କ ନିଜ ଗାଁ ଦିନେ ଏପରି ଥିଲା ବୋଲି। ସେମାନେ ବିଶ୍ୱାସ କରିପାରୁ ନ ଥିଲେ ଯେ ଗତ ସତୁରିଦଶକରେ ମୋ ଗାଁଠାରୁ ମୁଖ୍ୟରାସ୍ତା (ଭୁବନେଶ୍ୱରକୁ ଯାଇଥିବା ମୁଖ୍ୟ ସଡ଼କ) ମାତ୍ର ଦୁଇ ବା ଅଢ଼େଇ କିମି ହେଲେ ମଧ୍ୟ ପକ୍କା ରାସ୍ତା ତ ଦୂରର କଥା, ମାଟି ରାସ୍ତାଟିଏ ବି ନ ଥିଲା। ଗୋଟିଏ ପଟେ ଧାନ ବିଲ ହିଡ ଉପରେ ଚାଲିଚାଲି ଗଲେ ମୁଖ୍ୟ ରାସ୍ତା ଦୁଇକିମି ପଡୁଥିଲା ବେଳେ ଅନ୍ୟପଟରେ ନାଳ ପାର ହୋଇ ଜଙ୍ଗଲ ଭିତରେ ଗଲେ ଅଢ଼େଇ କି.ମି. ପଡିଥାଏ। ପ୍ରାଥମିକ ସ୍କୁଲ ଥିଲା ମାଟିକାନ୍ଥର ଚାଳଘର। ବିନା ଚପଲରେ ସ୍କୁଲ ଯାଉଥିଲୁ। କାଖରେ କନା ବ୍ୟାଗ୍ ଓ ତାଳପତ୍ର ଚଟି ଏବଂ ହାତରେ କାଳିଦୁଆତ। କେତେବେଳେ ଝର କଲମରୁ କାଳି ବୋହି ଆଙ୍ଗୁଠି କାଳି ହୋଇଯାଏ ତ କେତେବେଳେ ଶାର୍ଟର ପକେଟ ଓ ବହିବସ୍ତାନି। ସ୍କୁଲରେ ଦୁଷ୍ଟାମି କଲେ, ପାଠ ନ କହିପାରିଲେ ଅବା ହୋମ୍‌ୱାର୍କ ନ କରି ଯାଇଥିଲେ ମାଡ଼ ଖାଇ ନୋଳା ଫାଟିଯାଉଥିଲା। ବିଧା, ଗୋଇଠା, ଚାପୁଡା, ବେତ ବା ଯେକୌଣସି ଗଛର ଛାଟିଆରେ ମାଡ଼ ସାଙ୍ଗକୁ କାନମୋଡ଼ା, ଆଣ୍ଠୁମାଡ଼ି ବସିବା, ଏକ ଗୋଡ଼ରେ ଛିଡ଼ା ହେବା, ଚୁଟି ଭିଡ଼ାଯିବା ଭଳି ଅନେକ ମାନସିକ ଓ ଶାରୀରିକ ଯନ୍ତ୍ରଣା ମିଳୁଥିଲା। ଅନେକ ପିଲା ତ ମାଡ଼ ଭୟରେ ସ୍କୁଲକୁ ଯିବାବେଳେ କାନ୍ଦୁଥିଲେ ଓ ଆଉ କିଛି ଅଧାରୁ ପାଠପଢ଼ା ଛାଡ଼ି ଦେଉଥିଲେ।

ଗାଁରେ ସେତେବେଳେ ପ୍ରାୟ ସମସ୍ତ ଘର ଚାଳଛପର ଥିଲା। ଶୋଇବା ଘର ଓ ଗୁହାଳ ଭିତରେ କୌଣସି ଫରକ ନ ଥିଲା। ବେଳେ ବେଳେ ଗାଁ ଚାଳଘରେ ନିଆଁ ଲାଗିଯାଇ ଗୋଟେ ଗୋଟେ ଗାଁ ଓ ସାହି ଛାରଖାର ହୋଇଯାଉଥିଲା। ସେଥିପାଇଁ କୁହାଯାଉଥିଲା 'ଘର ପୋଡ଼ିଠାରୁ ବିପତ୍ତି ନାହିଁ, ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ।' ଘର ପୋଡ଼ିରୁ ବର୍ତ୍ତିବା ପାଇଁ ସେତେବେଳେ ଲୋକେ ଟାଇଲ ଛପର ଘରର ସ୍ୱପ୍ନ ଦେଖନ୍ତି। କାରଣ ଛାତଘର ପାଇଁ ଆବଶ୍ୟକ ଅର୍ଥ ଓ କଞ୍ଚାମାଲ ଯୋଗାଡ଼ କରିବା ସେମାନଙ୍କ ପାଇଁ ସହଜ ନ ଥିଲା। ସେଥିପାଇଁ କୁହାଯାଉଥିଲା 'ଟାଇଲ ଛପର ଘର, ନିଆଁକୁ ନ ଥାଏ ଡର।'

ଗାଁରେ ସେତେବେଳେ ଖୁବ୍ କମ୍ ଲୋକଙ୍କ ଚଳିବା ଭଲ ଥିଲା। ଅନେକ ପରିବାର ଦୁଇଓଳି ପେଟପୂରା ଖାଇବାକୁ ପାଉ ନ ଥିଲେ। ପିନ୍ଧିବାକୁ ପୋଷାକପତ୍ର ବି ଯଥେଷ୍ଟ ନ ଥିଲା। ଗୋଟେ ଚିରିଗଲେ ଆଉ ଗୋଟେ କିଣାଯାଉଥିଲା। ଚିକିତ୍ସା ସୁବିଧା ନ ଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଅନେକ ଲୋକ ଅଳ୍ପ ବୟସରୁ ମୃତ୍ୟୁବରଣ କରୁଥିଲେ। ଅଚିହ୍ନା ରୋଗରେ ଅମୁକ ଲୋକ ମରିଗଲା ବୋଲି ଶୁଣୁଥିଲୁ। ଅଳ୍ପ କିଛି ଲୋକଙ୍କ ଘରେ ସାଇକେଲ ଥିଲା। ଗାଁରେ ଗୋଟିଏ ନଳକୂପ ଓ ଗୋଟିଏ ମାଟି ନନ୍ଦକୂଅ ପିଇବା ପାଣି ଯୋଗାଇବାର ସାଧନ ଥିଲା। ସ୍ନାନ ଓ ଶୌଚାଦି କାର୍ଯ୍ୟ ଧାନଗହୀରରେ ଥିବା ପୋଖରୀରେ ସମ୍ପନ୍ନ ହେଉଥିଲା।

ଗାଁକୁ କଦବା କେମିତି ଚାରିଚକିଆ ଗାଡ଼ିଟିଏ ଆସିଲେ ଗାଁ ପିଲାଏ ଅତି ଖୁସିରେ ତା' ପଛରେ ଧୂଳି ଧୂସରିତ ହୋଇ ଦୌଡୁଥିଲେ। ଗାଁରେ ବିଜୁଳି ଆଲୁଅ ନ ଥିଲା। ସମସ୍ତଙ୍କ ଘରେ ଡିବିରି ଓ ଲଣ୍ଠନ। ପାରିବାରିକ ଉତ୍ସବ ଯଥା ବାହାଘର, ବ୍ରତଘର, ଶୁଦ୍ଧି କ୍ରିୟା ଆଦି ତଥା ବିଭିନ୍ନ ପର୍ବପର୍ବାଣିରେ ଗାଁରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କିରୋସିନିର ପେଟ୍ରୋମାକ୍ସ ଲାଇଟ୍‌ରେ ସମ୍ପନ୍ନ ହେଉଥିଲା। ଘରେ ମନୋରଞ୍ଜନର ମୁଖ୍ୟ ଓ ଏକମାତ୍ର ଖୋରାକ୍ ଯୋଗାଉଥିଲା ରେଡିଓ, ତାହା ଅଧିକାଂଶଙ୍କ ଘରେ ନ ଥିଲା। ଗାଁଟା ଯାକର ଲୋକ ଗୋଟିଏ ଜାଗାରେ ଠୁଳ ହୋଇ ରେଡିଓ ଶୁଣୁଥିଲେ। ସମ୍ପର୍କୀୟ ଓ ବନ୍ଧୁ ପରିଜନଙ୍କଠାରୁ ଭଲମନ୍ଦ ଖବର ପାଉଥିଲୁ ଡାକ ଚିଠିରୁ। ବନ୍ଧୁଟିଏ ଘରୁ ବିଦାୟ ନେଲାବେଳେ କହୁଥିଲୁ ଘରେ ପହଞ୍ଚି ଚିଠିରେ ଜଣାଇବ। ସେହି ଚିଠି ପାଉ ପାଉ ଲାଗିଯାଏ ଛଅ-ସାତ ଦିନ। ଘର ପାଇଁ ଆସବାବପତ୍ର କିଣିବା ଲାଗି ଯିବାକୁ ପଡୁଥିଲା ବଡ଼ ସହର ଭୁବନେଶ୍ୱରକୁ କିମ୍ବା ଅପେକ୍ଷା କରିବାକୁ ପଡୁଥିଲା ବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ମେଳଣ ବା ଯାତ୍ରା ମହୋତ୍ସବକୁ। ଝିଅମାନଙ୍କୁ ଉଚ୍ଚତର ଶିକ୍ଷା ପାଇଁ ସୁଯୋଗ ଦିଆଯାଉ ନ ଥିଲା। ଚାଷ-ବାସ ହଳ ଲଙ୍ଗଳ ଓ ବଳଦ ଯୋଗେ ହେଉଥିଲା ଏବଂ ତଳି ପକାଇବାଠାରୁ ଅମଳ ପର୍ଯ୍ୟନ୍ତ ସବୁ କାମ ହାତରେ କରିବାକୁ ପଡୁଥିଲା। ବଳଦଟଣା ଶଗଡ଼ ହିଁ ଥିଲା ପରିବହନର ମୁଖ୍ୟ ସାଧନ। ଦୂର ସହର (କଟକ ଅବା ଭୁବନେଶ୍ୱର) ଯିବା ପାଇଁ ଦିନକୁ ଗୋଟିଏ ବସ୍ ମିଳୁଥିଲା। ତିରିଶ-ଚାଳିଶ କିମି ଦୂରରେ ଥିଲା କଲେଜ। କୋଡିଏ ତିରିଶ କିଲୋମିଟର ଦୂର ସ୍ଥାନକୁ ଲୋକେ ଚାଲି ଚାଲି ଯାଉଥିଲେ। କାଠ, ବାଉଁଶ ନିର୍ମିତ ଖେଳନା, ପୁରୁଣା ଟାୟାର, ନଡ଼ିଆ ଷଢ଼େଇ ଆଦି ଥିଲା ଛୋଟପିଲାଙ୍କ ଖେଳର ସାଧନ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମନୋରଞ୍ଜନ, ଖେଳକୁଦ ସବୁଥିରେ ଗାଁ ଥିଲା ପଛୁଆ ଓ ଅନୁନ୍ନତ। ମୋ ପିଲା ବେଳର ସମୟ ଅର୍ଥାତ୍ ସତୁରି ଦଶକ ଓ ଅଶୀ ଦଶକର ପ୍ରଥମାର୍ଦ୍ଧର ବୃତ୍ତାନ୍ତ ଶୁଣି ମୋ ଗାଁର ନବଯୁବକମାନେ କେବଳ ଆଶ୍ଚର୍ଯ୍ୟ ହେଲେ ନାହିଁ, ବିଶ୍ୱାସ ମଧ୍ୟ କରିପାରିଲେ ନାହିଁ ଯେ, ସେମାନଙ୍କ ଆଦରର ଗାଁ ଏପରି ଦୁରବସ୍ଥାରେ ଥିଲା। ସେମାନେ ମୁକ୍ତକଣ୍ଠରେ ସ୍ୱୀକାର କରିଥିଲେ ଯେ, ସେମାନେ ଆମ ଅପେକ୍ଷା ଏକ ଉନ୍ନତ ଓ ସମୃଦ୍ଧ ଗାଁରେ ବାସ କରୁଛନ୍ତି। ସେମାନଙ୍କ ମତରେ ଗାଁକୁ ଏବେ ବିଭିନ୍ନ ଆଡୁ ଉନ୍ନତ ପକ୍କା ସଡ଼କ ନିର୍ମାଣ ହୋଇଛି। ପ୍ରାଥମିକ ବିଦ୍ୟାଳୟ ଏକ ପକ୍କା ଘର ଓ ପିଲାମାନେ ସ୍କୁଲ ବ୍ୟାଗ୍, ସ୍କୁଲ ଡ୍ରେସ, ପାଦରେ ଜୋତା ଓ ହାତରେ ପାଣିବୋତଲ ଧରି ସ୍କୁଲ ଯାଉଛନ୍ତି। ତାଙ୍କ ପକେଟରେ ଏବେ ଅନ୍ତର୍ଜାତୀୟ ବ୍ରାଣ୍ଡର ଉନ୍ନତ ଡଟ୍‌ପେନ୍। ସ୍କୁଲ ଏବେ ଦଣ୍ଡମୁକ୍ତ ଅଞ୍ଚଳ। ଘରେ ଘରେ ଏବେ ଏକାଧିକ ବାଇକ୍ ସାଙ୍ଗକୁ କିଛି କିଛି ଘରେ ଚାରିଚକିଆ ଯାନ ବି ଦେଖିବାକୁ ମିଳିଲାଣି। ଗାଁରେ ଏବେ ଭଡାଟ୍ୟାକ୍ସି ବି ଉପଲବ୍ଧ ହେଲାଣି। ଘର ଆସବାବପତ୍ର ସହ ସମସ୍ତ ସୌଖୀନ ଜିନିଷ ନିକଟସ୍ଥ ଦୋକାନ ବଜାରରେ ମିଳୁଛି। ଘରେ ବସି ଗାଁର ଯୁବଗୋଷ୍ଠୀ ଫ୍ଲିପ୍‌କାର୍ଟ, ଆମାଜନ ଭଳି ନେଟ୍ ମାର୍କେଟିଂ ସଂସ୍ଥାରୁ ମନପସନ୍ଦର ଜିନିଷ ପାଉଛନ୍ତି। ଚାଷବାସରେ ଏବେ ଟ୍ରାକ୍ଟର, ପାୱାରଟିଲର ସାଙ୍ଗକୁ ତଳିରୁଆ ଓ ଧାନକଟା ପାଇଁ ମେଶିନ ଉପଯୋଗ ହେଉଛି। ଖାଲି ପେଟରେ ଶୋଇବା ଏବେ ଅତୀତ। ଘରେ ଘରେ ରଙ୍ଗିନ ଟିଭିରେ ଶହ ଶହ ଦେଶବିଦେଶର ଚ୍ୟାନେଲ। ସବୁ ଘର ବିଦ୍ୟୁତ୍ ଆଲୋକରେ ସୁଶୋଭିତ। ଚାଳଘର ଏବେ ଗାଁରେ ଖୋଜିବାକୁ ପଡୁଛି। ଘର ଭିତରେ ଟ୍ୟାପ୍ ଖୋଲିଲେ ପାଣି, ଘରେ ଘରେ ୱାଟର ଫିଲ୍ଟର ଓ ଶୌଚାଳୟ, ପିଲାରୁ ବୁଢ଼ା ସମସ୍ତଙ୍କ ହାତରେ ଏବେ ସ୍ମାର୍ଟଫୋନ୍। ଟିପ ଅଗରେ ସାରା ବିଶ୍ୱ। ବିଶ୍ୱର କୋଣ ଅନୁକୋଣରେ ଘଟୁଥିବା ଟିକିନିଖି ଘଟଣା ଜାଣିବାକୁ ଆଉ ଅପେକ୍ଷା କରିବାକୁ ପଡୁନି। ଗାଁରେ ପିଲାଙ୍କ ହାତରେ ଇଲେକ୍ଟ୍ରୋନିକ୍ସ ଖେଳନା। ଘରେ ଘରେ ଅନେକ ବୈଦ୍ୟୁତିକ ସାମଗ୍ରୀ, ରୋଷେଇ ଘରେ ଗ୍ୟାସ୍ ଓ ଗାଁର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଶକ୍ତ। ଯୁବଗୋଷ୍ଠୀଙ୍କ ପାଇଁ ଉନ୍ନତ ଖେଳ ଉପକରଣ ସହଜ ଓ ସୁଲଭ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଗମନାଗମନ, ମନୋରଞ୍ଜନରେ ବୈପ୍ଲବିକ ପରିବର୍ତ୍ତନ ଘଟିଛି ଗ୍ରାମାଞ୍ଚଳରେ। ଅନ୍ତର୍ଜାତୀୟ ବ୍ରାଣ୍ଡର ଜିନ୍ ପ୍ୟାଣ୍ଟ, ଟି-ଶାର୍ଟ, କାନରେ ଇୟର ଫୋନ୍, ପକେଟରେ ସ୍ମାର୍ଟଫୋନ ରଖି ଚବିଶ ଘଣ୍ଟା ସୋସିଆଲ ମିଡିଆରେ ଯୋଡିହୋଇ ରହିଥିବା ଆଜିର ଗ୍ରାମ୍ୟ ଯୁବକମାନେ ଆମ ସତୁରି ଦଶକର ନାହିଁ ନାହିଁର ଗାଁକୁ କାହିଁକି ବା ପସନ୍ଦ କରିବେ ?

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା ସ୍ୱିଡେନର ପ୍ରତିଷ୍ଠିତ ସାମ୍ବାଦିକ ଲାସେବର୍ଗ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ, ଭାରତର ଗାଁଗୁଡିକ ଆଶାତୀତଭାବେ ବିକଶିତ ହୋଇଛି। ନବେ ଦଶକର ଆରମ୍ଭରୁ ମୁକ୍ତ ଅର୍ଥନୀତି ଓ ଜଗତୀକରଣକୁ ଆପଣେଇ ତୃତୀୟ ବିଶ୍ୱରୁ ବିକାଶଶୀଳ ରାଷ୍ଟ୍ରକୁ ଲମ୍ଫ ପ୍ରଦାନ କରିଛି ଭାରତ। ସତୁରି ଦଶକରେ ସେ ଭାରତ ଆସି ଗ୍ରାମାଞ୍ଚଳର ସ୍ଥିତି ସମ୍ପର୍କରେ ଏକ ଫଟୋଚିତ୍ର ସମ୍ବଳିତ ଆଲେଖ୍ୟ ପ୍ରସ୍ତୁତ କରିଥିଲେ। ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ ଭାରତର ଦାରିଦ୍ର୍ୟକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଥିଲା। ଏହାର ପଚିଶବର୍ଷ ପରେ ସେ ପୁଣି ଭାରତ ଆସିଥିଲେ। ଯେତେବେଳେ ସେ ପଚିଶବର୍ଷ ତଳର ଗାଁର ଫଟୋଗୁଡିକୁ ସେହି ଗାଁର ଲୋକମାନଙ୍କୁ ଦେଖାଇଲେ, ସେତେବେଳେ ସେମାନେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ମାଟିକାନ୍ଥ ଘର, ଗାଁ ଦାଣ୍ଡରେ ଖେଳୁଥିବା ଅଧା ଲଙ୍ଗଳା ପିଲାଙ୍କ ଫଟୋକୁ ଦେଖି କେବଳ ଆଶ୍ଚର୍ଯ୍ୟ ହୋଇ ନ ଥିଲେ ବରଂ କହିଥିଲେ ସାମ୍ବାଦିକ ବନ୍ଧୁ ଭୁଲ୍‌ରେ ସେମାନଙ୍କ ଗାଁକୁ ଆସିଯାଇଛନ୍ତି। ପଚିଶବର୍ଷ ତଳେ ସେମାନଙ୍କ ଗାଁ ଏତେ ଅନୁନ୍ନତ ଥିଲା ଓ ସେମାନେ ଏତେ ଗରିବ ଥିଲେ ବୋଲି ସହଜରେ ଗ୍ରହଣ କରି ନ ଥିଲେ। ଲାସେ ବର୍ଗଙ୍କ ଭଳି ମୁଁ ବି ମୋ ଗାଁର ବିକାଶକୁ ସ୍ୱୀକାର କରୁଛି। କେବଳ ମୋ ଗାଁ ନୁହେଁ, ଭାରତର ପ୍ରାୟ ସାଢ଼େ ଛଅଲକ୍ଷ ଗାଁରେ ଘଟିଛି ବୈପ୍ଲବିକ ପରିବର୍ତ୍ତନ। ଗର୍ବରେ ଆମେ କହିପାରୁଛୁ, ଏବେ ଆମେ ଗାଁରେ ଭଲରେ ଅଛୁ।

ମୋ-୯୪୩୭୨୩୨୪୬୩,
ଇ ମେଲ-Prakas.tripathy09@gmail.com

# ପ୍ରେରଣାଦାୟିନୀ ପ୍ରଶାସିକା

ବ୍ୟକ୍ତିତ୍ୱ



ପ୍ରାଞ୍ଜଳ ପାଟିଲ

'ଜୀବନରେ କେବେ ପରାସ୍ତ ହେବା କଥା ନୁହେଁ କି କେତେବେଳେ ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହେବା ଉଚିତ ନୁହେଁ। ପ୍ରଚେଷ୍ଟା ଥିଲେ ଲକ୍ଷ୍ୟସିଦ୍ଧି ହୋଇପାରିବ।' ନିକଟରେ କେରଳ ଥିରୁଭାନନ୍ତପୁରମ୍‌ର ଉପଜିଲାପାଳ ଭାବେ ଦାୟିତ୍ୱ ନେବା ପରେ ଏହା କହିଛନ୍ତି ଭାରତର ପ୍ରଥମ ମହିଳା ଦୃଷ୍ଟିବାଧିତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ପ୍ରାଞ୍ଜଳ ପାଟିଲ। ଜୀବନରେ ବହୁ ଘାତପ୍ରତିଘାତ ସହି ସେ ଏଭଳି କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଏବେ ଚର୍ଚ୍ଚାକୁ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରଥମ ଦୃଷ୍ଟିବାଧିତ ଆଇଏଏସ୍ ଅଫିସର ହେଉଛନ୍ତି ମଧ୍ୟପ୍ରଦେଶ କ୍ୟାଡରର କ୍ରିଷ୍ଣ ଗୋପାଳ ତିୱାରି।

ମହାରାଷ୍ଟ୍ରର ଉଲ୍ଲାଶନଗରରେ ୧ ଏପ୍ରିଲ ୧୯୮୮ରେ ପ୍ରାଞ୍ଜଳ ଜନ୍ମଗ୍ରହଣ କରିଥିଲେ। ପିତା ଲାହେନ ସିଂ ବି ପାଟିଲ ଓ ମାତା ଜ୍ୟୋତି ପାଟିଲଙ୍କ ଝିଅ ପ୍ରାଞ୍ଜଳଙ୍କୁ ଯେତେବେଳେ ୬ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ଦୃଷ୍ଟିହୀନଙ୍କ ପାଇଁ ଉଦ୍ଦିଷ୍ଟ ମୁମ୍ବାଇର କମଳା ମେହେଟ୍ଟା ଦାଦର ସ୍କୁଲରେ ସେ ନାମ ଲେଖାଇଥିଲେ। ମରାଠି ମାଧ୍ୟମ ସ୍କୁଲ ହୋଇଥିବାରୁ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ପରେ ସେଠାକାର ସେଣ୍ଟ୍ ଜାଭିୟର୍ସ କଲେଜରେ ସେ ରାଜନୀତି ବିଜ୍ଞାନ ନେଇ ପାଠ ପଢ଼ିଥିଲେ। ପଢ଼ାବେଳେ ଦୃଷ୍ଟିବାଧିତଙ୍କ ଲାଗି ଅଭିପ୍ରେତ ଜାଭିୟର୍ସ ରିସୋର୍ସ ସେଣ୍ଟର ପକ୍ଷରୁ ତାଙ୍କୁ ବହୁତ ସହଯୋଗ ମିଳିଥିଲା। ଉଚ୍ଚଶିକ୍ଷା ଲାଭ କରିବା ସକାଶେ ପ୍ରାଞ୍ଜଳ ନୂଆଦିଲ୍ଲୀ ଚାଲିଯାଇଥିଲେ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରୁ ସେ ଇଣ୍ଟରନ୍ୟାଶନାଲ ରିଲେସନ୍ସ ବିଷୟରେ ଏମ୍‌ଫିଲ୍ ଓ ପିଏଚ୍‌ଡି କରିଥିଲେ। ତେବେ ଆଖିରେ ରେଟିନା ଲଗାଇବା ପାଇଁ ହୋଇଥିବା ଅସ୍ତ୍ରୋପଚାର ବେଳେ ସେ ଖୁବ୍ ଯନ୍ତ୍ରଣା ପାଇଥିଲେ। ଏପରି କି ବର୍ଷେ ଯାଏ ସେ କଷ୍ଟରୁ ରକ୍ଷା ପାଇପାରି ନ ଥିଲେ ବୋଲି କହିଥାଆନ୍ତି। ତଥାପି ପଢ଼ାରୁ ସେ ନିଜକୁ ଦୂରେଇ ରଖି ନ ଥିଲେ। ୩ ବର୍ଷ ତଳେ ପ୍ରାଞ୍ଜଳ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷାରେ ପ୍ରଥମେ ଉତ୍ତୀର୍ଣ୍ଣ ହୋଇଥିଲେ। ୭୭୩ ର୍‍ୟାଙ୍କ୍ ରଖିବାରୁ ତାଙ୍କୁ ଭାରତୀୟ ରେଳରେ ଇଣ୍ଡିଆନ୍ ରେଲୱେ ଆକାଉଣ୍ଟସ୍ ସର୍ଭିସ (ଆଇଆର୍‌ଏଏସ୍) ମିଳିଥିଲା। ଦୃଷ୍ଟିବାଧିତ ହୋଇଥିବାରୁ ଭାରତୀୟ ରେଳ ତାଙ୍କ ନିଯୁକ୍ତିକୁ ଗ୍ରହଣ କରି ନ ଥିଲା। ଏଥିରେ ପ୍ରାଞ୍ଜଳ ବ୍ୟତିବ୍ୟସ୍ତ ନ ହୋଇ ଭଲ ର୍‍ୟାଙ୍କ୍ ପାଇବା ପାଇଁ ଉଦ୍ୟମ ଜାରି ରଖିଲେ। ୨୦୧୮ ୟୁପିଏସ୍‌ସି ପରୀକ୍ଷାରେ ୧୨୪ ର୍‍ୟାଙ୍କ୍ ରଖି ଆଇଏଏସ୍‌ରେ ଯୋଗଦେବା ଲାଗି ସେ ଯୋଗ୍ୟ ବିବେଚିତ ହୋଇଥିଲେ। ତା'ପରେ ମସୌରୀରେ ପ୍ରଶିକ୍ଷଣ ନେଇଥିଲେ। ତେବେ ଅଳ୍ପ ଦିନ ପାଇଁ ସେ କେରଳର ଏର୍ନାକୁଲମ୍‌ରେ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତ ହେବା ପରେ ପୁଣି ପ୍ରଶିକ୍ଷଣ ଶେଷ କରିବାକୁ ମସୌରୀ ଫେରିଯାଇଥିଲେ। ୧୪ ଅକ୍ଟୋବର ୨୦୧୯ରେ ସେ ଥିରୁଭାନନ୍ତପୁରମରେ ଉପଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଦେଶର ପ୍ରଥମ ମହିଳା ଦୃଷ୍ଟିବାଧିତ ପ୍ରଶାସିକା ଭାବେ ପ୍ରାଞ୍ଜଳ କାର୍ଯ୍ୟରେ ଯୋଗଦେବା ପରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଜୀବନରେ କୌଣସି ବିଷୟରେ ହତୋତ୍ସାହିତ ହେବା କଥା ନୁହେଁ। ଭାରତୀୟ ରେଳ ପକ୍ଷରୁ ତାଙ୍କୁ ପ୍ରତ୍ୟାଖ୍ୟାତ କରାଯିବା ପରେ ସେ ନିରାଶ ହୋଇଯାଇଥିଲେ। ସେହିପରି ଆଖିରେ ଅସ୍ତ୍ରୋପଚାର ପରେ ପାଇଥିବା ଯନ୍ତ୍ରଣା ଓ ସେଥିରେ ଅସଫଳ ହେବା ତାଙ୍କୁ ଅନେକ ବାଧିଥିଲା। ତଥାପି ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ନିରନ୍ତର ପ୍ରୟାସ କରିଥିଲେ। ଏବେ ସର୍ବଭାରତୀୟ ସେବାରେ ସେ ନିୟୋଜିତ ହେବା କେବଳ ଦିବ୍ୟାଙ୍ଗ ନୁହନ୍ତି, ସବୁ ବର୍ଗର ଆଶାୟୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୀପାବଳିରେ ମା' ଲକ୍ଷ୍ମୀ ଓ ମା' କାଳୀଙ୍କୁ ପୂଜା କରାଯାଉ ଥିବାବେଳେ ବୃଦ୍ଧଙ୍କୁ ପୂଜା କରିବାର ଏକ ନିଆରା ପରମ୍ପରା ପ୍ରଚଳିତ ହୋଇଆସୁଛି ଛତିଶଗଡ଼ର ଯଶପୁର ଜିଲାରେ। ଏହି ଜିଲାର ମନୋରା ତହସିଲ ଅନ୍ତର୍ଗତ ବୁଜରୁପାଠ, କଣ୍ଟାବେଲ, କୁଲାଡୋର, ଲୁଖୀ ଓ ଦୀନାପାଠ ଗାଁରେ ପ୍ରାୟ ୩୦୦ ପରିବାର ବାସକରନ୍ତି। ଅସୁର ଜନଜାତିର ଏହି ଲୋକମାନେ ନିଜକୁ ମହିଷାସୁରଙ୍କ ବଂଶଧର ବୋଲି କୁହନ୍ତି। ଏମାନେ ଦୀପାବଳିରେ ଘରେ ବୃଦ୍ଧମାନଙ୍କୁ ପୂଜା କରିଥାନ୍ତି। ଆଢ଼ା-ବୁଢ଼ା ନାମରେ ପ୍ରଚଳିତ ଏହି ପରମ୍ପରାରେ ଦେବଦେବୀଙ୍କୁ ପୂଜା କରିବା ପୂର୍ବରୁ ଘରେ ବୃଦ୍ଧମାନଙ୍କୁ ପୂଜା କରି ଆଶୀର୍ବାଦ ନେଇଥାନ୍ତି। ଘଞ୍ଚ ଜଙ୍ଗଲରେ ଯଦି କେହି ହଜିଯାଏ, ତେବେ ବୃଦ୍ଧମାନଙ୍କ ଆଶୀର୍ବାଦ ତାଙ୍କ ଜୀବନ ରକ୍ଷା କରିବା ସହ ତାଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇ ଆଣିବାରେ ସାହାଯ୍ୟ କରେ ବୋଲି ଏହି ଜନଜାତିର ଲୋକମାନେ ବିଶ୍ୱାସ କରନ୍ତି।

## ଚିରନ୍ତନୀ

ଯେ ଦେଶେ ଭ୍ରମଇ ମୁହିଁ ଯେତେ ପରସଙ୍ଗେ
ସ୍ମୃତି ତାର ଛାୟା ସମ ଚଳଇ ମୋ ସଙ୍ଗେ
ସେ ଆଖି ନିରେଖେ ମୋରେ
ନିଶିଦିନ ସଞ୍ଜ ଭୋରେ,
ସେ ବାହୁବନ୍ଧନ ମୋର ବେଢିଅଛି ଅଙ୍ଗେ
ସ୍ମୃତି ତାର ଛାୟା ସମ ଚଳଇ ମୋ ସଙ୍ଗେ।
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୯୪

- ଚକ୍ରଧରପୁର ନିକଟରେ ବମ୍ବେ-ହାୱଡା ଏକ୍ସପ୍ରେସ ଟ୍ରେନରେ ଅଗ୍ନିକାଣ୍ଡ ଘଟି ୭୦ ଜଣଙ୍କ ମୃତ୍ୟୁ।
- ପାକିସ୍ତାନର ମିଳିତ ବାହିନୀର ମୁଖ୍ୟ ଭାବେ ଏୟାର ଚିଫ୍ ମାର୍ଶାଲ ଫାରୁକ ଫିରୋଜ ଖାଁଙ୍କୁ ନିଯୁକ୍ତି।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | E | 1 | | | | 7 | 4 | 3 | 6 | | A | | |
| 5 | | 0 | 7 | | | 1 | | 8 | 9 | | | | | |
| | | 8 | | 3 | 6 | | | C | | 4 | E | | | |
| | | | | 4 | | | | | | 8 | | 2 | | 9 |
| | | B | C | 5 | | | 6 | 9 | | | A | | | |
| 7 | | 4 | 9 | | | 3 | A | | | | 2 | | | |
| | | | | C | | 0 | | | | D | 3 | | | 1 |
| | | 1 | 6 | D | 8 | | | | 4 | 5 | 7 | | | |
| | B | | | 2 | | | 8 | D | | 0 | | | | |
| 3 | | | A | | | | | | 6 | | | | | |
| | | | | | | 4 | | | | 2 | 6 | | | 8 |
| 6 | | | E | | 2 | 7 | | | | | | 5 | | |
| | | 7 | | | 5 | A | | E | 8 | 9 | | | | C |
| | 9 | | | A | | | D | 1 | 7 | | | E | | |
| | 1 | | | | | 5 | B | | D | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | A | 5 | 1 | 2 | 4 | 6 | D | E | 3 | B | 8 | C | 7 | 0 |
| E | B | 4 | 3 | 0 | 9 | C | 7 | 8 | 5 | 2 | A | 6 | 1 | D |
| C | 2 | 8 | 7 | B | D | 0 | 1 | 5 | 4 | 6 | E | A | 3 | 9 |
| 7 | 3 | 1 | 5 | 6 | A | 4 | 2 | 9 | 0 | C | D | B | E | 8 |
| 6 | 0 | D | 8 | E | C | B | 3 | A | 1 | 7 | 9 | 2 | 4 | 5 |
| 8 | C | 3 | 2 | 5 | 0 | 1 | 4 | 7 | 9 | A | 6 | D | B | E |
| A | 7 | 2 | 9 | 1 | 6 | 5 | E | B | D | 8 | C | 4 | 0 | 3 |
| 5 | 4 | E | D | C | B | 2 | 8 | 0 | 7 | 1 | 3 | 9 | A | 6 |
| D | 6 | 9 | 4 | 7 | E | A | C | 3 | B | 5 | 0 | 1 | 8 | 2 |
| B | 1 | 0 | A | 3 | 8 | 9 | 6 | D | E | 4 | 2 | 5 | C | 7 |
| 4 | E | A | 0 | 9 | 3 | 7 | B | 1 | 6 | D | 5 | 8 | 2 | C |
| 3 | 5 | C | E | A | 1 | D | 0 | 2 | 8 | 9 | B | 7 | 6 | 4 |
| 1 | 9 | 7 | C | 8 | 5 | E | A | 6 | 2 | 3 | 4 | 0 | D | B |
| 2 | 8 | B | 6 | D | 7 | 3 | 5 | 4 | C | 0 | 1 | E | 9 | A |
| 0 | D | 6 | B | 4 | 2 | 8 | 9 | C | A | E | 7 | 3 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାକିସ୍ତାନ ମାନବବାଦକୁ ଆପଣାଉ

ମହାଶୟ,

ଭାରତ ବିରୋଧୀ ନୀତି ପାକିସ୍ତାନର ଜାତୀୟ ନୀତି ହୋଇଯାଇଛି। ଯେ କେହି ସରକାର ଗଢିଲେ ମଧ୍ୟ ଭାରତ ବିରୋଧୀ ନୀତି ଗ୍ରହଣ ନ କଲେ ସେ ସରକାର ପାକ୍‌ବାସୀଙ୍କର ସମର୍ଥନ ହରାଉଛି। ଦେଶର ଆର୍ଥିକ ଅବସ୍ଥା ପତନମୁଖୀ ହୋଇ ମଧ୍ୟ ସେମାନେ ନୀତିରେ ସୁଧାର ଆଣିବା ଚାହୁଁନାହାନ୍ତି। ପରମାଣୁ ଅସ୍ତ୍ରର ବ୍ୟବହାର କଥା ଚିନ୍ତା କରୁଛନ୍ତି। ଭାରତ ଏଥିପ୍ରତି ଚୁପ୍ ହୋଇ ବସିବ ନାହିଁ। ଉଭୟ ଦେଶର କ୍ଷତି ଭିତରେ ନିଜର ଭବିଷ୍ୟତ କଥା ଚିନ୍ତା କରନ୍ତୁ ପାକିସ୍ତାନବାସୀ। ଆଲ୍ଲା ସଦ୍‌ବୁଦ୍ଧି ଦିଅନ୍ତୁ। ଧର୍ମାନ୍ଧତା ଛାଡି ମାନବବାଦକୁ ଆପଣାନ୍ତୁ। ଉତ୍ତମ ପଡୋଶୀର ପରିଚୟ ଦିଅନ୍ତୁ। ବନ୍ଧୁରାଷ୍ଟ୍ରମାନେ ପାକିସ୍ତାନକୁ ସତ୍‌ମାର୍ଗ ଦେଖାନ୍ତୁ। ତା'ହେଲେ ଉଭୟ ଦେଶରେ ଶାନ୍ତି ଓ ପ୍ରଗତି ଆସିବ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ନିଶାରେ ପ୍ରତିଭା

ଦିନ ଥିଲା ଶିକ୍ଷାନୁଷ୍ଠାନଗୁଡ଼ିକ ମଣିଷ ତିଆରି କାରଖାନା ଥିଲା। ସେଥିରୁ ବାହାରୁଥିବା ଚରିତ୍ରବାନ୍ ବ୍ୟକ୍ତିତ୍ୱମାନେ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ। ଏବେ କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନଗୁଡିକର ବାତାବରଣ ବଦଳିବାରେ ଲାଗିଛି। ଅଧୁନା ନାମକରା ଶିକ୍ଷାନୁଷ୍ଠାନର ଅନେକ ଛାତ୍ରୀଛାତ୍ର ନିଶାଗ୍ରସ୍ତ। ମଦ, ଗଞ୍ଜେଇ, ବ୍ରାଉନ୍ ସୁଗାର, ଚରସ ଭଳି ମାରାତ୍ମକ ନିଶାର କେନ୍ଦ୍ର ପାଲଟିଛି ଶିକ୍ଷାନୁଷ୍ଠାନଗୁଡିକ। ପ୍ରତିଭାସମ୍ପନ୍ନ ଛାତ୍ରୀଛାତ୍ରମାନେ ନିଜ ପ୍ରତିଭାର ବିକାଶ କରିବା ପରିବର୍ତ୍ତେ ନିଶାସକ୍ତ ହେଉଛନ୍ତି। ଏମାନଙ୍କୁ ନେଇ ଦେଶର ଭବିଷ୍ୟତ କ'ଣ ହେବ ତାହା ଚିନ୍ତନୀୟ।

ମଙ୍ଗୁଳି ଚରଣ ନିଶଙ୍କ, ରାମଚଣ୍ଡୀ, ନରଣଗଡ, ଖୋର୍ଦ୍ଧା

### ପୋଷ୍ଟମ୍ୟାନ୍ ନିଯୁକ୍ତ ହୁଅନ୍ତୁ

ଗ୍ରାମାଞ୍ଚଳରେ ଥିବା ଅନେକ ଶାଖା ପୋଷ୍ଟ ଅଫିସରେ ପୋଷ୍ଟମ୍ୟାନ୍ ଥିବାରୁ ଡାକ ସେବା ଭୁଶୁଡି ପଡୁଛି, ଯାହାଫଳରେ ସେହିସବୁ ଅଞ୍ଚଳବାସୀ ଜରୁରୀ ଡାକସେବା ପାଇ ପାରୁନାହାନ୍ତି। ଡାକ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହି ଅସୁବିଧାକୁ ଶୀଘ୍ର ଦୂର କରନ୍ତୁ।

ଡା. ଅଜିତ କୁମାର ବେଉରା, ଶୈଳଶ୍ରୀବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କାର୍ ଓଲଟିଲା, ୫ ଗୁରୁତର



ସୋର, ୨୬।୧୦(ଡି.ଏନ.ଏ.): ସୋର ୧୬ନଂ. ଜାତୀୟ ରାଜପଥ ଦହିସଡ଼ାଠାରେ ଶନିବାର ଅପରାହ୍ନ ସମୟରେ ଏକ କାର୍ (ନଂ. କେଏ୦୩ଏମ୍‌ଏକ୍ସ-୩୮୭୩) ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଛି। ଘଟଣାସ୍ଥଳରେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଜାତୀୟ ରାଜପଥ ଆମ୍ବୁଲାନ୍ସ ଓ ସୋର ଦମକଳବାହିନୀ ଘଟଣାସ୍ଥଳକୁ ପହଞ୍ଚି ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନା, ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ସୋର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଗୁରୁତର ଆହତ ହୋଇଥିବା ପଶ୍ଚିମବଙ୍ଗର ଜ୍ୟୋତ୍ସ୍ନା ବାନାର୍ଜୀ (୬୨), ରୋମି ବାନାର୍ଜୀ (୪୦)ଙ୍କୁ ସୋର ଡାକ୍ତରଖାନାରେ ଚିକିତ୍ସା କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। କାର୍ ପୁରୀରୁ ପଶ୍ଚିମବଙ୍ଗକୁ ଫେରୁଥିବାବେଳେ ସୋର ଦହିସଡ଼ାଠାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

### ବର୍ଷାରେ ୪ ଘର ନଷ୍ଟ, ୩ ଗୋରୁ ଆହତ

ବସ୍ତା, ୨୬।୧୦(ସ୍ୱ.ପ୍ର.): ବସ୍ତା ବ୍ଲକ ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତର ସାନଅସ୍ତି ଗ୍ରାମରେ ଲଗାଣ ବର୍ଷା ଯୋଗୁ ୪ ଜଣଙ୍କର ଘର ନଷ୍ଟ ହୋଇଥିବା ବେଳେ ୩ ଗୋରୁ ଆହତ ହୋଇଛନ୍ତି। ନଗେନ ମହାନ୍ତି, ଦୟାନିଧି ଜେନା, ରବୀନ୍ଦ୍ର ଜେନା ଓ ରମେଶ ଦାସଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଦୟାନିଧି ଜେନାଙ୍କର ଗୁହାଳ କାନ୍ଥ ପଡି ୩ ଗୋରୁ ଆହତ ହୋଇଛନ୍ତି।

### ଟ୍ରେନ୍ ଧକ୍କାରେ ସାଇକେଲ ଆରୋହୀଙ୍କ ଗୋଡ଼ କଟିଲା

ବସ୍ତା, ୨୬।୧୦(ସ୍ୱ.ପ୍ର.): ବସ୍ତା ରେଳଷ୍ଟେଶନର ଅନତିଦୂରରେ ଥିବା ଦକ୍ଷିଣ କ୍ୟାବିନ ରେଲୱେ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ଗୋଡ଼ କଟିଯାଇଛି। ଶନିବାର ସକାଳେ ଦକ୍ଷିଣ କ୍ୟାବିନଠାରେ ଫାଟକ ପଡିଥିବା ବେଳେ ଦୁଇଜଣ ସାଇକେଲ ଆରୋହୀ ଫାଟକ ତଳଦେଇ ପାରି ହେଉଥିବା ବେଳେ ଟ୍ରେନ୍ ଆସିଯାଇଥିଲା। ଫଳରେ ଦୁଇଜଣଙ୍କ ମଧ୍ୟରୁ ଜଣେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଅନ୍ୟଜଣଙ୍କର ଗୋଟିଏ ଗୋଡ଼ କଟିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ହସ୍‌ପିଟାଲକୁ ନେଇଯାଇଥିଲେ। ତେବେ ଦୁଇଜଣଙ୍କର ପରିଚୟ ମିଳିନାହିଁ। ସେମାନେ ବସ୍ତା ବଜାରରେ ମାଛ ବିକ୍ରି କରନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରଛନ୍ତି। ଏ ନେଇ ରେଲ୍‌ୱେ ପୋଲିସ ପାଖରେ କୌଣସି ସୂଚନା ନ ଥିବା କୁହାଯାଇଛି।

### ଜଣେ ଚୋରା ମଦ ବେପାରୀ ଗିରଫ

ରୂପ୍‌ସା,୨୬।୧୦(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ପାଟପୁର ବଜାରରେ ପୋଲିସ ବିଭାଗ ପକ୍ଷରୁ ଶନିବାର ଅଚାନକ ଚଢ଼ାଉ କରାଯାଇଛି। ଡିଏସ୍‌ପି ମନୋଜ କୁମାର ରାଉତଙ୍କ ନେତୃତ୍ୱରେ ରୂପ୍‌ସା ଥାନାଧିକାରୀ ସୁଚନ୍ଦ୍ର ମହାଲିକଙ୍କ ସମେତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଅଭିଯୁକ୍ତ ଗଣେଶ ଜେନାଙ୍କ ବଜାର ଘରେ ଚଢ଼ାଉ କରିଥିଲେ। ଘରେ ଥିବା ୩ଶହ ଲିଟର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୭୯/୧୦) ରୁଜୁ ହୋଇଛି। ଚୋରା ମଦ ବ୍ୟବସାୟ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ୧୪ ମଣ୍ଡପରେ ବିରାଜିବେ ମା'

ଖଇରା,୨୬।୧୦
(ଉତ୍କଳବନ୍ଧୁ ପଣ୍ଡା)

**ଖଇରା ବ୍ଲକର ୧୪ଟି ମଣ୍ଡପରେ ମା' କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ମା ଖର୍ପରଧାରିଣୀଙ୍କ ଆଗମନ ପାଇଁ ଭଳିକି ଭଳି ତୋରଣ ଓ ଆଲୋକ ସାଜସଜ୍ଜାରେ ଶ୍ରଦ୍ଧାଳୁମାନେ ଲାଗିପଡିଛନ୍ତି। କ୍ରମାଗତ ଲଘୁଚାପ ବର୍ଷା ଯୋଗୁ ପୂଜାମଣ୍ଡପ କର୍ମକର୍ତ୍ତାଙ୍କ ମନ ଫିକା ପଡିଯାଇଥିଲେ ହେଁ ପୂଜାରେ ପାଗ ପରିବର୍ତ୍ତନ ହେବ ବୋଲି ଆଶା ରଖିଛନ୍ତି। ମଣ୍ଡପରେ ଡିଜେକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ପାଇଁ ଖଇରା ଥାନା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ମୁଖ୍ୟ ପୂଜାମଣ୍ଡପ ସମ୍ପର୍କରେ ଉପସ୍ଥାପନା–**



କୁରୁଣ୍ଟା ପୂଜା ମଣ୍ଡପରେ ନିର୍ମାଣାଧୀନ ମୂର୍ତ୍ତିରେ ଶିଳ୍ପୀ ଶେଷସ୍ପର୍ଶ ଦେଉଛନ୍ତି।

ଖଇରା ବ୍ଲକ

### ଗଣ୍ଡିବେଡ଼ ପୂଜା
### ପାର୍ଶ୍ୱ କଳାକୃତିରେ ଟ୍ରାଫିକ ସଚେତନତା

ଖଇରା ବ୍ଲକର ଗଣ୍ଡିବେଡ଼ ବଣିକ ସଂଘ ପକ୍ଷରୁ ଗତବର୍ଷଠାରୁ ପ୍ରଥମ କରି କାଳୀପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ କମିଟି ସଭାପତି ଇଂ ରାଜେଶ ମହାକୁଡ, ସମ୍ପାଦକ ଅଭିମନ୍ୟୁ ରାଉଳ, ଉପସଭାପତି ରମାକାନ୍ତ ରାଉଳ ଏବଂ ସହ ସମ୍ପାଦକ ପୁରୁଷୋତ୍ତମ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୨୯ତାରିଖରୁ ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୯ତାରିଖରେ ଭଜନ ସନ୍ଧ୍ୟା, ୩୦ତାରିଖରେ ରାଜ୍ୟ ସଂସ୍କୃତି ବିଭାଗର ପାଇକଆଖଡା ଓ ସମ୍ବଲପୁରୀ ନୃତ୍ୟ, ୧ତାରିଖରେ ଚଳଚ୍ଚିତ୍ର ଓ ଧାରାବାହିକ ଜଗତର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା କାର୍ଯ୍ୟକ୍ରମ ଅଛି। ନୂତନ ଭାବେ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ଟ୍ରାଫିକ ନିୟମ ସମ୍ପର୍କରେ ପାର୍ଶ୍ୱ କଳାକୃତି ମାଧ୍ୟମରେ ସଚେତନତା କରାଯାଇଛି। ଯାହା ଦର୍ଶକଙ୍କ ପ୍ରଥମ ପସନ୍ଦ ହେବ ବୋଲି ମଣ୍ଡପ କର୍ତ୍ତାମାନେ ଆଶା ରଖିଛନ୍ତି।

### ସ୍ୱାଧୀନତା ପୂର୍ବର ଅଡ଼ାକାଳୀ
### ପୌରାଣିକ ଉପାଖ୍ୟାନ ଉପରେ ଗୁରୁତ୍ୱ

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତର ଚନ୍ଦନପୁର ଗ୍ରାମରେ ଅଡାକାଳୀ ଭାବେ ପୂଜା ପାଉଥିବା ମା' କାଳୀଙ୍କ ପୂଜା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିବା କୁହାଯାଏ। ସଭାପତି ଚୈତନ୍ୟ ପଣ୍ଡା ଓ ସମ୍ପାଦକ ହେମନ୍ତ କୁମାର ବନ୍ଧଙ୍କ ତତ୍ତ୍ୱାବଧାନରେ ଏହି ପୂଜା ୯ଦିନ ଧରି ଚାଲିବ। ମିନାବଜାର ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୨ଦିନ ଧରି ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଲୋକକଥା ଅନୁଯାୟୀ ଚନ୍ଦନପୁର ଗ୍ରାମର ସ୍ୱର୍ଗତ ଅନନ୍ତ ପାଣିଗ୍ରାହୀ ଅଡା ଏମ୍‌ଇ ସ୍କୁଲ ଓ ଅଡା ହାଇସ୍କୁଲ ପ୍ରତିଷ୍ଠାର ମୁଖ୍ୟ ପୁରୋଧା ଥିଲେ। ଛାତ୍ରୀଛାତ୍ର ତଥା ବ୍ୟବସାୟୀଙ୍କ କଲ୍ୟାଣ ନିମିତ୍ତ ସେ ସହଯୋଗୀ ବାସୁଦେବ ପଣ୍ଡାଙ୍କ ସହ ମିଶି ପୂଜା ଆରମ୍ଭ କରିଥିଲେ। ପୂଜାର ଖର୍ଚ୍ଚ ବହନ ପାଇଁ ମଧ୍ୟ ଜମିଦାନ କରିଥିଲେ। ଚଳିତବର୍ଷ ପୌରାଣିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇ ଗଙ୍ଗାଭଗୀରଥ ଉପାଖ୍ୟାନ ଓ ଦ୍ୱାରିକାରେ କୃଷ୍ଣମୃତ୍ୟୁର ଶୋକକୁ ପାର୍ଶ୍ୱ କଳାକୃତି ଭାବେ ସ୍ଥାନିତ କରାଯାଇଛି।

### ରୋଗୀଦେଖା ଆୟ ଅର୍ଥରୁ ଆରମ୍ଭ କୁରୁଣ୍ଟା କାଳୀପୂଜା

ଅନ୍ୟୁନ ୫୦ବର୍ଷତଳେ ଖଇରା ବ୍ଲକର କୁରୁଣ୍ଟା ବଜାର କହିଲେ ୨କିମ୍ବା ୩ଟି ଦୋକାନକୁ ବୁଝାଉଥିଲା। ସେ ସମୟରେ ତିହିଡି ଅଞ୍ଚଳରୁ ଭାଗୀରଥି ନାୟକ ନାମକ ଜଣେ ଚିକିତ୍ସକ କୁରୁଣ୍ଟା ଆସି ଛକରେ ଏକ ଝାଟିମାଟି ଘରେ ରୋଗୀସେବା ଆରମ୍ଭ କରିଥିଲେ। ରୋଗୀଙ୍କଠାରୁ ଅଳ୍ପ ପାଉଣା ନେଇ ସେ ଚିକିତ୍ସା କରୁଥିଲେ। ରୋଗୀଙ୍କ ମଙ୍ଗଳ କାମନା କରି ପ୍ରଥମେ ବଜାରରେ ସେ କାଳୀପୂଜା ଆରମ୍ଭ କରିଥିଲେ। ରୋଗୀ ଦେଖା ଆୟରୁ କିଛି ଅଂଶ ଏହି ପୂଜା ପାଇଁ ଖର୍ଚ୍ଚ କରୁଥିଲେ। ସେତେବେଳେ ଗ୍ରାମବାସୀ ତାଙ୍କୁ ସହଯୋଗର ହାତ ବଢାଇଥିଲେ। ସେହିଦିନଠାରୁ ପୂଜା ପାରମ୍ପରିକ ରୀତିରେ ଚାଲିଆସୁଛି। ଚଳିତ ପୂଜା କମିଟି ସଭାପତି ଭାସ୍କର ପାଢୀ ଓ ସମ୍ପାଦକ ଗୋବିନ୍ଦ ବେହେରା ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି।

### କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଏଥର ଆକର୍ଷଣ

**ତୁଡ଼ିଗଡ଼ିଆ କାଳୀପୂଜା**

ଖଇରା ବ୍ଲକର ସଂଗ୍ରାମୀ ପୀଠଭାବେ ପରିଚିତ ରକ୍ତତୀର୍ଥ ତୁଡ଼ିଗଡ଼ିଆର କାଳୀପୂଜା ସ୍ୱାଧୀନତା ସଂଗ୍ରାମ ସହ ଅନେକାଂଶରେ ଜଡିତ। କୁହାଯାଏ ଯେ, ୧୯୨୦ ମସିହାରେ ସ୍ୱାଧୀନତା ଆନ୍ଦୋଳନ ବ୍ୟାପକ ଆକାର ଧାରଣ କରିଥିବା ବେଳେ ଏହି ପୂଜା ଆରମ୍ଭ ହୋଇଥିଲା। ତତ୍କାଳୀନ ଗ୍ରାମ ମୁଖିଆ ବିଶ୍ୱନାଥ ଘଡେଇ, ବାଉଲି ମହାନ୍ତି, ଲକ୍ଷ୍ମଣ ଧର, ଗୋପୀନାଥ ବେହେରା, ଭାଗବତ ମହାନ୍ତି, ମିର ହାଲିମ ଓ ଲାବଣ୍ୟନିଧି ପାଢୀଙ୍କ ଦ୍ୱାରା ପ୍ରଥମେ ପୂଜା ଏକ ଝାଟିମାଟି ଛପର ଘରେ ଛୋଟ ଆକାରରେ ଆରମ୍ଭ ହୋଇଥିଲା। ପରେ କିଛି ବର୍ଷ ପଲିଥିନ ତଳେ ଚାଲିଥିଲା। ସ୍ୱାଧୀନତା ସଂଗ୍ରାମରେ ଇଂରେଜଙ୍କୁ ବିତାଡିତ କରିବାକୁ ଏହି ପୂଜା ଆରମ୍ଭ ହେବାର ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଏ। ବର୍ତ୍ତମାନ ପୂଜାର ଦାୟିତ୍ୱ ବଜାର କମିଟି ଅଧୀନରେ ରହିଛି। ଏଥର ଦର୍ଶକଙ୍କ ମନୋରଞ୍ଜନ ପାଇଁ କଶ୍ମୀରରୁ ୩୭୦ଧାରା ଉଚ୍ଛେଦ ଓ ଅନ୍ୟ କିଛି ପୌରାଣିକ କିମ୍ବଦନ୍ତୀ ମଣ୍ଡପରେ ସ୍ଥାନିତ ହୋଇଛି।

### ପାଠାଗାର ସଦସ୍ୟଙ୍କ ଦ୍ୱାରା ଆରମ୍ଭ କୁପାରୀ କାଳୀପୂଜା

ବାଲେଶ୍ୱର ଜିଲାର ସାଂସ୍କୃତିକ ତଥା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ କୁପାରୀର କାଳୀପୂଜା ୫୦ବର୍ଷ ତଳୁ ଆରମ୍ଭ ହୋଇଥିବା କୁହାଯାଏ। ୧୯୬୮ମସିହାରେ କୁପାରୀରେ ଏକ ପାଠାଗାର ଖୋଲାଯାଇଥିଲା। ସ୍ୱର୍ଗତ ରାମଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ମହାପାତ୍ର, ଭାସ୍କର ଚନ୍ଦ୍ର ମହାପାତ୍ର, ହଳଧର ମହାପାତ୍ର ଏଥିରେ ପରିଚାଳନା ଦାୟିତ୍ୱରେ ଥିଲେ। ସେହି ବର୍ଷଠାରୁ ପାଠାଗାର ସହ ପୂଜା ମଧ୍ୟ ଆରମ୍ଭ ହୋଇଥିବାର କୁହାଯାଏ। ଚଳିତବର୍ଷ ବଣିକ ସଂଘ ପୂଜା ଦାୟିତ୍ୱ ହାତକୁ ନେଇଥିବା ବେଳେ ସଭାପତି ଅଶୋକ କୁମାର ଗୁପ୍ତା ଓ ସମ୍ପାଦକ ମାନସ ରଞ୍ଜନ ପରିଡାଙ୍କ ପ୍ରଚେଷ୍ଟାରେ ପୂଜାକୁ ସରସ ସୁନ୍ଦର କରିବାକୁ ଧ୍ୟାନ ଦିଆଯାଉଛି। ଏଥରକ ପୂଜା ନୂତନ ମଣ୍ଡପରେ ପାଳନ କରାଯିବ ଏବଂ ଶିଙ୍ଗବାଜା ଦର୍ଶକଙ୍କ ଆଦୃତ ହେବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏହାବ୍ୟତୀତ ବ୍ଲକର ବାରାପୁର, ଡୁଙ୍ଗୁରା, ଗର୍ସଙ୍ଗ, କଲରାପାଳ ଛକ, ଓଖାପୋଖରୀ, ବୁଢାଗଡିଆ, ଖଇରା, ଅଲିପୁର, ତରାଙ୍ଗ, ସୁଣ୍ଡିରା ଆଦି ସ୍ଥାନରେ କାଳୀପୂଜା ଧୁମଧାମରେ ପାଳିତ ହେବ ବୋଲି ଜଣାଯାଇଛି।

## ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ହିଁ ଶିଶୁ ମହୋତ୍ସବ

ସିମୁଳିଆ, ୨୬।୧୦(ଡି.ଏନ.ଏ.)

ସିମୁଳିଆ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଶନିବାର ମାର୍କୋଣା ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିବା ସହିତ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ହିଁ ଶିଶୁ ମହୋତ୍ସବ ବୋଲି ବକ୍ତବ୍ୟରେ କହିଥିଲେ। ବ୍ଲକର ବିଭିନ୍ନ ୧୬ଟି କ୍ଲଷ୍ଟରରୁ ଜୁନିୟର ଓ ସିନିୟର ବିଭାଗରେ ମୋଟ ୩୦୫ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରବନ୍ଧ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନି, ବିତର୍କ ଓ ସଙ୍ଗୀତ ଆଦି ବିଭିନ୍ନ ୧୭ଟି ବିଭାଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜୁନିୟର ବିଭାଗରେ ୧୫ଜଣ ଓ ସିନିୟର ବିଭାଗରେ ୧୮ଜଣ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ହୋଇଥିବା ବିଭିନ୍ନ କୃତୀ ପ୍ରତିଯୋଗୀମାନେ ଆସନ୍ତା ୨ତାରିଖରେ ବାଲେଶ୍ୱର ଜିଲା ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଉତ୍ସବରେ ଭାଗନେବେ ବୋଲି ସୂଚନା ଦିଆଯାଇଛି।



ଛାତ୍ରୀମାନେ ସଚେତନାମୂଳକ ନୃତ୍ୟ ପରିବେଷଣ କରୁଛନ୍ତି।

ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ରୂପେ ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନଚରଣ ଖିଲାର, ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି, ଅନୁଶିକ୍ଷା ଅଧିକାରୀ ଗଦାଧର ଦାଶ, ଲମ୍ବୋଦର ସିଂ, ବରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଳିକ, କାଞ୍ଚନ କମଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ସାହିତ୍ୟିକ ପଦ୍ମଲୋଚନ ଦାଶ, କଥାକାର ତଥା ସୋର ଉପେନ୍ଦ୍ର ନାଥ କଲେଜର ପ୍ରାକ୍ତନ ପ୍ରାଧ୍ୟାପକ କିର୍ତ୍ତନ ବିହାରୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ଖେଳ, ନାଚ, ଗୀତ ଆଦି ଶିଶୁ ମାନଙ୍କ ଦୁର୍ବଳତା ଥିବା ବିଷୟ ପ୍ରତି ଅଭିଭାବକମାନେ ପ୍ରାଧାନ୍ୟ ଦେଲେ ଶିଶୁ ଭଲ ପାଠ ପଢିଥାଏ ବୋଲି ଅତିଥି ପ୍ରାଧ୍ୟାପକ ଦାଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବନମାଳୀ ନାୟକ, ଦିଲୀପ କୁମାର ରଥ, କମଳାକାନ୍ତ ପତିଙ୍କ ସମେତ ସିଆର୍‌ସିସିମାନେ ସହଯୋଗୀ ଥିଲେ। ସିଅର୍‌ସିସି ଶିବ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାଣ ବର୍ଷାରେ ମହିଳାଙ୍କ ଘର ଭାଙ୍ଗିଲା

ସୋର, ୨୬।୧୦(ଡି.ଏନ.ଏ.)–ସୋର ବ୍ଲକ ସବିରା ପଞ୍ଚାୟତ ଅଧୀନ ବଣପାରିଆ ଗ୍ରାମର ଜଣେ ବିଧବାଙ୍କ ଘର ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସ୍ୱର୍ଗତ ଶମ୍ଭୁନାଥ ବାରିକଙ୍କ ସ୍ତ୍ରୀ ମୀନାଙ୍କର ଘର ଭୁଶୁଡି ପଡିଛି। ମୀନା ୩ ପିଲାଙ୍କ ସହ ଅଳ୍ପ କିଛି ଜରୁରୀ ଘରୋଇ ସାମଗ୍ରୀକୁ ପଡୋଶୀ ଉଦ୍ଧାର କରିଛନ୍ତି। ସେମାନେ ଏବେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏହି ଖବର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଦିଆଯାଇଥିଲେ ବି ଅଦ୍ୟାବଧି କେହି ପହଞ୍ଚି ନ ଥିବା ଜଣାପଡିଛି। ମୀନାଙ୍କ ସ୍ୱାମୀ ଶମ୍ଭୁନାଥଙ୍କର ଗତ ୩ବର୍ଷ ତଳେ ମୃତ୍ୟୁ ହୋଇଥିଲା। ଏହି ଗରିବ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।




## ପର୍ଯ୍ୟଟନସ୍ଥଳୀଗୁଡ଼ିକର ସ୍ଥିତି ଉପରେ ସମୀକ୍ଷା
# ଶୌଚାଳୟ, ପାନୀୟଜଳ ଉପରେ ଗୁରୁତ୍ୱ



ସମୀକ୍ଷା ବୈଠକରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୨୬।୧୦

ବାଲେଶ୍ୱର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଶନିବାର ରାଜ୍ୟ ସରକାରଙ୍କ ପର୍ଯ୍ୟଟନମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜିଲାର ଥିବା ସମସ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସ୍ଥିତି ଉପରେ ସମୀକ୍ଷା କରି ଶୌଚାଳୟ ଓ ପାନୀୟଜଳ ଉପରେ ଗୁରୁତ୍ୱ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଥିବା ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ପର୍ଯ୍ୟଟନସ୍ଥଳୀଗୁଡ଼ିର ଉନ୍ନତି ଏବଂ ପୁନରୁଦ୍ଧାର ପାଇଁ ୫୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯିବାକୁ ସେ ଘୋଷଣା କରିଛନ୍ତି।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ସଦର ବିଧାୟକ ମଦନମୋହନ ଦତ୍ତ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲାରେ ଥିବା ସମସ୍ତ ପର୍ଯ୍ୟଟନସ୍ଥଳର ଗମନାଗମନ ଓ ପାନୀୟଜଳ ସୁବିଧା, ପାର୍କିଂ ବ୍ୟବସ୍ଥା, ଯାତ୍ରୀମାନଙ୍କ ରାତ୍ରରହଣି ପାଇଁ ପାନ୍ଥନିବାସ, ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରିଥିଲେ।


ପର୍ଯ୍ୟଟନସ୍ଥଳୀଗୁଡ଼ିକ ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ କରିବା ପାଇଁ ନୂତନ ଜ୍ଞାନକୌଶଳରେ ସୁବିଧା ସୁଯୋଗ ଯୋଗାଇଦେବା ସହ ଇକୋ ଟୁରିଜିମ୍ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଜିଲା ପୋଲିସ ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତାଳସାରି, କଷାଫଳ ଏବଂ ପଞ୍ଚଲିଙ୍ଗେଶ୍ୱର ଭଳି ପର୍ଯ୍ୟଟନସ୍ଥଳୀର ମାନ୍ୟତା ବୃଦ୍ଧି କରିବା ପାଇଁ ବିହୀତ ପଦକ୍ଷେପ ନେବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ଚାନ୍ଦିପୁର ବେଳାଭୂମିକୁ ରାସ୍ତା ସମସ୍ୟା, ସିମୁଳିଆ ତପସିଗଡ଼ିଆର ଶିବମନ୍ଦିର, ତୁଡ଼ିଗଡ଼ିଆ ଶହୀଦ ସ୍ତମ୍ଭ ଉନ୍ନତି ସହ କୁପାରୀ ଏବଂ ଅଯୋଧ୍ୟାକୁ ବୁଦ୍ଧିଷ୍ଟ ଟୁରିଜିମ୍ ସର୍କିଟ୍‌ରେ ପରିଣତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଥିବା ସମସ୍ତ ପୁରୁଣା ଓ ସାଂସ୍କୃତିକ ମନ୍ଦିର ପୁନରୁଦ୍ଧାର ସହ ବାରବାଟୀ ସ୍କୁଲ ମଧ୍ୟରେ ଥିବା ଶହୀଦମାନଙ୍କର ସ୍ମୃତିକୁ ଉଦ୍ଧାର କରାଯାଇ ସାଂସ୍କୃତିକ ବିଭାଗକୁ ହସ୍ତାନ୍ତର କରାଯିବାର ମନ୍ତ୍ରୀ ଓ ଉପସ୍ଥିତ ବିଧାୟକ ବୈଠକରେ ଆଲୋଚନା କରିଥିଲେ।

### ପୂର୍ବତନ ଚେୟାରମ୍ୟାନଙ୍କ ସ୍ମୃତିଚାରଣ

ଭୋଗରାଇ,୨୬।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ପୂର୍ବତନ ଚେୟାରମ୍ୟାନ୍ ଧନଞ୍ଜୟ ପାତ୍ର ଥିଲେ ଏକାଧାରାରେ ସରଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତିତ୍ୱ। ତାଙ୍କ ଅକାଳ ମୃତ୍ୟୁ ଜନସାଧାରଣଙ୍କୁ ଦୁଃଖିତ କରିଛି। ତାଙ୍କ ଭଳି ସରଳ ରାଜନୈତିକ ବ୍ୟକ୍ତିତ୍ୱ ବିରଳ ବୋଲି ଶନିବାର ପୂର୍ବତନ ଚେୟାରମ୍ୟାନ୍‌ଙ୍କ ସ୍ମୃତିସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି।

ବାରବାଟିଆ ଗ୍ରାମସ୍ଥିତ ଧନଞ୍ଜୟ ପାତ୍ରଙ୍କ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ। ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଭାଇସ୍‌ଚେୟାରମ୍ୟାନ୍ ଦୀପକ କୁମାର ଦାସ, ବିଜେଡି ସଭାପତି ରମାକାନ୍ତ କରଣଙ୍କ ସହ ବହୁ ବିଜେଡି, କଂଗ୍ରେସ ଓ ଭାଜପାର ନେତୃସ୍ଥାନୀୟ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।










## ସୁରଭିରେ ଭାଗନେଲେ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

ବାଲେଶ୍ୱର ଅଫିସ, ୨୬।୧୦

ବାଲେଶ୍ୱର ସଦର ବ୍ଲକର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଶନିବାର ଟାଉନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କବିତା ଜେନା ଅଧ୍ୟକ୍ଷତା କରିଥିବାବେଳେ ଉଦ୍‌ଘାଟକ ଭାବରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇଥିଲେ। ୨୧ କ୍ଲଷ୍ଟରରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିରୁ କୃତିତ୍ୱ ଅର୍ଜନ କରିଥିବା ପିଲାମାନେ ଆସନ୍ତା ନଭେମ୍ବର ୨ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମଦନମୋହନ ଦତ୍ତ ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଜିଲାର ମାନ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦିପ୍ତୀଲତା ଦାସ, ମୀନତି ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପ୍ରଧାନଶିକ୍ଷକ ସୁଧାଂଶୁ ଜେନା, ଦୀପକ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପିଲାମାନଙ୍କର ଭବିଷ୍ୟତ ଜୀବନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିର୍ତ୍ତନ ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସମସ୍ତ ସିଆର୍‌ସିସି, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଭାଗବତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଅଧ୍ୟାପକ,କର୍ମଚାରୀ ଦରମା ପାଇ ନ ଥିବା ଅଭିଯୋଗ

**ତେଲକୋଇ,୨୬।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନରେ ଥିବା ସିରିଗିଡା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଗତ ଜୁଲାଇ ମାସରୁ ଦରମା ପାଇନାହାନ୍ତି। ସେହିପରି ଇପିଏଫ୍ ପାଇଁ ୧୫ପ୍ରତିଶତ ଅଂଶ ଧନ ଦିଆ ନ ଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହାକୁ ସମୂହ କର୍ମଚାରୀ ଉଚ୍ଚଶିକ୍ଷା ବିଭାଗ ଡାଇରେକ୍ଟର(ଭୁବନେଶ୍ୱର)ସମେତ କମିଶନର କମ୍ ସେକ୍ରେଟାରୀ ସ୍କୁଲ ଏବଂ ମାସ ଏଜୁକେଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ମାସରୁ ସଂପୃକ୍ତ କର୍ମଚାରୀମାନେ ଦରମା ପାଇନାହାନ୍ତି । କର୍ମଚାରୀଙ୍କ ୧୫ପ୍ରତିଶତ ଇପିଏଫ୍ ଟଙ୍କା ଅଧ୍ୟକ୍ଷଙ୍କ ଆକାଉଣ୍ଟକୁ ଆସିଥିଲେ ହେଁ ପ୍ରଦାନ କରାଯାଇନାହିଁ। ସେହିପରି କଲେଜର କର୍ମଚାରୀଙ୍କ ଦରମା ଆକ୍ରୋଶମୂଳକ ଭାବେ ନଭେମ୍ବର ୨୦୧୭ରୁ ଦିଆଯାଉନାହିଁ । ଯେଉଁମାନେ ଏଥିପାଇଁ ମୁହଁ ଖୋଲୁଛନ୍ତି ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ସେହିପରି ଇପିଏଫ୍ ପାଇଁ ସରକାର ଚିଠି ନଂ-୩୩୦୬୪ ତା ୨୨।୧୧।୧୦୧୬ରେ ସମ୍ମତି ପ୍ରଦାନ କରିଛନ୍ତି। ଏଥିପାଇଁ କଲେଜର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ତାଙ୍କ ଦରମା ଓ ଇପିଏଫ୍ ୧୫ ପ୍ରତିଶତ ତୁରନ୍ତ ପାଇବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା ଶଙ୍କର ମହାପାତ୍ରଙ୍କୁ ପଚାରିବାରୁ ଇପିଏଫ୍ ଟଙ୍କା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକାଉଣ୍ଟରେ ଅଛି । ଦରମା ପ୍ରଦାନରେ ସାମାନ୍ୟ ଅସୁବିଧା ହୋଇଛି। କେବଳ ସେପ୍ଟେମ୍ବର ଓ ଅକ୍ଟୋବର ମାସର ଦରମା ବକେୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି ।

# ମଦଭାଟି ସ୍ଥାନାନ୍ତର ଦାବି ତେଜୁଛି

**ଘସିପୁରା,୨୬।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘସିପୁରା ଅଞ୍ଚଳରେ ଚୋରା ମଦର କାରବାର ବଢି ଚାଲିଛି। ବିଭିନ୍ନ ସ୍ଥାନରେ ଚୋରା ମଦଭାଟି ଚାଲୁଥିଲେ ବି ଏହାକୁ ରୋକାଯାଇ ପାରୁ ନାହିଁ । ଜନଗହଳିପୂର୍ଣ୍ଣ ସ୍ଥାନରେ ମଦ ଭାଟି ଖୋଲିବାକୁ ସରକାରୀ ନିୟମ ନ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଏଭଳିସ୍ଥିତିରେ ଚୋରାମଦ କାରବାର ରୋକିବା ସହ ଆନନ୍ଦପୁର ଉପଖଣ୍ଡର ୧ନମ୍ବର ଘସିପୁରା ଖପରାଖାଇ ବସଷ୍ଟାଣ୍ଡ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଲାଇସେନ୍ସପ୍ରାପ୍ତ ଦେଶୀମଦ ଭାଟି ସ୍ଥାନାନ୍ତର ଲାଗି ଦାବି ତେଜିବାରେ ଲାଗିଛି। ସ୍ଥାନୀୟ ୧୩ ଓ ୧୪ ନମ୍ବର ୱାର୍ଡ଼ର ମହିଳାମାନେ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ୟଙ୍ଗଷ୍ଟାର କ୍ଲବର ସମ୍ପାଦକ ମନୋରଞ୍ଜନ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସରକାର ବସ୍‌ଷ୍ଟାଣ୍ଡ ଭଳି ଜନବସତି ଅଞ୍ଚଳରେ ଥିବା ମଦଭାଟି ବନ୍ଦ କରିବା ସକାଶେ ପଦକ୍ଷେପ ନେବା ଜରୁରୀ। ତା' ନ ହେଲେ ଲୋକେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ସ୍ଥାନୀୟ ବ୍ୟବସାୟୀ ସୁରେଶ କୁମାର ସେଠୀ, ଛାତ୍ର ସୌମ୍ୟ ରଞ୍ଜନ ସାହୁ ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରି ଜନବସତି ତଥା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ନିଶାଦ୍ରବ୍ୟର ପ୍ରସାର ରୋକିବାକୁ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ, ଖପରାଖାଇ ଅଞ୍ଚଳରେ ଥିବା ବସଷ୍ଟାଣ୍ଡକୁ ଆଧୁନିକ ରୂପରେଖ ଦିଆଯିବା ପରଠାରୁ ବସ ଓ ଯାତ୍ରୀଙ୍କ ସଂଖ୍ୟା ବଢିବା ସହ ଦୋକାନବଜାର ପରିସର ବୃଦ୍ଧି ପାଇଛି। ଏଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ମଦ କାରବାର ଯୋଗୁ ନିଶାସକ୍ତ ଲୋକଙ୍କ ପାଦୁର୍ଭାବ ବଢି ଚାଲିଛି। ଏଥିଲାଗି ମହିଳାମାନେ ନିଜକୁ ନିରାପଦ ମଣୁନାହାନ୍ତି। ମଦର ପ୍ରସାର ଯୋଗୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପରିବାରରେ କଳହ ଓ ଅଶାନ୍ତି ସୃଷ୍ଟି ହେଉଛି। ଏହାର ପ୍ରତିକାର ନ ହେଲେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଅବକାରୀ ବିଭାଗ ଏସଆଇ ଅଭିରାମ ବେହେରାଙ୍କୁ ପଚାରିବାରୁ ସ୍ଥାନୀୟ ଲୋକଙ୍କ ଦାବି ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

# ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ଛାତ୍ରୀ

**ବନ୍ତ,୨୬।୧୦(ଡି.ଏନ୍.ଏ.)**



ତ୍ରୁଟିପୂର୍ଣ୍ଣ ପ୍ରମାଣପତ୍ର ଦେଖାଉଛନ୍ତି ବର୍ଷା।

ଭିନ୍ନକ୍ଷମ ପ୍ରମାଣପତ୍ରରେ ତଥ୍ୟଗତ ତ୍ରୁଟି ରହିବା ଯୋଗୁ ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ଗ୍ରାମର ସୁରେଶ ଚନ୍ଦ୍ର ଦ୍ୱିବେଦୀଙ୍କ ଝିଅ ବର୍ଷାରାଣୀ (୧୩) ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସେ ଏବେ ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ୭ମଶ୍ରେଣୀରେ ପାଠ ପଢୁଛନ୍ତି। ଜନ୍ମରୁ କଥା କହିପାରୁ ନ ଥିବା ଏବଂ ସ୍ମୃତିଶକ୍ତି ହରାଇଥିବା ବର୍ଷାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ରର ଆଇଡି ନମ୍ବର ଓଡି ୦୯୧୦୧୨୦୦୬୦୦୬୮୬୫୩। ଏହାର ଡେଟ୍ ଅଫ୍ ଇସ୍ୟୁ ୨୦୧୯ ଜାନୁୟାରୀ ୨୨ ତାରିଖ ଥିବା ବେଳେ ଭାଲିଡିଟି ଡେଟ୍ ୨୦୧୬ ନଭେମ୍ବର ୪ ଉଲ୍ଲେଖ ରହିଛି । ଫଳରେ ଉକ୍ତ କାର୍ଡ କୌଣସି ସରକାରୀ ସହାୟତା କାର୍ଯ୍ୟରେ ଲାଗୁନାହିଁ। ଏନେଇ ବର୍ଷାଙ୍କ ବାପା ଗତ ୧୪ ତାରିଖରେ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ । ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ କୁହାଯାଇଥିଲା। ସେଠାକୁ ସେ ଦୁଇ ଥର ଯାଇଥିଲେ ବି ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କ କାର୍ଡର କାର୍ଯ୍ୟକାଳ ପୂରି ଯାଇଥିବା କହି ଆଉ ଥରେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ କହିଛନ୍ତି । ଅନ୍ ଲାଇନରେ ଆବେଦନ କରିବା ପରେ ମାସକ ତଳେ ପାଇଥିବା କାର୍ଡର କାର୍ଯ୍ୟକାଳ ପୂରିଯିବା ଘଟଣାରେ ବର୍ଷାଙ୍କ ବାପା ସୁରେଶ ପ୍ରତିକ୍ରିୟା ପ୍ରକାଶ କରି ପ୍ରଶାସନ ତ୍ରୁଟି ସୁଧାରିବା ପରିବର୍ତ୍ତେ ତାଙ୍କ ଭଳି ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ କୁମାର ଖଟୁଆଙ୍କୁ ପଚାରିବାରୁ କହିଛନ୍ତି, ଗୋଟିଏ କାର୍ଡର ଭାଲିଡିଟି ଅତିକମ୍‌ରେ ୩ ବର୍ଷ ରହିବା କଥା। ତେବେ ଏଥିରେ ତ୍ରୁଟି ହୋଇଛି । ଏହାକୁ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି।

# ବନ୍ୟାସ୍ରୋତରେ ଭାସିଗଲେ, ଖୋଜି ପାଇଲାନି ଦମକଳ ବାହିନୀ

**ସୋର, ୨୬।୧୦(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ଗୋପାଳପୁର -ଅନନ୍ତପୁର ରାସ୍ତା ମଝିରେ ଥିବା ଏକ ଘୁଷୁରା ପୋଲରେ ଗତ ଲଗାଣ ବର୍ଷାରେ ହୋଇଥିବା ଜଳସ୍ରୋତରେ ଶନିବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି ଭାସିଯାଇଥିବା ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଖବରପାଇ ସୋର ଦମକଳବାହିନୀ ଘଟଣାସ୍ଥଳକୁ ଯାଇ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଉଦ୍ଧାର କାର୍ଯ୍ୟ ହୋଇପାରିନି। ସେଠାରେ କେତେକ ଲୋକଙ୍କ କହିବାନୁଯାୟୀ ଭାସିଯାଇଥିବା ବ୍ୟକ୍ତି ଜଣକ ନିଜ ଚେଷ୍ଟାରେ କୂଳକୁ ଆସି ପଳାଇଯାଇଛନ୍ତି। ଏନେଇ କୌଣସି ଠିକ୍ ତଥ୍ୟ ହସ୍ତଗତ ହୋଇପାରି ନ ଥିବା ବେଳେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରୁ ଫେରିଆସିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶିଙ୍ଗ ଧରିବ ଜଣେ**
**ଦୁଧ ଖାଇବ ଆଉ ଜଣେ ।**

ସମୟ ଓ ପରିସ୍ଥିତି ଚାପରେ ପଡ଼ି ମଣିଷ ବେଳେବେଳେ ଭୋକ ଉପାସରେ ପଡ଼ିରହେ, ଅଥଚ ଅନ୍ୟକେହି ବିନା ଶ୍ରମରେ ସେସବୁକୁ ଗ୍ରହଣ କରିନିଏ। କଷ୍ଟ କରିବା ଲୋକର ଫଳପ୍ରାପ୍ତିରେ ଦାବି ନ ଥାଏ। ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗକରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଂସାର ଭିତରେ ଘର କରିଥିଲେ**
**ପଥର ପଡ଼ିଲେ ସହି ।**

ତେଲ ଲୁଣ ସଂସାର ଭିତରେ ଘର କରିଥିଲେ ଅନେକ ଦୁଃଖକଷ୍ଟ ଓ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିରେ ବିଚଳିତ ହୋଇ ଭାଙ୍ଗିପଡ଼ିଲେ ସଂସାର କରିବା କଷ୍ଟକର ହୋଇଯାଇଥାଏ। ସମୟର କାଳଚକ୍ର ଘୂରି ଘୂରି ଚାଲୁଥିବା ସ୍ଥଳେ ଏସବୁକୁ ଭ୍ରୂକ୍ଷେପ ନ କରି ନିଜ କର୍ମପଥରେ ଆଗେଇ ଚାଲିବା ହିଁ ପ୍ରକୃତ ମାନବୀୟ ଧର୍ମର ଲକ୍ଷଣ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଜିଲାସ୍ତରୀୟ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ

# ୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ବାରିପଦା ଅଫିସ,୨୬।୧୦**

ବାରିପଦାସ୍ଥିତ ଶ୍ରୀପଦଗଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨୭ ତମ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୮୨ ଶିଶୁ ବିଜ୍ଞାନୀ ନିର୍ଦ୍ଧାରିତ ୫ଟି ବିଷୟବସ୍ତୁ ଉପରେ ପ୍ରକଳ୍ପ ଉପସ୍ଥାପନା କରିଥିଲେ। ବିଚାରକ ଭାବେ ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ରାଧ୍ୟାପକ ସ୍ମୃତିରେଖା ଗିରି, ସୀମାନ୍ତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ଅନିଲ ଝା, ପ୍ରାକ୍ତନ ଜିଲା ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସର ସଂଯୋଜକ କେଶବ ଚନ୍ଦ୍ର ସାହୁ ଏବଂ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନଳିନୀ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରକଳ୍ପ ମଧ୍ୟରୁ ୫ ଟି ପ୍ରକଳ୍ପ ଆଗାମୀ ନଭେମ୍ବର ୯ରୁ ୧୧ ତାରିଖ ମଧ୍ୟରେ ଭୁବନେଶ୍ୱରସ୍ଥିତ ଡୋନ ଇଣ୍ଟରନ୍ୟାଶନାଲ ସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସରେ ମୟୂରଭଞ୍ଜ ଜିଲାରୁ ପ୍ରତିନିଧିତ୍ୱ କରିବେ। ଏହି ୫ ପ୍ରତିଯୋଗୀ ହେଲେ ଅନ୍ୱେଷଣ ମହାପାତ୍ର, ପୁଲିନ ରଞ୍ଜନ ଭୂୟାଁ, ସୀତାଲତା ମାର୍ଣ୍ଡି, ଶ୍ରାବଣୀ ନାଏକ ଓ ତେଜସ୍ୱିନୀ ସେନାପତି।


No. XXXI-33

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

RDM-LAB-BOUDH-0020-2017 19988 ତା. ୧୫.୦୭.୨୦୧୯

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ତିଳିକୁପ, ଥାନା- ପୁରୁଣାକଟକ, ନଂ-୬୧, ତହସିଲ୍- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୮୫୭, ତା.୧୪.୦୯.୨୦୧୭ରିଖ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ତିଳିକୁପ, ଥାନା-ପୁରୁଣାକଟକ, ଜିଲ୍ଲା-ବୌଦ୍ଧରେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ନିମିତ୍ତ ଯୋଜନାର ରୂପରେଖ ଓ ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା।

ଏହି ଘୋଷଣାନାମା ସହିତ କ୍ଷତିଗ୍ରସ୍ତ ପରିବାର ଉଦ୍ଦେଶ୍ୟରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖ ସମ୍ପର୍କେ ଯେଉଁ ତଥ୍ୟ ଆବଶ୍ୟକ ହେଉଅଛି, ତାହା ପୁନର୍ବାସ ଓ ଥଇଥାନ ଉପବିଭାଗ, ଜିଲ୍ଲାପାଳ ବୌଦ୍ଧଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.boudh.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋଚନ ପାଇଁ ଅପଲୋଡ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ/କ୍ଷେତ୍ରିୟ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ବୌଦ୍ଧ ତହସିଲ : ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତିଳିକୁପ | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ. ୯୮.୬୯୦ | ଏ. ୭୨.୩୬୦ | ଏଥିସହ ସଂଲଗ୍ନ କରାଗଲା |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୩.୦୨୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

### ତଫସିଲ-ଖ
(ପ୍ରସ୍ତାବିତ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ବୌଦ୍ଧ ତହସିଲ : ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ଅଟେ | | | | | | | |
| କ୍ଷତିଗ୍ରସ୍ତ ପରିବାର ଉଦ୍ଦେଶ୍ୟରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ରୂପରେଖ ଓ ସାରମର୍ମ ଏଥି ସହ ସଂଲଗ୍ନ କରାଗଲା। | | | | | | | |

• ଅଧିସୂଚନାର ବୈଧ ତାରିଖ : ୧୦.୦୮.୨୦୧୮

ରାଜ୍ୟପାଳନଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଅତିରିକ୍ତ ଶାସନ ସଚିବ

### ଜମିର ତାଲିକା
ଖୋର୍ଦ୍ଧା ରୋଡ- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ : ତିଳିକୁପ, ତହସିଲ : ହରଭଙ୍ଗା, ଥାନା : ପୁରୁଣାକଟକ (ନଂ-୬୧) ଜିଲ୍ଲା : ବୌଦ୍ଧ
ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ ଖତିୟାନ ନଂ | ୨ ପ୍ଲଟ ନଂ | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| ୧ | ୧ | ୪୦୮ | ୧.୬୫୦ | ୦.୦୧୦ | ଆଟ | ଅମୃତ ପଧାନ, ସ୍ୱା: ଘନଶ୍ୟାମ ପଧାନ, ବା: ତୁଳିକୁପ |
| ୨ | ୨ | ୫୧୯ | ୦.୧୨୦ | ୦.୧୨୦ | ଶାରଦ-୨ | ଉପନାଥ ମଲିକ, ପି - ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୩ | | ୫୧୮ | ୦.୧୫୦ | ୦.୧୫୦ | ଶାରଦ-୨ | |
| ୪ | | ୨୩୧ | ୦.୬୪୦ | ୦.୦୫୦ | ଶାରଦ-୨ | |
| ୫ | | ୫୩୩ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୬ | | ୫୪୨ | ୦.୪୪୦ | ୦.୪୪୦ | ଶାରଦ-୧ | |
| ୭ | | ୫୪୦ | ୦.୬୬୦ | ୦.୬୬୦ | ଶାରଦ-୧ | |
| ୮ | | ୪୪୦ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୯ | ୩ | ୫୩୧ | ୦.୧୦୦ | ୦.୧୦୦ | ଶାରଦ-୨ | କାଶିନାଥ ମଲିକ, ପି- ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୧୦ | | ୫୩୦ | ୦.୭୧୦ | ୦.୭୧୦ | ଆଟ | |
| ୧୧ | | ୫୩୪ | ୦.୧୦୦ | ୦.୧୦୦ | ଆଟ | |
| ୧୨ | | ୫୩୬ | ୦.୨୯୦ | ୦.୨୯୦ | ଶାରଦ-୨ | |
| ୧୩ | | ୪୪୨ | ୧.୦୧୦ | ୦.୧୬୦ | ଶାରଦ-୧ | |
| ୧୪ | | ୪୩୮ | ୦.୧୪୦ | ୦.୧୪୦ | ଆଟ | |
| ୧୫ | ୫ | ୨୩୦ | ୦.୬୨୦ | ୦.୬୨୦ | ଶାରଦ-୨ | କାଶିନାଥ ମଲିକ, ତ୍ରିନାଥ ମଲିକ, ଉପନାଥ ମଲିକ, ଦେବନାଥ ମଲିକ, ପି- ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୧୬ | | ୫୪୪ | ୨.୫୮୦ | ୨.୫୮୦ | ଶାରଦ-୨ | |
| ୧୭ | | ୩୦୭ | ୦.୩୬୦ | ୦.୩୬୦ | ଶାରଦ-୨ | |
| ୧୮ | ୬ | ୫୩୨ | ୦.୦୮୦ | ୦.୦୮୦ | ଶାରଦ-୨ | ତ୍ରିନାଥ ମଲିକ, ପି- ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୧୯ | | ୫୪୧ | ୦.୫୯୦ | ୦.୫୯୦ | ଶାରଦ-୧ | |
| ୨୦ | | ୫୦୨ | ୦.୬୫୦ | ୦.୬୫୦ | ଶାରଦ-୧ | |
| ୨୧ | | ୩୦୧ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୨୨ | | ୩୦୦ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୨୩ | ୭ | ୧୭୩ | ୨.୪୫୦ | ୨.୪୫୦ | ଶାରଦ-୨ | ତ୍ରିନାଥ ପଧାନ, ଶ୍ରୀବନ୍ତ ପଧାନ, ପି- ସନାତନ ପଧାନ, ବା: ତୁଳିକୁପ |
| ୨୪ | | ୧୭୨ | ୦.୬୨୦ | ୦.୬୨୦ | ଶାରଦ-୨ | |
| ୨୫ | | ୧୭୪ | ୦.୨୧୦ | ୦.୨୧୦ | ଆଟ | |
| ୨୬ | | ୧୭୮ | ୧.୧୫୦ | ୦.୦୧୦ | ଆଟ | |
| ୨୭ | | ୨୧୮ | ୧.୭୮୦ | ୦.୦୧୦ | ଆଟ | |
| ୨୮ | | ୪୩୬ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୨୯ | | ୩୧୯ | ୦.୬୨୦ | ୦.୬୨୦ | ଶାରଦ-୨ | |
| ୩୦ | ୮ | ୩୦ | ୦.୯୦୦ | ୦.୮୫୦ | ଆଟ | ଦୁଃଖୀ ବେହେରା, ପି- ସାରଥି ବେହେରା, ବା: ତୁଳିକୁପ |
| ୩୧ | | ୪୭୭ | ୦.୧୧୦ | ୦.୦୩୦ | ଆଟ | |
| ୩୨ | ୯ | ୨୨୯ | ୦.୬୦୦ | ୦.୧୦୦ | ଶାରଦ-୨ | ଦେବନାଥ ମଲିକ, ପି-ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୩୩ | | ୫୨୦ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୩୪ | ୯ | ୫୩୬ | ୦.୩୬୦ | ୦.୩୬୦ | ଶାରଦ-୨ | ଦେବନାଥ ମଲିକ, ପି- ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୩୫ | | ୫୩୯ | ୧.୨୨୦ | ୧.୨୨୦ | ଶାରଦ-୧ | |
| ୩୬ | | ୫୩୫ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୩୭ | | ୩୦୦ | ୦.୧୦୦ | ୦.୦୭୦ | ଶାରଦ-୨ | |
| ୩୮ | ୧୦ | ୩୮ | ୧.୬୨୦ | ୧.୬୨୦ | ଆଟ | ଦେବର୍ତନ ମଲିକ, ଭାସ୍କର ମଲିକ, ଶ୍ରୀକର ମଲିକ, ରଞ୍ଜନା ମଲିକ, ପି- କାର୍ତ୍ତିକ ମଲିକ, ସୁରୁମୁହି ମଲିକ, ସ୍ୱା: କାର୍ତ୍ତିକ ମଲିକ, ବା: ତୁଳିକୁପ |
| ୩୯ | | ୩୫ | ୧.୨୦୦ | ୦.୧୪୦ | ଶାରଦ-୨ | |
| ୪୦ | | ୪୧ | ୦.୮୨୦ | ୦.୮୨୦ | ଆଟ | |
| ୪୧ | | ୪୨ | ୧.୫୩୦ | ୦.୩୯୦ | ଆଟ | |
| ୪୨ | ୧୧ | ୬୧ | ୦.୭୮୦ | ୦.୨୬୦ | ଶାରଦ-୨ | ନାରାୟଣ କହଁର, ଘନଶ୍ୟାମ କହଁର, ପି- ରାଇଧର କହଁର, ବା: ତୁଳିକୁପ |
| ୪୩ | | ୬୦ | ୦.୨୭୦ | ୦.୧୧୦ | ଶାରଦ-୨ | |
| ୪୪ | | ୫୯ | ୦.୧୩୦ | ୦.୦୬୦ | ଘରବାରି | |
| ୪୫ | | ୫୬ | ୦.୬୬୦ | ୦.୬୬୦ | ଶାରଦ-୨ | |
| ୪୬ | | ୫୮ | ୦.୧୬୦ | ୦.୦୧୦ | ଘରବାରି | |
| ୪୭ | | ୫୬ | ୦.୪୫୦ | ୦.୧୧୦ | ଘରବାରି | |
| ୪୮ | | ୬୬ | ୧.୭୮୦ | ୧.୧୭୦ | ଶାରଦ-୧ | |
| ୪୯ | | ୧୬୩ | ୦.୬୮୦ | ୦.୬୮୦ | ଶାରଦ-୨ | |
| ୫୦ | | ୫୧୫ | ୧.୮୮୦ | ୦.୪୪୦ | ଆଟ | |
| ୫୧ | | ୪୭୧ | ୦.୨୯୦ | ୦.୨୯୦ | ଆଟ | |
| ୫୨ | ୧୩ | ୨୨୪ | ୦.୨୩୦ | ୦.୨୩୦ | ଶାରଦ-୨ | ପିତବାସ ମଲିକ, ପି- ନିରାକାର ମଲିକ, ମୁକ୍ତେଶ୍ୱର ମଲିକ, ପି- ବିଷ୍ଣୁ ମଲିକ, ବା: ତୁଳିକୁପ |
| ୫୩ | | ୪୩୩ | ୦.୩୨୦ | ୦.୩୨୦ | ଆଟ | |
| ୫୪ | | ୩୦୨ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୫୫ | | ୨୯୫ | ୦.୧୫୦ | ୦.୧୫୦ | ଘରବାରି | |
| ୫୬ | | ୨୯୬ | ୦.୨୧୦ | ୦.୨୧୦ | ଶାରଦ-୨ | |
| ୫୭ | | ୨୯୭ | ୦.୨୪୦ | ୦.୦୬୦ | ଆଟ | |
| ୫୮ | | ୨୯୩ | ୦.୧୨୦ | ୦.୦୩୦ | ଶାରଦ-୨ | |
| ୫୯ | | ୩୨୨ | ୧.୫୮୦ | ୧.୫୮୦ | ଘରବାରି | |
| ୬୦ | | ୪୨୮/୫୫୧ | ୦.୦୯୦ | ୦.୦୫୦ | ଶାରଦ-୨ | |
| ୬୧ | | ୩୨୬ | ୦.୩୯୦ | ୦.୦୮୦ | ଆଟ | |
| ୬୨ | ୧୪ | ୫୨୫ | ୧.୨୩୦ | ୧.୨୩୦ | ଆଟ | ପୁରନ୍ଦର ମଲିକ, ପି- ମାନେଶ୍ୱର ମଲିକ, ବା: ତୁଳିକୁପ |
| ୬୩ | | ୫୨୬ | ୦.୭୨୦ | ୦.୪୨୦ | ଆଟ | |
| ୬୪ | | ୫୨୭ | ୧.୯୭୦ | ୧.୯୭୦ | ଆଟ | |
| ୬୫ | | ୫୨୮ | ୦.୮୩୦ | ୦.୮୩୦ | ଆଟ | |
| ୬୬ | | ୫୨୯ | ୧.୨୬୦ | ୧.୨୬୦ | ଆଟ | |
| ୬୭ | | ୫୦୩ | ୦.୬୮୦ | ୦.୬୮୦ | ଶାରଦ-୨ | |
| ୬୮ | ୧୪ | ୨୮୪ | ୧.୫୮୦ | ୦.୦୧୦ | ଶାରଦ-୨ | ପୁରନ୍ଦର ମଲିକ, ପି- ମାନେଶ୍ୱର ମଲିକ, ବା: ତୁଳିକୁପ |
| ୬୯ | | ୪୩୯ | ୦.୨୪୦ | ୦.୨୪୦ | ଶାରଦ-୨ | |
| ୭୦ | ୧୭ | ୩୨୫ | ୧.୭୫୦ | ୦.୯୨୦ | ଆଟ | ବଳରାମ ପଧାନ, ପି- ଜଇ ପଧାନ, ବା: ତୁଳିକୁପ |
| ୭୧ | ୧୯ | ୧୬୬ | ୧.୭୨୦ | ୦.୧୫୦ | ଶାରଦ-୨ | ବାଞ୍ଛାନିଧି ଜାନି, ପି- ସାଧୁ ଜାନି, ବା: ତୁଳିକୁପ |
| ୭୨ | | ୧୫୮ | ୧.୯୮୦ | ୦.୭୩୦ | ଆଟ | |
| ୭୩ | ୨୧ | ୫୧୭ | ୦.୨୨୦ | ୦.୦୮୦ | ଶାରଦ-୨ | ବିରନାଥ ମଲିକ, ପି- ସିଦ୍ଧେଶ୍ୱର ମଲିକ, ବା: ତୁଳିକୁପ |
| ୭୪ | | ୫୩୮ | ୧.୨୫୦ | ୧.୦୩୦ | ଶାରଦ-୨ | |
| ୭୫ | | ୫୦୧ | ୦.୬୬୦ | ୦.୬୨୦ | ଶାରଦ-୧ | |
| ୭୬ | | ୩୦୬ | ୦.୩୨୦ | ୦.୩୨୦ | ଶାରଦ-୨ | |
| ୭୭ | | ୩୦୯ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୭୮ | ୨୨ | ୨୯ | ୧.୦୧୦ | ୦.୦୩୦ | ଆଟ | ବିଶ୍ୱମ୍ବର କହଁର, ପି- ଉଦ୍ଧବ କହଁର, ବା: ତୁଳିକୁପ |
| ୭୯ | ୨୩ | ୪୪୮ | ୦.୩୮୦ | ୦.୩୮୦ | ଶାରଦ-୨ | ବୈଷ୍ଣବ ଗଣ୍ଡା, ପି- ଗଦାଧର ଗଣ୍ଡା, ଜ.ଦ. ଉପନାଥ ମଲିକ, ପି- ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୮୦ | ୨୭ | ୫୪୫ | ୦.୪୦୦ | ୦.୪୦୦ | ଶାରଦ-୨ | ରମ୍ଭା ମଲିକ, ପି- ସିଦ୍ଧେଶ୍ୱର ମଲିକ, ବା: ତୁଳିକୁପ |
| ୮୧ | | ୫୪୬ | ୦.୮୮୦ | ୦.୮୮୦ | ଆଟ | |
| ୮୨ | | ୫୪୭ | ୦.୬୨୦ | ୦.୬୨୦ | ଶାରଦ-୨ | |
| ୮୩ | | ୫୪୮ | ୧.୬୫୦ | ୧.୧୫୦ | ଆଟ | |
| ୮୪ | | ୪୩୫ | ୦.୪୫୦ | ୦.୪୫୦ | ଆଟ | |
| ୮୫ | ୨୮ | ୩୨୮ | ୨.୧୨୦ | ୨.୧୨୦ | ଶାରଦ-୨ | ରାମ ବାରିକ, ପି- କୃତାର୍ଥ ବାରିକ, ବା: ତୁଳିକୁପ |
| ୮୬ | | ୩୨୭ | ୦.୧୨୦ | ୦.୧୨୦ | ଆଟ | |
| ୮୭ | ୩୦ | ୧୭୧ | ୧.୩୩୦ | ୧.୩୩୦ | ଶାରଦ-୨ | ସଦାଶିବ ମଲିକ, ଚିତ୍ରସେନ ମଲିକ, ପି- ଗୌରାଙ୍ଗ ମଲିକ, ଦେବସ୍ୱର ମଲିକ, ପି- ଲୋକନାଥ ମଲିକ, ଭାରତ ମଲିକ, ଶତ୍ରୁଘନ ମଲିକ, ରବିନ୍ଦ୍ର ମଲିକ, ପି- ଲକ୍ଷ୍ମଣ ମଲିକ, ବା: ତୁଳିକୁପ |
| ୮୮ | | ୧୬୭ | ୦.୦୨୦ | ୦.୦୨୦ | ଆଟ | |
| ୮୯ | | ୧୭୦ | ୧.୬୪୦ | ୧.୬୪୦ | ଶାରଦ-୨ | |
| ୯୦ | | ୨୨୫ | ୦.୩୦୦ | ୦.୩୦୦ | ଶାରଦ-୨ | |
| ୯୧ | | ୧୬୯ | ୦.୪୯୦ | ୦.୪୯୦ | ଶାରଦ-୨ | |
| ୯୨ | | ୨୨୬ | ୦.୪୧୦ | ୦.୪୧୦ | ଶାରଦ-୨ | |
| ୯୩ | | ୨୨୭ | ୦.୪୫୦ | ୦.୪୨୦ | ଶାରଦ-୨ | |
| ୯୪ | | ୨୨୮ | ୦.୩୧୦ | ୦.୨୫୦ | ଶାରଦ-୨ | |
| ୯୫ | | ୫୦୪ | ୦.୩୩୦ | ୦.୦୨୦ | ଶାରଦ-୨ | |
| ୯୬ | | ୫୦୬ | ୦.୧୪୦ | ୦.୦୧୦ | ଶାରଦ-୨ | |
| ୯୭ | | ୫୦୦ | ୦.୩୮୦ | ୦.୩୮୦ | ଶାରଦ-୨ | |
| ୯୮ | | ୪୯୯ | ୦.୨୩୦ | ୦.୨୩୦ | ଶାରଦ-୨ | |
| ୯୯ | | ୪୬୨ | ୦.୪୫୦ | ୦.୪୫୦ | ଶାରଦ-୨ | |
| ୧୦୦ | | ୪୬୯ | ୦.୧୭୦ | ୦.୧୬୦ | ଶାରଦ-୨ | |
| ୧୦୧ | ୩୦ | ୪୭୨ | ୦.୩୪୦ | ୦.୧୨୦ | ଆଟ | ସଦାଶିବ ମଲିକ, ଚିତ୍ରସେନ ମଲିକ, ପି- ଗୌରାଙ୍ଗ ମଲିକ, ଦେବସର ମଲିକ, ପି- ଲୋକନାଥ ମଲିକ, ଭରତ ମଲିକ, ଶତ୍ରୁଘନ ମଲିକ, ରବିନ୍ଦ୍ର ମଲିକ, ପି- ଲକ୍ଷ୍ମଣ ମଲିକ, ବା: ତୁଳିକୁପ |
| ୧୦୨ | | ୪୭୩ | ୦.୩୪୦ | ୦.୧୭୦ | ଆଟ | |
| ୧୦୩ | | ୪୭୪ | ୦.୨୧୦ | ୦.୧୫୦ | ଆଟ | |
| ୧୦୪ | | ୪୭୫ | ୦.୧୦୦ | ୦.୦୮୦ | ଆଟ | |
| ୧୦୫ | | ୪୭୬ | ୦.୪୮୦ | ୦.୪୮୦ | ଆଟ | |
| ୧୦୬ | | ୪୫୨ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୦୭ | | ୪୫୩ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୧୦୮ | | ୪୫୪ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୧୦୯ | | ୪୬୩ | ୦.୧୧୦ | ୦.୧୧୦ | ଶାରଦ-୨ | |
| ୧୧୦ | | ୪୫୫ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୧୧୧ | | ୪୬୬ | ୦.୧୯୦ | ୦.୧୯୦ | ଶାରଦ-୨ | |
| ୧୧୨ | | ୪୬୭ | ୦.୧୧୦ | ୦.୧୧୦ | ଶାରଦ-୨ | |
| ୧୧୩ | | ୪୬୮ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୧୪ | | ୪୬୪ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୧୧୫ | | ୪୬୫ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୧୧୬ | | ୪୫୭ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୧୭ | | ୪୫୮ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୧୧୮ | | ୪୬୦ | ୦.୩୩୦ | ୦.୩୩୦ | ଶାରଦ-୨ | |
| ୧୧୯ | | ୪୬୧ | ୦.୨୬୦ | ୦.୨୬୦ | ଶାରଦ-୨ | |
| ୧୨୦ | | ୪୪୭ | ୧.୬୫୦ | ୧.୪୦୦ | ଶାରଦ-୧ | |
| ୧୨୧ | | ୪୫୬ | ୦.୨୬୦ | ୦.୨୬୦ | ଶାରଦ-୨ | |
| ୧୨୨ | | ୪୫୧ | ୦.୪୯୦ | ୦.୪୯୦ | ଆଟ | |
| ୧୨୩ | | ୪୫୦ | ୦.୪୫୦ | ୦.୪୫୦ | ଆଟ | |
| ୧୨୪ | | ୪୪୯ | ୦.୪୫୦ | ୦.୪୫୦ | ଆଟ | |
| ୧୨୫ | | ୪୩୭ | ୦.୦୮୦ | ୦.୦୮୦ | ଆଟ | |
| ୧୨୬ | | ୩୦୩ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୧୨୭ | | ୨୯୪ | ୦.୪୧୦ | ୦.୪୧୦ | ଘରବାରି | |
| ୧୨୮ | | ୨୯୨ | ୦.୧୦୦ | ୦.୦୧୦ | ଶାରଦ-୨ | |
| ୧୨୯ | | ୨୯୧ | ୦.୩୦୦ | ୦.୦୧୦ | ଶାରଦ-୨ | |
| ୧୩୦ | | ୩୨୪ | ୦.୪୫୦ | ୦.୧୨୦ | ଘରବାରି | |
| ୧୩୧ | | ୩୧୬ | ୦.୧୯୦ | ୦.୧୯୦ | ଶାରଦ-୨ | |
| ୧୩୨ | | ୩୧୫ | ୦.୨୦୦ | ୦.୨୦୦ | ଶାରଦ-୨ | |
| ୧୩୩ | | ୩୧୪ | ୦.୨୧୦ | ୦.୨୧୦ | ଶାରଦ-୨ | |
| ୧୩୪ | | ୩୧୨ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୩୫ | ୩୦ | ୩୧୩ | ୦.୧୫୦ | ୦.୧୫୦ | ଘରବାରି | ସଦାଶିବ ମଲିକ, ଚିତ୍ରସେନ ମଲିକ, ପି- ଗୌରାଙ୍ଗ ମଲିକ, ଦେବସର ମଲିକ, ପି- ଲୋକନାଥ ମଲିକ, ଭରତ ମଲିକ, ଶତ୍ରୁଘନ ମଲିକ, ରବିନ୍ଦ୍ର ମଲିକ, ପି- ଲକ୍ଷ୍ମଣ ମଲିକ, ବା: ତୁଳିକୁପ |
| ୧୩୬ | | ୩୧୭ | ୦.୨୪୦ | ୦.୨୪୦ | ଶାରଦ-୨ | |
| ୧୩୭ | | ୩୧୮ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୩୮ | | ୩୧୦ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୧୩୯ | | ୩୧୧ | ୦.୧୭୦ | ୦.୧୭୦ | ଶାରଦ-୨ | |
| ୧୪୦ | | ୩୨୩ | ୦.୪୪୦ | ୦.୪୦୦ | ଘରବାରି | |
| ୧୪୧ | | ୩୨୧ | ୦.୧୬୦ | ୦.୧୬୦ | ଘରବାରି | |
| ୧୪୨ | | ୪୩୨ | ୦.୩୧୦ | ୦.୩୧୦ | ଶାରଦ-୨ | |
| ୧୪୩ | | ୪୩୧ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୪୪ | | ୪୩୦ | ୦.୧୮୦ | ୦.୧୮୦ | ଶାରଦ-୨ | |
| ୧୪୫ | | ୪୨୯ | ୦.୦୬୦ | ୦.୦୬୦ | ଶାରଦ-୨ | |
| ୧୪୬ | | ୪୨୮ | ୦.୮୧୦ | ୦.୫୫୦ | ଆଟ | |
| ୧୪୭ | | ୪୨୫ | ୦.୪୭୦ | ୦.୨୫୦ | ଶାରଦ-୧ | |
| ୧୪୮ | | ୩୩୧ | ୧.୪୫୦ | ୧.୪୫୦ | ଆଟ | |
| ୧୪୯ | | ୩୩୨ | ୦.୩୩୦ | ୦.୩୩୦ | ଆଟ | |
| ୧୫୦ | | ୩୩୩ | ୦.୫୪୦ | ୦.୫୪୦ | ଆଟ | |
| ୧୫୧ | | ୪୨୪ | ୦.୬୫୦ | ୦.୪୦୦ | ଶାରଦ-୧ | |
| ୧୫୨ | | ୩୩୪ | ୦.୮୪୦ | ୦.୮୪୦ | ଆଟ | |
| ୧୫୩ | | ୪୨୧ | ୦.୬୭୦ | ୦.୬୫୦ | ଶାରଦ-୧ | |
| ୧୫୪ | | ୪୨୨ | ୦.୪୦୦ | ୦.୦୫୦ | ଆଟ | |
| ୧୫୫ | | ୪୧୯ | ୦.୯୭୦ | ୦.୮୩୦ | ଆଟ | |
| ୧୫୬ | | ୪୨୦ | ୦.୫୮୦ | ୦.୫୮୦ | ଶାରଦ-୧ | |
| ୧୫୭ | | ୪୧୭ | ୦.୬୫୦ | ୦.୨୨୦ | ଆଟ | |
| ୧୫୮ | | ୪୧୮ | ୦.୨୫୦ | ୦.୨୫୦ | ଆଟ | |
| ୧୫୯ | | ୩୩୭ | ୦.୩୦୦ | ୦.୦୯୦ | ଆଟ | |
| ୧୬୦ | ୩୧ | ୧୬୨ | ୦.୨୦୦ | ୦.୨୦୦ | ଆଟ | ଶ୍ୟାମନାଥ ମଲିକ, ପି- ରିଷ୍ଟୁ ମଲିକ, ବା : ତୁଳିକୁପ |
| ୧୬୧ | | ୧୬୧ | ୧.୫୫୦ | ୦.୩୨୦ | ଆଟ | |
| ୧୬୨ | | ୧୬୪ | ୦.୧୩୦ | ୦.୧୩୦ | ଆଟ | |
| ୧୬୩ | | ୪୪୩ | ୦.୯୮୦ | ୦.୫୪୦ | ଶାରଦ-୧ | |
| ୧୬୪ | | ୩୦୫ | ୦.୨୫୦ | ୦.୨୫୦ | ଶାରଦ-୨ | |
| ୧୬୫ | | ୩୦୮ | ୦.୧୭୦ | ୦.୧୭୦ | ଶାରଦ-୨ | |
| ୧୬୬ | ୩୩ | ୪୯୨ | ୨.୨୫୦ | ୦.୦୧୦ | ଆଟ | ହୃଦାନନ୍ଦ ମଲିକ, ପି- ଗୁରୁନାଥ ମଲିକ, ରଙ୍ଗବତୀ ମଲିକ, ସା- ଗୁରୁନାଥ ମଲିକ, ବା: ତୁଳିକୁପ |
| ୧୬୭ | | ୪୯୬ | ୧.୬୬୦ | ୦.୮୧୦ | ଆଟ | |
| ୧୬୮ | | ୪୯୭ | ୧.୪୯୦ | ୧.୪୯୦ | ଆଟ | |
| ୧୬୯ | ୩୩/୧୦ | ୩୯/୫୮୨ | ୦.୦୪୦ | ୦.୦୪୦ | ଘରବାରି | ପ୍ରଫୁଲ୍ଲ ମଲିକ, ପି- ଶେଷଦେବ ମଲିକ, ଶୁଭାଷିନି ମଲିକ, ସ୍ୱା: ପ୍ରଫୁଲ୍ଲ ମଲିକ, ବା: ତୁଳିକୁପ |
| ୧୭୦ | ୩୩/୧୪ | ୪୨୯/ ୫୮୫ | ୦.୪୪୦ | ୦.୪୪୦ | ଶାରଦ-୨ | ତ୍ରିନାଥ ମଲିକ, ପି- ଗୁପ୍ତେଶ୍ୱର ମଲିକ, ବା: ତୁଳିକୁପ |
| ୧୭୧ | ୩୩/୪ | ୪୧୭/ ୫୭୭ | ୦.୫୦୦ | ୦.୦୧୦ | ଆଟ | ଶଚିନ୍ଦ୍ର ପଧାନ, ପି- ଭାସ୍କର ପଧାନ, ବା: ତୁଳିକୁପ |
| ୧୭୨ | ୩୩/୬ | ୩୩୪/ ୫୭୮ | ୦.୫୦୦ | ୦.୫୦୦ | ଆଟ | ଅମରେଶ ପଧାନ, ପି- ଜଗନ୍ନାଥ ପଧାନ, ବା: ତୁଳିକୁପ |
| ମୋଟ | | | ୯୮.୬୯୦ | ୬୯.୩୪୦ | | |
| ବ୍ୟକ୍ତିଗତ ଜମିର ଶମଶାନ ବଦଳି | | | | | | |
| ୧ | ୩୩ | ୪୯୨ | ୨.୨୫୦ | ୨.୧୭୦ | ଆଟ | ହୃଦାନନ୍ଦ ମଲିକ, ପି- ଗୁରୁନାଥ ମଲିକ, ରଙ୍ଗବତୀ ମଲିକ, ସ୍ୱା- ଗୁରୁନାଥ ମଲିକ, ବା: ତୁଳିକୁପ |
| ୨ | | ୪୯୬ | ୧.୬୬୦ | ୦.୮୫୦ | ଆଟ | |
| ମୋଟ | | | | ୩.୦୨୦ | | |
| ଏକର.ଡେସିମାଲ | | | | | | |
| ବ୍ୟକ୍ତିଗତ ଜମି | | | | ୬୯.୩୪୦ | | |
| ବ୍ୟକ୍ତିଗତ ଜମିର ଶମଶାନ ବଦଳି | | | | ୩.୦୨୦ | | |
| ମୋଟ | | | ୯୮.୬୯୦ | ୭୨.୩୬୦ | | |

24001/14/0256/1920

## ଗ୍ରୀନ୍ ଦୀପାବଳି

ଆଲୋକର ପର୍ବ ଦୀପାବଳି ପାଇଁ ଉତ୍ସବମୁଖର ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ଘରଠାରୁ ଆରମ୍ଭ କରି ଦୋକାନ ବଜାର, ବେସରକାରୀ ଓ ସରକାରୀ ଅନୁଷ୍ଠାନ ସବୁଠି ଶୋଭାପାଉଛି ରଙ୍ଗିନ ଆଲୋକମାଳା। ଅସତ୍ୟ ଉପରେ ସତ୍ୟର ଜୟ, ଅନ୍ଧାର ଉପରେ ଆଲୋକର ବିଜୟ ପାଇଁ ଉତ୍ସବ ମନାଇବାକୁ ସହରବାସୀ ପ୍ରସ୍ତୁତ ହେଉଥିବାବେଳେ ଏପଟେ ଗ୍ରୀନ୍ ଦିୱାଲି ପାଳନ କରିବାକୁ ଆଗେଇ ଆସିଛନ୍ତି ଯୁବପିଢ଼ି। ଏହାସହ ପରିବେଶ ପ୍ରଦୂଷଣ ରୋକିବାକୁ ବାଣଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯିବାକୁ ମଧ୍ୟ କେତେକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଣ୍ଟା ଭିଡ଼ିଛନ୍ତି।

ଚଳିତବର୍ଷ ଗ୍ରୀନ ଦିୱାଲି ବା ସବୁଜ ଦୀପାବଳି ପାଳନ ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଛାତ୍ରଗୋଷ୍ଠୀ ଏକାଠି ହୋଇ ଆତସବାଜିଠାରୁ ଦୂରେଇ ରହିବାକୁ କିଏ ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟୁଛି ତ ଆଉ କିଏ ରକ୍ତଦାନ କରି ଦୀପାବଳି ପାଳିବାକୁ ନିଷ୍ପତ୍ତି ନେଇଛି। ଏହାସହ କେତେକ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମରେ ଦୀପାବଳି ପାଳିବାକୁ ସ୍ଥିର କରିଛନ୍ତି। ବାଣ ଫୁଟାଇବା ପରିବର୍ତ୍ତେ ସେମାନେ ସେହି ଅର୍ଥରେ ବିଭିନ୍ନ ପ୍ରକାର ସାମଗ୍ରୀ ଦାନ କରୁଥିବା ଦେଖିବାକୁ ମିଳିଛି।

### ଗଛ ଉପହାର

ବାଣ ଫୁଟାଇବା ପରିବର୍ତ୍ତେ ଗଛ ଉପହାର ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଯାହାକି ସହରରେ ଏକ ସୁସ୍ଥ ତଥା ସବୁଜ ଦୀପାବଳି ପାଳନ ପାଇଁ ଭିନ୍ନ ଧାରା ସୃଷ୍ଟି କରୁଛି। ଭୁବନେଶ୍ୱରସ୍ଥିତ ବକୁଳ ଫାଉଣ୍ଡେଶନ ପକ୍ଷରୁ ଦୀପାବଳିକୁ ସବୁଜମୟ କରିବା ପାଇଁ ଉପହାର ସ୍ୱରୂପ ବିଭିନ୍ନ ପ୍ରକାରର ଚାରା ଦିଆଯାଉଛି। ଔଷଧୀୟ ବୃକ୍ଷଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫୁଲଗଛକୁ ଏକ ସୁସଜ୍ଜିତ ଦିୱାଲି ପ୍ୟାକେଟ୍ କରି ଦିଆଯାଉଛି। ସେଥିରେ ହାତତିଆରି ଦୀପ ସହିତ ହାତତିଆରି ଚକୋଲେଟ୍ ମଧ୍ୟ ରହିଛି। ଏହାର ଦାମ୍ ୨୫୦ ଟଙ୍କା ରଖାଯାଇଛି। ପରିବେଶ ପାଇଁ ଚିନ୍ତା କରୁଥିବା ଅନେକ ଲୋକ ଫାଉଣ୍ଡେଶନ୍‌ର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଅନ୍ୟମାନଙ୍କୁ ଉପହାର ଦେବା ପାଇଁ ସେହି ଦିୱାଲି ପ୍ୟାକେଟ କିଣୁଛନ୍ତି।



'ଜୟ ମା ଭବାନୀ' ଟ୍ରଷ୍ଟ ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ବନବାସୀ କଲ୍ୟାଣ ଆଶ୍ରମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।

ଅନ୍ୟପକ୍ଷରେ ଦୀପାବଳିରେ ବାଣ ପରିବର୍ତ୍ତେ ମାଟି ଦୀପ ଓ ମହମବତି ଜାଳି ଘର ସଜାଇବାକୁ ରାଜଧାନୀବାସୀ ଅଧିକ ପସନ୍ଦ କରୁଛନ୍ତି। ପୁଣି ଚାଇନା ଲାଇଟ୍ ଅପେକ୍ଷା ଦୀପକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଯେଉଁଥିପାଇଁ ଏଥର ଦୀପ ବେପାର ଅଧିକ ହୋଇଥିବା ଜଣାପଡିଛି। ସେପଟେ ଦୀପାବଳୀ ଶୁଭେଚ୍ଛା ଜଣାଇବାକୁ ସହରର ବିଭିନ୍ନ ଛୋଟ ବଡ଼ ମିଠା ଦୋକାନ, ବେକେରି ଶପ୍‌ରେ ଶନିବାର ଦିନତମାମ ଗହଳି ରହିଥିବା ଦେଖାଯାଇଥିଲା। ଲୋକେ ମିଠା ପ୍ୟାକେଟ ସହ ଡ୍ରାଏ ଫ୍ରୁଟ୍ସ ନେବାକୁ ଅଧିକ ପସନ୍ଦ କରୁଥିଲେ। ଏଥିପାଇଁ ଭଳିକିଭଳି ଓଡ଼ିଆ ଓ ଅଣଓଡ଼ିଆ ମିଠା ରାଜଧାନୀ ବଜାରରେ ଦେଖିବାକୁ ମିଳିଥିଲା। କାଜୁ ବର୍ଫି, କାଜୁ ରିମ୍‌ଝିମ୍, ପିସ୍ତା ରୋଲ, କାଜୁ ରୋଲ ଭଳି ଦାମୀ ମିଠାର ଅଧିକ ଚାହିଦା ରହିଥିବାବେଳେ ବେସନ ଲଡୁ, ରସଗୋଲା, ମଗଜ ଲଡୁ, ମୋତିଚୁର୍ ଲଡୁ, ମଲାନୀ ଲଡୁର ବି ଭଲ ବିକ୍ରି ହୋଇଥିବା ରାଜମହଲ, ମାଷ୍ଟରକ୍ୟାଣ୍ଟିନ, ଶହୀଦନଗର, କଳ୍ପନା, ୟୁନିଟ-୪, ୟୁନିଟ-୧ର ପ୍ରମୁଖ ମିଠା ବ୍ୟବସାୟୀମାନେ କହିଛନ୍ତି। ଏହାବ୍ୟତୀତ କାଜୁ, ପିସ୍ତା, କିସ୍‌ମିସ୍ ଓ ଚକୋଲେଟ୍‌କୁ ନେଇ ବିଭିନ୍ନ ପ୍ରକାର ଡ୍ରାଏ ଫ୍ରୁଟ୍ସ ପ୍ୟାକେଟ୍ ବଜାରରେ ଉପଲବ୍ଧ ହେଉଛି। ଏହାକୁ ଦୀପାବଳି ଉପହାର ଭାବେ ଦେବାକୁ ଯୁବପିଢ଼ି ବେଶି ପସନ୍ଦ କରୁଛନ୍ତି।

– ରିପୋର୍ଟ: **ଅସମାପିକା ସାହୁ**

## କେଉଁଠି କେମିତି

### ଉତ୍ତରାଖଣ୍ଡରେ ଭୈଲୋ ପରମ୍ପରା

ଦୀପାବଳିରେ ବିଭିନ୍ନ ସ୍ଥାନରେ ବାଣଫୁଟାଇ ଉତ୍ସବ ମନାଇବାର ନଜିର ଥିବାବେଳେ ଉତ୍ତରାଖଣ୍ଡରେ ଏହାର ଭିନ୍ନ ଦେଖିବାକୁ ମିଳେ। ଉତ୍ତରାଖଣ୍ଡର ପାର୍ବତ୍ୟାଞ୍ଚଳର ବିଭିନ୍ନ ସ୍ଥାନରେ କିଛି ପରମ୍ପରାଗତ ରୀତିନୀତିରେ ପିଢ଼ିପିଢ଼ି ଧରି ଦୀପାବଳିକୁ 'ଇଗାସ-ବଗାଳ' ନାମରେ ପାଳନ କରାଯାଉଛି। ଦୀପାବଳି ଦିନ ଏଠାରେ ଲୋକମାନେ ବିରି ଡାଲିର ପକୋଡି ଓ ପୁରି ତିଆରି କରନ୍ତି। ଯେଉଁମାନେ ଦୀପାବଳି ପାଳନ କରନ୍ତି ନାହିଁ , ସେମାନଙ୍କୁ ଏହି ସବୁ ଜିନିଷ ବି ଦେଇଥାନ୍ତି। ଦୀପାବଳି ପୂର୍ବଦିନ ଶସ୍ୟର ଗୁଳା ପ୍ରସ୍ତୁତ କରାଯାଏ ଓ ସକାଳୁ ଗାଈବଳଦଙ୍କ ଶିଙ୍ଗରେ ତେଲ ଲଗାଯାଇ ଧୂପ ଦୀପ ଲଗାଇ ପୂଜା କରାଯାଏ। ଏହାପରେ ଫୁଲମାଳ ପିନ୍ଧାଯାଏ ଏବଂ ଶସ୍ୟଗୁଳାକୁ ଗାଈ ଓ ବଳଦଙ୍କୁ ଖାଇବାକୁ ଦିଆଯାଏ। ଏହିଦିନ ଭଣ୍ଡାରରେ ଶସ୍ୟ ପରିପୂର୍ଣ୍ଣ ରହିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି ଲୋକମାନେ। ଦୀପାବଳି ରାତିରେ ଭୈଲୋ ଖେଳ ଅନୁଷ୍ଠିତ ହୁଏ। ଭୈଲୋ ଅର୍ଥ ଏକ ପ୍ରକାର ଦଉଡି, ଯାହା ଗଛର ଛାଲରୁ ପ୍ରସ୍ତୁତ କରାଯାଏ। ଏହି ଦଉଡିର ଦୁଇ ପାଖରେ ନିଆଁ ଲଗାଯାଏ ଓ ତାହାକୁ ବୁଲାଇ ଭୈଲୋ ଖେଳାଯାଏ। ଏହି ସମୟରେ ଲୋକମାନେ ଏକାଠି ହୋଇ ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରିଥାନ୍ତି। ଏହାଦ୍ୱାରା ମା' ଲକ୍ଷ୍ମୀ ସବୁ ଅନିଷ୍ଟ ଦୂର କରନ୍ତି ବୋଲି ବିଶ୍ୱାସ ରହିଛି। ଦୀପାବଳି ପର ଦିନ କେତେକ ଅଞ୍ଚଳରେ ଗୋବର୍ଦ୍ଧନ ପୂଜା ମଧ୍ୟ କରାଯାଏ। ପରିବେଶ ସଂରକ୍ଷଣ ପାଇଁ ବୃକ୍ଷ, ପର୍ବତ ଓ ନଦୀକୁ ବି ଲୋକମାନେ ପୂଜା କରନ୍ତି। ବଗାଳ ବା ଦୀପାବଳିର ତୃତୀୟ ଦିନରେ ଭାଇଦୁଜ୍ ପର୍ବ ଭାଇ-ଭଉଣୀଙ୍କ ସ୍ନେହର ପ୍ରତୀକ ଭାବେ ପାଳନ କରାଯାଏ। ଏହିଦିନ ଭାଇ ଭଉଣୀ ଘରକୁ ଯାଇଥାଏ ଓ ଭଉଣୀ ଭାଇକୁ ମିଠା ଖୁଆଇଥାନ୍ତି।



### କେଉଁଠି ଜଳାଇବେ ଦୀପ

ଦୀପାବଳିରେ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ଧାର୍ମିକ ଓ ସ୍ୱାସ୍ଥ୍ୟଗତ ଲାଭ ମିଳେ। ଉଜ୍ଜୟିନୀର ଜ୍ୟୋତିଷାଚାର୍ଯ୍ୟ ମନୀଷ ଶର୍ମାଙ୍କ ମତାନୁସାରେ କେଉଁଠି ଦୀପ ଜଳାଇଲେ ମନକାମନା ଶୀଘ୍ର ପୂରଣ ହେବ ସେମ୍ପର୍କରେ ଜାଣନ୍ତୁ। 'ଶୁଭମ କରୋତି କଲ୍ୟାଣଂ, ଆରୋଗ୍ୟଂ ଧର୍ମ ସମ୍ପଦାମଂ, ଶତ୍ରୁ ବୃଦ୍ଧି ବିନାଶୟ, ଦୀପଂ ଜ୍ୟୋତି ନମୋସ୍ତୁତେ' ମନ୍ତ୍ର ଉଚ୍ଚରଣ ପୂର୍ବକ ଦୀପ ପ୍ରଜ୍ୱଳନ କରନ୍ତୁ। ଦୀପାବଳି ଦିନ ସନ୍ଧ୍ୟାରେ ଘରର ମୁଖ୍ୟଦ୍ୱାର ନିକଟରେ ଦୀପ ଲଗାନ୍ତୁ। ଏହାଦ୍ୱାରା ମା' ଲକ୍ଷ୍ମୀ ଗୃହରେ ପ୍ରବେଶ କରିଥାନ୍ତି ବୋଲି ମାନ୍ୟତା ରହିଛି। ପୂଜା କରିବା ସମୟରେ ଘିଅଦୀପ ଡାହାଣ ହାତରେ ଓ ତେଲଦୀପ ବାମ ହାତରେ ଧରି ପୂଜା କରନ୍ତୁ। ଏଠିସେଠି ଦୀପ ନ ଲଗାଇ ଦେବଦେବୀଙ୍କ ପ୍ରତିମା ସମ୍ମୁଖରେ ହିଁ ଦୀପ ଜଳାନ୍ତୁ। ଘିଅ ଦୀପରେ ଧଳା ରେଶମ ବତି ଓ ତେଲ ଦୀପରେ ଲାଲ ସୂତାରବତି ଶୁଭଫଳ ଦେଇଥାଏ। ପୂଜାରେ କେବେ ବି ଭଙ୍ଗାଦୀପ ବ୍ୟବହାର କରନ୍ତୁନି।

### ପାଞ୍ଚଦିନର ଦୀପାବଳି

ଦିନେ କି ଦୁଇ ଦିନ ନୁହେଁ , ପୂରା ପାଞ୍ଚଦିନ ପାଳନ କରାଯାଉଛି ଦୀପାବଳି। ଧନତେରାସଠାରୁ ଆରମ୍ଭ ହୋଇ ଶ୍ରୀଯନ୍ତ୍ର ବିତରଣରେ ଏହି ପର୍ବ ଶେଷ ହେବାର ପରମ୍ପରା ରହିଛି ମଧ୍ୟପ୍ରଦେଶର ଇନ୍ଦୋର୍‌ରେ। ଏଠାକାର ଉଷାନଗରସ୍ଥିତ ମହାଲକ୍ଷ୍ମୀ ମନ୍ଦିରରେ ମା' ଲକ୍ଷ୍ମୀଙ୍କୁ ସୁନା ଓ ରୁପାର ପତ୍ରରେ ମଧ ସଜାଯାଉଛି। ଏଠାରେ ମା' ଲକ୍ଷ୍ମୀଙ୍କୁ ବିଶେଷ ବିଧିରେ ପୂଜା କରାଯାଏ। ଧନତେରାସ ପରଦିନ ଚେରମୂଳି ମହୌଷଧିରେ ମା'ଙ୍କୁ ସ୍ନାନ କରାଯାଏ। ଏହିଦିନ ଧନ୍ୱନ୍ତରୀଙ୍କୁ ମଧ ପୂଜା କରାଯିବାର ବିଧିରହିଛି। ଏହାପରେ ଦୀପାବଳିରେ ଶେଷ ଅବତାର ଦର୍ଶନ କରାଯାଏ। ପର୍ବର ଚତୁର୍ଥ ଦିନ ଗୋବର୍ଦ୍ଧନ ପୂଜା କରାଯାଏ। ପଞ୍ଚମ ତଥା ଶେଷଦିନ ଭାଇଦୁଜ୍ ଅବସରରେ ଶ୍ରୀଯନ୍ତ୍ର ବିତରଣ କରାଯାଇଥାଏ। ଏଠାରେ ଧନତେରାସ ଅବସରରେ ମହାରାଜା ଉଗ୍ରସେନଙ୍କ ପୂଜା କରାଯିବା ସହ ତାଙ୍କର ମହାଆରତି କରାଯାଏ। ମହାଲକ୍ଷ୍ମୀଙ୍କୁ ମଧ ପୂଜା କରାଯାଏ। ମହିଳାମାନେ ଘରୁ ଆରତି ଥାଳି ସଜାଇ ଆଣିଥାନ୍ତି। ଏଥର ଭକ୍ତମାନେ ଦେଇଥିବା ୫ ଲକ୍ଷ ନୋଟ୍‌ରେ ମା' ଲକ୍ଷ୍ମୀଙ୍କୁ ସଜାଯିବା ପରେ ତାହାକୁ ଭକ୍ତମାନଙ୍କୁ ଫେରାଇ ଦିଆଯାଇଛି।

# କାଳୀପୂଜା

## ବିସର୍ଜନରେ ଏକାଠି ହୁଅନ୍ତି ତିନି ଭଉଣୀ

**ପୁରୀ ଜିଲାର ଶାସନ ବୀରପ୍ରତାପପୁର, ସମଯାଜପୁର ଏବଂ ବୀରଗୋବିନ୍ଦପୁର ଶାସନ ଗ୍ରାମ। ଏହି ତିନି ଗାଁରେ ପୂଜା ପାଉଛନ୍ତି ତିନି ଭଉଣୀ। ଶାସନ ବୀରପ୍ରତାପପୁରରେ ବଡ ଭଉଣୀ ଦେବୀ କାମରୂପା, ସମଯାଜପୁରରେ ମଝିଆ ଭଉଣୀ ଉଗ୍ରତାରା ଏବଂ ବୀରଗୋବିନ୍ଦପୁର ଶାସନରେ ପୂଜିତ ହେଉଛନ୍ତି ମା' ଦକ୍ଷିଣକାଳୀ। ବର୍ଷତମାମ୍ ଦକ୍ଷିଣକାଳୀ ଓ ଉଗ୍ରତାରା ପୀଠରେ ପଟି ପୂଜା ପାଉଥିବାବେଳେ କାମରୂପା ପୀଠରେ ଦେବୀଙ୍କ ପ୍ରସ୍ତର ମୂର୍ତ୍ତି ପୂଜା ପାଇଆସୁଛନ୍ତି। କିନ୍ତୁ କାଳୀପୂଜାରେ ଏହି ତିନି ପୀଠରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥାନ୍ତି। ତିନି ଭଉଣୀଙ୍କ ମୂର୍ତ୍ତି ତତ୍ତ୍ୱ ପ୍ରାୟ ସମାନ। କାଳୀପୂଜାରେ ସମାନ ରୀତିନୀତିରେ ମଧ ପୂଜିତ ହୁଅନ୍ତି। ଆଉ ବର୍ଷକରେ ଗୋଟିଏ ଦିନ କାଳୀପୂଜା ବିସର୍ଜନ ପର୍ବରେ ତିନିଭଉଣୀ ଭେଟ ହୋଇଥାନ୍ତି। ତିନି ଦେବୀଙ୍କୁ ଅର୍ପଣ ହୋଇଥାଏ ଭେଟ ଆଳତି।**

### ସାନ ଭଉଣୀ ମା' ଦକ୍ଷିଣକାଳୀ

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସାକ୍ଷୀଗୋପାଳ ଛକଠାରୁ ପୁରୀ ଆଡ଼କୁ ୩ କିମି ଦୂରରେ ପଡ଼େ ବୀରଗୋବିନ୍ଦପୁର ଶାସନ। ଏହି ଗାଁରେ ପୂଜା ପାଉଛନ୍ତି ମା' ଦକ୍ଷିଣକାଳୀ। ଗ୍ରାମର ଇଷ୍ଟଦେବ ଭାବେ ଗୋପୀନାଥ ଓ ଶ୍ରୀରାଧା, ଲୋକନାଥ ଓ ଜୟଦୁର୍ଗା କେଉଁ ଆବହମାନ କାଳରୁ ଏଠାରେ ଉପାସିତ ହୋଇଆସୁଛନ୍ତି। ବର୍ଷକୁ ଗୋଟିଏ ଥର କାଳୀପୂଜା ଅବସରରେ ମା'ଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ। ଏହିଦିନ କେବଳ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଦର୍ଶନ ମିଳିଥାଏ। ମା' ନାନାଦି ଅଳଙ୍କାର ପରିଧାନ କରି ମହାଭୈରବୀ ବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। କାର୍ତ୍ତିକ ମାସ ଦ୍ୱିତୀୟା ତିଥିରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିମନ୍ତେ ଶ୍ମଶାନରେ ପୂଜାର୍ଚ୍ଚନା କରାଯାଇ ମାଟି ସଂଗ୍ରହ ହୋଇଥାଏ। ପ୍ରତ୍ୟେକ ଦେବୀ ମୂର୍ତ୍ତି ନିର୍ମାଣ ଏକ ପ୍ରକାର ହେଉଥିବାବେଳେ ଏହି ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ରତା ରହିଛି। ପରମ୍ପରା ଅନୁଯାୟୀ, ମୂର୍ତ୍ତିର ମୁଣ୍ଡ ପ୍ରଥମେ ନିର୍ମାଣ କରାଯାଏ। ମୁଣ୍ଡଟି ସମ୍ପୂର୍ଣ୍ଣ ଭାବେ ମାଟିରେ ନିର୍ମାଣ ହୁଏ। ବାଉଁଶ ପାଟିଆରେ ଚାରିହାତର ଛାଞ୍ଚ ପ୍ରସ୍ତୁତ ହୋଇ ନଡ଼ା ବନ୍ଧାଯାଏ। ନଡ଼ା ଉପରେ ମାଟି ଲେପନ ପରେ କନା ପଡ଼େ। ଗଣ୍ଡିଟି ସମ୍ପୂର୍ଣ୍ଣ ହୋଇଯିବା ପରେ ବେକ କିଳାରେ ପୂର୍ବରୁ ପ୍ରସ୍ତୁତ ଦେବୀଙ୍କ ମୁଣ୍ଡ ଲଗାଯାଇ ପୂର୍ଣ୍ଣାବୟବ ରୂପ ଦିଆଯାଏ।

କାଳୀପୂଜା ଦିନ ସନ୍ଧ୍ୟାରୁ ଆରମ୍ଭ ହୋଇଯାଏ ରୀତିନୀତି ଓ ପୂଜା। ମୂର୍ତ୍ତି ସମ୍ପୂର୍ଣ୍ଣ ହୋଇଯିବା ପରେ ରାତ୍ରିର ଚତୁର୍ଥ ପ୍ରହରରେ ପୂଜା କରାଯାଏ। ପ୍ରଥମ ପ୍ରହର ଅର୍ଥାତ ଅହୋରାତ୍ରରେ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ହୋଇଥାଏ। ଦ୍ୱିତୀୟ ଓ ତୃତୀୟ ପ୍ରହର ପୂଜା ପରେ ଚତୁର୍ଥ ପ୍ରହର ପୂଜା ହୁଏ। ଚତୁର୍ଥ ପ୍ରହର ପୂଜାକୁ କାଳରାତ୍ରୀ ତଥା ମହାପୂଜା କୁହାଯାଏ। ଚତୁର୍ଥ ପ୍ରହରରେ ସନ୍ଧି ପୂଜା ହୋଇ ଦେବୀଙ୍କ ଉପାସନା ହୋଇଥାଏ। ବିଧି ଅନୁଯାୟୀ ବଳିପର୍ବ ହୋଇ ଶଙ୍ଖୁଡ଼ି ଆମିଷ (ମାଛ) ଭୋଗ ହୁଏ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଦକ୍ଷିଣମୁଖା ଭାବେ ପୂଜିତ ହୋଇଥାନ୍ତି। ପରଦିନ ସକାଳୁ ବିସର୍ଜନ ହୋମ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ମା' ଦକ୍ଷିଣକାଳୀ। ସନ୍ଧ୍ୟାରେ ମା'ଙ୍କ ଜଳ ବିସର୍ଜନ ଶୋଭାଯାତ୍ରା ହୁଏ। ଆବାଳ ବୃଦ୍ଧ ବନିତା ନିଜ ନିଜ ଘର ଦୁଆରେ ପୂର୍ଣ୍ଣ କୁମ୍ଭ ରଖି ଦୀପ ଜାଳି ମା'ଙ୍କୁ ପ୍ରତୀକ୍ଷା କରିଥାନ୍ତି। ସୁସଜ୍ଜିତ ଶଗଡି, ମେଢ ଶୋଭାଯାତ୍ରାରେ ମା' ପ୍ରତ୍ୟେକ ଦୁଆରେ ପନ୍ତି ଗ୍ରହଣ କରି ଆଗେଇ ଯାଆନ୍ତି ଭାର୍ଗବୀ ନଦୀ ଅଭିମୁଖେ।



ମା' ଭୈରବୀ ବେଶରେ ବୀର ଗୋବିନ୍ଦପୁରର ମା' ଦକ୍ଷିଣକାଳୀ।



### ମଝିଆ ଭଉଣୀ ମା' ଉଗ୍ରତାରା

ବୀରଗୋବିନ୍ଦପୁର ଶାସନଠାରୁ ମାତ୍ର ୨କିମି ଦୂରରେ ରହିଛି ସମଯାଜପୁର ଗାଁ। ଏହି ଗ୍ରାମରେ କେଉଁ ଆବହମାନ କାଳରୁ ପୂଜା ପାଉଛନ୍ତି ଦେବୀ ଉଗ୍ରତାରା। ଏଠି ବି ବର୍ଷତମାମ୍ ଦେବୀଙ୍କ ପଟି ପୂଜା ପାଇଥାଏ। କାଳୀପୂଜାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଏ। ଏଠାରେ ଦକ୍ଷିଣକାଳୀଙ୍କ ଭଳି ସମାନ ରୀତିନୀତିରେ ପୂଜା ହୋଇଥାଏ। କାଳୀପୂଜାରେ କାଳରାତିରେ ସନ୍ଧିପୂଜା, ବଳିପର୍ବ ପରେ ବିସର୍ଜନ ଅନୁଷ୍ଠିତ ହୁଏ। ଏଥିପାଇଁ ପୀଠରେ ମା'ଙ୍କ ଦର୍ଶନ ଲାଗି ପ୍ରବଳ ଭିଡ଼ ହୋଇଥାଏ।

### ବଡ଼ ଭଉଣୀ ମା' କାମରୂପା

ସମଯାଜପୁର ପରେ ଚନ୍ଦନପୁର ପୂର୍ବରୁ ଶାସନ ବୀରପ୍ରତାପପୁରରେ ଉପାସିତ ହେଉଛନ୍ତି ମା' କାମରୂପା। ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶାସନରେ ପ୍ରଥମେ ଏକ କରମଙ୍ଗା ଗଛ ମୂଳରେ ମା' ପୂଜା ପାଉଥିଲେ। ପରବର୍ତ୍ତୀ ସମୟରେ ଏକ ମନ୍ଦିର ନିର୍ମାଣ କରାଯାଇ ଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି। ଦେବୀ ହେଉଛନ୍ତି ଚକ୍ରବର୍ତ୍ତୀ ବ୍ରାହ୍ମଣଙ୍କ ଠାକୁରାଣୀ। ବର୍ତ୍ତମାନ ଗାଁ ମହାଜନଙ୍କ ଦାୟିତ୍ୱରେ ଉପାସିତ ହେଉଛନ୍ତି। ଏଠାରେ ପଟି ପୂଜା ହୁଏ ନାହିଁ। ମୁଗୁନି ପଥରରେ ନିର୍ମିତ ମା'ଙ୍କ ବିଗ୍ରହ ବର୍ଷ ସାରା ମନ୍ଦିରରେ ପୂଜା ପାଉଛନ୍ତି। କାଳୀପୂଜା ପାଇଁ ମନ୍ଦିର ପଛ ପାର୍ଶ୍ୱରେ ନିର୍ମାଣ ହୋଇଛି ପୂଜାମଣ୍ଡପ। କାଳୀପୂଜା ରାତିରେ ସନ୍ଧିପୂଜା ଓ ବଳିପର୍ବ ପରେ ମା'ଙ୍କୁ ଖେଚୁଡ଼ି ଭୋଗ ଆଟିକାରେ ଅର୍ପଣ କରାଯାଇଥାଏ।

### କାଳୀପୂଜା ପରଦିନ ବିସର୍ଜନ

କାଳୀପୂଜା ପରଦିନ ଆରମ୍ଭ ହୁଏ ବିସର୍ଜନ ପର୍ବ। ବିସର୍ଜନ ସନ୍ଧ୍ୟାରେ ତିନିଭଉଣୀ ଶଗଡ଼ିରେ ବିଜେ ହୋଇ ଗାଁ ପରିକ୍ରମା କରନ୍ତି। ଦୁଆରେ ଦୁଆରେ ପନ୍ତି ପାଇ ଜାତୀୟ ରାଜପଥକୁ ବିଜେ କରିଥାନ୍ତି। ସମଯାଜପୁର ଗାଁ ନିକଟରେ ଦକ୍ଷିଣକାଳୀ ପହଞ୍ଚିବା ପରେ ମଝିଆଁ ଭଉଣୀ ଉଗ୍ରତାରା ପହଞ୍ଚନ୍ତି। ଏହାପରେ ଦୁଇ ଭଉଣୀ ପଟୁଆରରେ ଯାଇ ବୀରପ୍ରତାପପୁର ଗାଁ ମୁଣ୍ଡରେ ବଡ଼ଭଉଣୀ କାମରୂପାଙ୍କ ଆସିବା ବାଟକୁ ଚାହିଁ ରହିଥାନ୍ତି। ସେଠାରେ ତିନିଭଉଣୀ ଏକାଠି ହୋଇ ଦାମୋଦରପୁରରେ ପହଞ୍ଚିବା ପରେ ଭେଟ ଆଳତି ହୋଇଥାଏ। ଏହାପରେ ତିନି ଠାକୁରାଣୀ ଭାର୍ଗବୀ ଘାଟକୁ ବିଜେ କରନ୍ତି। ସେଠାରେ ବିସର୍ଜନ ପୂର୍ବରୁ ପୁଣି ଆଳତି ହୋଇଥାଏ। ଚନ୍ଦନପୁର ଭାର୍ଗବୀ ନଦୀରେ ପ୍ରଥମେ ମା' କାମରୂପା ପରେ ଉଗ୍ରତାରା ଏବଂ ଶେଷରେ ମା' ଦକ୍ଷିଣକାଳୀ ବିସର୍ଜନ ହୋଇଥାନ୍ତି।

ରିପୋର୍ଟ: **ହେମନ୍ତ କୁମାର ନାୟକ,କିଶୋର ମହାପାତ୍ର**

## ଦକ୍ଷିଣକାଳୀଙ୍କ ପାଖରେ ଭୋଗ ହୁଏ ପୋହଳା ମାଛ

**ରବିବାର କାଳୀ ପୂଜା। ମା'ଶ୍ୟାମାକାଳୀଙ୍କ ଆଗମନକୁ ନେଇ ପୀଠ ଓ ମଣ୍ଡପଗୁଡ଼ିକ ବେଶ୍ ଚଳଚଞ୍ଚଳ। ତେବେ କଟକର ପ୍ରସିଦ୍ଧ କାଳିଆବୁଦା ମଶାଣି କାଳୀଙ୍କ ଉପରେ ଏହି ସ୍ୱତନ୍ତ୍ର ଉପସ୍ଥାପନା...**

ରିପୋର୍ଟ: **ଅଶୋକ କୁମାର ବାରିକ, କଟକ**



କଟକର ମହାନଦୀ କୂଳରେ ରହିଛି କାଳିଆବୁଦା ମଶାଣି। ସେଠାରେ ଶ୍ୟାମାକାଳୀ ଓ ଦକ୍ଷିଣକାଳୀ ପୂଜା ପାଉଛନ୍ତି। ପ୍ରଥମେ ଏକ ବରଗଛ ମୂଳେ ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗୋଟିଏ ସ୍ଥାନରେ ଦୁଇଟି ମନ୍ଦିର ସ୍ଥାପନ କରାଯାଇ ଉଭୟ ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କୁ ପୂଜା କରାଯାଉଛି। ଶ୍ୟାମାକାଳୀ ପରମ ବୈଷ୍ଣବୀ ମନ୍ଦିରରେ ପୂଜା ପାଉଥିବାବେଳେ ଦକ୍ଷିଣକାଳୀ ତାନ୍ତ୍ରିକ ମନ୍ଦିରରେ ପୂଜା ପାଆନ୍ତି। ଏଠାରେ ମା' ପ୍ରତ୍ୟକ୍ଷ ଭାବେ ରହିଥିବା କିମ୍ବଦନ୍ତୀ ରହିଛି। ଅମାବାସ୍ୟା ଦିନ ମା'ଙ୍କ ପାଖରେ ଚଣ୍ଡୀପାଠ ହୋଇଥାଏ। ଅମାବାସ୍ୟା ମଧ୍ୟରାତ୍ରିରେ ଶ୍ୟାମାକାଳୀଙ୍କ ପାଖରେ ପାଣିକଖାରୁ ବଳି ଦିଆଯାଉଥିବାବେଳେ ଦକ୍ଷିଣକାଳୀଙ୍କ ପାଖରେ ପୋହଳା ମାଛ ଭୋଗ କରାଯାଏ। କାଳୀପୂଜା ଦିନ ଭୋର ସାଢେ ୩ଟାରେ ମା'ଙ୍କର ମନ୍ଦିର ଖୋଲାଯାଇଥାଏ। ଏହିଦିନ ପୋଡ଼ାମାଛ, ପୋଡ଼ପିଠା, ଚକୁଳିପିଠା ଭୋଗ ଲାଗିଥାଏ। ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ୧୦୮ ଦୀପ ପ୍ରଜ୍ୱଳନ ହୋଇଥାଏ। ମା'ଙ୍କ ପାଖରେ ପଣା ଲାଗିଥାଏ। ପଣା ଲଗାଉଥିବା ପୂଜକ ପଛକୁ ଫେରି ନ ଚାହିଁବାର ବିଧି ରହିଛି।

### ଏମାନେ କ'ଣ କୁହନ୍ତି...



ଏହି ପୀଠରେ କାଳୀ ପୂଜା ରୀତିନୀତି ଅନୁସାରେ ହୋଇଥାଏ। ଏହିଦିନ ମା'ଙ୍କ ପାଖରେ ଆମିଷ ଭୋଗ, କୁଷ୍ମାଣ୍ଡ ବଳି ଦିଆଯାଇଥାଏ। ଉଭୟ ଦେବୀ ଦିନରେ ୩ ଥର ସ୍ନାନ କରିଥାନ୍ତି। ୬ ଥର ଆଳତି ହୋଇଥାଏ। ଏହିଦିନ ମା'ଙ୍କ ପାଖରେ ଅନ୍ନ ଭୋଗ ବି ଲାଗିଥାଏ।

– **ସନ୍ତୋଷ କୁମାର ଦ୍ୱିବେଦୀ, ମୁଖ୍ୟ ପୂଜକ**



ପ୍ରତିଦିନ ମା'ଙ୍କ ପାଖରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥାଏ। ମା' ସମସ୍ତଙ୍କର ମନସ୍କାମନା ପୂରଣ କରିଥାନ୍ତି। ଯାହାର ମୂଳ ସାକ୍ଷୀ ମୁଁ। ଦୀର୍ଘଦିନ ଧରି ଏକ ରୋଗରେ ପୀଡିତ ଥାଇ ଯନ୍ତ୍ରଣା ଭୋଗୁଥିଲି। ମା'ଙ୍କର ଶରଣାପନ୍ନ ହେବାପରେ ଏହି ରୋଗ ଆପେଆପେ ଭଲ ହୋଇଯାଇଥିଲା।

– **ସୋମନାଥ ମହାରଣା, ଶ୍ରଦ୍ଧାଳୁ**

## ସଜେଇହୋଇଛି ଭଦ୍ରକାଳୀ ପୀଠ

ପ୍ରସିଦ୍ଧ କାଳୀପୂଜା ପାଇଁ ଭଦ୍ରକ ସହର ସମେତ ଚରମ୍ପା ଷ୍ଟେଶନ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ମା'ଙ୍କ ପୂଜା ନୀତିରେ ଯେଭଳି କୌଣସି ବ୍ୟତିକ୍ରମ ନ ହେବ ସେଥିପ୍ରତି ସେବାୟତ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠ କାଳୀପୂଜା ଉପଲକ୍ଷେ ସଜେଇ ହେଲାଣି। ପୀଠରେ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ପୀଠରେ ସିସିଟିଭି ଲଗାଯାଇଛି। ସିସିଟିଭି ନଜରରେ ରହିବ ମା'ଙ୍କ ମନ୍ଦିର ବେଢ଼ା ପରିସର ଓ ସମ୍ମୁଖ ଭାଗ। ରବିବାର ଦୀପାବଳି ହୋଇଥିବାରୁ ପ୍ରାୟ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ରବିବାରଠାରୁ ଆରମ୍ଭ ହେବ ମା'ଙ୍କ ସପ୍ତମାତୃକା ବେଶ। ଏହି ପରିପ୍ରେକ୍ଷୀରେ ମା'ଙ୍କ ସେବା ନୀତିରେ ନିୟୋଜିତ ଥିବା ୫୦ରୁ ଉର୍ଦ୍ଧ୍ୱ ଦୀକ୍ଷିତ ପରିବାର ଏଥିପାଇଁ ଏବେଠାରୁ ବିଭିନ୍ନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମା' ଭଦ୍ରକାଳୀ ପୀଠରେ ସବୁବେଳେ ବିଷ୍ଣୁମାତା ରୂପେ ପୂଜା ପାଇଆସୁଛନ୍ତି। ଏଣୁ କାଳୀପୂଜା ଅବସରରେ ପୀଠରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ସପ୍ତଦିବସ ବ୍ୟାପୀ ମହାଯଜ୍ଞର ଆୟୋଜନ କରାଯାଇଥାଏ। ରବିବାରଠାରୁ ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ଏଠାରେ ମହାଯଜ୍ଞ ସାଙ୍ଗକୁ ମା'ଙ୍କ ସପ୍ତମାତୃକା ବେଶ ଅନୁଷ୍ଠିତ ହେବ। ରବିବାର ସାଳନ୍ଦୀ ନଦୀ ଆହାରପଦା ଘାଟରୁ ମାନସିକ କଳସ ଶୋଭାଯାତ୍ରା ମାଧ୍ୟମରେ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇ ପୂଜାନୀତି ଆରମ୍ଭ ହେବ। ପ୍ରଥମଦିନ ମା' ବେଦମାତା ବେଶରେ ପୂଜା ପାଇବେ। ଦ୍ୱିତୀୟ ଦିନ ମହାକାଳୀ, ତୃତୀୟ ଦିନରେ ରାଜରାଜେଶ୍ୱରୀ, ଚତୁର୍ଥରେ ସିଂହବାହିନୀ, ପଞ୍ଚମରେ ଜଗଦ୍ଧାତ୍ରୀ ଓ ଷଷ୍ଠ ଦିନରେ ମହାସରସ୍ୱତୀ ବେଶରେ ମା' ଭକ୍ତମାନଙ୍କୁ ଦର୍ଶନ ଦେବେ। ସପ୍ତମ ଦିବସରେ ମହାଲକ୍ଷ୍ମୀ ବେଶରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହେବ। ସେବାୟତମାନେ ମା'ଙ୍କର ସପ୍ତମାତୃକା ବେଶ, ମଙ୍ଗଳ ଆଳତି, ନାମସଂକୀର୍ତ୍ତନ, ପ୍ରବଚନ, ଶତଚଣ୍ଡୀ ପାଠ, ଦୀପଯଜ୍ଞ, ପହଡ଼ଭୋଗ ଓ ଯଜ୍ଞ ମଣ୍ଡପର ସାଜସଜ୍ଜା ବିଷୟରେ ଗୁରୁତ୍ୱ ଦେବେ ବୋଲି କୁହାଯାଇଛି।

### ସପ୍ତମାତୃକା ବେଶରେ ଦର୍ଶନ ଦେବେ ମା'



▲ ଭଦ୍ରକାଳୀ ମନ୍ଦିରର ପ୍ରବେଶ ଦ୍ୱାର।



ମା' ଭଦ୍ରକାଳୀ


ରିପୋର୍ଟ: **ବିଭୁପ୍ରସାଦ ବେହେରା, ଭଦ୍ରକ**

## କକ୍‌ଟସ୍ କାଟିଲେ ୨୫ ବର୍ଷ ଜେଲ

କକ୍‌ଟସ୍ ଗଛ କାଟିଲେ ୨୫ ବର୍ଷ ଜେଲ। ଶୁଣିଲେ ଆଶ୍ଚର୍ଯ୍ୟ ଲାଗିଥାଏ। ତେବେ ଏଭଳି ଆଇନ ରହିଛି ଆରିଜୋନାରେ। କେହି ଯଦି ଏଠାରେ କାକଟସ୍ ଗଛ କାଟନ୍ତି ତେବେ ପ୍ରଚଳିତ ଆଇନ ଅନୁସାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥାଏ। ଆରିଜୋନାରେ ଦେଖାଯାଉଥିବା ଏକ ବିଶେଷ ପ୍ରକାରର କକ୍‌ଟସ୍ ଗଛ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ପ୍ରଜାତିର ଗଛର ଶହେରୁ ୧୫୦ବର୍ଷ ପର୍ଯ୍ୟନ୍ତ ବଞ୍ଚିରହିଥାଏ। ଏହି ପ୍ରଜାତିର କକ୍‌ଟସ୍‌କୁ ଏଠାରେ ପବିତ୍ର ଗଛ ଭାବେ ବିବେଚନା କରାଯାଇଥାଏ।

# ବଡ଼ ପରଦାରେ ଦୀପାବଳିର ଝଲକ

## 'ପୈଗାମ୍'ରୁ 'କଭି ଖୁସି କଭି ଗମ୍'



**ମୁମ୍ବାଇ:** ସବୁ ବଡ ବଡ ପର୍ବକୁ ରୁପେଲି ପରଦାରେ ଦେଖାଇବାକୁ ଚାହିଁଥାନ୍ତି ନିର୍ମାତା ନିର୍ଦ୍ଦେଶକ। ସେ ହୋଲି ହେଉ କି ଦୀପାବଳି, ଦଶହରା ହେଉ ଅବା ଗଣେଶ ପୂଜା। ସେମିତି ଦୀପାବଳିକୁ ନେଇ ମଧ୍ୟ ହିନ୍ଦୀ ଚଳଚ୍ଚିତ୍ର ଜଗତ ଦର୍ଶକଙ୍କ ନିକଟତର ହୋଇଛି। କଳାଧଳା ପରଦାରୁ ଆରମ୍ଭ କରି ଏବେକାର ରଙ୍ଗିନ ପରଦା ପର୍ଯ୍ୟନ୍ତ ଦୀପାବଳିକୁ ଏଠି ଭିନ୍ନ ଢଙ୍ଗରେ ଉପସ୍ଥାପନ କରାଯାଇଛି। ୧୯୫୯ରେ ଆସିଥିବା ଚଳଚ୍ଚିତ୍ର 'ପୈଗାମ୍'ରେ ଦର୍ଶକ କଳାଧଳା ପରଦାରେ ଦେଖିଥିଲେ ଦୀପାବଳିର ଝଲକ୍। 'କେଶେ ଦିୱାଲି ମନାୟେ' ଗୀତ ମାଧ୍ୟମରେ ନିର୍ମାତା ଦର୍ଶକଙ୍କୁ ଭେଟି ଦେଇଥିଲେ ଦୀପାବଳିର କିଛି ମୁହୂର୍ତ୍ତକୁ। ସେହି ବର୍ଷ ଫିଲ୍ମ 'ନଜ୍‌ରାନା'ରେ ମଧ୍ୟ 'ମେଲେ ହେ ଚିରାଗୋ କେ' ଗୀତଟି ଦୀପାବଳିକୁ ନେଇ ପ୍ରସ୍ତୁତ କରାଯାଇଥିଲା। ୧୯୬୪ରେ ମୁଭି 'ହକିକତ୍'ରେ ମଧ୍ୟ ଦୀପାବଳିକୁ ସ୍ଥାନ ମିଳିଥିଲା। ଏହାପରେ ରଙ୍ଗିନ ଚଳଚ୍ଚିତ୍ରରେ ଦୃଶ୍ୟାୟିତ ହେଲା ଦୀପାବଳି। ୧୯୭୩ରେ 'ଜୁଗ୍‌ନୁ' ଚଳଚ୍ଚିତ୍ର ମାଧ୍ୟମରେ ଦିୱାଲି ଗୀତରେ ଅଭିନୟ କଲେ ହି ମ୍ୟାନ୍ ଧର୍ମେନ୍ଦ୍ର। ୧୯୯୨ରେ ଚଳଚ୍ଚିତ୍ର 'ଯୋ ଜିତା ୱହି ସିକନ୍ଦର'ରେ 'ସେହେର କୀ ପରିୟୋଁ' ଗୀତରେ ଦୀପାବଳିକୁ ସ୍ଥାନିତ କରାଗଲା। ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଥିବା ୨୦୦୧ର ଚଳଚ୍ଚିତ୍ର 'ଆମଦାନି ଆଠାନି ଖର୍ଚ୍ଚା ରୂପୟା'ରେ 'ଆୟେ ହୋ ଦିୱାଲି ଶୁନ ଲୋ ଘରୱାଲି' ଗୀତ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ୨୦୦୦ମସିହାରେ ପରଦାରେ ରାଜ୍ କରିଥିବା ଚଳଚ୍ଚିତ୍ର 'ମୋହବତେ'ରେ ମଧ୍ୟ 'ପରିୟୋଁ ମେ ବନ୍ଧନ ହୈ' ଗୀତରେ ଦେଖିବାକୁ ମିଳିଥିଲା ଦୀପାବଳିର ଝଲକ୍। ସେହିପରି ୨୦୦୧ରେ ପରଦାକୁ ଆସିଥିବା ବିଗ୍ ବି ଓ ଜୟା ବଚ୍ଚନଙ୍କ ଅଭିନୀତ ଚଳଚ୍ଚିତ୍ର 'କଭି ଖୁସି କଭି ଗମ୍'ରେ ସ୍ଥାନିତ ହୋଇଥିଲା ଏକ ଦିୱାଲି ସଙ୍ଗ୍। ଏହାର ଟାଇଟଲ ସଙ୍ଗ୍ ହିଁ ଦିୱାଲି ପର୍ବର ତାତ୍ପର୍ଯ୍ୟକୁ ବଖାଣିଥିଲା। କେବଳ ଏତିକି ନୁହେଁ, ବଲିଉଡର ଆଉ ଏକ ବିଶେଷତ୍ୱ ହେଉଛି ଦିୱାଲିକୁ ନଜରରେ ରଖି ନିର୍ମାତା ନିର୍ଦ୍ଦେଶକମାନେ ଦର୍ଶକଙ୍କୁ ଭେଟି ଦେଇଥାନ୍ତି କିଛି ଭିନ୍ନ ସ୍ୱାଦର ଚଳଚ୍ଚିତ୍ର।

## ଦୀପାବଳି ପାଳିବେନି ଆଲିଆ



**ମୁମ୍ବାଇ:** ନିଜର ଦମ୍‌ଦାର ଅଭିନୟ ଏବଂ କ୍ୟୁଟ୍‌ନେସ୍ ପାଇଁ ଖୁବ୍ କମ୍ ସମୟ ମଧ୍ୟରେ ବଲିଉଡ୍‌ରେ ନାଁ କରିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। କୌଣସି ନା କୌଣସି ଖବରକୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। କେତେବେଳେ ସିନେମାକୁ ନେଇ ତ ଆଉ କେତେବେଳେ ନିଜ ପ୍ରେମ ସମ୍ପର୍କ ପାଇଁ। ହେଲେ ଏବେ ସେ ଦୀପାବଳି ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଏକ ରିପୋର୍ଟ ଅନୁସାରେ ଚଳିତବର୍ଷ ଆଲିଆ ଦୀପାବଳି ପାଳିବେ ନାହିଁ। କାରଣ ଏହି ସମୟରେ ସେ ଅଭିନୟରେ ବ୍ୟସ୍ତ ରହିବେ। ବର୍ତ୍ତମାନ ଆଲିଆ ବାପା ମହେଶ ଭଟ୍ଟଙ୍କ ଫିଲ୍ମ 'ସଡ଼କ-୨'ରେ ବ୍ୟସ୍ତ ଅଛନ୍ତି। ବର୍ତ୍ତମାନ ଫିଲ୍ମର ଶୁଟିଂ କାର୍ଯ୍ୟ ଚାଲୁ ରହିଛି। 'ସଡ଼କ-୨'ରେ ଆଲିଆଙ୍କ ବ୍ୟତୀତ ବଡ଼ ଭଉଣୀ ପୂଜା ଭଟ୍ଟ, ସଞ୍ଜୟ ଦତ୍ତ ଏବଂ ଆଦିତ୍ୟ ରୟ କପୁରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ୧୦ ଜୁଲାଇ ୨୦୨୦ରେ ରିଲିଜ୍ ହେବାର ରହିଛି।


## ଆତ୍ମହତ୍ୟା ଉଦ୍ୟମ କରିଥିଲେ ରବୀନା




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରବୀନା ଟଣ୍ଡନ ସୁନ୍ଦର ଅଭିନୟ ମାଧ୍ୟମରେ ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅଭିନୟ ପାଇଁ ଜାତୀୟ ପୁରସ୍କାର ପାଇଥିବା ରବୀନାଙ୍କର ଆଜି ହେଉଛି ଜନ୍ମଦିନ। ୨୬ ଅକ୍ଟୋବର ୧୯୭୪ରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତ୍ରୀ ବଲିଉଡ୍‌ରେ ୨୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କାମ କରିସାରିଛନ୍ତି। ଏକ ସମୟରେ ଏହି ଅଭିନେତ୍ରୀଙ୍କ ନାମ ଅଜୟ ଦେବଗନ୍‌ଙ୍କ ସହ ଯୋଡାଯାଉଥିଲା। ଏପରି କି ସେ ଅଜୟଙ୍କ ପାଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଶୁଣିବାକୁ ମିଳିଥିଲା। କୁହାଯାଏ ଅଜୟ ଏବଂ ରବୀନା 'ଦିଲ୍‌ୱାଲେ'ରେ କାମ କରିବା ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ମାତ୍ର ପରେ ଅଜୟ ରବୀନାଙ୍କୁ ଛାଡ଼ି କରିଶ୍ମାଙ୍କ ପ୍ରେମରେ ପଡ଼ିଥିଲେ। ଏ ନେଇ ରବୀନା ଡିପ୍ରେସନ୍‌କୁ ଚାଲିଯାଇଥିଲେ। ତେଣୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମାତ୍ର ଏହାକୁ ଅଜୟ ଖଣ୍ଡନ କରିଥିଲେ। ରବୀନାଙ୍କ ସୁଇସାଇଡ୍ ପଦକ୍ଷେପ କେବଳ ପବ୍ଲିସିଟି ପାଇଁ। ଲାଇମ୍‌ଲାଇଟ୍‌କୁ ଆସିବା ପାଇଁ ସେ ଏପରି କରିଥିବା ଏକ ସାକ୍ଷାତକାରରେ ଅଜୟ କହିଥିଲେ। ଆହୁରି ମଧ୍ୟ ସେ କହିଥିଲେ ଯେ, ରବୀନା ନା ତାଙ୍କର ବନ୍ଧୁଥିଲେ ନା ସେ କେବେ ତାଙ୍କୁ ଭଲ ପାଇଛନ୍ତି। ଏହି ସମୟରେ ରବୀନାଙ୍କୁ ଫିଲ୍ମ 'ମୋହରା'ରେ ଅକ୍ଷୟ କୁମାରଙ୍କ ସହ କାମ କରିବାର ସୁଯୋଗ ମିଳିଲା ଏବଂ ସେ ଅକ୍ଷୟଙ୍କ ପ୍ରେମରେ ପଡ଼ିଥିଲେ।

## ଅସରପାଙ୍କ ପାଇଁ ଧମାକା

**ନୂଆଦିଲ୍ଲୀ:** ଦୀପାବଳିରେ ସମସ୍ତେ ବାଣ ଫୁଟାଇ ଧୁମ୍‌ଧାମ୍‌ରେ ଉତ୍ସବ ପାଳନ କରିଥାନ୍ତି। କିଛି ଲୋକ ବାଣ ଫୁଟାଇବା ଆରମ୍ଭ କରିଦେଇଥିବାବେଳେ କିଛି ଏହାର ଦୃଶ୍ୟ ଦେଖିବାକୁ ଭଲ ପାଇଥାନ୍ତି। ତେବେ ଏହି ବାଣ ଫୁଟାଇ ଧମାକା କରିବାକୁ ନେଇ ଆସନ୍ତୁ ଏକ ନିଆରା ଘଟଣା ଜାଣିବା, ଯାହା ନିଶ୍ଚିତ ଆପଣମାନଙ୍କୁ ଚକିତ କରିପାରେ। ବ୍ରାଜିଲ୍ ବାସିନ୍ଦା ସିଜର୍ ଶମିତ୍‌ଜଙ୍କ କାର୍‌ନାମା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ସାମାନ୍ୟ ଅସରପା ପାଇଁ ଘରେ ଧମାକା କରିଦେଲେ ସିଜର୍। ପ୍ରକୃତରେ ସିଜର୍ ଦୀର୍ଘଦିନ ହେବ



ଅସରପା ଦାଉରୁ ଚିନ୍ତିତ ଥିଲେ। ତାଙ୍କ ଘରେ ଅସରପା ବଂଶ ବିସ୍ତାର କରିବାରେ ଲାଗିଥିଲା। ପ୍ରତିଦିନ ଅସରପା କାରଣରୁ ଘରର ଅନେକ ଜିନିଷପତ୍ର ନଷ୍ଟ ହେଉଥିଲା। ଏହି କାରଣରୁ ସିଜର୍‌ଙ୍କ ସ୍ତ୍ରୀ ବିରକ୍ତ ହୋଇ ତାଙ୍କୁ ଏହାର ସମାଧାନ କରିବାକୁ ଜିଦ୍ ଧରିଲେ। ଏପଟେ ସିଜର୍ ଅନେକ ଉପାୟ କରି ମଧ୍ୟ ଅସରପା ଦାଉରୁ ବର୍ତ୍ତି ପାରିଲେନାହିଁ।

ସିଜର୍ କକ୍‌ରୋଚ୍- ସ୍ପ୍ରେ ବ୍ୟବହାର କରି ମଧ୍ୟ ନିରାଶ ହେଲେ। ସ୍ପ୍ରେ ଦ୍ୱାରା ଅସରପା କିଛି ସମୟ ପାଇଁ ଘରୁ ପଳାଉଥିଲେ ମଧ୍ୟ ପୁଣି ଫେରି ଆସୁଥିଲେ।

ଶେଷରେ ସିଜର୍ ଅସରପାଙ୍କୁ ସମୂଳେ ନାଶ କରିବାର ଉପାୟ ଖୋଜିଲେ। ଉପାୟ ମିଳିଗଲା, କିନ୍ତୁ ଲାଭ କମ୍ କ୍ଷତି ଅଧିକା ସହିଲେ ସିଜର୍। ଘରେ ଥିବା ସମସ୍ତ ଅସରପାଙ୍କୁ ଏକାଠି କରିବାକୁ ସେ ଗ୍ୟାସୋଲିନ୍ ସିଞ୍ଚନ କରିଥିଲେ। ସମସ୍ତ ଅସରପାଙ୍କୁ ଏକାଠି କରିବା ପରେ ସିଜର୍ ନିଆଁ ଲଗାଇଦେଇଥିଲେ। ନିଆଁ ଗ୍ୟାସୋଲିନ୍ ସଂସ୍ପର୍ଶରେ ଆସିବା ମାତ୍ରେ ବ୍ଲାଷ୍ଟ ହୋଇ ଖୁବ୍ ଜୋର୍ ଶବ୍ଦ ସୃଷ୍ଟି କରିଥିଲା। ଫଳରେ ସିଜର୍‌ଙ୍କ ଘରର ଅନେକ ଆସବାବପତ୍ର ଫାଟି ନଷ୍ଟ ହୋଇଯାଇଥିଲା। ଏପରି କି, ପୋଷା କୁକୁର ବି ଆହତ ହେଉ ହେଉ ବଞ୍ଚିଗଲେ, ଯେହେତୁ ଠିକଣା ସମୟରେ ସେମାନେ ଡରି ଦୌଡ଼ି ପଳାଇଥିଲେ। ଅସରପାଙ୍କୁ ମାରିବା ଲାଗି ଏଭଳି କାର୍‌ନାମା କରିଥିବାରୁ ପରେ ନିଜେ ସିଜର୍ ମଧ୍ୟ ଅନେକ ପଶ୍ଚାତାପ କରିଥିଲେ। ଅନ୍ୟପଟେ ସମସ୍ତ ଅସରପାଙ୍କୁ ସ୍ୱାହା କରିଦେଇଥିବାରୁ ସେ ଖୁବ୍ ଖୁସି ମଧ୍ୟ ଥିଲେ। ତେବେ ଏ ସମସ୍ତ ଦୃଶ୍ୟ କୌଣସି ମତେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ସିଜର୍ ଘରେ ଏଭଳି କାର୍‌ନାମା ନ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି।

# ଉନ୍ମୋଚିତ ହେବ ଗ୍ଲେସିୟର ରହସ୍ୟ

**ନୂଆଦିଲ୍ଲୀ:** ପୃଥିବୀ ବାହାରେ ଜୀବନ ଖୋଜୁଛି ମଣିଷ। ଚନ୍ଦ୍ର ଓ ମଙ୍ଗଳରେ ବସତି ସ୍ଥାପନ ପାଇଁ ଆରମ୍ଭ ହୋଇଛି ପ୍ରତିଯୋଗିତା। ହେଲେ ମହାସମୁଦ୍ରର ଅତଳ ଗଭୀର ଏବଂ ଉତ୍ତର ମେରୁ ଭଳି ବରଫାଚ୍ଛନ୍ନ ସ୍ଥାନ ଏବେ ବି ରହସ୍ୟାବୃତ ହୋଇ ରହିଛି। ଏପରି ସ୍ଥିତିରେ ପ୍ରଥମ ଥର ଲାଗି ଭାରତକୁ ଅଣାଯାଇଛି ଉତ୍ତର ମେରୁରୁ ସଂଗୃହୀତ ବାଷ୍ପ। ଏଥିରୁ ଗ୍ଲେସିୟରର ଉତ୍ପତ୍ତି ଏବଂ ଏହାର ତରଳିବାର କାରଣ ସମ୍ପର୍କରେ ଅନେକ ଅଜଣା ତଥ୍ୟ ପଦାକୁ ଆସିବା ସମ୍ଭାବନା ରହିଛି।

ନିକଟରେ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ୯ ଜଣିଆ ବୈଜ୍ଞାନିକ ଦଳ ଉତ୍ତରମେରୁରେ ଗବେଷଣା କରି ଫେରିଛନ୍ତି। ସେମାନେ ବରଫାଚ୍ଛନ୍ନ ଉତ୍ତର ସାଗରରୁ ବାହାରୁଥିବା ବାଷ୍ପ କାଚ ବୋତଲରେ ସଂଗ୍ରହ କରି ଆଣିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି, ଭାରତରେ ଏହି ବାଷ୍ପ ଉପରେ ଗବେଷଣା କରାଯିବା ପ୍ରଥମ ଘଟଣା। ନଭେମ୍ବର ଶେଷ ସୁଦ୍ଧା ଏହି କାମ ସରିବ। ଏହାପରେ ଏ ସମ୍ପର୍କିତ ରିପୋର୍ଟ ଅନ୍ତର୍ଜାତୀୟସ୍ତରରେ ପ୍ରକାଶନ କରାଯିବାକୁ ପଠାଯିବ। ଉତ୍ତର ମହାସାଗର ହେଉଛି ପୃଥିବୀର ଅନ୍ୟତମ ପ୍ରତିକୂଳ ସ୍ଥାନ ମଧ୍ୟରୁ ଗୋଟିଏ। ଏହି ଅଞ୍ଚଳ ଉପରେ ବର୍ଷର ୬ମାସ ସୂର୍ଯ୍ୟ କିରଣ ପଡ଼େନାହିଁ। ବର୍ଷତମାମ ମୋଟା ବରଫ ଚାଦରରେ ଢାଙ୍କି ହୋଇ ରହୁଥିବାରୁ ଏଠାରେ ବସବାସ କରିବା ଅସମ୍ଭବ।



ଜେଏନ୍‌ୟୁର ବୈଜ୍ଞାନିକ ଡା. ଶ୍ୟାମରଞ୍ଜନ ଏବଂ ଅନ୍ୟତମ ବିଶେଷଜ୍ଞ ନବୀନ କୁମାର କୁହନ୍ତି, ଦେଶର ୫ ସଂସ୍ଥାର ୯ଜଣ ପ୍ରତିନିଧିଙ୍କୁ ଉତ୍ତରମେରୁ ଉପରେ ଗବେଷଣା କରିବାକୁ ପଠାଯାଇଥିଲା। ସେମାନେ ସେଠାରେ ୩୩ଦିନ ରହି ଗ୍ଲେସିୟରରୁ ଉତ୍ପନ୍ନ ବାଷ୍ପ ସଂଗ୍ରହ କରିଥିଲେ। ଏହାକୁ ଭାରତ ଅଣାଯାଇଛି। ଏଥିରୁ ଗ୍ଲେସିୟର ତରଳିବାର ନୂଆ କାରଣ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବା ଆଶା କରାଯାଉଛି।

## ହ୍ୱାଇଟ୍ ହାଉସରେ ଟ୍ରମ୍ପ ପାଳିଲେ ଦୀପାବଳି

ୱାଶିଂଟନ: ଆମେରିକାର ରାଷ୍ଟ୍ରପତି ଭବନ ହ୍ୱାଇଟ ହାଉସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀପାବଳି ଉତ୍ସବ ପାଳନ କରିଛନ୍ତି। ଭାରତରେ ପାଳନ କରାଯାଉଥିବା ଦୀପାବଳିର ୩ ଦିନ ପୂର୍ବରୁ ଟ୍ରମ୍ପ ଏହି ପର୍ବକୁ ପାଳନ କରିଛନ୍ତି। ଏହି ଅବସରରେ ସେ ହିନ୍ଦୁ ,ଜୈନ, ଶିଖ୍ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଏହି ପର୍ବ ସୂଚାଉଛି ଆମେରିକାରେ ସବୁ ଧର୍ମର ଲୋକଙ୍କୁ ଧାର୍ମିକ ସ୍ୱାଧୀନତା ମିଳିଛି। ତେବେ ଏହି ପର୍ବ ପାଳନ ସମୟରେ ହ୍ୱାଇଟ ହାଉସ୍ ମଧ୍ୟକୁ ଗଣମାଧ୍ୟମକୁ ପ୍ରବେଶ ଅନୁମତି ମିଳି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଟ୍ରମ୍ପ ଓଭାଲ କାର୍ଯ୍ୟକ୍ରମରେ ଭାରତୀୟ-ଆମେରିକୀୟଙ୍କ ସହ ଦୀପାବଳି ପାଳନ କରିଥିଲେ।



# ପେଟରେ ତିଆରି ହେଉଛି ମଦ



**ନ୍ୟୁୟର୍କ:** ଜଣେ ବ୍ୟକ୍ତିଙ୍କ ପେଟରେ ତିଆରି ହେଉଛି ମଦ। ଏକଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଆମେରିକାର ଜଣେ ୪୬ ବର୍ଷୀୟ ବ୍ୟକ୍ତିଙ୍କ ପେଟରେ ଆପେ ତିଆରି ହେଉଛି ମଦ। ସେ ଏ ସମ୍ପର୍କରେ ଜାଣି ନ ଥିବାବେଳେ ୨୦୧୪ ରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ନେଇ ପୋଲିସ ଦ୍ୱାରା ଧରାପଡ଼ିଥିଲେ। ଥରେ ନୁହେଁ, ସେ ଅନେକ ଥର ଗିରଫ ହୋଇଛନ୍ତି। ହେଲେ ସେ ମଦ୍ୟପାନ କରି ନ ଥିବା ନେଇ ପୋଲିସ ଏବଂ ପରିବାର ଲୋକଙ୍କୁ ବହୁବାର ବୁଝାଇ ବିଫଳ ହୋଇଥିଲେ। ଶେଷରେ ସେ ୨୦୧୭ରେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ପରେ ଯାହା ଜାଣିବାକୁ ପାଇଥିଲେ, ସେଥିରେ ସେ ଚକିତ ହୋଇଯାଇଥିଲେ। ସେ ବିରଳ 'Auto Brewery Syndrom' ରୋଗରେ ପୀଡ଼ିତ ଥିବା ରିପୋର୍ଟରୁ ଜଣାପଡ଼ିଥିଲା। ଯାହାକି ବିଶ୍ୱରେ ୫ଜଣଙ୍କଠାରେ ଦେଖିବାକୁ ମିଳିଛି। କ୍ଷୁଦ୍ରାନ୍ତ୍ରରେ ଅତ୍ୟଧିକ ଫଙ୍ଗସ୍(-Fungus) ଥିବା କାରଣରୁ ତାହା ଶରୀରରେ ସମସ୍ତ କାର୍ବୋହାଇଡ୍ରେଟ୍ (ଶ୍ୱେତସାର ଜାତୀୟ ଖାଦ୍ୟ)କୁ ମଦ(ଆଲ୍‌କହଲ୍)ରେ ପରିଣତ କରିଥାଏ। ଫଳରେ ସେ ଖାଉଥିବା କାର୍ବୋହାଇଡ୍ରେଟ୍ ମଦରେ ପରିଣତ ହେଉଥିଲା। ଏହାଦ୍ୱାରା ତାଙ୍କର ମାନସିକ ସ୍ତରରେ ବିଭିନ୍ନ ପରିବର୍ତ୍ତନ ଆସିବା ସହ ସ୍ମୃତିଶକ୍ତି ହରାଇବସି ବହୁ କଷ୍ଟ ପାଉଥିବା ଜଣାପଡ଼ିଛି। ପରେ ଆଣ୍ଟି-ଫଙ୍ଗାଲ୍ ଥେରାପି ଓ ପ୍ରୋ-ବାୟୋଟିକ୍ ଦ୍ୱାରା ସେ ଠିକ୍ ହୋଇଥିବା ଜଣାପଡ଼ିଛି।



"କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ଯୋଗୁ କ୍ଷତିଗ୍ରସ୍ତ କୃଷକ କଳା ଦୀପାବଳି ପାଳନ କରିବାକୁ ବାଧ ହୋଇଛନ୍ତି। କୃଷକଙ୍କ ପାଇଁ ମୋଦି ସରକାର ରାଜଧର୍ମ ପାଳନ କରନ୍ତୁ।
-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

# ଦୀପାବଳିରେ ଆକ୍ରମଣ ଲାଗି ଜୈଶ୍‌ର ଧମକ

## ଦିଲ୍ଲୀରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା

**ନୂଆଦିଲ୍ଲୀ,୨୬।୧୦(ଆଇଏଏନ୍‌ଏସ୍)**



ଦୀପାବଳି ପାଳନ ଅବସରରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ନୂଆଦିଲ୍ଲୀ ସମେତ ଭାରତର ବିଭିନ୍ନ ସହରରେ ଆକ୍ରମଣ କରିବା ଲାଗି ଧମକ ଦେଇଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜଧାନୀ ଦିଲ୍ଲୀରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ହୋଇଛି।

ସୀମା ସେପଟୁ ଦୁଇ ଜୈଶ୍ କମାଣ୍ଡରଙ୍କ ଟେଲିଫୋନ କଥାବାର୍ତ୍ତାରୁ ଆକ୍ରମଣ ସୂଚନା ମିଳିବା ପରେ ଦିଲ୍ଲୀର ଜନଗହଳିପୂର୍ଣ୍ଣ ସରୋଜିନୀ ନଗର, ଲଜପତ୍ ନଗର ଓ କାରୋଲବାଗ୍ ଅଞ୍ଚଳ ପୋଲିସ ଛାଉଣୀରେ ପରିଣତ ହୋଇଛି। ଏଥିସହିତ ରାଜଧାନୀରେ ଥିବା ଦୁଇ ଡଜନରୁ ଊର୍ଦ୍ଧ୍ୱ ମଲ୍ ଏବଂ ମଲ୍ଟିପ୍ଲେକ୍ସରେ ସୁରକ୍ଷା ବଢ଼ାଇ ଦିଆଯାଇଥିବା ଦିଲ୍ଲୀ ପୋଲିସ କହିଛି। ଏହାବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଓ ଅହମଦାବାଦରେ ମଧ୍ୟ ଆଲର୍ଟ ଜାରି ହୋଇଛି।

କେନ୍ଦ୍ରୀୟ ଦିଲ୍ଲୀରେ ଥିବା ସରକାରୀ ବିଲ୍ଡିଂ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକରେ ପୋଲିସ ସମେତ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ, ସଶସ୍ତ୍ର ଅର୍ଦ୍ଧସାମରିକ ଯବାନ ମୁତୟନ ହୋଇଛନ୍ତି। ଏହାବ୍ୟତୀତ ଖାନ୍ ବଜାର, ବେଙ୍ଗଲୀ ମାର୍କେଟ, କନଟପ୍ଲେସ୍, ଇଣ୍ଡିଆ ଗେଟ୍, ରାଜପଥ, ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର (ଆଇଆଇସି) ଏବଂ ଦିଲ୍ଲୀ ଜିମ୍‌ଖାନାରେ ମଧ୍ୟ ସୁରକ୍ଷାବଳଙ୍କୁ ନିୟୋଜିତ କରାଯାଇଛି। ଆତଙ୍କବାଦୀମାନେ ଦିଲ୍ଲୀର ଥାନା ଓ ପୋଲିସ କଲୋନିଗୁଡିକରେ ଆତ୍ମଘାତୀ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ବ୍ୟୁରୋ (ଆଇବି) ଗତ ସପ୍ତାହରେ ସୂଚନା ଦେଇଥିଲା। ଉକ୍ତ ସୂଚନା ଅନୁଯାୟୀ ଆତଙ୍କବାଦୀ ଆକ୍ରମଣ ପାଇଁ ବିସ୍ଫୋରକଭର୍ତ୍ତି ଯାନ ବ୍ୟବହାର କରିପାରନ୍ତି କିମ୍ବା ସିଧାସଳଖ ଥାନା ମଧ୍ୟରେ ପ୍ରବେଶ କରି ବିସ୍ଫୋରଣ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଇଥିଲା।

## ସିଆର୍‌ପିଏଫ୍ ଟିମ୍ ଉପରେ ଗ୍ରେନେଡ୍ ମାଡ଼

**ଶ୍ରୀନଗର,୨୬।୧୦(ପି.ଟି.)**

ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରର କରନ ନଗର ଅଞ୍ଚଳରେ ସିଆର୍‌ପିଏଫ୍‌ର ଏକ ଟିମ୍ ଉପରେ ଆତଙ୍କବାଦୀମାନେ ଗ୍ରେନେଡ ମାଡ଼ କରିଛନ୍ତି। ଏଥିରେ କେହି ମୃତାହତ ହୋଇଥିବା ନେଇ ସୂଚନା ମିଳିନାହିଁ। ସିଆର୍‌ପିଏଫ୍ ଯବାନମାନେ ଚେକ୍‌ପଏଣ୍ଟରେ ମୁତୟନ ଥିଲାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରି ଗ୍ରେନେଡ ଫିଙ୍ଗିଥିଲେ। ବିସ୍ଫୋରଣ ଯୋଗୁ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଯବାନମାନେ ମଧ୍ୟ ଫାଙ୍କା ଗୁଳି ଚଳାଇଥିଲେ।

# ଆଜି ଶପଥ ନେବେ ଖଟ୍ଟର



ସରକାର ଗଠନ ଲାଗି ଦାବି ଜଣାଇବା ପୂର୍ବରୁ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କ ସହ ଜେଜେପି ନେତା ଦୁଷ୍ୟନ୍ତ ଚୌଟାଲା, କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ ଭାଜପା ନେତା ଅନିଲ ଭିଜ୍।

### ହରିୟାଣାରେ ସରକାର ଗଠନ ଲାଗି ଭାଜପା-ଜେଜେପି ମେଣ୍ଟକୁ ରାଜ୍ୟପାଳଙ୍କ ଆମନ୍ତ୍ରଣ

**ଚଣ୍ଡିଗଡ଼,୨୬।୧୦(ପି.ଟି.)**

ହରିୟାଣାରେ ପରବର୍ତ୍ତୀ ସରକାର ଗଢ଼ିବା ଲାଗି ରାଜ୍ୟପାଳ ସତ୍ୟଦେଓ ନାରାୟଣ ଆର୍ଯ୍ୟ ଶନିବାର ଭାଜପା-ଜେଜେପି ମେଣ୍ଟକୁ ଆମନ୍ତ୍ରଣ କରିଛନ୍ତି। ରବିବାର ଶପଥ ଗ୍ରହଣ ଉତ୍ସବରେ ଭାଜପା ବିଧାୟକ ଦଳ ନେତା ମନୋହରଲାଲ ଖଟ୍ଟର ମୁଖ୍ୟମନ୍ତ୍ରୀ ଏବଂ ଜେଜେପି ନେତା ଦୁଷ୍ୟନ୍ତ ଚୌଟାଲା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜଣାପଡିଛି। ଦୁଷ୍ୟନ୍ତଙ୍କ ନେତୃତ୍ୱାଧୀନ ଜନନାୟକ ଜନତା ପାର୍ଟି (ଜେଜେପି) ସମର୍ଥନରେ ହରିୟାଣାରେ ସରକାର ଗଢ଼ିବା ଲାଗି ଭାଜପା ଦାବି କରିଥିଲା।

ସରକାର ଗଠନ ଲାଗି ରାଜ୍ୟପାଳ ଆମନ୍ତ୍ରଣ କରିଥିବା ଖଟ୍ଟର ଗଣମାଧ୍ୟମକୁ କହିଛନ୍ତି। ଦୀପାବଳୀ ଅବସରରେ ରବିବାର ଅପରାହ୍ନ ୨ଟା ୧୫ ମିନିଟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ହରିୟାଣା ବିଧାନସଭା ନିର୍ବାଚନରେ ୪୦ ଆସନ ହାସଲ କରି ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଥିଲେ ହେଁ ସରକାର ଗଠନ ଲାଗି ଆଉ ୬ ବିଧାୟକଙ୍କ ସମର୍ଥନର ଆବଶ୍ୟକ ଥିଲା। ଜେଜେପିର ୧୦ ବିଧାୟକଙ୍କ ସମେତ ୭ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଫଳରେ ଭାଜପା ନେତୃତ୍ୱାଧୀନ ମେଣ୍ଟର ବିଧାୟକ ସଂଖ୍ୟା ୫୭ରେ ପହଞ୍ଚିଛି। ଭାଜପାର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ବସି ଖଟ୍ଟରଙ୍କୁ ନେତା ନିର୍ବାଚିତ କରାଯିବା ପରେ ସେ ୫୭ ବିଧାୟକଙ୍କ ସମର୍ଥନ ପତ୍ର ସହ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟପାଳ ଏହାକୁ ଗ୍ରହଣ କରି ତାଙ୍କୁ ସରକାର ଗଢ଼ିବା ଲାଗି ଆମନ୍ତ୍ରଣ କରିଥିବା ଖଟ୍ଟର କହିଛନ୍ତି। ଏହା ପୂର୍ବରୁ ଖଟ୍ଟର ଓ ତାଙ୍କ ମନ୍ତ୍ରୀମାନେ ରାଜ୍ୟପାଳଙ୍କୁ ଇସ୍ତଫା ପତ୍ର ଦେଇଥିଲେ। ନୂଆ ସରକାର ଗଢ଼ାହେବା ପର୍ଯ୍ୟନ୍ତ ତାଙ୍କୁ କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

# 'ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା ଅର୍ଥନୀତି ଉପରେ ଆକ୍ରମଣ'

**ଶ୍ରୀନଗର,୨୬।୧୦(ପି.ଟି.)**



ଦିଲ୍‌ବାଗ ସିଂ

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ କିଛିଦିନ ହେଲା ଟ୍ରକ୍ ଡ୍ରାଇଭରମାନଙ୍କୁ ଟାର୍ଗେଟ କରୁଛନ୍ତି। ଏହି ଆକ୍ରମଣରେ ୫ ଟ୍ରକ୍ ଡ୍ରାଇଭର ନିହତ ହେଲେଣି। ଏହା ସ୍ଥାନୀୟ ଅର୍ଥନୀତି ତଥା ଲୋକଙ୍କ ଜୀବିକା ଉପରେ ଆକ୍ରମଣ ବୋଲି ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ ଶନିବାର କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲାବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ସେ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ଦୈନନ୍ଦିନ ଜୀବନ ଜୀବିକାକୁ ପ୍ରଭାବିତ କରିବା ଲାଗି ଏଭଳି ଆକ୍ରମଣ କରାଯାଉଛି। ଏଭଳି ଆକ୍ରମଣକୁ ବହୁସଂଖ୍ୟାରେ ଲୋକେ ନିନ୍ଦା କରିଛନ୍ତି। ଏଥିରେ କେଉଁମାନେ ଜଡ଼ିତ ତାହା ଖୁବ୍‌ଶୀଘ୍ର ଜଣାପଡ଼ିଯିବ ବୋଲି ଡିଜିପି କହିଛନ୍ତି।

ଶୋପିଆନ ଜିଲାରେ ସେଓ ଆଣିବାକୁ ଯାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଆତଙ୍କବାଦୀମାନେ ହତ୍ୟାକରିବା ସହ ବିଦ୍ୟୁତ୍ ଟ୍ରାନ୍ସମିଶନ ଟାୱାରକୁ ଧ୍ୱଂସ କରିଦେଇଛନ୍ତି। କଶ୍ମୀରବାସୀଙ୍କୁ ଉପାର୍ଜନ ଯୋଗାଉଥିବା ଉଦ୍ୟାନକୃଷି ଓ ପର୍ଯ୍ୟଟନକୁ ଅସ୍ଥିର କରିବା ଲାଗି ଏଭଳି ଆକ୍ରମଣ କରାଯାଇଛି। ଭିତ୍ତିଭୂମିର କ୍ଷତି କରିବା ମଧ୍ୟ ଏହି ଆକ୍ରମଣର ଅନ୍ୟତମ ଉଦ୍ଦେଶ୍ୟ। ଗତ ୧୦ ଦିନରେ ତିନିଥର ଆତଙ୍କବାଦୀ ବାହାର ଟ୍ରକ୍ ଡ୍ରାଇଭରଙ୍କ ଉପରେ ଆକ୍ରମଣ କଲେଣି। ସେମାନେ ଦୁଇଟି ଟ୍ରକ୍‌କୁ ଜାଳିଦେଇଛନ୍ତି। ଗତ ୧୪ରେ ଦୁଇଜଣ ଆତଙ୍କବାଦୀ ସେଓ ଆଣିବାକୁ ଯାଇଥିବା ରାଜସ୍ଥାନର ଏକ ଟ୍ରକ୍ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟା କରିବା ସହ ଫଳବଗିଚା ମାଲିକଙ୍କୁ ମାଡ଼ ମାରିଥିଲେ। ଏହାର ଦୁଇଦିନ ପରେ ଶୋପିଆନରେ ପଞ୍ଜାବର ସେଓ ବ୍ୟବସାୟୀ ଚରଣଜିତ୍ ସିଂଙ୍କୁ ହତ୍ୟା କରାଯାଇଥିଲା। ଏହି ଆକ୍ରମଣରେ ଅନ୍ୟଜଣେ ଅନ୍ୟ ଜଣେ ଆହତ ହୋଇଥିଲେ। ଗୁରୁବାର ମଧ୍ୟ ଦୁଇଜଣ ଟ୍ରକ୍ ଡ୍ରାଇଭର ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିଲେ।

## ଅଜୟ ଚୌଟାଲାଙ୍କୁ ୨ ସପ୍ତାହ ପାରୋଲ

**ନୂଆଦିଲ୍ଲୀ,୨୬।୧୦(ପି.ଟି.)**

ଜନନାୟକ ଜନତା ପାର୍ଟି (ଜେଜେପି) ନେତା ଦୁଷ୍ୟନ୍ତ ଚୌଟାଲାଙ୍କ ବାପା ଅଜୟ ଚୌଟାଲାଙ୍କୁ ଜେଲ୍‌ରୁ ୨ ସପ୍ତାହ ପାରୋଲରେ ଯିବା ଲାଗି ଅନୁମତି ମିଳିଛି। ଶିକ୍ଷକ ନିଯୁକ୍ତି ଦୁର୍ନୀତିରେ ଦୋଷୀସାବ୍ୟସ୍ତ ଅଜୟ ଓ ତାଙ୍କ ପିତା ତଥା ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍‌ପ୍ରକାଶ ଚୌଟାଲା ତିହାର ଜେଲ୍‌ରେ ରହୁଛନ୍ତି। ଜେଜେପି ସମର୍ଥନରେ ସରକାର ଗଠନ ଲାଗି ଭାଜପାକୁ ରାଜ୍ୟପାଳ ସତ୍ୟଦେଓ ନାରାୟଣ ଆର୍ଯ୍ୟ ଆମନ୍ତ୍ରଣ କରିଥିଲାବେଳେ ରବିବାର ଅପରାହ୍ନରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ।

## କାଣ୍ଡାଙ୍କ ସମର୍ଥନ ନେବନି ଭାଜପା

**ଚଣ୍ଡିଗଡ଼,୨୬।୧୦(ପି.ଟି.)**



ନୂଆ ସରକାର ଗଢ଼ିବାରେ ଭାଜପା ବିବାଦୀୟ ନେତା ତଥା ହରିୟାଣା ଲୋକହିତ ପାର୍ଟିର ବିଧାୟକ ଗୋପାଳ କାଣ୍ଡାଙ୍କ ସମର୍ଥନ ନେବ ନାହିଁ। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଶନିବାର ଏହା ସ୍ପଷ୍ଟ କରିଛନ୍ତି। ଭାଜପାକୁ ନିଃସର୍ତ୍ତ ସମର୍ଥନ ଦେବେ ବୋଲି ଶୁକ୍ରବାର କାଣ୍ଡା କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ବିରୋଧୀ ଦଳ କଂଗ୍ରେସ ସମେତ ବିଭିନ୍ନ ଦଳ ଏହାକୁ ସମାଲୋଚନା କରିଥିଲାବେଳେ ଭାଜପା ନେତ୍ରୀ ଉମା ଭାରତୀ ମଧ୍ୟ କାଣ୍ଡାଙ୍କ ସମର୍ଥନ ନ ନେବା ଲାଗି ଦଳକୁ ପରାମର୍ଶ ଦେଇଥିଲେ। କାଣ୍ଡାଙ୍କ ସମର୍ଥନରେ ସରକାର ଗଢ଼ିଲେ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସ୍ୱଚ୍ଛ ଭାବମୂର୍ତ୍ତିକୁ ଖରାପ କରିବ ବୋଲି ସେ କହିଥିଲେ। ସିର୍ସା ବିଧାୟକ କାଣ୍ଡା ଜଣେ ଏୟାରହୋଷ୍ଟେସ୍‌ଙ୍କୁ ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ୨୦୧୨ରେ ଗିରଫ ହୋଇଥିଲେ। ତାଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଥିଲାବେଳେ ଦିଲ୍ଲୀ ହାଇକୋର୍ଟ ଉକ୍ତ ଅଭିଯୋଗକୁ ବାଦ୍ ଦେଇଥିଲେ। ଏଥିସହିତ ଆତ୍ମହତ୍ୟା ପାଇଁ ବାଧକରିବା ମାମଲାରେ ତାଙ୍କୁ ୨୦୧୪ରେ ହାଇକୋର୍ଟ ଜାମିନ ମଞ୍ଜୁର କରିଥିଲେ। ଭୂପିନ୍ଦର ସିଂ ହୁଡା ସରକାରରେ କାଣ୍ଡା ଗୃହମନ୍ତ୍ରୀ ରହିବା ସହ ଏକାଧିକ ବିଭାଗ ଦାୟିତ୍ୱରେ ଥିଲେ।

## ପୁରୁଷ ବନ୍ଧୁଙ୍କୁ ଏସିଡ୍ ଫିଙ୍ଗିଲେ ଯୁବତୀ

**ଆଗ୍ରା,୨୬।୧୦:** ବିବାହ ପାଇଁ ରାଜି ନ ହେବାରୁ ପୁରୁଷ ବନ୍ଧୁଙ୍କୁ ଜଣେ ଯୁବତୀ ଏସିଡ୍ ମାଡ଼ କରିଛନ୍ତି। ଉତ୍ତରପ୍ରଦେଶର କୱାର୍‌ସି ଥାନା ଅନ୍ତର୍ଗତ ଆଲିଗଡ଼ର ଜୀବନଗଡ଼ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପୋଲିସ ଉକ୍ତ ଯୁବତୀଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ଆଇପିସିର ଧାରା ୩୨୬ଏ ଅନୁଯାୟୀ ମାମଲା ରୁଜୁ କରିଛି। ପୁରୁଷବନ୍ଧୁଙ୍କ ମାଆଙ୍କ କହିବା ଅନୁଯାୟୀ ତାଙ୍କ ପୁଅ ସହ ଉକ୍ତ ଯୁବତୀଙ୍କର ସମ୍ପର୍କ ରହିଥିଲା। ତେବେ ମାସେ ହେଲା ତାଙ୍କ ପୁଅ କଥାବାର୍ତ୍ତା ବନ୍ଦ କରିଦେଇଥିଲେ ହେଁ ଯୁବତୀ ଜଣକ ବିବାହ ପାଇଁ ଫୋନ ଯୋଗେ ଚାପ ପକାଉଥିଲେ। ଗୁରୁବାର ସକାଳେ ଯୁବକ ଜଣକ ଘର ପାଖ ଦୋକାନ ନିକଟରେ ଛିଡ଼ା ହୋଇଥିଲାବେଳେ ଅଭିଯୁକ୍ତ ଯୁବତୀ ତାଙ୍କୁ ଏସିଡ୍ ଫିଙ୍ଗିଥିଲେ ବୋଲି ପୀଡ଼ିତଙ୍କ ମାଆ କହିଛନ୍ତି। ତେବେ ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଛାଡ଼ିବା ଲାଗି ପୁରୁଷ ବନ୍ଧୁ ଜଣକ ଧମକ ଦେଇଥିଲେ ବୋଲି ଯୁବତୀ ଅଭିଯୋଗ କରିଛନ୍ତି।

## ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଅଯୋଧ୍ୟା ଦୀପୋତ୍ସବ
# ଜଳିଲା ୫.୫୧ ଲକ୍ଷ ଦୀପ

**ଅଯୋଧ୍ୟା, ୨୬।୧୦**



ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଗଠିତ ଭାଜପା ସରକାର ଶନିବାର ସନ୍ଧ୍ୟାରେ ଅଯୋଧ୍ୟାରେ ଅନୁଷ୍ଠିତ ଦୀପୋତ୍ସବରେ ୫.୫୧ ଲକ୍ଷ ଦୀପ ଜଳାଇ ଏକ ନୂଆ ବିଶ୍ୱରେକର୍ଡ ସୃଷ୍ଟିକରିଛି। ମୁଖ୍ୟମନ୍ତ୍ରୀ ଉତ୍ସବରେ ଯୋଗଦେଇ ସରଯୂଘାଟରେ ଏହି ଉତ୍ସବ ପାଳନ କରିଛନ୍ତି। ଏହା ପୂର୍ବରୁ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଆସିଥିବା କଳାକାରମାନେ ଏଠାରେ ଉପସ୍ଥିତ ରହି ଦୀପୋତ୍ସବର ମଜା ନେଇଥିଲେ। ବହୁ କଳାକାର ଭଗବାନ ରାମ, କୃଷ୍ଣ ଓ ହନୁମାନଙ୍କ ବେଶରେ ସେଠାରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସ୍ୱାଗତ କରିବା ସହ ଆରତି କରିଥିଲେ। ଲକ୍ଷ ଲକ୍ଷ ମାଟି ଦୀପର ସମାରୋହ ପରିବେଶକୁ ବେଶ୍ ମନୋରମ କରିପକାଇଛି। ଗତବର୍ଷ ୩ ଲକ୍ଷ ୫୧ ହଜାର ଦୀପ ଏଠାରେ ଲଗାଯାଇଥିଲା।

ଶନିବାର ଦୀପୋତ୍ସବରେ ଯୋଗଦେଇ ଯୋଗୀ ଆଦିତ୍ୟନାଥ ମୋଦି ସରକାରର ଗୁଣଗାନ କରିଥିଲେ। ଗତ ୫ ବର୍ଷ ମଧ୍ୟରେ ମୋଦି ଦେଶରେ ରାମରାଜ୍ୟ ଗଠନ କରିଥିବା ସେ ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସେ କହିବାକୁ ଭୁଲି ନ ଥିଲେ। ଭାଜପା ସରକାର ଅଯୋଧ୍ୟାର ବିକାଶ ଲାଗି କାର୍ଯ୍ୟ କରୁଥିବା ସେ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇବା ଲାଗି ମୁଖ୍ୟମନ୍ତ୍ରୀ ହିନ୍ଦୁ ସାଧୁସନ୍ଥ, ପୀଠାଧୀଶ ଓ ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ। ପ୍ରକାଶଥାଉ କି, ନଭେମ୍ବର ୧୭ରେ ପ୍ରଧାନବିଚାରପତି ରଞ୍ଜନ ଗୋଗୋଇ ଅବସର ଗ୍ରହଣ କରୁଥିବାବେଳେ ତା' ପୂର୍ବରୁ ଅଯୋଧ୍ୟା ମାମଲାର ଚୂଡ଼ାନ୍ତ ଶୁଣାଣି କରିବାକୁ ସେ ବିଦେଶ ଗସ୍ତକୁ ବାତିଲ କରିଥିଲେ।

## କମଳେଶଙ୍କ ସ୍ତ୍ରୀ ହେଲେ ହିନ୍ଦୁ ସମାଜ ପାର୍ଟି ମୁଖ୍ୟ


**ଲକ୍ଷ୍ନୌ, ୨୬।୧୦**

ହିନ୍ଦୁ ସମାଜ ପାର୍ଟି ମୁଖ୍ୟ କମଳେଶ ତିୱାରୀଙ୍କୁ ହତ୍ୟା କରାଯିବାର ୮ ଦିନ ପରେ ତାଙ୍କ ସ୍ତ୍ରୀ କିରନ୍‌ଙ୍କୁ ଶନିବାର ଏହାର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଛି। ୪୦ ବର୍ଷୀୟା କିରନ୍ ଏହି ଦାୟିତ୍ୱ ନେବା ଲାଗି ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କମଳେଶ ହତ୍ୟାକାଣ୍ଡର ତଦନ୍ତ ଲାଗି ଏସ୍‌ଆଇଟି(ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରି ଉତ୍ତରପ୍ରଦେଶ ପୋଲିସ, ଗୁଜରାଟ ଏଟିଏସ୍ ସହଯୋଗରେ ଅପରାଧୀଙ୍କୁ ଧରିବା ଲାଗି ପ୍ରୟାସ କରୁଥିବାବେଳେ କିରନ୍ ଶନିବାର ଏହି ଗୁରୁଦାୟିତ୍ୱ ବହନ କରିଛନ୍ତି।

### ଇତିହାସର ଆଇନାରେ
**ଅକ୍ଟୋବର ୨୭ର ପ୍ରମୁଖ ଘଟଣା**

୧୯୭୪ ଅକ୍ଟୋବର ୨୭ରେ ଭାରତର ବିଶିଷ୍ଟ ଗଣିତଜ୍ଞ ସି. ପି. ରାମାନୁଜମ୍‌ଙ୍କ ପରଲୋକ ହୋଇଥିଲା। ସଂଖ୍ୟା ତତ୍ତ୍ୱ ଓ ଜିଓମେଟ୍ରି ଉପରେ ସେ ଗବେଷଣା କରିଥିଲେ। ମାଡ୍ରାସରେ ଜନ୍ମଗ୍ରହଣ କରିଥିବା ରାମାନୁଜମ୍ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସରେ ଫେଲୋ ଭାବେ ନିର୍ବାଚିତ ହୋଇଥିଲେ। ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚରେ ସେ କାମ କରିଥିଲେ। ଶେଷରେ ଦେହ ଖରାପ ହେବାରୁ ସେ ଶିକ୍ଷାଦାନରୁ ବିରତ ରହିଥିଲେ।

୨୦୧୭ ଅକ୍ଟୋବର ୨୭ରେ ସ୍ପେନଠାରୁ ଅଲଗା ହୋଇ କାଟାଲୋନିଆ ସ୍ୱାଧୀନ ହୋଇଥିଲା। ସ୍ପେନର ଉତ୍ତର ପୂର୍ବ କୋଣରେ ଏହି ରାଜ୍ୟ ଅବସ୍ଥିତ। ବାର୍ସେଲୋନା ସହ ଅନ୍ୟ ୪ ପ୍ରଦେଶକୁ ନେଇ ଏହା ଗଠିତ। ୨୦୧୦ରୁ ଏହା ସ୍ୱାଧୀନତା ଦାବିକରି ଆସୁଥିଲା। ଶେଷରେ ସ୍ପେନ ପାର୍ଲାମେଣ୍ଟ ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲା। ପ୍ରାୟ ୧ କୋଟି ଲୋକ ଏଠାରେ ବାସ କରୁଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା, ଘଡ଼ଘଡ଼ି ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୫ | ୧୯.୦ |
| ଚାନ୍ଦବାଲି | ୨୮.୪ | ୨୦.୯ |
| କଟକ | ୨୯.୦ | ୧୯.୦ |
| ପାରାଦ୍ୱୀପ | ୨୯.୭ | ୨୨.୮ |
| ଭୁବନେଶ୍ୱର | ୨୯.୦ | ୨୧.୨ |
| ଗୋପାଳପୁର | ୩୧.୮ | ୨୩.୯ |
| ପୁରୀ | ୨୯.୨ | ୨୨.୮ |
| ଅନୁଗୋଳ | ୩୦.୭ | ୧୮.୦ |
| ବାରିପଦା | -- | ୨୦.୬ |
| ଝାରସୁଗୁଡ଼ା | ୨୭.୪ | ୧୯.୮ |
| କେନ୍ଦୁଝର | ୨୪.୭ | ୧୮.୫ |
| ସମ୍ବଲପୁର | ୩୦.୦ | ୧୯.୪ |
| ସୁନ୍ଦରଗଡ଼ | ୨୫.୦ | ୧୪.୦ |
| ହୀରାକୁଦ | ୨୮.୩ | ୨୦.୬ |
| ତାଳଚେର | -- | ୨୩.୦ |
| ଭବାନୀପାଟଣା | ୨୬.୫ | ୨୧.୫ |
| ବଲାଙ୍ଗୀର | ୨୮.୮ | ୨୧.୫ |
| କୋରାପୁଟ | ୩୦.୦ | ୧୬.୮ |
| ଫୁଲବାଣୀ | ୨୬.୨ | ୨୦.୫ |
| ଟିଟିଲାଗଡ଼ | ୨୯.୦ | ୧୮.୬ |
| ମାଲକାନଗିରି | ୨୯.୦ | -- |
| ସୋନପୁର | ୨୮.୨ | ୧୭.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

## ୨୦୧୮ରେ ୨୫୭ ଆତଙ୍କବାଦୀ ମରିଥିଲେ

**ନୂଆଦିଲ୍ଲୀ, ୨୬।୧୦**



ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟ

ଗତ ୫ ବର୍ଷ ମଧ୍ୟରେ ୨୦୧୮ରେ ଜମ୍ମୁ-କଶ୍ମୀରକୁ ସର୍ବାଧିକ ପାକିସ୍ତାନ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ। ଏହିବର୍ଷ ସେମାନେ ୩୨୮ ଥର ଅନୁପ୍ରବେଶ ଲାଗି ଉଦ୍ୟମ କରିଥିବାବେଳେ ୧୪୩ ଥର ସଫଳ ହୋଇଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟରେ ପ୍ରକାଶ କରାଯାଇଛି। ଗତବର୍ଷ ୨୫୭ ଆତଙ୍କବାଦୀ ନିହତ ହୋଇଥିବାବେଳେ ୯୧ ସୁରକ୍ଷାକର୍ମୀ ଶହୀଦ ହୋଇଥିଲେ, ଯାହାକି ୫ ବର୍ଷ ମଧ୍ୟରେ ସର୍ବାଧିକ। ଏହି ସମୟରେ ୩୯ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଥିବା କୁହାଯାଇଛି।

୨୦୧୭ରେ ୪୧୯ ସୀମାପାର୍ ଉଦ୍ୟମ କରାଯାଇଥିବାବେଳେ ୧୩୬ ଥର ଆତଙ୍କବାଦୀ ଜମ୍ମୁ-କଶ୍ମୀରରେ ପ୍ରବେଶ କରିବାରେ ସଫଳ ହୋଇଥିଲେ। ଏହି ସମୟରେ ମୋଟ ୨୧୩ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବାବେଳେ ୮୦ ସୁରକ୍ଷାକର୍ମୀ ଶହୀଦ ହୋଇଥିଲେ। ୨୦୧୬ରେ ୩୭୧ ଥର ଅନୁପ୍ରବେଶ ଉଦ୍ୟମ କରାଯାଇଥିବାବେଳେ ୧୧୯ଟିରେ ସେମାନେ ସଫଳ ହୋଇଥିଲେ। ହେଲେ ମୋଟ ୧୫୦ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିବାବେଳେ ୮୨ ଯବାନ ଶହୀଦ ହୋଇଥିଲେ। ସେହିଭଳି ୨୦୧୫ରେ ୩୩ ଥର ଅନୁପ୍ରବେଶ କରିଥିଲେ। ଏହିବର୍ଷ ୧୦୮ ଆତଙ୍କବାଦୀ ନିହତ ହୋଇଥିବାବେଳେ ୩୯ ସୁରକ୍ଷାକର୍ମୀ ଶହୀଦ ହୋଇଥିଲେ। ୨୦୧୪ରେ ୬୫ ଥର ଅନୁପ୍ରବେଶ ଉଦ୍ୟମ ସଫଳ ହୋଇଥିଲା। ୧୧୦ ଆତଙ୍କବାଦୀ ଏହିବର୍ଷ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ର ଶିକାର ହୋଇଥିବାବେଳେ ୪୭ ଯବାନ ଶହୀଦ ହୋଇଥିଲେ। ଏବେ ସୁରକ୍ଷାକର୍ମୀଙ୍କ ଉପସ୍ଥିତି ଓ ଜମ୍ମୁ-କଶ୍ମୀରରେ କଡ଼ା ସୁରକ୍ଷା ଯୋଗୁ ସ୍ଥିତି ଏତେ ଜଟିଳ ହୋଇନାହିଁ।

# ଦୀପାବଳିରେ...

ଆଜି ଆଲୋକର ପର୍ବ ଦୀପାବଳି। ଗାଁ, ଗହଳିରୁ ସହର, ଘରଠାରୁ ଦୋକାନ ବଜାର ପର୍ଯ୍ୟନ୍ତ ସବୁଠି ରଙ୍ଗିନ୍ ଆଲୋକ ସମ୍ଭାର। ତା' ସାଙ୍ଗକୁ ସମସ୍ତେ ଭଳିକି ଭଳି ଆତସବାଜିର ମଜା ନେବାରେ ବିଭୋର। ହେଲେ ଏସବୁ ଆନନ୍ଦ ଯେ, ଅପରପକ୍ଷେ ଅର୍ଥ ହାନି ଓ ପ୍ରାଣପୀଡ଼ାର କାରଣ, ସେ ଦିଗରେ ସଚେତନତା ଆବଶ୍ୟକ...









ବର୍ଷକ ପରେ ପୁଣି ଆସିଛି ଆଲୋକର ପର୍ବ। ରଙ୍ଗିନ୍ ଆଲୋକରେ ଘର ସଜାଇବା ସହ ବିଭିନ୍ନ ପ୍ରକାର ଆତସବାଜିର ମଜା ନେବା ଲାଗି ସମସ୍ତେ ବିଶେଷ କରି ଯୁବପିଢ଼ି ବେଶ୍ ଉତ୍କଣ୍ଠିତ। ତେବେ ସଭିଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ଦିନଟିରେ ଖୁସି ଆଳରେ ଫୁଟିଯାଉଥିବା ବାଣ ଦ୍ୱାରା ନା କେବଳ ଅର୍ଥ ହାନି ହୋଇଥାଏ ବରଂ ଏହାଦ୍ୱାରା ପରିବେଶ ପ୍ରଦୂଷଣ ହୋଇ ସମଗ୍ର ଜୀବଜଗତ ଲାଗି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ।

ଯଦିଓ ବାଣ ଫୁଟିଲେ ମଜା ଲାଗେ । ଏହାର ଶବ୍ଦ ଓ ଆଲୋକ ଆମକୁ ଆନନ୍ଦ ଦିଏ । ହେଲେ ଦୁଃଖର କଥା, ବାଣ ପ୍ରସ୍ତୁତ ଲାଗି ବ୍ୟବହୃତ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ । ଏହି ବାରୁଦ ପ୍ରସ୍ତୁତ ହୋଇଥାଏ ପୋଟାସିୟମ ନାଇଟ୍ରେଟ୍, କୋଇଲା ଓ ଗନ୍ଧକ ଗୁଣ୍ଡରେ। ବାରୁଦରେ ନିଆଁ ଧରାଇବା କାମରେ ଫସ୍‌ଫରସ୍ ସହାୟତା କରେ । କୋଇଲା ଓ ଗନ୍ଧକ ଜଳେ । ପୋଟାସିୟମ ନାଇଟ୍ରେଟ୍‌ରୁ ମିଳୁଥିବା ଅମ୍ଳଜାନ ଏହାକୁ ଜଳିବାରେ ସହାୟତା କରେ । ରଙ୍ଗିନ୍ ଆଲୋକ ପାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଦରକାର ହୁଏ । ବାରୁଦରେ ଆଲୁମିନମ୍ ଓ ଟାଇଟାନିୟମ ରହିଲେ ରୁପା ପରି ଉଜ୍ଜ୍ୱଳ ସ୍ଫୁଲିଙ୍ଗ ମିଳେ । ମାଗ୍ନେସିୟମ ମଧ୍ୟ ଉଜ୍ଜ୍ୱଳ ଆଲୋକ ଦିଏ । ତେଣୁ ଝରାବତିରେ ଆଲୁମିନମ୍, ଟାଇଟାନିୟମ ଓ ମାଗ୍ନେସିୟମ ଭଳି ରାସାୟନିକ ପଦାର୍ଥ ମିଶିଥାଏ । ସେହିପରି ବେରିୟମ୍‌ରୁ ସବୁଜ, କ୍ୟାଲସିୟମରୁ କମଳା, ତମ୍ବା ଯୌଗିକରୁ ନୀଳ, ଲିଥିୟମରୁ ଲାଲ, ସୋଡିୟମରୁ ହଳଦିଆ, ଷ୍ଟ୍ରୋନ୍‌ସିୟମ୍ ସଲଫେଟ୍‌ରୁ ହାଲୁକା ନୀଳ ଏବଂ ଷ୍ଟ୍ରୋନ୍‌ସିୟମ୍ କାର୍ବୋନେଟ୍ ଯୌଗିକରୁ ହଳଦିଆ ଆଲୋକ ମିଳେ । ଧୂଆଁ ସୃଷ୍ଟି କରିବା କାମରେ ଦସ୍ତାଗୁଣ୍ଡ ସାହାଯ୍ୟ କରେ । ତେଣୁ ବାଣରେ ଥିବା ରାସାୟନିକ ପଦାର୍ଥ ଆଖିରେ ପଡ଼ିଲେ କିମ୍ବା ପେଟ ଭିତରକୁ ଗଲେ ବିଭିନ୍ନ ରୋଗ ସୃଷ୍ଟି କରେ । ମୁଣ୍ଡବିନ୍ଧା, ବାନ୍ତି, ପେଟ କାଟିବା ଓ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଶବ୍ଦର ସ୍ତରକୁ ମାପିବା ପାଇଁ ଡେସିବେଲ ଏକକ ବ୍ୟବହାର କରାଯାଏ । ଆମର କାନ ଅତି ବେଶିରେ ୮୫ ଡେସିବେଲ ଶବ୍ଦକୁ ଦିନକୁ ୮ ଘଣ୍ଟା ସହ୍ୟ କରିପାରିବ । କିନ୍ତୁ ଆମର ଅଧିକାଂଶ ରାସାୟନିକ ବାଣର ଧ୍ୱନି ସ୍ତର ୧୪୦ ଡେସିବେଲଠାରୁ ଅଧିକ । ବାଣଜନିତ ଶବ୍ଦ ପ୍ରଦୂଷଣ ମୁଣ୍ଡବିନ୍ଧା, ବିରକ୍ତି ଓ ଅନିଦ୍ରାର କାରଣ । ଅତଏବ, ଗୋଟିଏ ଦିନ ଆଲୋକର ପର୍ବ ପାଳିବା ଆଳରେ ଫୁଟା ଯାଉଥିବା ବାଣରୁ ସୃଷ୍ଟ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

– ପୌର୍ଣ୍ଣମାସୀ




## ଆମ ଚନ୍ଦ୍ରଯାନଠୁ ବି ବେଶି ବାଣର ଖର୍ଚ୍ଚ



ଦୀପାବଳିର ଭରପୂର ଆନନ୍ଦ ନେବା ଲାଗି ଆମେ ଦୀପ ଜାଳୁ ଆଉ ବାଣ ଫୁଟାଉ । ହେଲେ ବାଣରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପ୍ରଦୂଷଣ ହେବା ଓ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ହେଲେ ଦୁଃଖର ବିଷୟ ଯେ, ସବୁ ଜାଣି ସୁଦ୍ଧା ଆମେ ଏଥିପାଇଁ ଟଙ୍କା ବି ଖର୍ଚ୍ଚ କରୁ। ପ୍ରତିବର୍ଷ ଆମ ଦେଶରେ ବାଣ ଫୁଟେଇବାରେ ପାଖାପାଖି ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହୁଏ । ୨୦୧୨ ମସିହାରେ ୩୩୦୦ କୋଟି ଟଙ୍କାର ବାଣ ଜଳିଥିଲା । ୨୦୧୮ ମସିହାରେ ବାଣ ବ୍ୟବସାୟ ବଜେଟ ଥିଲା ୨୦,୦୦୦ କୋଟି । ଏହା ଛଡ଼ା ଚାଇନାରୁ ଆଉ ୪୦୦୦ କୋଟି ଟଙ୍କାର ବାଣ ମଧ୍ୟ ଆସିଥିଲା ।

ଅତ୍ୟନ୍ତ ସବୁଠାରୁ ଦୁଃଖର କଥା, ଆମ ଦେଶରେ ଗୋଟିଏ ଦିନ ପାଇଁ ବାଣ ପୋଡ଼ିବା ବଜେଟ ଆମର ଚନ୍ଦ୍ରଯାନ ଖର୍ଚ୍ଚଠାରୁ ବି ଅଧିକ । ୨୦୦୮ ମସିହାରେ ଭାରତ ପ୍ରଥମ ଚନ୍ଦ୍ରଯାନ ପଠେଇଥିଲା, ଯାହାକି ଅନେକ ଆନ୍ତର୍ଜାତିକ ପୁରସ୍କାର ପାଇଥିଲା । ଯାହାର ଖର୍ଚ୍ଚ ଥିଲା ମାତ୍ର ୩୮୬ କୋଟି ଟଙ୍କା । ଅର୍ଥାତ୍ ମୁଣ୍ଡପିଛା ୩ ଟଙ୍କା ୨୦ ପଇସା । ସେହିପରି ଚଳିତବର୍ଷ ଭାରତ ଦ୍ୱିତୀୟ ଚନ୍ଦ୍ରଯାନ ପଠେଇଥିଲା, ଯାହା ପାଇଁ ଖର୍ଚ୍ଚ ହେଇଥିଲା ମାତ୍ର ୯୭୮ କୋଟି ଟଙ୍କା । ଅର୍ଥାତ୍ ମୁଣ୍ଡପିଛା ୭ ଟଙ୍କା ୧୦ ପଇସା । ନିଃସନ୍ଦେହ ଏହି ମହାକାଶ ଗବେଷଣା ଦିନେ ଆମ ଦେଶର ଅର୍ଥନୈତିକ ବିକାଶରେ ସହାୟକ ହେବ । ଯଦି ଆମେ ବାଣ ଫୁଟେଇ ପରିବେଶକୁ ପ୍ରଦୂଷିତ ନ କରି ସେଇ ଟଙ୍କାରେ ବର୍ଷକୁ ୧୦ ଥର ମହାକାଶଯାନ ପଠେଇ ପାରନ୍ତେ, ତେବେ ଏହି ପଦକ୍ଷେପ ଆମ ଦେଶକୁ ସାରା ପୃଥିବୀରେ ଅଧିକରୁ ଅଧିକ ଗୌରବାନ୍ୱିତ କରିପାରନ୍ତା।




**– କମଳାକାନ୍ତ ଜେନା**
ସଂଯୋଜକ, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

ଜାଣନ୍ତୁ ଦୁନିଆ

## ଆଲବର୍ଟ ଆଇନଷ୍ଟାଇନ୍

**ବିଶିଷ୍ଟ ଗଣିତଜ୍ଞ ତଥା ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ସମ୍ପର୍କରେ ସ୍କୁଲ୍ ବେଳେ କିଏ ବା ନ ପଢିଥିବା। ତେବେ ତାଙ୍କ ବିଷୟରେ ଆହୁରି ଏଭଳି ଅନେକ କଥା ରହିଛି ଯାହାକୁ ଜାଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହୋଇଯିବେ। ଆସନ୍ତୁ, ଜାଣିବା କିଛି ରୋଚକ କଥା...**

- ଆଇନଷ୍ଟାଇନ୍ ଜନ୍ମ ହେବା ବେଳେ ତାଙ୍କ ମୁଣ୍ଡ ଅପେକ୍ଷାକୃତ ଖୁବ୍ ବଡ଼ ଥିଲା। ଯାହାକି ତାଙ୍କ ମା' ଏବଂ ପରିବାର ଲୋକଙ୍କ ଲାଗି ଚିନ୍ତାର କାରଣ ସାଜିଥିଲା। ସେ ବଡ଼ ହେବା ସହ ଧୀରେ ଧୀରେ ଏହାର ଆକାର କମି ସାଧାରଣ ଅବସ୍ଥାକୁ ଆସିଥିଲା। ହେଲେ ତାଙ୍କ ମସ୍ତିଷ୍କର ପାରେଟାଲ୍ ଲୋବ୍ ସାଧାରଣ ମସ୍ତିଷ୍କ ଆକାରଠୁ ୧୫% ବଡ଼।
- ସେ ପିଲାବେଳେ କଥା ହୋଇ ପାରୁ ନ ଥିବାରୁ ତାଙ୍କୁ ସମସ୍ତେ ମୂକ ବୋଲି ଭାବୁଥିଲେ। ହେଲେ ୩ ବର୍ଷ ବୟସ ପରେ ଧୀରେ ଧୀରେ ତାଙ୍କ ପାଟି ଖୋଲିବା ଆରମ୍ଭ ହୋଇଥିଲା। ତେବେ ଡ. ଥୋମାସ୍‌ଙ୍କ ଅନୁସାରେ ଅସାଧାରଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିମାନଙ୍କଠାରେ ଏପରି କଥା ହେବାରେ ବିଳମ୍ବ ହୋଇଥାଏ, ଯାହାକୁ ସେ ଆଇନଷ୍ଟାଇନ୍ ସିଣ୍ଡ୍ରୋମ ବୋଲି ନାମ ଦେଇଛନ୍ତି।
- ତାଙ୍କୁ ସ୍କୁଲ୍‌ର ପାଠ ପଢ଼ା ଶୈଳୀ ପସନ୍ଦ ନ ଥିଲା। ତାଙ୍କ ମତରେ ବିଦ୍ୟାଳୟ ଅଧିକାରୀଙ୍କ କଥାକୁ ବୋକା ଭାବେ ବିଶ୍ୱାସ କରିବା ସତ୍ୟର ସବୁଠୁ ବଡ଼ ଶତ୍ରୁ। ଅର୍ଥାତ୍ ପାଠ ପଢ଼ାର ପ୍ରକୃତ ଅର୍ଥ ତାଙ୍କ ପାଇଁ କେବଳ ବହି ଜ୍ଞାନ ନୁହେଁ ବରଂ ସେ ପ୍ରାକ୍ଟିକାଲ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିଲେ। ଏସବୁ ଦେଖି ତାଙ୍କୁ ବିଦ୍ୟାଳୟରେ ଜଣେ ଭଲ ଛାତ୍ର ଭାବେ ଗ୍ରହଣ କରା ନ ଯିବା ସହ ଚାକିରି ପାଇଁ ଆଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା।
- ଗାଲିଲିଓ ତାଙ୍କର ପ୍ରିୟ ବୈଜ୍ଞାନିକ ଥିଲେ।
- ୧୬ ବର୍ଷ ବୟସରେ ସେ ଏକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ଏହାପରେ ସେ 'ଅନ୍ ଦି ଇନ୍‌ଭେଷ୍ଟିଗେଶନ୍ ଅଫ୍ ଦି ଷ୍ଟେଟ୍ ଅଫ୍ ଦି ଇଥର୍ ଇନ୍ ଏ ମ୍ୟାଗ୍ନେଟିକ୍ ଫିଲ୍ଡ' ନାମରେ ପଦାର୍ଥ ବିଜ୍ଞାନ ଉପରେ ନିଜର ପ୍ରଥମ ଲେଖା ଆରମ୍ଭ କରିଥିଲେ। ଏହା ପରେ ସେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ହେବାକୁ ମନସ୍ଥ କରିଥିଲେ।
- ଇସ୍ରାଏଲ୍‌ର ଦ୍ୱିତୀୟ ରାଷ୍ଟ୍ରପତି ହେବା ପାଇଁ ତାଙ୍କୁ ଚୟନ କରାଯାଇଥିଲା। ହେଲେ ୭୩ ବର୍ଷ ବୟସରେ ଜନସାଧାରଣ ଲାଗି ଏହି କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା କଷ୍ଟ ହୋଇପାରେ ବୋଲି ସେ ଏହି ପଦବୀ ଗ୍ରହଣ କରି ନ ଥିଲେ।



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ପୃଥିବୀର ସବୁଠୁ ପୁରୁଣା ମୋତି............ଠାରେ ଆବିଷ୍କାର କରାଯାଇଛି ?
୨– ଭଗ୍ ମାଗାଜିନ୍ ପକ୍ଷରୁ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ୨୦୧୯ ପୁରସ୍କାର ପାଇଥିବା ଭାରତୀୟ ଖେଳାଳି.............. ?
୩– ୱାର୍ଲ୍ଡ ଅଷ୍ଟିଓ ପୋରାସିସ୍ ଡେ' ୨୦୧୯ର ଥିମ୍.......... ?
୪– ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସରକାରୀ ଚାକିରି ମନା ହୋଇଥିବା ରାଜ୍ୟ.......... ?
୫– 'ଇଣ୍ଟରନାଶନାଲ ସ୍ନୋ ଲିଓପାର୍ଡ ଡେ' ପ୍ରତି ବର୍ଷ ............ ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଅକ୍ଟୋବର ୧୩
୨ ପଶ୍ଚିମବଙ୍ଗ
୩ ବିଲ୍ ଗେଟ୍ସ
୪ ରୁଷିଆ
୫ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ

## ଉତ୍ତର ଦାତା


ସ୍ନେହଲତା ପଟ୍ଟନାୟକ, ଭୁବନେଶ୍ୱର


ଆକାଶ ପଟ୍ଟନାୟକ, ପାରଳାଖେମୁଣ୍ଡି


ହିମାଂଶୁ ସାମଲ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com


ଯୁବ ପ୍ରତିଭା

## ଲକ୍ଷ୍ୟ ନିଜସ୍ୱ କଳାନୁଷ୍ଠାନ ଗଠନ

**କୁନି କୁନି ପିଲାଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କୁ ଶିଖାଇ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଚାର ପ୍ରସାର କରି ଏହାର ଗୌରବ ବୃଦ୍ଧି କରିବା ତାଙ୍କର ଲକ୍ଷ୍ୟ ...**

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା ପିଲାବେଳୁ। ନିଜ କୁନି କୁନି ପାଦରେ ବେଶ୍ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରି ମାତ୍ର ମାତ୍ର ଦ୍ୱିତୀୟ ଶ୍ରେଣୀରେ ପଢିବା ବେଳେ ହିଁ ପୁରୀ ଠାରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିତ ସବ୍ ଜୁନିୟର ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ପାଠପଢା ସହ ଓଡ଼ିଶୀ ପ୍ରତି ଥିବା ତାଙ୍କ ଆଗ୍ରହ ନିଶାରେ ପରିଣତ ହୋଇଥିଲା। କ୍ରମଶଃ ଶ୍ରୀକ୍ଷେତ୍ରର ପ୍ରତ୍ୟେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଲା ତାଙ୍କ ନୁପୁର ରୁଣୁଝୁଣୁ ଝଙ୍କାର। ସେ ହେଉଛନ୍ତି ପୁରୀ ନିବାସୀ ମାତା ସ୍ନେହଲତା ଏବଂ ପିତା ଅଭୟ କୁମାର ଦାଶଙ୍କ ଝିଅ ସ୍ମରଣୀକା। ପିଲା ବେଳେ ଟେଲିଭିଜନରେ ଓଡ଼ିଶୀ ନୃତ୍ୟ ଦେଖି ତାଙ୍କ ମନରେ ଏଥି ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ଭବିଷ୍ୟତରେ ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବା ଆଶା ରଖିଥିବା ସ୍ମରଣୀକା ପ୍ରଥମେ ଗୁରୁ ମୋନାଲିସା ଷଡ଼ଙ୍ଗୀଙ୍କ ଠାରୁ ନୃତ୍ୟଶିକ୍ଷା ଆରମ୍ଭ କଲେ। ପରେ ସୁନାମଧନ୍ୟ ଓଡ଼ିଶୀ ନୃତ୍ୟଗୁରୁ ଲିଙ୍ଗରାଜ ପ୍ରଧାନ, ପଙ୍କଜ ପ୍ରଧାନଙ୍କ ଠାରୁ ନୃତ୍ୟଶିକ୍ଷା କଲେ। ବର୍ତ୍ତମାନ ଗୁରୁ ଅଶୋକ ଦାଶଙ୍କ ନିକଟରୁ ଓଡ଼ିଶୀ ଶିକ୍ଷାଗ୍ରହଣ କରୁଛନ୍ତି। ମାତାପିତାଙ୍କ ଆର୍ଶୀବାଦ ଏବଂ ଗୁରୁଙ୍କ ପ୍ରେରଣାରୁ ସ୍ମରଣୀକା ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ସାଁଉଟିଛନ୍ତି ଅନେକ ପୁରସ୍କାର ଓ ପ୍ରଶଂଶା। ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷରେ ଅଧ୍ୟୟନ ରତ ସ୍ମରଣୀକା ଶ୍ରୀକ୍ଷେତ୍ର ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ନିଜର କଳା ପ୍ରଦର୍ଶନ କରି ଉଚ୍ଚପ୍ରଂଶସିତ ହୋଇଛନ୍ତି। ଏଥିରେ ଗୁରୁ ବବିତା ଦାଶ ଓ ଯୁବ ନୃତ୍ୟଶିଳ୍ପୀ ରୋଜାଲିନ ପଣ୍ଡାଙ୍କ ପ୍ରେରଣା ଆଗକୁ ବଢ଼ିବାକୁ ସହଯୋଗ କରିଛି ବୋଲି ସେ ପ୍ରକାଶ କରନ୍ତି। ଭବିଷ୍ୟତରେ ଓଡ଼ିଶୀରେ ପିଏଚଡି ହାସଲ କରି ନିଜର କଳାନୁଷ୍ଠାନ ଗଠନ କରିବା ସହ ଶ୍ରୀକ୍ଷେତ୍ରରେ ଏକ ବିଶାଳ ଓଡ଼ିଶୀ ମହୋତ୍ସବ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏହା ବ୍ୟତୀତ ଅଧିକରୁ ଅଧିକ କୁନି କୁନି ପିଲାଙ୍କ ମଧ୍ୟରେ ଓଡ଼ିଶୀ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କୁ ଶିଖାଇ ରାଜ୍ୟ ତଥା ରାଜ୍ୟ ବାହାରେ ଓଡିଶୀ ନୃତ୍ୟର ପ୍ରଚାର ପ୍ରସାର କରି ଏହାର ଗୌରବ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି ସ୍ମରଣୀକା।

**– ପ୍ରଭାତ କୁମାର ପାଣିଗ୍ରାହୀ**


ସ୍ମରଣୀକା ଦାଶ

## ସଂକ୍ଷେପରେ

### ବଧୂନିର୍ଯାତନା: ୪ଜଣଙ୍କ ନାଁରେ ମାମଲା

**ବଡ଼ସାହି,୨୬।୧୦(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ପୋଲିସ ଶନିବାର ଶାକୁଆ ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ଲାଗି ନିର୍ଯାତନା ଦିଆଯାଇଥିବା ଅଭିଯୋଗ କ୍ରମେ ତାଙ୍କ ସ୍ୱାମୀଙ୍କ ସମେତ ୪ଜଣଙ୍କ ନାମରେ ମାମଲା ରୁଜୁ କରିଛି । ରୁନି ମହାକୁଡ଼ ନାମ୍ନୀ ଏହି ମହିଳା ବର୍ଷକ ତଳେ ଭଲ ପାଇ ସୁଶାନ୍ତ ମହାକୁଡ଼ଙ୍କୁ ବିବାହ କରିଥିଲେ। ପରେ ବାପଘରୁ ଯୌତୁକ ଆଣିବା ଦାବି କରି ଶାଶୁଘର ଲୋକେ ତାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି। ଏ ପରି କି କିରୋସିନି ଢ଼ାଳି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯିବାରୁ ସେ ଶାଶୁଘରୁ ଚାଲି ଆସି ବାପଘରେ ଆଶ୍ରୟ ନେଇଥିଲେ । ପୋଲିସ ଅଭିଯୋଗ ଅନୁଯାୟୀ ଦଫା ୪୯୮(କ)/୩୦୭/୩୪ଆଇପିସି ୪ଡ଼ିପି ଆକ୍ଟ ରେ ମାମଲା (ନଂ ୧୪୦/୧୯) ରୁଜୁ କରି ତଦନ୍ତ ଚଳାଇଥିବା କହିଛି। ସୁଶାନ୍ତଙ୍କ ପରିବାର ନିର୍ଯାତନା ଦେବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।


### ମଦ ବ୍ୟବସାୟୀଙ୍କୁ ପୋଲିସ ଜିମା ଦେଲେ ମହିଳା

**ବାରିପଦା ଅଫିସ,୨୬।୧୦:** ବାରିପଦା ସହରର ତକତପୁର ଅଞ୍ଚଳର ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ କାବୁ କରି ଶନିବାର ପୋଲିସ ଜିମା ଦେଇଛନ୍ତି। ମହିଳା ସଂଘର ସଦସ୍ୟା ବାସନ୍ତୀ ଦାସ ଏ ନେଇ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସୋମନାଥ ପଣ୍ଡାଙ୍କୁ ଗିରଫ କରିଛି। ପୂର୍ବରୁ ଏହି ମଦ ବ୍ୟବସାୟୀଙ୍କୁ ମହିଳା ସଂଘର ସଦସ୍ୟାମାନେ ଧରି ପୋଲିସ ଜିମା ଦେଇଥିଲେ। ସେ ଗିରଫ ହୋଇ ଜେଲ ଯିବା ପରେ ଜାମିନରେ ମୁକୁଳି ପୁଣି ମଦ ବ୍ୟବସାୟ ଚଳାଇଥିଲେ।

### ଆହତ ଦୁଇ ଯୁବକଙ୍କୁ କଟକ ସ୍ଥାନାନ୍ତର

**ଠାକୁରମୁଣ୍ଡା, ୨୬।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ମହୁଲଡ଼ିହା ଥାନା ସମ୍ମୁଖରେ ଶନିବାର ଅପରାହ୍ନ ଗୋଟାଏ ବେଳେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହେବାରୁ ୨ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଆହତ ଯୁବକ ଦ୍ୱୟଙ୍କ ଘର ଜରକ ପଞ୍ଚାୟତ କୁଚେଇଡ଼ିହି ଗ୍ରାମରେ । ସେମାନେ ଡୁବୁରୀରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ଗାଁକୁ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି।

### ଚୋରା ଗଞ୍ଜେଇ ସହ ଭଙ୍ଗା ବନ୍ଧୁକ ଜବତ, ଜଣେ ଗିରଫ



ଗିରଫ ଅଭିଯୁକ୍ତ ।

**ବାରିପଦା ଅଫିସ,୨୬।୧୦:** ବାରିପଦା ଟାଉନ ଥାନା ପୋଲିସ ସୁନଗଡିଆ ଅଞ୍ଚଳରେ ଚଢ଼ାଉ କରି ୫ ଶହ ଗ୍ରାମ ଚୋରା ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଜନାର୍ଦ୍ଦନ ମିଶ୍ରଙ୍କୁ ଗିରଫ କରିଛି। ତାଙ୍କ ଘରୁ ଏକ ଭଙ୍ଗା ଦେଶୀ ବନ୍ଧୁକ ଜବତ କରି ପୋଲିସ ତନାଘନା ଚଳାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୧୦/୧୯) ରୁଜୁ ହୋଇଛି। ସୁନଗଡିଆ ଅଞ୍ଚଳ ଚୋରା ଗଞ୍ଜେଇ ପେଣ୍ଠସ୍ଥଳୀ ପାଲଟିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପୋଲିସ ଚଢ଼ାଉ କରିଥିବା କହିଛି।

### ପଲ୍ୟୁସନ ଟେଷ୍ଟିଂ ସେଣ୍ଟର୍ ଉଦ୍‌ଘାଟିତ

**ବୈଶିଙ୍ଗା,୨୬।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଠାରେ ବ୍ଲକର ପ୍ରଥମ ପଲ୍ୟୁସନ ଟେଷ୍ଟିଂ ସେଣ୍ଟର୍ ଉଦ୍‌ଘାଟିତ ହୋଇଯାଇଛି। ଆକ୍ସିସ ବ୍ୟାଙ୍କର ମୁଖ୍ୟ ପରିଚାଳକ ବଳରାମ ବେହେରା ଏହି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ବ୍ୟତୀତ ଏଠାରେ ଏକ ଜନସେବା କେନ୍ଦ୍ର ଆରମ୍ଭ ହୋଇଛି। ପୂର୍ବରୁ ଏହି ଅଞ୍ଚଳର ଜନସାଧାରଣ ବାଲେଶ୍ୱର କିମ୍ବା ବାରିପଦା ଯାଇ ଲମ୍ବା ଲାଇନ ଲଗାଇ ପ୍ରଦୂଷଣ ଯାଞ୍ଚ କରି ପ୍ରମାଣପତ୍ର ହାସଲ କରୁଥିଲେ।

■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନ ଅଧ୍ୟକ୍ଷଙ୍କ ସମ୍ମିଳନୀ

# ନୂତନ ପାଠ୍ୟକ୍ରମ ପରିଚାଳନା ନେଇ ଗୁରୁତ୍ୱ

**ବାରିପଦା ଅଫିସ, ୨୬।୧୦**




ବୈଠକରେ ଉପସ୍ଥିତ ବିଶ୍ୱବିଦ୍ୟାଳୟର କୁଳପତି ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀରେ କୁଳପତି ପ୍ରଫେସର ଡକ୍ଟର ପ୍ରଦୀପ କୁମାର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ପି.ଜି. କାଉନସିଲ ଚେୟାରପର୍ସନ ପ୍ରଫେସର ଡକ୍ଟର ସୁସ୍ମିତା କର ସ୍ୱାଗତ ଦେବା ଅବସରରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । କୁଳପତି ପ୍ରଫେସର ଡକ୍ଟର ପ୍ରଦୀପ କୁମାର ଚାନ୍ଦ ଚଳିତବର୍ଷରୁ ଆରମ୍ଭ କରାଯାଉଥିବା ସି.ବି.ସି.ଏସ. ପାଠକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ନାକ୍ ଆକ୍ରିଡେଶନ ଏବଂ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ, ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ପଠାଉଥିବା ଚିଠିପତ୍ରକୁ ଅଧ୍ୟକ୍ଷମାନେ ନିଜେ ଦେଖିବା ସହିତ ନିଜ ଶିକ୍ଷାନୁଷ୍ଠାନରେ ତାହାକୁ କାର୍ଯ୍ୟକାରୀ କରିବା ସକାଶେ ପରାମର୍ଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଏବଂ କଲେଜ ଡେଭେଲପମେଣ୍ଟ କାଉନସିଲର ଡାଇରେକ୍ଟର ପ୍ରଫେସର ଡ.ଉମାବଲ୍ଲଭ ମହାପାତ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ପରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ.ଲକ୍ଷ୍ମୀଧର ଗିର ସି.ବି.ସି.ଏସ. ପାଠ୍ୟକ୍ରମ ଏବଂ ପରିଚାଳନା ବିଷୟରେ କହିଥିଲେ। ଏହି ଅବସରରେ ସେ ଅଧ୍ୟକ୍ଷମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଯେଉଁମାନଙ୍କୁ ନିଯୁକ୍ତି ଦିଆଯାଇଛି ସେମାନଙ୍କୁ ଅଧ୍ୟକ୍ଷମାନେ ଠିକ୍ ସମୟରେ ମୂଲ୍ୟାୟନ କେନ୍ଦ୍ରକୁ ପଠାଇବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ସମ୍ମିଳନୀ ନିମନ୍ତେ କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସି.ବି.ସି.ଏସ. ପାଠ୍ୟକ୍ରମ ପଢ଼ାଇବା ଲାଗି ପ୍ରାଣୀବିଜ୍ଞାନ ବିଭାଗର ଡ. ପ୍ରିୟରଞ୍ଜନ ଦେବତା, ବାୟୋଟେକ୍ନୋଲୋଜି ବିଭାଗର ଡ. ସନ୍ତୋଷ କୁମାର ସାହୁ, କମ୍ପ୍ୟୁଟର ଆପ୍ଲିକେଶନ ବିଭାଗର ଡ.ପ୍ରଶାନ୍ତ କୁମାର ସ୍ୱାଇଁ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ଡ.ପ୍ରଭଞ୍ଜନ ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ପ୍ରଫେସର ଡ.ହେମାବିନ୍ଦୁ ନାକ୍ ଆକ୍ରିଡେଶନ ନିମନ୍ତେ ଆସନ୍ତା ନଭେମ୍ବର ୯ ତାରିଖରେ ଏକ କର୍ମଶାଳା ଆୟୋଜନ କରାଯିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ପ୍ରମୋଦ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଏମ୍‌ପି, ବିଧାୟକଙ୍କ ବାଲିଦର ଗସ୍ତ

# ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଲେ


**କପ୍ତିପଦା,୨୬।୧୦(ଡି.ଏନ୍.ଏ)**

ମୟୂରଭଞ୍ଜ ଏମପି ବିଶ୍ୱେଶ୍ୱର ଟୁଡୁ ଓ ଉଦଳା ବିଧାୟକ ଭାସ୍କର ମଢେଇ ଶନିବର ଅପରାହ୍ନରେ କପ୍ତିପଦା ବ୍ଲକ୍ ଅଧିନ ମଝିଗଡିଆ ପଞ୍ଚାୟତ ବାଲିଦର ଗ୍ରାମକୁ ଯାଇ ଲୋକଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ସେମାନଙ୍କ ସହିତ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲ୍ଲିକ, ପିଏ ଆଇଟିଡିଏ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦ ସଦସ୍ୟା ଟିକିମଣୀ ନାୟକ, ନାରିନେତ୍ରୀ ପ୍ରମିଳା ପଣ୍ଡା, ମଝିଗଡିଆ ସରପଞ୍ଚ ବାପୁଜୀ ପଢିଆଳ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ରାସ୍ତା, ଭତ୍ତା, ଗ୍ରାମୀଣ ଗୃହ ନିର୍ମାଣ ଓ ପାନୀୟ ଜଳ ସମସ୍ୟା ନେଇ ଲୋକେ ଏମପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାବାଦ ସୋନ ନଦୀରେ ଆଡି ବନ୍ଧ ନିର୍ମାଣ ପାଇଁ କୋହ୍ଲ ସାହିର ଲୋକେ ଦାବି କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ମଢେଇକହିଥିଲେ। ଏମପି ଓ ଓ ବିଧାୟକ ଉକ୍ତ ଗ୍ରାମରେ ପହଞ୍ଚିବା ପରେ ପରମ୍ପରା ଅନୁସାରେ ନୃତ୍ୟବାଦ୍ୟ ତାଳେ ତାଳେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।



ଏମ୍‌ପି ଓ ବିଧାୟକ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଛନ୍ତି ।

# ଦୁର୍ନୀତି ନିବାରଣ ବକ୍ତୃତା ପ୍ରତିଯୋଗିତା



ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**ବାରିପଦା ଅଫିସ,୨୬।୧୦**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲାସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଦୁର୍ନୀତି ନିବାରଣ ବିଭାଗ ବାରିପଦା ଆନୁକୂଲ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପୋଲିସଲାଇନ ହାଇସ୍କୁଲ ବାରିପଦାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସଚ୍ଚୋଟତା – ଏକ ଜୀବନ ଶୈଳୀ' ଶୀର୍ଷକରେ ଉଭୟ ଇଂଲିଶ ଓ ଓଡ଼ିଆରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ସମେତ ଉପଖଣ୍ଡର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁ, ଅରୁଣ କୁମାର ଦାସ ଓ ଶିକ୍ଷକପ୍ରଶିକ୍ଷକ ଶିଶିର ଚନ୍ଦ୍ର ଭୋଳ ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୨୮ରୁ ନଭେମ୍ବର ୨ ତାରିଖ ପ୍ରର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଉପଲକ୍ଷେ ଜିଲାସ୍ତରରେ ହେବାକୁ ଥିବା ଆଲୋଚନା ସଭା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ଲାଗି ପଠାଯିବ।

# ଲଘୁଚାପ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି

**କୁଆମରା/ଉଦଳା/ ରାସଗୋବିନ୍ଦପୁର, ୨୫।୧୦ (ଡି.ଏନ୍.ଏ.)**

ଲଘୁଚାପ ଜନିତ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କେତେକ ଅଞ୍ଚଳରେ ରାସ୍ତାରେ ପାଣି ଚାଲିଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିଲା। ବର୍ଷାଛାଡିଥିଲେ ବି କେତେକ ଅଞ୍ଚଳରେ ଚାଷଜମି ଜଳମଗ୍ନ ହୋଇ ରହିଛି। ଥୋଡ଼ ବାହାରିବା ସମୟରେ ଧାନଗଛ ପାଣିରେ ବୁଡି ରହିବାରୁ ବ୍ୟାପକ ଧାନ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହି ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀର ଖଡିକାପଦା କଲଭର୍ଟ ଉପରେ ଶୁକ୍ରବାର ସକାଳେ ପୟାୟ ୩ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଏଥିଲାଗି କୁଆମରା–ବଡସାହି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିଲା। ସେହିପରି ପଶୁଦା ପଞ୍ଚାୟତର ଭୋଳପଦା ଗ୍ରାମ ଦକ୍ଷିଣ ପାର୍ଶ୍ୱ ଦେଇ ପ୍ରବାହିତ ନାଲୁହା ନଦୀରେ ଜଳପତ୍ତନ ବୃଦ୍ଧି ପାଇଥିଲା।

ଆମ ଉଦଳା ପ୍ରତିନିଧି ଜଣାଇଛନ୍ତି ଯେ, ୩ ଦିନ ଧରି ଲଘୁଚାପ ଜନିତ ବର୍ଷା ଯୋଗୁ ସ୍ଥାନୀୟ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିଲା। ବଜ୍ରପାତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଲଗାଣ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ଉଦଳା ତହସିଲ୍ ଅଧୀନ ରାଢୋ, କୋଚିଳାଡିହା, ଖଲାଡି, ଶ୍ରୀଦାମଚନ୍ଦ୍ରପୁର, ପାଟଶାଣୀପୁର, ନୂଆଗାଁ, ବହୁବନ୍ଧ, ଭୀମତାଳି, ବଡଖମଣ, କୁଣ୍ଡାବାଇ, ଦୁଗୁଧା, ବଡସିଙ୍ଗାରିଆ ଆଦି ପଞ୍ଚାୟତରେ ଚାଷ ଜମିରେ ବର୍ଷା ପାଣି ଜମି ରହିଥିବାରୁ ଧାନ ଫସଲ ଅଧିକ ପ୍ରଭାବିତ ହୋଇଛି। କୃଷି ବିଭାଗ ଏବଂ ତହସିଲ କାର୍ଯ୍ୟାଳୟ କ୍ଷୟକ୍ଷତି ଅନୁଧ୍ୟାନ କରିବାକୁ କୃଷକଙ୍କ ପକ୍ଷରୁ ସ୍ୱରୁପ ମହାପାତ୍ର, ପ୍ରକାଶ ବେହେରା ପ୍ରମୁଖ ଦାବି କରିଛନ୍ତି। ଆମ ରାସଗୋବିନ୍ଦପୁର ପ୍ରତିନିଧି ଜଣାଇଛନ୍ତି ଯେ, ଲଘୁଚାପ ଜନିତ ଲଗାଣବର୍ଷା ଯୋଗୁ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ୨ ଦିନରେ ପ୍ରାୟ ୧୧୦ ମି.ମି.ରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ବ୍ଲକ ଦେଇ ପ୍ରବାହିତ ଜମ୍ବୀରା ଓ ସାନନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ନଦୀକୂଳିଆଅଞ୍ଚଳରେ ଚାଷଜମିରେ ବର୍ଷାପାଣି ଜମି ରହିବାରୁ ଖରିଫ ଫସଲ ପ୍ରଭାବିତ ହୋଇଥିବା ଆଶଙ୍କା ଦେଖାଦେଇଛି। ଢିପ ଜମରେ ସ୍ୱଳ୍ପମିଆଦୀ ପାଚିଲାଧାନ କ୍ଷତିଗ୍ରସ୍ତ ହୋଇଛି।



ବର୍ଷାପାଣିରେ ବୁଡ଼ିଛି ରାସ୍ତା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଯଶିପୁର,୨୬।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ଏକ କଲୋନୀରେ ମନୋରଞ୍ଜନ ସାହୁ (୨୮) ନାମକ ଜଣେ ଯୁବକ ଘର ଫ୍ୟାନ୍‌ରେ ଦଉଡି ବାନ୍ଧି ଶନିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୨୮/୧୯) ରୁଜୁ କରି ବ୍ୟବଚ୍ଛେଦ ଲାଗି କରଞ୍ଜିଆ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ଭାବେ ଜଣାପଡି ନାହିଁ । ୪ ବର୍ଷ ତଳେ ସେ ବିବାହ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି।

ଛାତ୍ରୀଛାତ୍ରଙ୍କ ପୁଣି ହଙ୍ଗାମା

# ଗେଟ୍‌ରେ ପକାଇଲେ ତାଲା

**କୁଆମରା,୨୬।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଦେଖା ଦେଇଥିବା ଛାତ୍ର ଅଶାନ୍ତି ପରିପ୍ରେକ୍ଷୀରେ ପରିଚାଳନା କମିଟି ପକ୍ଷରୁ ଅଧ୍ୟକ୍ଷଙ୍କୁ ପ୍ରଶାସନିକ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ବରିଷ୍ଠ ଇଂରାଜୀ ଅଧ୍ୟାପକ ଚନ୍ଦନ କୁମାର ଦେ ନୂତନ ଅଧ୍ୟକ୍ଷ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ଇସ୍ତଫା ଦେଇ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଜାଣି ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଶନିବାର ପୂର୍ବାହ୍ନରେ କଲେଜ ଗେଟ୍‌ରେ ପୁଣି ତାଲା ପକାଇ ଆନ୍ଦୋଳନ କରିଥିଲେ। ସେମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବା ସୂଚନା ପାଇ ଉଦଳା ଏସଡିପିଓ ସ୍ୱପ୍ନ ରଞ୍ଜନ ମହାପାତ୍ର ଏବଂ ଖୁଣ୍ଟା ଥାନା ଅଧିକାରୀ ନବକୃଷ୍ଣ ନାଏକ ଆସି ପହଞ୍ଚିଥିଲେ। ପରିଚାଳନା କମିଟିର ଜଣେ ସଦସ୍ୟ ଆସି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ସୁଦ୍ଧା କଲେଜ ନୋଟିସ୍ ବୋର୍ଡରେ ପୂର୍ବତନ ଅଧ୍ୟକ୍ଷଙ୍କ ଇସ୍ତଫା ପତ୍ର ଓ ରିଜୋଲ୍ୟୁଶନ କପି ଲଗାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଅପରାହ୍ନରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରି ଥିଲେ।

ଉଲ୍ଲେଖନୀୟ ଯେ, ଜଣେ ଛାତ୍ରଙ୍କୁ ଟିସି ଦେବା ଘଟଣା ନେଇ ସମ୍ପୃକ୍ତ ଛାତ୍ର ଓ ଜଣେ କିରାଣିଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ପରଠାରୁ କଲେଜରେ ଛାତ୍ର ଅଶାନ୍ତି ମୁଣ୍ଡ ଟେକିଛି। ଏଭଳି ଘଟଣାରେ ପ୍ରଶାସନିକ ଅବହେଳାକୁ ଛାତ୍ରୀଛାତ୍ର ଦାୟୀ କରି ପ୍ରଥମେ କଲେଜ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏଭଳି ସ୍ଥିତିରେ ଗୁରୁବାର ଅପରାହ୍ନରେ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଗୋଲକ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ କମିଟି ସଦସ୍ୟ କୃଷ୍ଣ ମୋହନ ବେହେରା, ଭଗବାନ ସେଠୀ, ମହମ୍ମଦ ମାନାନ ଏବଂ ଅଧ୍ୟାପକ ଅନନ୍ତ ପ୍ରସାଦ ବେହେରା, ସୁଜିତ କୁମାର ମାଇତି, ଅଧ୍ୟାପିକା କବିତା ପରିଡା ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷଙ୍କୁ ଦବକାଇ ତାଙ୍କ ସ୍ଥାନରେ ବରିଷ୍ଠ ଇଂରାଜୀ ଅଧ୍ୟାପକ ଚନ୍ଦନ କୁମାର ଦେଙ୍କୁ ନିଯୁକ୍ତି ଦେବା ସକାଶେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ନୂତନ ଅଧ୍ୟକ୍ଷ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ଚାବିକାଠି ଦିଆଯିବା ବ୍ୟତୀତ କୌଣସି କ୍ଷମତା ଦିଆଯାଇ ନ ଥିବା ଏବଂ ପୂର୍ବତନ ଅଧ୍ୟକ୍ଷ ଇସ୍ତଫାପତ୍ର ନୋଟିସ୍ ବୋର୍ଡରେ ଲଗାଯିବା ଦାବି କରି ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦରେ ଏହି ଆନ୍ଦୋଳନ କରିଥିଲେ ବୋଲି କହିଛନ୍ତି।




କଲେଜ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

# ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ବଡ଼ସାହି,୨୬।୧୦(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ବଡ଼ସାହି–ମାଣତ୍ରୀ ରାସ୍ତାରେ ସଡକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଡ଼କ ନିୟମ ପାଳନ ସହ ହେଲମେଟ ପରିଧାନ କରିବା, ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା, ନିଶାଶକ୍ତ ହୋଇ କିମ୍ବା ଦ୍ରୁତ ଗତିରେ ଗାଡି ଚାଳନା କରିବାକୁ ସେମାନେ ଲୋକଙ୍କୁ ବୁଝାଇଥିଲେ। ରାସ୍ତାରେ ହେଲମେଟ ପିନ୍ଧିଥିବା ଚାଳକମାନଙ୍କୁ ସେମାନେ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ କୁମାର ମହାନ୍ତ, ବିଜେଡ଼ି ପଞ୍ଚାୟତ ସଭାପତି ନୀଳରତ୍ନ ମହାପାତ୍ର, ଯୁବ ବାହିନୀ ସଭାପତି ରାଜୀବ ରାଉତ, ସମ୍ପାଦକ ପ୍ରଦୀପ ପାତ୍ର ପ୍ରମୁଖ ଉପସ୍ଥିତ ରହି ସଚେତନତା ସୃଷ୍ଟି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାରିପଦା ପାଲଟିଛି ଅପରାଧୀଙ୍କ ଆଡ୍ଡାସ୍ଥଳୀ

**ବାରିପଦା ଅଫିସ,୨୬।୧୦**

■ ଘରଭଡ଼ା ନେଇ ଆତ୍ମଗୋପନ କରି ପ୍ରସ୍ତୁତ କରୁଛନ୍ତି ବ୍ଲୁ ପ୍ରିଣ୍ଟ

■ ପୋଲିସକୁ ଚକ୍‌ମାଦେଇ ଚମ୍ପଟ ମାରୁଛନ୍ତି ଆନ୍ତଃ ରାଜ୍ୟ ଅପରାଧୀ

ଉତ୍ତର ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ବାରିପଦା ସହରରେ ଦିନକୁ ଦିନ ଏବେ ଅପରାଧ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସୀମାନ୍ତବର୍ତ୍ତୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଅପରାଧୀମାନେ ଆସି ଏଠାରେ ଅପରାଧ ଘଟାଇ ସହଜରେ ଖସିଯିବା ନଜିର ରହିଛି। ସେହିପରି ଅନ୍ୟ ଜିଲାରୁ ଅପରାଧୀମାନେ ଆସି ଏଠାରେ ଘର ଭଡା ନେଇ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଗତ ମଙ୍ଗଳବାର ବାରିପଦା ସହର ବିଜୁ ପଟ୍ଟନାୟକ ଗୋଲେଇସ୍ଥିତ ଜିଲା ପ୍ରାଣୀ ଚିକିତ୍ସାଳୟ ନିକଟରେ ସୁନା ବ୍ୟବସାୟୀଙ୍କଠାରୁ ହୋଇଥିବା ଲୁଟ ଘଟଣାରେ ଧରାପଡିଥିବା ଅଭିଯୁକ୍ତଙ୍କ ବୟାନରୁ ଏହା ପ୍ରମାଣିତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ ଲୁଟ୍ ମାମଲାରେ ଧରାପଡିଥିବା ଅଭିଯୁକ୍ତ ଫୁଲି ଗୋପାଳଙ୍କ ଘର ଗଞ୍ଜାମ ଜିଲା ଆସ୍କା ଥାନା ଅଞ୍ଚଳରେ। ସେ ପ୍ରାୟ ଏକ ବର୍ଷ ହେବ ବାରିପଦା ରଘୁନାଥପୁର ଅଞ୍ଚଳରେ ଭଡାଘରେ ରହୁଥିଲେ। ତାଙ୍କ ସହିତ ଏକାଧିକ ସହଯୋଗୀ ରହୁଥିଲେ। ସେମାନେ ବାଲେଶ୍ୱର ଜିଲାର ବାଲିଆପାଳ, ନୀଳଗିରି ଥାନା ଅଞ୍ଚଳରେ ଅପରାଧ ଘଟାଇ ବାରିପଦା ଆସି ଆତ୍ମଗୋପନ କରି ରହୁଥିଲେ। ଏଥିରୁ ବାରିପଦା ସହରକୁ ସେମାନେ ସୁରକ୍ଷିତ ସ୍ଥାନ ଭାବେ ବାଛି ଅପରାଧ ଘଟାଇବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଏହି ମାମଲାରେ ଅନ୍ୟ ୪ ଜଣ ସହଯୋଗୀ ବର୍ତ୍ତମାନ ସୁଦ୍ଧା ଫେରାର ରହିଛନ୍ତି। ଏହିଭଳି ଆହୁରି ଅନେକ ବାରିପଦା ସହରର ବିଭିନ୍ନ ସ୍ଥାନରେ ଭଡା ଘରେ ରହି ଚୋରି ଓ ଲୁଟ ଘଟଣା ଘଟାଉଥିବା ପୋଲିସକୁ ସୁରାକ ମିଳିଛି। କେତେକ ବସ୍ତି ଅଞ୍ଚଳରେ ରହି ଅପରାଧ ଘଟଣାକୁ ମଧ୍ୟ ନିୟନ୍ତ୍ରଣ କରୁଛନ୍ତି। କେତେକ ବୁଲା ବିକାଳି ମଧ୍ୟ ଅପରାଧ ଘଟଣାରେ ଜଡିତ ରହୁଛନ୍ତି।

ଉଲ୍ଲେଖନୀୟ ଯେ, ବାରିପଦାରେ ଗତ ସେପ୍ଟେମ୍ବର ପହିଲାର ଅଦ୍ୟାବଧି ୫୫ ଦିନରେ ୩୯ ଟି ଚୋରି ମାମଲା ଘଟିଛି। ହାତଗଣତି କେତେକ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କର କୌଣସି ସୁରାକ ମିଳି ନାହିଁ । ଅନ୍ୟପକ୍ଷେ ଧରାପଡୁଥିବା ଅଭିଯୁକ୍ତମାନେ ଜାମିନରେ ଖଲାସ ହୋଇ ପରେ ସାଧାରଣ ଲୋକଙ୍କ ସହିତ ପୋଲିସ କର୍ମଚାରୀ, ରାଜନେତା ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରୁଛନ୍ତି। ନିକଟରେ ପୂର୍ବାଞ୍ଚଳ ଆଇଜି ଦିପ୍ତେଶ କୁମାର ପଟ୍ଟନାୟକ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ବେଳେ ଚୋର, ଲୁଟେରାଙ୍କ ଉପଦ୍ରବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପଡୋଶୀ ରାଜ୍ୟରୁ କେତେକ ଅପରାଧୀ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଆସି ଏଠାରେ ବିଭିନ୍ନ ଅପରାଧ ଘଟାଇବା ପୋଲିସ ରେକର୍ଡ ରହିଛି। ଏହା ସତ୍ତ୍ୱେ ପୋଲିସ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁନାହିଁ। ଅନ୍ୟପକ୍ଷେ ଘର ମାଲିକମାନେ ଘରଭଡା ଦେବା ବେଳେ ଭଡାଟିଆଙ୍କ ସମ୍ପୂର୍ଣ୍ଣ ତଥ୍ୟ ରଖୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ବାରିପଦା ସଦର ଭାରପ୍ରାପ୍ତ ଏସଡିପିଓ ଯଦୁନାଥ ଜେନାଙ୍କୁ ପଚାରିବାରୁ କହିଛନ୍ତି, ଏଠାରେ ଅପରାଧ ଘଟଣା ରୋକିବା ପାଇଁ ତାଙ୍କୁ ଏସପି ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦେଇଛନ୍ତି। ସହରରେ ରହୁଥିବା ସମସ୍ତ ଭଡାଟିଆଙ୍କ ସମ୍ପର୍କରେ ଶୀଘ୍ର ତଥ୍ୟ ସଂଗ୍ରହ କରାଯିବ । ଯେଉଁମାନେ ଘର ଛାଡି ସହର ବାହାରକୁ ଯାଉଛନ୍ତି, ସେମାନେ ପୋଲିସକୁ ସୂଚନା ଦେବା ଦରକାର। ଏହାଦ୍ୱାରା ପୋଲିସ ପାଟ୍ରୋଲିଂ କରି ସେହି ଅଞ୍ଚଳ ଉପରେ ନଜର ରଖିପାରିବ।

## ସଂକ୍ଷେପରେ

### ଜିଲାପାଳଙ୍କ ଦୃଷ୍ଟିହୀନ ସ୍କୁଲ ପରିଦର୍ଶନ

**ଭଦ୍ରକ ଅଫିସ, ୨୬।୧୦:** ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ଶନିବାର ସଦର ବ୍ଲକ ଆର୍‌ଏନ୍ ବେତଡ଼ାସ୍ଥିତ ଅଭିନ୍ନ ସୁନ୍ଦର ଦୃଷ୍ଟିହୀନ ସ୍କୁଲ ପରିଦର୍ଶନ କରିଛନ୍ତି। ଜିଲାପାଳଙ୍କ ସହ ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ଓ ଶିଶୁ ସୁରକ୍ଷା ଅଧିକାରୀ ହରେନ୍ଦ୍ର ଦେହୁରୀ ସେଠାରେ ସକାଳୁ ପହଞ୍ଚି ଅନ୍ତେବାସୀଙ୍କ ସହ କିଛି ସମୟ କଟାଇଥିଲେ। ଦୀପାବଳି ପୂର୍ବଦିନ ଦୃଷ୍ଟିହୀନ ପିଲାଙ୍କ ସହ ଜିଲାପାଳ ଭାବ ବିନିମୟ କରି ଦୀପାବଳିର ମହତ୍ତ୍ୱ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ପରେ ଦିବ୍ୟାଙ୍ଗ ପିଲାମାନଙ୍କୁ ମିଠା ବାଣ୍ଟିବା ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

**ଭଦ୍ରକ ଅଫିସ, ୨୬।୧୦:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାନ୍ଦିଆ ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ଶୁକ୍ରବାର ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଲୁଟେରା ଏଟିଏମ୍ ମେଶିନର ସମ୍ମୁଖ ଭାଗ ଭାଙ୍ଗି ଦେଇଥିବାବେଳେ ଟଙ୍କା ନେଇପାରି ନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି।

### ନଗ୍ନ ନୃତ୍ୟ ପରିବେଷଣ ବନ୍ଦ ନିର୍ଦ୍ଦେଶ

**ଭଦ୍ରକ ଅଫିସ, ୨୬।୧୦:** ଭଦ୍ରକ କାଳୀପୂଜାରେ କୌଣସି ଯାତ୍ରାପାର୍ଟି ନଗ୍ନ ନୃତ୍ୟ ପରିବେଷଣ କରିପାରିବେ ନାହିଁ। ଏ ନେଇ ଜିଲାପାଳ ଜ୍ଞାନରଞ୍ଜନ ଦାସ ପୂଜା କମିଟିକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାବ୍ୟତୀତ ଟୁଇଟର୍ ମାଧ୍ୟମରେ ଏସ୍‌ପି, ତହସିଲଦାର ଓ ଟାଉନ ଥାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଥାଉ କି, କାଳୀପୂଜାରେ ଯାତ୍ରାରେ ନଗ୍ନନୃତ୍ୟ ପରିବେଷଣକୁ ବନ୍ଦ କରିବା ପାଇଁ କିଛିଦିନ ତଳେ ନାରୀ ସୁରକ୍ଷା ପ୍ରଗତି ମଞ୍ଚ, ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘ ଓ ମାତୃଶକ୍ତି ସ୍ୱୟଂସହାୟକ ସଂଘ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଫଳରେ ଜିଲାପାଳ ଏହି ପଦକ୍ଷେପ ନେଇଥିବା କୁହାଯାଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଲାଇନମ୍ୟାନ ଗୁରୁତର

**ଭଦ୍ରକ ଅଫିସ, ୨୬।୧୦:** ଭଦ୍ରକ ଚରମ୍ପା ଓଭରବ୍ରିଜ୍ ନିକଟରେ ଶନିବାର ସକାଳେ ବିଦ୍ୟୁତ୍ ଖୁଣ୍ଟରେ କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ଆସିଯିବା କାରଣରୁ ଲାଇନମ୍ୟାନ୍ ଗୁରୁତର ଆହତ ହୋଇଛନ୍ତି। ଆହତ ଲାଇନମ୍ୟାନ୍ ପ୍ରଦୀପ କୁମାର ମହାପାତ୍ରଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପ୍ରଦୀପଙ୍କ ଦେହର କିଛି ଅଂଶ ପୋଡ଼ି ଯାଇଥିବା ଜଣାପଡ଼ିଛି। ସେ ସଡନ ନେଇ କାମ କରୁଥିବାବେଳେ କିଭଳି ବିଦ୍ୟୁତ୍ ଆସିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ପ୍ରଦୀପଙ୍କ ସ୍ତ୍ରୀ ସୁପ୍ରଭା ମହାପାତ୍ର ବିଦ୍ୟୁତ୍ ବିଭାଗୀୟଙ୍କ ଉପସ୍ଥିତିରେ ଦୁର୍ଘଟଣା ଘଟିଥିବାରୁ ସେମାନଙ୍କୁ ପକ୍ଷଭୁକ୍ତ କରି ଟାଉନ ଥାନାରେ ଏତଲା ଦାଏର କରିଛନ୍ତି।


# ୧୧ ମଣ୍ଡପରେ ପୂଜା ପାଇବେ ମା’

**ଭଦ୍ରକ ଅଫିସ, ୨୬।୧୦**

**ଭଦ୍ରକ ଚଳଚଞ୍ଚଳ**

ରାତି ପାହିଲେ ଆଲୋକର ପର୍ବ ଦୀପାବଳି। ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପାଇଁ ସାରା ସହର ଉତ୍ସବମୁଖର ହୋଇଉଠିଛି। ସୁସଜ୍ଜିତ ମଣ୍ଡପ, ତୋରଣ ସହରର ଶୋଭା ବଢ଼ାଉଛି। ସବୁଠି ବାରି ହୋଇପଡୁଛି ଐତିହ୍ୟ ଓ ସଂସ୍କୃତିର ମହକ। ଭଦ୍ରକ ସହରରେ ଚରମ୍ପା ଅଞ୍ଚଳର କାଳୀପୂଜା ନିଆରା ଆକର୍ଷଣ ହୋଇ ରହିଆସିଛି। ଏଥର ପୂଜା ମଣ୍ଡପ ସାଙ୍ଗକୁ ମିନାବଜାର, ଅପେରା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରବିବାରଠାରୁ ୧୦ ଦିନ ପର୍ଯ୍ୟନ୍ତ ସହରରେ ମୋଟ ୧୧ଟି ମଣ୍ଡପରେ ପୂଜା ପାଇବେ ମା’। ଏଥର ବହୁ ଦୂରଦୂରାନ୍ତରୁ ବ୍ୟବସାୟୀମାନେ ଆସି ସେମାନଙ୍କ ପସରା ଖୋଲିବା ଆରମ୍ଭ କରିଛନ୍ତି। ୩ ଦିନର ଲଘୁଚାପଜନିତ ବର୍ଷା ବ୍ୟବସାୟୀ, ଆୟୋଜକଙ୍କ ମନରେ ନିରାଶା ଭରି ଦେଇଥିଲା। ତେବେ ଶନିବାର ପାଗ ଅନୁକୂଳ ହେବାରୁ ବାକି ଥିବା ତୋରଣ ଓ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦିଆଯାଇସାରିଛି। ବାରୁଆଳି ମୂର୍ତ୍ତିଠାରୁ ଆଲୋକ ସାଜସଜ୍ଜା ଓ ତୋରଣ ଏଥର ଅନ୍ୟତମ ଆକର୍ଷଣ ହେବ।

ଚଳିତବର୍ଷ ଏରେଇଁ ପୂଜା ମଣ୍ଡପରେ ଟାଇଟନିକ୍ ଜାହାଜ ସଦୃଶ ତୋରଣ ଆଖି ଝଲସାଇବ। ସ୍କୁଲ ରୋଡ୍ ପୂଜା କମିଟି ଚଳିତବର୍ଷ ତାର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ଅପରପକ୍ଷରେ ଷ୍ଟେଶନ ଆରପାଖରେ ଥିବା ମା’ ପଥରକାଳୀଙ୍କ ନିକଟରେ ସୁଉଚ୍ଚ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥର ପ୍ରଶାସନ ପକ୍ଷରୁ ଯାତ୍ରା ପାର୍ଟି ପରିବେଷଣ କରାଯିବାକୁ ଅନୁମତି ମିଳିଥିବାରୁ ଆୟୋଜକଙ୍କ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ୧୦୦ ବର୍ଷ ତଳେ ଭଦ୍ରକର ଜଣେ ଦକ୍ଷିଣ ଭାରତୀୟ କର୍ମଚାରୀ ଚରମ୍ପା(ଭଦ୍ରକ) ଷ୍ଟେଶନ ସଂଲଗ୍ନ ରେଳୱେ ପରିସରରେ ପ୍ରଥମେ ପୂଜା ଆରମ୍ଭ କରିଥିଲେ। ସେହିଦିନର ଏହି ପାରିବାରିକ କାଳୀପୂଜା ଭଦ୍ରକ ଜିଲାରେ ଏକ ଗଣପର୍ବର ରୂପ ନେଇଛି। ଚରମ୍ପା ବଜାରର ସ୍କୁଲ ରୋଡ୍ ପୂଜା କମିଟି, ଏରେଇଁ, ରାଜଘାଟ ପୋଲ, ଷ୍ଟେଶନ ଲୋକେସନ, ଡଗରାସାହି, ପଥରଆଡ଼ି, କାଉଡିଆ ସଂଘ, ପିଡବ୍ଲ୍ୟୁଆଇ ପୂଜା କମିଟିର ସୁଉଚ୍ଚ ତୋରଣ ଓ ବାରୁଆଳି ଚଳିତବର୍ଷ ଚିତାକର୍ଷକ ହେବ ବୋଲି କୁହାଯାଇଛି। ରବିବାର ମା’ଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ସୋମବାରଠାରୁ ପର୍ଯ୍ୟାୟକ୍ରମେ ୧୦ ଦିନ ପର୍ଯ୍ୟନ୍ତ ପୂଜା ଚାଲିବ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।


ଶେଷ ପର୍ଯ୍ୟାୟରେ ମା’ କାଳୀଙ୍କ ମୂର୍ତ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

ଭଦ୍ରକ

**୨୭।୧୦।୧୯**
- ବିଭିନ୍ନ ପୂଜା ମଣ୍ଡପରେ କାଳୀ ପୂଜା, ସ୍ଥାନ: ଚରମ୍ପା, ସମୟ: ସନ୍ଧ୍ୟା ୬ଟା।

**୨୯।୧୦।୧୯**
- ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

**୩୦।୧୦।୧୯**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

**୩୧।୧୦।୧୯**
- ଦୁର୍ନୀତି ନିବାରଣ ଦିବସ ପାଳନ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ଟା ୩୦।
- ଆମ ଗାଁ ଆମ ବିକାଶ ଯୋଜନାର ସମୀକ୍ଷା, ସ୍ଥାନ: ବନ୍ତ ବ୍ଲକ ଅଫିସ, ସମୟ: ଅପରାହ୍ନ ୧ଟା।

**୧।୧୧।୧୯**
- ସାଳନ୍ଦୀ ବହି ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପରିସର, ସମୟ: ଅପରାହ୍ନ ୫ଟା।

**୨।୧୧।୧୯**
- ଟାଇମ୍‌ପାସ୍ ସାହିତ୍ୟ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ, ସମୟ: ସନ୍ଧ୍ୟା ୬ଟା।

## ନୟନଯୋରିକୁ ଓଲଟିଲା ଟ୍ରକ

**ଚାନ୍ଦବାଲି, ୨୬।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ–ଚୌଧୁରୀଘାଟ ରାସ୍ତାର ମଉସୁଧା ବଜାର ନିକଟରେ ଶନିବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଡ୍ରାଇଭର ଓ ହେଲ୍‌ପରଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁସାରେ, ପ୍ରାୟ ୬ ଶହ ବସ୍ତା ସିମେଣ୍ଟ ବୋଝେଇ କରି ଏକ ମାଲବାହୀ ଟ୍ରକ୍ ଶନିବାର ମଧ୍ୟାହ୍ନରେ ମଉସୁଧା ବଜାରକୁ ଯାଉଥିଲା। ଗାଡ଼ି ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟରକୁ ସାଇଡ୍ ଦେବାକୁ ଯାଇ ରାସ୍ତାର ଡାହାଣ କଡ଼କୁ ଖସିଯିବା ସହ ରାସ୍ତାକଡ଼ରେ ଥିବା ନୟନଯୋରିକୁ ଓଲଟି ପଡ଼ିଥିଲା। ଫଳରେ ସବୁ ସିମେଣ୍ଟ ପାଣିରେ ଭିଜିଯାଇଛି।

### ଘଣ୍ଟେଶ୍ୱର ଡିଗ୍ରୀ କଲେଜରେ ଛାତ୍ର ଆନ୍ଦୋଳନ ଘଟଣା

## ୧୬ ଜଣଙ୍କ ନାଁରେ ଥାନାରେ ଏତଲା

**ଭଦ୍ରକ ଅଫିସ, ୨୬।୧୦**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଘଣ୍ଟେଶ୍ୱର ଯୁକ୍ତ ୩ ଡିଗ୍ରୀ କଲେଜରେ ବିଭିନ୍ନ ସମସ୍ୟାକୁ ନେଇ ଗତ ସୋମବାର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ବାଂଶଡ଼ା ଥାନାରେ ୧୬ ଜଣଙ୍କ ନାମରେ ଏତଲା ଦିଆଯାଇଛି। ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଅଣଛାତ୍ରମାନଙ୍କୁ ତୁରନ୍ତ ଗିରଫ କରିବାକୁ ଏସ୍‌ପି ବାଂଶଡ଼ା ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଘଟଣାରେ ସମ୍ପୃକ୍ତ କେତେଜଣ ଛାତ୍ର ଓ ଅଣଛାତ୍ର ଫେରାର ଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ଗତ ସୋମବାର ଛାତ୍ର ଆନ୍ଦୋଳନ ଯୋଗୁ କଲେଜ ପରିସର ରଣକ୍ଷେତ୍ର ପାଲଟି ଯାଇଥିଲା। ଦୁଇଗୋଷ୍ଠୀ ମଧ୍ୟରେ ଠେଲାପେଲା ଚାଲିଥିବାବେଳେ ଅଣଛାତ୍ରମାନେ କଲେଜ ମଧ୍ୟକୁ ପ୍ରବେଶ କରି ଏହାକୁ ଦ୍ୱିଗୁଣିତ କରିଦେଇଥିଲେ। ଫଳରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ମାରପିଟ ଆରମ୍ଭ ହୋଇଥିଲା। କଲେଜରେ ସାଇକେଲ ଷ୍ଟାଣ୍ଡ, ପରିସ୍ରାଗାର, କ୍ୟାଣ୍ଟିନ ନିର୍ମାଣ ଆଦି ଦାବି ନେଇ ଯୁକ୍ତ ୩ ଦ୍ୱିତୀୟବର୍ଷର ଛାତ୍ରୀଛାତ୍ର ଆନ୍ଦୋଳନ କରୁଥିବାବେଳେ ଶେଷବର୍ଷର କେତେଜଣ ଛାତ୍ର ଏହାକୁ ବିରୋଧ କରି ଅଣଛାତ୍ରଙ୍କୁ ଫୋନ ମାଧ୍ୟମରେ ଡକାଇବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସେହିଦିନ କଲେଜ ପରିସରରେ କଲେଜ ଅଧ୍ୟକ୍ଷ, ବୋର୍ଡମେମ୍ବର, ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ବସି ଆଲୋଚନା ମାଧ୍ୟମରେ ସମାଧାନର ବାଟ ବାହାର କରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇଥିବା ଜଣାପଡ଼ିଛି।

## ବେଆଇନ ବାଣ ପ୍ରସ୍ତୁତି ବେଳେ ପୋଲିସର ଚଢ଼ାଉ: ଜଣେ ଗିରଫ

**ବାସୁଦେବପୁର, ୨୬।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଡୁଆଁ ପଞ୍ଚାୟତ ଭଲଗଡ଼ା ଗ୍ରାମରେ ବେଆଇନ ବାଣ ତିଆରି ହେଉଥିବା ବେଳେ ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ପୋଲିସ ଚଢ଼ାଉ କରିଛି। ପୋଲିସ ବାଣ ଓ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଭଲଗଡ଼ା ଗ୍ରାମର ଅକ୍ଷୟ କୁମାର ପରିଡ଼ା। ବାଣ ପ୍ରସ୍ତୁତି ଉପରେ କଟକଣା ଥିବା ସତ୍ତ୍ୱେ ଦୀପାବଳି ପାଇଁ ଏହି ଗ୍ରାମରେ ବାଣ ପ୍ରସ୍ତୁତି ଚାଲିଥିଲା। ଖବର ପାଇ ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି ସଦଳବଳ ଚଢ଼ାଉ କରିଥିଲେ। ୧ ହଜାରରୁ ଊର୍ଦ୍ଧ୍ୱ ବାଣ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୪୦/୧୯) ରୁଜୁ ହୋଇଛି।

## ଲଗାଣ ବର୍ଷାରେ ଖସିଲା ମାଟି ଅତଡ଼ା

**ଆରଡ଼ି, ୨୬।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବୋଡ଼କ ନିକଟରେ ଥିବା କର୍ଯ୍ୟାଁଗୋଲା ସେତୁର ଆପ୍ରୋଚ ରୋଡ୍ ପାର୍ଶ୍ୱରେ ଲଗାଣ ବର୍ଷାରେ ଶୁକ୍ରବାର ପ୍ରାୟ ୧୫ ଫୁଟ ଲମ୍ବର ମାଟି ଅତଡ଼ା ଖସିପଡ଼ିଛି। ଏ ସମ୍ପର୍କରେ ବୋଡ଼କ ଅଧିବାସୀ ଏନ୍‌ଏଚ୍ ୨୦ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାଣି ଶନିବାର ମାଟି ଅତଡ଼ା ଖସିଥିବା ସ୍ଥାନରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ମାଟି ଅତଡ଼ା ଖସିଥିବା ସ୍ଥାନଠାରୁ ନଦୀର ଦୂରତା ପ୍ରାୟ ୧୦୦ ଫୁଟ। ଏହି ମାଟି ଅତଡ଼ା ଖସିଲେ ରାସ୍ତା କିମ୍ବା ଲୋକଙ୍କର କୌଣସି କ୍ଷତି ହେବାର ଆଶଙ୍କା ନାହିଁ। ତେବେ ପୂର୍ବପରି ଏହି ସ୍ଥାନରେ ସୁରୁଖୁରୁରେ ଯାନବାହନ ଚଳାଚଳ କରୁଥିବା କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି।


ଆପ୍ରୋଚ ରୋଡ୍ ପାର୍ଶ୍ୱରେ ଖସିଥିବା ମାଟି ଅତଡ଼ା।

ପ୍ରକାଶ ଯେ, ଗତ ୪ ମାସ ତଳେ ଏହି ଆପ୍ରୋଚ ରୋଡ୍ ପାର୍ଶ୍ୱରେ ପଥରପ୍ୟାକିଂ ପାଇଁ ତତ୍କାଳୀନ ବିଭାଗୀୟ ନିର୍ବାହୀ ଅଧିକାରୀ ଏକ ଏଷ୍ଟିମେଟ ପ୍ରସ୍ତୁତ କରି ଆପ୍ରୁଭ ନିମନ୍ତେ ନୂଆଦିଲ୍ଲୀ ପଠାଇଛନ୍ତି। ଆଉ ୨ରୁ ୩ ମାସ ମଧ୍ୟରେ ଏହା ଆପ୍ରୁଭ ହୋଇ ଟେଣ୍ଡର ନୋଟିସ୍ କରାଯିବ ଓ ଏଠାରେ ପଥରପ୍ୟାକିଂ କରାଯିବ ବୋଲି ବିଭାଗୀୟ ଉପଖଣ୍ଡ ଅଧିକାରୀ ସୁମିତ ସାହୁ କହିଛନ୍ତି। ସ୍ଥାନୀୟ ବାସିନ୍ଦା ରାମାକାନ୍ତ ନାୟକ କହିଛନ୍ତି ଯେ, ବର୍ଷାରେ ଯେଉଁ ମାଟି ଅତଡା ଖସିଛି ତାହା ରାସ୍ତା ପାଇଁ ଏବେ ନ ହେଲେ ବି ପରେ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏଣୁ ତୁରନ୍ତ ଏଠାରେ ସ୍ଥାୟୀ ଭାବେ ପଥରପ୍ୟାକିଂ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି।

## ଧାର୍ଯ୍ୟ ଲକ୍ଷ୍ୟଠୁ ଅଧିକ ୫୫ ହଜାର ଶ୍ରମ ଦିବସ

**ତିହିଡ଼ି, ୨୬।୧୦(ଡି.ଏନ.ଏ.)**

ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସର କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ଏପିଇଓ ପୀୟୂଷ ରଞ୍ଜନ ରାଉତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୮–୧୯ ଆର୍ଥିକ ବର୍ଷରେ ୨ ଲକ୍ଷ ୧ହଜାର ଶ୍ରମଦିବସ ସୃଷ୍ଟି ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବ୍ଲକରେ ୨ ଲକ୍ଷ ୫୬ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଛି, ଯାହାକି ଲକ୍ଷ୍ୟଠାରୁ ଅଧିକ ୫୫ ହଜାର ବୋଲି ସେ ଜଣାଇଥିଲେ। ଏହାଛଡ଼ା ୨ ହଜାର ୬ ଶହ ପ୍ରକଳ୍ପ ବାବଦକୁ ୬ କୋଟି ୪୦ଲକ୍ଷ ୫୬ ହଜାର ଟଙ୍କା ବିନିଯୋଗ କରାଯାଇଥିବାବେଳେ ୧୩ ଜଣ ୧୦୦ଦିନର କାମ ପାଇଥିବା ସେ ସୂଚନା ଦେଇଥିଲେ। ଶିବିରରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପୌରୋହିତ୍ୟ କରିଥିଲେ। ବିଧାୟକ ସେଠୀ କାଗଜପତ୍ରରେ କରା ନ ଯାଇ ବାସ୍ତବରେ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଶ୍ରମିକମାନେ ଉପକୃତ ହେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କିଶୋର ପଣ୍ଡା, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ସହକାରୀ ସୁଧାଂଶୁ ନାୟକ ଶିବିର ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ କନିଷ୍ଠଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।


ବିଧାୟକ ବିଷ୍ଣୁ ସେଠୀ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

## ୧୧ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା ସ୍ୱତନ୍ତ୍ର ଟିମ୍

**ଭଦ୍ରକ ଅଫିସ, ୨୬।୧୦**

ଭଦ୍ରକ ଧାମରା ବନ୍ଦରର ମେରାଇନ ବିଭାଗୀୟ ଏକ ସ୍ୱତନ୍ତ୍ର ଟିମ୍ ଶନିବାର ବଙ୍ଗୋପସାଗରରୁ ଜଳବନ୍ଦୀ ହୋଇଯାଇଥିବା ପଶ୍ଚିମବଙ୍ଗର ମା’ ଉର୍ମିଳା ନାମକ ଏକ ବୋଟକୁ ଉଦ୍ଧାର କରିଛି। ବୋଟ୍‌ଟି ସମୁଦ୍ର ଗର୍ଭରେ ଇଞ୍ଜିନ ଖରାପ ହେବା କାରଣରୁ ଦିଗହରା ହୋଇଯାଇଥିଲା। ଦ୍ୱିପ୍ରହରରେ ଧାମରା ବନ୍ଦର ମେରାଇନ ବିଭାଗର ଏହି ଟିମ୍ ଖବର ପାଇ ବାହୁଡ଼ା ନାମକ ଏକ ଟଗ୍‌ବୋଟ ନେଇ ଉକ୍ତ ବୋଟ ନିକଟରେ ପହଞ୍ଚିଥିଲେ। ସମୁଦ୍ର ଗର୍ଭରୁ ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରି କୂଳକୁ ଅଣାଯାଇଥିଲା। ସେମାନଙ୍କୁ ଧାମରାରେ ଆଶ୍ରୟ ଦିଆଯାଇଥିବା ଜଣାପଡ଼ିଛି।

## ‘ମୋ ପୋଖରୀ’ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ

**ପଦ୍ମପୁର, ୨୬।୧୦ (ଡି.ଏନ. ଏ.)**

ବିଭିନ୍ନ ଉନ୍ନତିମୂଳକ ଯୋଜନା, ୫–ଟି କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କୁ ତାଗିଦ୍ କରୁଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ମଧ୍ୟ ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ହେଲେ ଦୁର୍ନୀତି ହଟିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିଛି। ତୃଣମୂଳ ସ୍ତରରେ ସାଧାରଣ କର୍ମଚାରୀ ଲୋକଙ୍କୁ ଭକୁଆ ବନାଇ ସରକାରୀ ଯୋଜନାର ଲାଭ ନେବା ଲାଗି ଲକ୍ଷାଧିକ ଟଙ୍କା ଲୁଟି ଚାଲିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ବିରସ ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତର ଜଣେ ପୂର୍ବତନ ଗ୍ରାମରୋଜଗାର ସାଥୀ ‘ମୋ ପୋଖରୀ’ ଖୋଳାଇ ଦେବା ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ବହୁ ଲୋକଙ୍କଠାରୁ ସେ ଏହି ଯୋଜନାରେ ସାମିଲ କରିବାକୁ କାଗଜପତ୍ର ସହ ହଜାର ହଜାର ଟଙ୍କା ନେଇଥିଲେ। ସମୟ ଗଡ଼ିବାରୁ କାହିଁକି ପୋଖରୀ ଖୋଳା ହୋଇନି ବୋଲି ସେମାନେ ପଚାରିବାରୁ ସେ ସମୟ ଗଡ଼ାଇ ଚାଲିବା ସହ ବ୍ଲକ ଜେଇଙ୍କୁ କାଗଜପତ୍ର କରିବା ପାଇଁ ଦେଇଥିବା କହିଥିଲେ। ଏହି ଘଟଣାକୁ ଦୀର୍ଘଦିନ ବିତି ଯାଇଥିବାରୁ ଗ୍ରାମର ରମାକାନ୍ତ ବିଶ୍ୱାଳ, ବିଜୟ ନାୟକ, ଦାଶରଥି ଜେନା, ସନାତନ ନାୟକ ପ୍ରମୁଖ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ଆସିଛି, ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

### ତଦନ୍ତରେ ବିଳମ୍ବ ନେଇ ଅଭିଯୋଗ

**ଚାନ୍ଦବାଲି, ୨୬।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଘଟପୁର ପଞ୍ଚାୟତର ମହାନ୍ତିସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ନେଇ କେତେକ ଅଭିଭାବକ ସିଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ୮ ଦିନ ବିତିଯାଇଥିଲେ ମଧ୍ୟ ଏହାର ତଦନ୍ତରେ ବିଳମ୍ବ ନ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି ବୋଲି କୁହାଯାଇଛି।

ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି–୨ ସିଡିପିଓ ଅଫିସ୍ ଅଧୀନ ମହାନ୍ତିସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ନିୟମିତ ସକାଳ ଜଳଖିଆ ପ୍ରଦାନ କରାଯାଉ ନାହିଁ। ସପ୍ତାହର ନିର୍ଦ୍ଧାରିତ ବାରରେ ଅଣ୍ଡା ମଧ୍ୟ ମିଳୁ ନାହିଁ। ଖାଇବା ପରେ ପିଲାମାନେ ନଳକୂପକୁ ପାଣି ପିଇବାକୁ ଯାଉଥିଲେ ମଧ୍ୟ ସେମାନଙ୍କ ଲାଗି କେନ୍ଦ୍ରରେ ଗ୍ଲାସ ଓ ମଗ୍‌ର ବ୍ୟବସ୍ଥା ନାହିଁ। ସେହିପରି ପିଲାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଖେଳନାର ବ୍ୟବସ୍ଥା ଥିବାବେଳେ ଏହି କେନ୍ଦ୍ରରେ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ସମ୍ପର୍କରେ କର୍ମୀଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳୁନି ଅଭିଭାବକଙ୍କୁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଘଟଣାର ତଦନ୍ତ ବିଳମ୍ବ ସମ୍ପର୍କରେ ସିଡିପିଓ ପ୍ରତିଭା ଖଣ୍ଡୁଆଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅଭିଯୋଗ ମିଳିଛି, ସୁପରଭାଇଜରଙ୍କ ଦ୍ୱାରା କିମ୍ବା ସେ ନିଜେ ତଦନ୍ତ କରିବେ ବୋଲି କହିଛନ୍ତି। ସୂଚନାଥାଉ କି ଧାମରା ଅଞ୍ଚଳର କରଣପଲ୍ଲୀ–୨ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିକଟରେ ଜିଲାପାଳ ଓ ଉପଜିଲାପାଳ ଗସ୍ତ କରି କେତେକ ଅବ୍ୟବସ୍ଥା ନିଜେ ଦେଖିଥିଲେ। ପରେ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସମ୍ପୃକ୍ତ କେନ୍ଦ୍ର ସହ ସୁପରଭାଇଜରଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି।


### ଅଧାରେ ଅଟକିଛି ନଦୀ ସଂସ୍କାର କାର୍ଯ୍ୟ

# ସ୍ଲୁଇସ୍ ଗେଟ୍ ସ୍ଥାନ ମୁକୁଳା, ଚାଷଜମିରେ ପଶୁଛି ପାଣି

**ଧାମନଗର, ୨୬।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ପ୍ରବାହିତ ରେବ ନଦୀ ସଂସ୍କାର କାର୍ଯ୍ୟ ଅଧାରେ ଅଟକି ରହିଛି। ୫ବର୍ଷ ଧରି ସଂସ୍କାର ଯୋଜନାରେ ଚାଷଜମିକୁ ଜଳସେଚନ ପାଇଁ ପ୍ରସ୍ତାବିତ ସ୍ଲୁଇସ୍ ଗେଟ୍ ତିଆରି ପାଇଁ ଛଡ଼ାଯାଇଥିବା ଘାଇ ସ୍ଥାନ ଦେଇ ବନ୍ୟାଜଳ ପ୍ରବାହିତ ଦ୍ୱାରା ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏହାଦ୍ୱାରା ଚାଷ ବ୍ୟାପକ କ୍ଷତି ହେଉଥିବା ଅଭିଯୋଗ କରିଛନ୍ତି ଚାଷୀ।

ଉଲ୍ଲେଖନୀୟ ଯେ, ୨୦୦୯ରେ ରେବ ନଦୀ ସଂସ୍କାର ଯୋଜନା କାର୍ଯ୍ୟ ଆରମ୍ଭ ହୋଇଥିଲା। ନଦୀ ଗର୍ଭ ଖନନ ଏବଂ ଦୁଇଧାରକୁ ସଫା କରାଯାଇ ବନ୍ୟାରୁ ମୁକୁଳିବା ପାଇଁ ଯୋଜନା କରାଯାଇଥିଲା। ଚୁଡ଼ାକୁଟିଠାରୁ ଲେଞ୍ଜରା ପର୍ଯ୍ୟନ୍ତ ନଦୀ ସଂସ୍କାର ଯୋଜନାରେ ଦୁଇଧାର ଖନନ ପରେ ନଦୀବନ୍ଧ କରାଯାଇଥିଲା। ନଦୀ ଜଳକୁ ବନ୍ଧର ଉଭୟ ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଚାଷଜମି ଜଳସେଚିତ ପାଇଁ ସ୍ଲୁଇସ ଗେଟ୍ ତିଆରି ଲାଗି ପ୍ରସ୍ତାବ ଥିଲା। ବନ୍ଧକାର୍ଯ୍ୟ ସମୟରେ ପ୍ରସ୍ତାବିତ ଗେଟ୍ ସ୍ଥାନଗୁଡ଼ିକୁ ପୋତା ନ ଯାଇ କାର୍ଯ୍ୟ ତୁରନ୍ତ ହେବ କହି ଛାଡ଼ିଦିଆଯାଇଥିଲା। ୨୦୧୫ରେ ସଂସ୍କାର କାର୍ଯ୍ୟ ବନ୍ଦ ହେବା ପରେ ଉକ୍ତ ଗେଟ୍ ସ୍ଥାନ ଦେଇ ବନ୍ୟାଜଳ ଚାଷଜମି ସମେତ ଗାଁଗଣ୍ଡାରେ କୃତ୍ରିମ ବନ୍ୟା ସୃଷ୍ଟି କରିଆସୁଛି। ଚୁଡାକୁଟି, କଲ୍ୟାଣି, ଗୋବିନ୍ଦପୁର, ଅସୁରାଳି, ଗଡିଆଳି, କୋଠାର ଫତେପୁର ଆଦି ପଞ୍ଚାୟତର ଉତ୍ତର ଓ ଦକ୍ଷିଣ ଦିଗରେ ଚାଷଜମି ସାମାନ୍ୟ ବର୍ଷା ହେଲେ ଜଳମଗ୍ନ ହୋଇଯାଉଛି। ସେହିପରି ଗ୍ରାମ୍ୟ ରାସ୍ତା ବୁଡ଼ିଯିବା ସହ ପଶ୍ଚିମ ଗଡିଆଳିର ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଣିଘେରରେ ରହୁଥିବାରୁ ଏହି ସମୟରେ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟକୁ ଛାଡୁ ନ ଥିବା କୁହାଯାଇଛି। ବିଶେଷ କରି ପ୍ରଭାବିତ ଗଡିଆଳି ଏବଂ ଅସୁରାଳି ପଞ୍ଚାୟତ ମଧ୍ୟରେ ନଦୀର ଦୁଇ ଦିଗରେ ପ୍ରାୟ ୨୦ ସ୍ଥାନରେ ମୁହଁ ମୁକୁଳା ଥିବା ନେଇ ସ୍ଥାନୀୟ ଚାଷୀ ବାରମ୍ବାର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ବି କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ଅସୁରାଳି ମହାଭିଯୋଗ ଶୁଣାଣି ସମୟରେ ଉକ୍ତ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇଥିଲେ ବି ପଦକ୍ଷେପ ଶୂନ ବୋଲି କୃଷକନେତା ସତ୍ୟମୂର୍ତ୍ତି ବେହେରା ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ମୁକୁଳା ସ୍ଥାନରେ ସ୍ଲୁଇସ୍ ଗେଟ୍ ତିଆରି ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଅଞ୍ଚଳର ଦୀନବନ୍ଧୁ ଦାଶ, ନିରଞ୍ଜନ ପରିଡ଼ା, ନିରାକାର ଦାସ, ଶେଷଦେବ ମଲ୍ଲିକ ଓ ସତ୍ୟମୂର୍ତ୍ତି ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।


ପଶ୍ଚିମ ଗଡିଆଳିରେ ପ୍ରସ୍ତାବିତ ସ୍ଲୁଇସ୍ ଗେଟ୍ ମୁକୁଳା ସ୍ଥାନ ଦେଇ ନିଷ୍କାସିତ ବନ୍ୟାଜଳ।

- ବ୍ୟାପକ କ୍ଷତି ସହୁଛନ୍ତି ଚାଷୀ
- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା କ୍ୟାମ୍ପର



**ଯୋଡ଼ା, ୨୬।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ସହରର ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ ରାସ୍ତାରେ ଏକ କ୍ୟାମ୍ପର ଭାରସାମ୍ୟ ହରାଇ ଓଲଟି ପଡିବାରୁ ରାସ୍ତାକଡରେ ଥିବା ତେଜରାତି ଦୋକାନୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି । ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଯୋଡାରୁ ଜୁରୁଡି ଅଭିମୁଖେ ଯାଉଥିବା ଏକ କ୍ୟାମ୍ପର ବ୍ୟାଙ୍କ ଅଫ ଇଣ୍ଡିଆ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ତେଜରାତି ଦୋକାନୀ ବାବୁନୀ ସେଠୀଙ୍କ ଦୋକାନକୁ ଲାଗି ଓଲଟି ପଡିଥିଲା। ଫଳରେ ତେଜରାତି ଦୋକାନୀ ଅଳ୍ପକେ ବର୍ତ୍ତି ଯାଇଥିଲେ। କ୍ୟାମ୍ପରର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ । ଯୋଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ୟାମ୍ପରକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ଡ୍ରାଇଭର ଜଣଙ୍କ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡି ଚଳାଉଥିବା ହେତୁ ଏହି ଘଟଣା ଘଟିଥିବା କୁହାଯାଉଛି।

### ପୋଲିଓ ଦୂରୀକରଣ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**କେନ୍ଦୁଝର, ୨୬।୧୦(ଡି.ଏନ୍.ଏ.):** କେନ୍ଦୁଝର ରୋଟାରୀ କ୍ଲବ ଦ୍ୱାରା ସମଗ୍ର ବିଶ୍ୱରୁ ପୋଲିଓ ଦୂରୀକରଣ ପାଇଁ 'ଆଣ୍ଡ ପୋଲିଓ ନାଓ'ର ବାର୍ତ୍ତା ଦେବା ଉପଲକ୍ଷେ ଏକ କ୍ୟାଣ୍ଡେଲ ରାଲି କେନ୍ଦୁଝର ମାଇନିଂ ରୋଡସ୍ଥିତ ବିଗବଜାରଠାରୁ ଲାବଣ୍ୟ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ଅବସରରେ ରୋଟାରୀ କ୍ଲବ କେନ୍ଦୁଝରଗଡର ସଭାପତି ରୋଟାରିଆନ୍ ଇଂ ବସନ୍ତ କୁମାର ଦାନୀ ଶୋଭାଯାତ୍ରାରେ ଉପସ୍ଥିତ ରହି ପୋଲିଓ ନିରାକରଣ ଓ ଦୂରୀକରଣ ପାଇଁ ରୋଟାରୀ ଇଣ୍ଟରନ୍ୟାଶନାଲର ଦୀର୍ଘବର୍ଷର ଉଦ୍ୟମ ଓ ଏହାର ସଫଳତା ବିଷୟରେ ଅବଗତ କରାଇଥିଲେ। ଏହି ଶୋଭାଯାତ୍ରାକୁ କେଏଇ ରୋଟ୍ରାକ୍ଟ କ୍ଲବ, କେନ୍ଦୁଝର ସିଟି ରୋଟ୍ରାକ୍ଟ କ୍ଲବ, ସିଟିଜି ରୋଟ୍ରାକ୍ଟ କ୍ଲବ ଏବଂ ଇନର ହୁଇଲ କ୍ଲବ କେନ୍ଦୁଝର ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ରୋଟାରୀ କ୍ଲବର ସଦସ୍ୟ ରୋଟାରିଆନ୍ ଇଂ ସୁରେଶ ଚନ୍ଦ୍ର ଖଟୋଇ, ଇଂ ଦେବବ୍ରତ ସ୍ୱାଇଁ, ସମ୍ପାଦିକା ରାଜଲକ୍ଷ୍ମୀ ସ୍ୱାଇଁ, ରୋଟାରିଆନ୍ ଅମୀୟ କୁମାର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**କେନ୍ଦୁଝର, ୨୬।୧୦ (ସ୍ୱ.ପ୍ର./ ଡି.ଏନ.ଏ.):** କେନ୍ଦୁଝର ଟାଉନ ଥାନାରେ ପୋଲିସର ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ନେଇ ଶନିବାର ଥାନାରେ ଏତଲା ହୋଇଛି। ବୈଦ୍ୟୁତିକ ଗଣମାଧ୍ୟମର ଜଣେ କ୍ୟାମେରା ମ୍ୟାନ ଶୁକ୍ରବାର ଖବର ସଂଗ୍ରହ କରିବାକୁ ଥାନାକୁ ଯାଇଥିବା ବେଳେ ଥାନାର ଦୁଇ ଜଣ ଅଧିକାରୀ ଦୁର୍ବ୍ୟବହାର କରିବା ସହ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି। ସେମାନେ ତାଙ୍କ ମୋବାଇଲ ଫୋନକୁ ଛଡାଇ ନେଇ ବହୁ ଫଟୋ ଓ ଡାଟା ନଷ୍ଟ କରିଦେଇ ଥିଲେ। ମିଥ୍ୟାରେ ମଦ ପିଇଥିବା କହି ପାଟି ଯାଞ୍ଚ କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣାକୁ ପ୍ରେସ କ୍ଲବ ପକ୍ଷରୁ ଏକ ବୈଠକ ଡାକି ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏସମ୍ପର୍କରେ ଅଭିଯୋଗ ପାଇବା ପରେ କେନ୍ଦୁଝର ଏସଡିପିଓ ପି.ଜେ. ଟପୋ କହିଛନ୍ତି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ସୁଧାର ଗୃହରେ ଅବ୍ୟବସ୍ଥା : ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ

**କେନ୍ଦୁଝର, ୨୬।୧୦(ଡି.ଏନ୍.ଏ.):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଣିଆପାଟଠାରେ ଥିବା ସୁଧାର ଗୃହର ବହୁମୁଖୀ ସମସ୍ୟାକୁ ନେଇ ଅନ୍ତେବାସିନୀମାନେ ଶନିବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ଡକ୍ଟର ଭକ୍ତଚରଣ ପ୍ରଧାନଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ନିଜ ଖର୍ଚ୍ଚରେ ଡାକ୍ତରଖାନା ଯିବାକୁ ସୁଧାର ଗୃହ ପରିଚାଳକ ପ୍ରବର୍ତ୍ତାଉଥିବାବେଳେ ସୋମବାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ପରିସ୍ଥିତିର ଅନୁଧ୍ୟାନ କରିବେ ବୋଲି ଅତିରିକ୍ତ ଜିଲାପାଳ ଭକ୍ତଚରଣ ପ୍ରଧାନ ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଥିବା ଜଣାପଡିଛି।

# ନାଳ ପାରିହେବାକୁ ଦଉଡ଼ି ଭରସା

(ନରେଶ ଚନ୍ଦ୍ର ପଟ୍ଟନାୟକ)
**କେନ୍ଦୁଝର, ୨୬।୧୦**



ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଦଉଡ଼ି ଧରି ନଦୀ ପାର ହେଉଛନ୍ତି।

- ନାହିଁ ସବୁଦିନିଆ ରାସ୍ତା
- ଫେଲ୍ ମାରିଛି ସବୁ ଯୋଜନା

କେନ୍ଦୁଝର ଜିଲାରେ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସବୁଦିନିଆ ଯାତାୟାତର ସୁବିଧା ନ ଥିବାରୁ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ବର୍ଷା ହେଲେ ନଦୀନାଳରେ ପାଣି ବୃଦ୍ଧି ପାଇଥାଏ। ଫଳରେ ରାସ୍ତା ଓ ପୋଲ ନ ଥିବାରୁ ଲୋକ ମାନେ ଯିବାଆସିବା କରିବାକୁ ବାଧ୍ୟ ହୋଇଥାନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ସତେ ଯେପରି ପ୍ରହସନ ପାଲଟିଛି। କିଏ ବଢି ପାଣିରେ ଅସୁରକ୍ଷିତ ଅବସ୍ଥାରେ ଡଙ୍ଗାରେ ପାର ହେଉଛି ତ କିଏ ଦଉଡି ସହାୟତାରେ ନଦୀ ପାର ହୋଇ ଯିବାଆସିବା କରୁଛନ୍ତି।

ଏଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ବାଂଶପାଳ ବ୍ଲକ ଅନ୍ତର୍ଗତ କାଦକଳା ପଞ୍ଚାୟତର ହଳଡିହି ଗ୍ରାମ। ଏହି ଗ୍ରାମରେ କାହିଁ କେଉଁ କାଳରୁ ପାଖାପାଖି ୫୦ ପରିବାର ବସବାସ କରୁଛନ୍ତି। ଗ୍ରାମରୁ ପଞ୍ଚାୟତକୁ ସବୁଦିନିଆ ରାସ୍ତା ନ ଥିବାରୁ ବର୍ଷା ଦିନ ଆସିଲେ ଦୁଃଖ ପଡେ। ଏହି ଗ୍ରାମ ଦେଇ ବୋହିଯାଇଥିବା ଗୋଟିଏ ପାର୍ଶ୍ୱରେ ବଇଗାଁ ନଦୀ ଓ ଅନ୍ୟପାର୍ଶ୍ୱରେ ମଲଦା ନାଳ ବୋହିଯାଉଥିବାରୁ ବର୍ଷା ଦିନରେ ଏହି ନଦୀ ସେମାନଙ୍କ ପାଇଁ ଦୁଃଖ ପାଲଟେ। ଏହି ଦୁଇ ନଦୀରେ ପୋଲ ନିର୍ମାଣ ହୋଇ ନ ଥିବାରୁ ଛୋଟ ଛୋଟ ପିଲା, ରୋଗୀ ତଥା ବୃଦ୍ଧାବୃଦ୍ଧ ମାନେ ଅସୁବିଧା ଭୋଗନ୍ତି । ଏପରିକି ଆମ୍ବୁଲାନସ ବା ଅନ୍ୟ ଗାଡି ଆସିପାରେନାହିଁ । ଏଣୁ ଯାତାୟତ ପାଇଁ ବଇଙ୍ଗା ନଦୀରେ ଗ୍ରାମବାସୀ ଏକ କାଠ ପୋଲ ନିର୍ମାଣ କରି ଯିବାଆସିବା କରନ୍ତି । କିନ୍ତୁ ବର୍ଷାରେ ଏହି କାଠ ପୋଲ ଭାସିଯିବା ପରେ ଯାତାୟତ ଠପ୍ ହୋଇଯାଏ । ଫଳରେ ବାଧ୍ୟ ହୋଇ ଲୋକ ମାନେ ନଦୀର ଦୁଇ ପାଶ୍ୱରେ ଦଉଡି ବାନ୍ଧି ଓ ତାହାକୁ ଧରି ବିପଦପୂର୍ଣ୍ଣ ଅବସ୍ଥାରେ ପାର ହୋଇଥାନ୍ତି । ଏପରିକି ପାଠ ପଢିବାକୁ ସ୍କୁଲ ଯିବା ଆସିବା କରୁଥିବା ଛାତ୍ରୀଛାତ୍ର ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ଦଉଡି ଧରି ପାର ହୋଇଥାନ୍ତି। ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରି ଏକ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ରଙ୍ଗ୍‌ୱେରେ ୭ ଭାରିଯାନ ଧରାପଡ଼ିଲା ୬୨ ହଜାର ଜରିମାନା ଆଦାୟ

**ବଡ଼ବିଲ, ୨୬।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲରେ ଭାରିଯାନ ନୋଏଣ୍ଟ୍ରିକୁ ପୋଲିସ କଡ଼ାକଡ଼ି କରିଛି। ଶନିବାର ପୋଲିସ ପକ୍ଷରୁ ବଡ଼ବିଲ-ଭଦ୍ରାସାହି ରାସ୍ତାରେ ପୂର୍ବାହ୍ନ ୧୦ଟାରୁ ଏମ୍‌ଭି ଚେକିଂ ଚାଲିଥିଲା। ଏହିସମୟରେ ବଡ଼ବିଲ-ଭଦ୍ରାସାହିର ଟୁ-ୱେ ରଙ୍ଗ ରୁଟରେ ଏବଂ ନୋଏଣ୍ଟ୍ରି ସମୟରେ ୭ ଭାରିଯାନ ଗୁଡିକରୁ ମୋଟ ୬୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ବଡ଼ବିଲ ସହରାଞ୍ଚଳ ଦେଇ ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ହେଲେ ଭାରିଯାନଗୁଡିକ ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ଯାତାୟାତ କରୁଥିବାରୁ ଅଞ୍ଚଳରେ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ନେଇ ଅଭିଯୋଗ ପରେ ପୋଲିସ ଏ ନେଇ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

# ହାତୀପଲ ଖେଳାଉଛନ୍ତି ଆତଙ୍କ



ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁରେ ହାତୀପଲ।

**ଝୁମ୍ପୁରା, ୨୬।୧୦ (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ଓ ବସନ୍ତପୁର ପଞ୍ଚାୟତରେ ୨ଦିନ ହେଲା ହାତୀପଲ ଆତଙ୍କ ଖେଳାଇ ଚାଲିଛନ୍ତି। ଧାନ ପାଚି ଆସୁଥିବା ବେଳେ ବହୁ ସଂଖ୍ୟାରେ ହାତୀ ଆସି ଫସଲ ନଷ୍ଟ କରୁଥିବାରୁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁ ଚାଷୀଙ୍କ ନିଦ ହଜିଯାଇଛି। ଚାଷୀମାନେ ଧାନ କ୍ଷେତକୁ ଜଗିବା ପାଇଁ ଗଛ ଉପରେ ମଞ୍ଚା ବାନ୍ଧି ଜଗି ବସିଥିଲେ ହେଁ, ହାତୀପଲକୁ ଘଉଡାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। ଗତ ୨୫ରିଖ ସନ୍ଧ୍ୟାରେ ବସନ୍ତପୁର ଅଞ୍ଚଳର ପ୍ଲାଣ୍ଟକୁ ମାନସ ମହାନ୍ତ ନାମକ ଜଣେ ସିକ୍ୟୁରିଟି ଗାର୍ଡ ଡ୍ୟୁଟି କରିବା ପାଇଁ ଯାଉଥିବା ବେଳେ ପ୍ଲାଣ୍ଟର ଅନତିଦୂରରେ ହାତୀପଲ ହାବୁଡରେ ପଡି ଯାଇଥିଲେ। ସୂଚନା ଅନୁଯାୟୀ ଆଗରେ ଥିବା ଦନ୍ତା ହାତୀଟି ସିକ୍ୟୁରିଟିଙ୍କୁ ଶୁଣ୍ଢରେ ଗୁଡାଇ ଫିଙ୍ଗି ଦେବାରୁ ସିକ୍ୟୁରିଟି ଗାର୍ଡ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତାଙ୍କ ଘର ତୁରୁମୁଙ୍ଗା ଅଞ୍ଚଳରେ। ହାତୀପଲ ବହୁ ଏକର ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହିତ ମଲଦା ପଞ୍ଚାୟତର ପଟୁଆକୁଦର ଗ୍ରାମରେ ଗୋଟିଏ ଘର ଭାଙ୍ଗି ଦେଇଛନ୍ତି। ହାତୀପଲ ଉତ୍ପାତ ମଚାଉଥିବା ଅଞ୍ଚଳ ବାମେବାରୀ ଫରେଷ୍ଟ ଅଧୀନରେ ଆସୁଥିବା ବେଳେ ଏହି ପଲରେ ୧୨ଟି ହାତୀ ରହିଥିବା ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଧାନ ପାଚି ଆସୁଥିବା ସମୟରେ ହାତୀପଲ ଖମାରକୁ ପଶି ଆସୁଥିବାରୁ ବନ ବିଭାଗ କର୍ମଚାରୀମାନଙ୍କୁ ମଧ୍ୟ ନାକେଦମ ହେବାକୁ ପଡୁଛି।

## ଉଜାଡୁଛନ୍ତି ଫସଲ

**ପାଟଣା ,୨୬।୧୦(ସ୍ୱ.ପ୍ର.)–**

କେନ୍ଦୁଝର ଜିଲାରେ ବଣୁଆ ହାତୀଙ୍କ ଉପଦ୍ରବ ଥମିବାରେ ନା ଧରୁନାହିଁ। ହାତୀ ଉତ୍ପାତରେ ଗରିବ ଚାଷୀ ପ୍ରଭାବିତ ହେଉଛନ୍ତି। ଏହି ୨୩ ଝାଡ଼ଖଣ୍ଡି ହାତୀ ଚମ୍ପୁଆ ରେଞ୍ଜରେ ବ୍ୟାପକ ଧାନ ଫସଲ ନଷ୍ଟ କରିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ଜ୍ୟୋତିପୁର ଫୁଲକଁଲେଇ କଙ୍କଡା ଗ୍ରାମଦେଇ ପାଟଣା ରେଞ୍ଜ ବୈତରଣୀ ନଦୀ ପାର ହୋଇ କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିଲେ। ଶୁକ୍ରବାର ଏହି ହାତୀପଲ ପାଟଣା ରେଞ୍ଜରେ ପ୍ରବେଶ କରି ବିଳମ୍ବିତ ରାତିରେ ଡିମିରିଗୁଡାରେ ଧାନ ଫସଲ ମାଡି ଦଳି ନଷ୍ଟ କରିଦେଇଛନ୍ତି। ହାତୀପଲ ଏବେ ପାଟଣା ରେଞ୍ଜ ସାହରପଡା ବ୍ଲକ ମଙ୍ଗଳପୁର ଜଙ୍ଗଲରେ ଥିବା ସୂଚନା ମିଳିଛି। ବନବିଭାଗ ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ଖୁବ ଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ବିପର୍ଯ୍ୟୟ

**ହାଟଡିହୀ,୨୬।୧୦(ସ୍ୱ.ପ୍ର.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ହାଟଡିହୀ ବ୍ଲକ ଅନ୍ତର୍ଗତ ମରେଇଗାଁର ଗତ ୨୪ ତାରିଖ ରାତିରେ ପଦ୍ମଲୋଚନ ପଣ୍ଡା ଓ ପଞ୍ଚାନନ ପଣ୍ଡାଙ୍କ ଘର କାନ୍ଥ ଭୁଶୁଡି ପଡିଥିଲା। ଏଥିରେ ଦୁଇ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେମାନେ ତହସିଲ ପ୍ରଶାସନ ଓ ସ୍ଥାନୀୟ ଆରଆଇଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରଦକ୍ଷେପ ନିଆ ନ ଯାଇଥିବା ଅଭିଯୋଗ ହେଉଛି। ସେହିପରି ହାଟଡିହୀ ପଞ୍ଚାୟତ ଅନ୍ତର୍ଗତ ଜଳକଲଙ୍ଗ ନନ୍ଦପହି ପୋଖରୀ ପାଖ ରାସ୍ତାଟି ବୁଡିଯାଇଥିବାର ଦେଖାଯାଇଛି। ହାଟଡିହୀ ଗ୍ରାମର ମଙ୍ଗଳା ମନ୍ଦିର ଠାରୁ ହଟକେଶ୍ୱର ମନ୍ଦିର ରାସ୍ତା ରେ ଆଣ୍ଠୁଏ ପାଣି ଜମିରହିଛି। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ରାସ୍ତା ଦୁଇପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନି । ଗ୍ରାମବାସୀ ଏସମ୍ପର୍କରେ ସରପଞ୍ଚ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏଣୁ ଆନନ୍ଦପୁର ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପାଟଣା,୨୬।୧୦(ସ୍ୱ.ପ୍ର.)–କେନ୍ଦୁଝର ଜିଲା ସାହାରପଡା ବ୍ଲକ ସିଲିପଦା ଗ୍ରାମ ପଞ୍ଚାୟତ ସରସ୍ୱତୀପଡା ଗ୍ରାମର ରଜନୀ ମହାନ୍ତ ନାମ୍ନୀ ଜଣେ ମହିଳାଙ୍କ ଘର ଲଗାଣ ବର୍ଷାରେ ଶୁକ୍ରବାର ରାତିରେ ଭାଙ୍ଗିଯାଇଛି। ତାଙ୍କର ୩ ବଖରା ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ଘର ଲୋକେ ଶୋଇଥିବା ବେଳେ ଲଗାଣ ବର୍ଷା ଯୋଗୁଁ ମାଟି କାନ୍ଥ ବତୁରୀ ସମ୍ପୂର୍ଣ୍ଣ ଖସିପଡିଛି। କାନ୍ଥ ପଡି ଯିବାରୁ ଘରେ ଥିବା ୪ ଜଣ ଲୋକ ଅଳ୍ପକେ ଆସନ୍ନ ବିପଦରୁ ବର୍ତ୍ତି ଯାଇଛନ୍ତି। ଶନିବାର ସରକାରୀ ଛୁଟି ଥିବାରୁ ସାହାରପଡା ତହସିଲ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କର୍ମଚାରୀ ପ୍ରଭାବିତଙ୍କ ଘରେ ପହଞ୍ଚି ନ ଥିବା ବେଳେ ସରକାରୀ ସାହାଯ୍ୟ ମଧ୍ୟ ରଜନୀଙ୍କୁ ମିଳିପାରି ନାହିଁ। ଏହି ପରିବାରକୁ ଖୁବ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

■ଅଭିମନ୍ୟୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ପୋତାଯାଇଥିବା ମୃତଦେହକୁ ଉଦ୍ଧାର କଲା ପୋଲିସ

**ଆନନ୍ଦପୁର/ ଘସିପୁରା, ୨୬।୧୦ (ସ୍ୱ.ପ୍ର./ ଡି.ଏନ.ଏ.)**

**ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ ଜଣାପଡିବ**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅତା ଗ୍ରାମର ଅଭିମନ୍ୟୁ ନାଥ(୪୩)ଙ୍କ ମୃତ୍ୟୁକୁ ନେଇ ପୋଲିସ ସନ୍ଦେହ ପ୍ରକାଶ କରିଛି। ପରିବାର ଲୋକେ ଖୁବ୍ ତରବରିଆ ଭାବେ ତାଙ୍କ ମୃତଦେହକୁ ପୋତି ଦେଇଥିଲେ। କେଉଁ କାରଣରୁ ପରିବାର ଲୋକେ ଏପରି ପଦକ୍ଷେପ ନେଲେ ସେ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ପୋତା ଯାଇଥିବା ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଘସିପୁରା ବ୍ଲକ ଅତା ଗ୍ରାମର ଅଭିମନ୍ୟୁଙ୍କ ମୃତ୍ୟୁ ଘଟିଥିଲା। ଏହାର ଅଳ୍ପ ସମୟ ଭିତରେ ପରିବାର ଲୋକେ ଗାଁ ଶ୍ମଶାନରେ ତାଙ୍କ ମୃତଦେହକୁ ପୋତିଦେଇଥିଲେ। ହେଲେ ଅଭିମନ୍ୟୁଙ୍କ ମୃତ୍ୟୁ ସନ୍ଦେହଘେରରେ ଥିବା ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଆନନ୍ଦପୁର ଏସ୍‌ଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କଠାରୁ ଖବର ପାଇ ରାମଚନ୍ଦ୍ରପୁର ଥାନା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ମୃତଦେହ ପୋତି ଦିଆଯାଇଥିଲା। ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ପୋତାଯାଇଥିବା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଅଭିମନ୍ୟୁଙ୍କ ମୃତ୍ୟୁ ଅତ୍ୟଧିକ ମଦ୍ୟପାନ କାରଣରୁ ହୋଇଥିବା ପରିବାର ଲୋକେ କହିଛନ୍ତି। ହେଲେ ପୋଲିସ ଏହାକୁ ସହଜରେ ଗ୍ରହଣ କରିପାରିନାହିଁ। ଯଦି ମଦ ଯୋଗୁ ଅଭିମନ୍ୟୁ ଅସୁସ୍ଥ ହୋଇଥିଲେ ତାଙ୍କୁ କୌଣସି ଡାକ୍ତରଖାନାରେ ଭର୍ତ୍ତି କରାଯାଇପାରିଥାନ୍ତା । ହେଲେ ସେପରି ନ କରି ଅଭିମନ୍ୟୁଙ୍କୁ ଘରେ ରଖାଯାଇଥିଲା । ତାଙ୍କର ମୃତ୍ୟୁ ପରେ ଖୁବ୍ ତରବରିଆ ଭାବେ ମୃତଦେହକୁ ପୋତିଦେବା ସନ୍ଦେହକୁ ଅଧିକ ଘନୀଭୂତ କରିଥିଲା। ରାମଚନ୍ଦ୍ରପୁର ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ କହିଛନ୍ତି, ପୋତାଯାଇଥିବା ମୃତଦେହକୁ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ୧୭/୧୯)ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି ।

# ଭାରିଯାନ ଯୋଗୁ ୫ ଘଣ୍ଟା ଧରି ଟ୍ରାଫିକ୍ ଜାମ୍

**ଚମ୍ପୁଆ, ୨୬।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଟାଫିକ ଜାମ୍ ସମସ୍ୟା ଦୂର ହେବା ନାଁ ଧରୁନାହିଁ। ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ସୀମାରେ ଥିବା ଜୟନ୍ତୀ ପୋଲର ଉଭୟ ପାର୍ଶ୍ୱରେ ଶନିବାର ୫ ଘଣ୍ଟାଧରି ଟ୍ରାଫିକ ଜାମ ହେବା ଯୋଗୁ ଦୁଇପଟୁ ଯାନବାହନ ଅଟକି ରହିଥିଲା। ଏଥିଲାଗି ଯାତ୍ରୀମାନେ ହଇରାଣ ହୋଇଥିଲେ। ଉଲ୍ଲେଖନୀୟ ଯେ, ଏହି ରାସ୍ତାରେ ଭାରିଯାନ ନିୟନ୍ତ୍ରଣ ଉପରେ କଟକଣା କରାଯାଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ନୋ ଏଣ୍ଟ୍ରି କଟକଣା ଉଠିବା ପରେ ଉଭୟ ପାର୍ଶ୍ୱରୁ ଅନେକ ଭାରିଯାନ ଚଳାଚଳ ଆରମ୍ଭ କରିଥିଲା। ଜୟନ୍ତୀ ପୋଲ ନିକଟରେ ଟ୍ରକ ସବୁ ରାସ୍ତା ଜାମ୍‌ର ସମ୍ମୁଖୀନ ହୋଇ ଅଟକି ରହିଥିଲେ। ଉଭୟ ପାର୍ଶ୍ୱରୁ ଦୁଇ ଚକିଆ ଓ ଚାରି ଚକିଆ ଗାଡି ଉକ୍ତ ଜାମ ମଧ୍ୟକୁ ପଶିଆସି ଆଉ ବାହାରକୁ ଆସିପାରି ନ ଥିଲେ। ଏପରିକି ଟାଟା ମେଡିକାଲ ଯାଉଥିବା ଆମ୍ବୁଲାନ୍ସ ଓ ସ୍କୁଲ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ୧୦୦ ବର୍ଷର ପୁରୁଣା ଜୟନ୍ତୀ ପୋଲକୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲେ ମଧ୍ୟ ଏହା ଉପରେ ଯାନବାହନ ଚଳାଚଳ ଜାରି ରହିଛି। ଶନିବାର ଝାଡଖଣ୍ଡ ଅଞ୍ଚଳର ସାପ୍ତାହିକ ହାଟ ରହିଥିବାରୁ ଏହି ପୋଲରେ ଟ୍ରାଫିକ ଜାମ ପରିସ୍ଥିତି ଜଟିଳ ହୋଇ ପଡିଥିଲା। ପୋଲିସ ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ଉଦ୍ୟମ କରି ନୟାନ୍ତ ହୋଇଥିଲା।

# ଅସହାୟ ସ୍ଥିତିରେ ମାଟିଦୀପର କାରିଗର



ମାଟି ପାତ୍ର ନିର୍ମାଣ କରୁଥିବା କୁମ୍ଭକାର ସମ୍ପ୍ରଦାୟ।

- କୌଳିକ ବୃତ୍ତିକୁ ଆଦରି କୁମ୍ଭକାର ପରିବାର ହତାଶ
- ମିଳୁନି ପ୍ରୋତ୍ସାହନ

**ରାଇସୁଆଁ, ୨୬।୧୦ (ଡି.ଏନ.ଏ.)**

ଦୀପାବଳି ଆସିଲେ ମନେପଡେ କୁମ୍ଭକାର କଥା। କୁମ୍ଭକାର ପରିବାରଟିଏ ଦୀପାବଳି ଆସିଲେ ଲାଗିପଡେ ବିଭିନ୍ନ ପ୍ରକାରର ଦୀପ ତିଆରି କରିବାକୁ। ଦୀପାବଳିରେ ଦୀପର ଚାହିଦା ନିଆରା। ଏହି ପର୍ବରେ ମାଟି ଦୀପ ଜାଳିବା ପରମ୍ପରା ସବୁଠି ରହିଛି। ହେଲେ ବିଭିନ୍ନ ଚାଇନା ସାମଗ୍ରୀ ଏବଂ ପ୍ଲାଷ୍ଟିକ ଦୀପ ଆସିବାରୁ ମାଟି ଦୀପ ବେଉଶା ବୁଡ଼ିବାରେ ଲାଗିଛି। ଏଥିପାଇଁ କୁମ୍ଭାରମାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼େ।ଏଥି ପାଇଁ କୁମ୍ଭାରଙ୍କୁ ବହୁ କଷ୍ଟ କରି ମାଟି ଆଣି ତାକୁ ପାଣିରେ ବତୁରାଇବା ସହ ଚକଟି ବିଭିନ୍ନ ପ୍ରକାର ମାଟି ପାତ୍ର ତଥା ହାଣ୍ଡି, ପଲମ, ସୁରେଇ, ଦୀପ, ସହ ବହୁ ପ୍ରକାର ମାଟି ପାତ୍ର ତିଆରି କରି ଖରାରେ ଶୁଖାଇବା ସହ ନିଆଁରେ ପୋଡି ତାକୁ ପରିଷ୍କାର କରିବା ସହ ବଜାରକୁ ନେଇଥାନ୍ତି। ଏଥି ପାଇଁ ସେମାନଙ୍କୁ ୪ଦିନରୁ ଉର୍ଦ୍ଧ୍ୱ ପରିଶ୍ରମ କରିବାକୁ ପଡ଼ିଥାଏ। ମାତ୍ର ସେହି ଅନୁସାରେ ପାରିଶ୍ରମିକ ମିଳିନଥାଏ ବୋଲି କୁମ୍ଭକାର ପରିବାରର କେଶବ ବେହେରା କହିଛନ୍ତି। ବହୁ ପରିଶ୍ରମ ସତ୍ତ୍ୱେ ପାରିଶ୍ରମିକ କମ୍ ମିଳିଥିଲେ ବି ଆମ ସମ୍ପ୍ରଦାୟରର ଏହା ଏକ କୌଳିକ ବୃତ୍ତି ହୋଇଥିବାରୁ ଆମ୍ଭେମାନେ ଏହି କଳାକୁ ଆଦରି ନେଇଛୁ ବୋଲି ପଦ୍ମଲୋଚନ ବେହେରା କହିଛନ୍ତି। ଆଗରୁ ଆମ ପୂର୍ବପୁରୁଷ ମାନେ ଏହି ପେଶାରେ ଖୁବ ଖୁସିରେ ଜୀବନ ଜୀବିକା ନିର୍ବାହ କରି ପାରୁଥିଲେ ମାତ୍ର ଆଜିକାଲି ପ୍ଲାଷ୍ଟିକ ଦ୍ୱୀପ ପାତ୍ର ବାହାରିବା ପରେ କୁମ୍ଭାରଙ୍କ ପେଶା ବୁଡିବାକୁ ବସିଲାଣି। ଯଦି ସରକାର ସହାୟତା ଯୋଗାଇବା ସହ ଆଧୁନିକ କୌଶଳ ଯୋଗାଇ ଦିଅନ୍ତି ତାହାଲେ ବହୁ କୁମ୍ଭକାର ସମ୍ପ୍ରଦାୟର ଲୋକେ କର୍ମନିଯୁକ୍ତି ପାଇବା ସହ ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ। ପରିବେଶବିତ କେଶବ ଚନ୍ଦ୍ର ସେଠୀ ଏସମ୍ପର୍କରେ କହିଛନ୍ତି ଯେ, ପ୍ଲାଷ୍ଟିକ ପଦାର୍ଥ ପରିବେଶକୁ ପ୍ରଦୂଷିତ କରୁଛି ତେଣୁ ତାହାକୁ ବର୍ଜନ କରିବା ସାଙ୍ଗକୁ ମାଟି ପାତ୍ର ବ୍ୟବହାର କରିବା ଉଚିତ। ଫଳରେ ପରିବେଶ ପ୍ରଦୂଷିତ ହେବନାହିଁ।

# SUNDAY classifieds




## BRIDE WANTED

Hindu divorcee Teli/39 Yrs/5'6"/B.Tech/ Rs.20 Lakh PA seeks educated bride. Mob: 9900176521. D-14946

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଜାତିର ବରପାତ୍ର ପାଇଁ ଚାକିରିଆ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68208

Divorcee SC Groom TCS Engineer 36, Doctor 39 (Cast-no-bar). 7873374269. D-67097

Teli boy Bank Manager required BE/ Bank/ Govt. Employee. 9861950024. D-14950

Urgent bride requirement for Gudia groom. Occupation: Entrepreneur, DOB: 1984, Height: 5'7". Contact: 8338897404. D-14784

Son age 31, B.Tech, NIT Rourkela working in Senior Research Engineer at Delhi Govt. of India 7008986005. D-14891

Son age 31, B.Tech, CET, M.Tech, IISC Bangalore, Phd Singapore working in Jarman (caste-no-bar) 7008986003. D-14892

Looking for bride for our son, 28 Years, (5'8"), Leo, B.Tech, Karan, working at Cognizant, Kolkata. 9439916116, 9439833009. D-14951

Khandayat Boy, 1989, B.Tech, Central Govt. Class-I Officer 9437555525. D-67244

## GROOM WANTED

ବ୍ରାହ୍ମଣ, କରଣ, ଖଣ୍ଡାୟତ ଜାତିର କନ୍ୟାପାତ୍ରୀ ପାଇଁ ଚାକିରିଆ ବରପାତ୍ର ଆବଶ୍ୟକ। 7978736177. D-68209

47 ବର୍ଷ ESIC ରେ Accountant ଭାବରେ କାର୍ଯ୍ୟରତ ଥିବା ବିଧବା ଝିଅ ପାଇଁ ବରପାତ୍ର ଆବଶ୍ୟକ। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 8763284487. D-63795

Girl age 27, M.Tech NIT working in Mechanical Production Engineer Govt. of India 8144589551. D-14893

ବଙ୍ଗାଳୀ ବ୍ରାହ୍ମଣ ଝିଅ ପାଇଁ ବଙ୍ଗାଳୀ ବ୍ରାହ୍ମଣ ପୁତ୍ର ଆବଶ୍ୟକ। ବୟସ 29ବର୍ଷ। 7978287985. D-66986

Now Matrimonial ads. only on Wednesday & Sunday Book 1 Get 1 FREE




## HIRE

Required 10/12 wheelers Hyva on trip basis. 9861657726. D-66981




## SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68403

Infocity-2, Campusକୁ ଲାଗିକି 200ft Road ପାଖରେ plot ନିଅନ୍ତୁ– 8270804320. D-68411

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-14924

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

**3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse).** D-68019

Gharabari boundary electricity, plots Pipili NH side sqft.600/- monthly installment 5,000/-, simplex Sai Temple 27,40,000/- BJEM-(2) 15,80,000/- 7735738102. D-14931

**NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292.** D-68410

ସୁନ୍ଦରପଦା ହାଇଟେକ୍ ଛକପାଖରେ ଘରବାରି electricity ଥାଇ ପାଚେରି ହୋଇଥିବା ପ୍ଲଟ୍ 9337381796. D-56658

**ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834.** D-68406

New two bedroom flat with parking space at Sundarapada for sale. Price Rs. 29Lakhs. Contact- 9938810414. D-68018

**Gated plotting project near Sum Hospital and Janla Infovally square. 7008818121.** D-66796

4486sqft. Gharabari sthitiban plot for sale at Nayapalli, Maa Mahima dhaba backside. 100mtrs. distance from National Highway. (Brokers excuse) Contact: 9090908000. D-68144

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

**ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102.** D-68408

Residential and commercial plot in front of Krupajal Engineering College close to BBSR-Puri NH for sale. Gharabari converted. For details contact: 7381452871. D-6814 3

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

30' Road 5200sqft. sthitiban plot sale near Kantabada. 9938019331. D-67716

**ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689.** D-66797

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak- 9937329999 (Broker Excuse).** D-68017

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

**Plot at Bhubaneswar 1750sqft. and 3500sqft. 100meter from NH-5 Palasuni- 9040059669.** D-67096

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

"1460sqft., 3BHK Marble floor, fully furnished flat with all amenities ready for sale at Chandrama Complex, Master Canteen, Bhubaneswar. Call: 9776694573". D-14868

**Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

2600sqft. Boundary wall plan approval plot at Pokharipur, Bhubaneswar Rs.72,000,00/- 9861125539, 9040521173. D-67242

2BHK flat near Garage Chhaka, Bhubaneswar, Bhubaneswari Temple nearby. Buyer: 8328890345. D-68304




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14925

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




Single Bigroom 2nd floor for Coaching Centre/ Rent Laxmisagar. 7008920669. D-14936

1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953

3BHK flat Tankapani Road, Bhubaneswar near Jagannath Ashram, Rent-12,000/- M: 9437210980, 7978783966. D-14888




ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ଗ୍ରୁପ୍‌ଦର୍ଶନ, ଚେନ୍ନାଇ, ମଦୁରାଇ, ରାମେଶ୍ୱରମ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ତିରୁପତି ଓ ପଣ୍ଡିଚେରୀ ବିମାନରେ ଯାତ୍ରା, ୧୫ ଜାନୁୟାରୀ ୨୦୨୦, ଯୋଗାଯୋଗ: 9437090931, 7978044197. D-68303




Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Refresh your mind and soul with best therapy at Orchid Salon/Spa. 9937287222. D-66983

Kajal Ayurvedic Massage club fully relaxed by smart lady home service available- 9937637219. D-66984

Ayurvedic full body massage smart boy therapist home services available- 9937929638. D-14889

Newly open full body massage Ladies and Gents full Service- 7609923705. D-38565




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ– ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

## LOST

By virtue of an affidavit Sworn before Notary, I Abhay Kumar Das resident Jagannath Nagar, G.G.P Colony, P.S: Mancheswar informs that my Driving License is being lost elsewhere near by my residence. D-66987

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit before the Notary Public Sadar, Sundargarh I Rajen Tirkey, S/o- James Tirkey, R/o- Village- Tilla, Dist- Sundargarh do hereby declare that my Children's School Certificate my name has been mentioned as Arzu Ahmed instead of Rajen Tirkey because I have married to Rizwana Parwin. That Rajen Tirkey and Arzu Ahmed is one and the same person. D-14947

**ଡକ୍ଟରେଟ୍ ଲାଭ**



ଶ୍ରୀଯୁକ୍ତ ପ୍ରକାଶଚନ୍ଦ୍ର ସ୍ୱାଇଁ, ପିତା: ଶ୍ରୀଯୁକ୍ତ ଦ୍ୱାରିକାନାଥ ସ୍ୱାଇଁ, ମାତା: ଶ୍ରୀମତୀ ପ୍ରମିଳା ସ୍ୱାଇଁ, ଜିଲ୍ଲା: କଟକ, ଗ୍ରାମ ପଞ୍ଚାୟତ: ଅଂଲୋ–୨, ଗ୍ରାମ: ମହଙ୍ଗାପଡ଼ା (ମୂଳବାସିନ୍ଦା) ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରାପ୍ତ– ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନ: ଡକ୍ଟର ତୁଷାରକାନ୍ତ ପାଣି, ଗବେଷଣା ସନ୍ଦର୍ଭ: Retrospect and prospects of Micro Business Enterprises in regulated street vending sector in Odisha with special reference to Bhubaneswar Municipal Corporation (BMC), ଉଚ୍ଚପ୍ରଶଂସିତ: ପ୍ରଫେସର ବିଶ୍ୱମ୍ଭର ଝା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବନାରସ, ପ୍ରଫେସର: ସୁଦୀପ୍ତ ବାନାର୍ଜୀ, କୋଲକତା ବିଶ୍ୱବିଦ୍ୟାଳୟ, କୋଲକତା, ପ୍ରକାଶ ଚନ୍ଦ୍ର ସ୍ୱାଇଁ କୁହନ୍ତି, ମୋ ପିତା ଦ୍ୱାରିକା ନାଥ ଜଣେ ଦିନମଜୁରିଆ ଜୀବନ ମଧ୍ୟରେ କଷ୍ଟକର ବୃତ୍ତି ମାଧ୍ୟମରେ କୁଟୁମ୍ବ ପାଳୁଥିବା କୁଶଳୀ ସ୍ରଷ୍ଟା ଖାଲି ଯେ ମାଟିରେ ସୁନା ଫଳାନ୍ତି ତାହା ନୁହେଁ, ଉଚ୍ଚାକାଂକ୍ଷୀ ଭାବରେ ନିଜ ସନ୍ତାନକୁ ଶିକ୍ଷା ଦୀକ୍ଷାର ଶିଖରରେ ପହଞ୍ଚାଇ ପାରିବାରେ ଦକ୍ଷତା ଯେ ତାଙ୍କର ଅଛି ତାହା ଆଜି ପ୍ରମାଣିତ କରିଅଛି। ବାସ୍ତବରେ କଠୋର କର୍ତ୍ତବ୍ୟ, ନିଷ୍ପାପର ଉଦ୍ୟମ, ପ୍ରଚଣ୍ଡ ଆତ୍ମବିଶ୍ୱାସ କେବେ ବ୍ୟର୍ଥ ଯାଏ ନାହିଁ। ଯାହା ସ୍ୱଭାବତଃ ପ୍ରକାଶଙ୍କ ମଧ୍ୟରେ ପ୍ରକାଶିତ ହୋଇଛି। ତାଙ୍କ ସଫଳତା ପଛରେ ପୂଜ୍ୟଗୁରୁ ବଡ଼ଭାଇ, ସବୁଠୁ ପ୍ରିୟ ବନ୍ଧୁ ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି, ପିତା: ଦ୍ୱାରିକାନାଥ ସ୍ୱାଇଁ, ମାତା: ପ୍ରମିଳା ସ୍ୱାଇଁ, ବଡ଼ଭାଇ: ଉପେନ୍ଦ୍ର କୁମାର ସ୍ୱାଇଁ ଓ ଦିବ୍ୟରଞ୍ଜନ ଉଦୟ ସିଂହଙ୍କର ଶୁଭେଚ୍ଛା ତଥା ପ୍ରେରଣା ରହିଛି ବୋଲି ସେ ସ୍ୱୀକାର କରନ୍ତି। ଏହାଛଡ଼ା ତାଙ୍କ ସଫଳତା ପାଇଁ ଧର୍ମପତ୍ନୀ ରୋଜାଲିନ୍ ଉଦୟ ସିଂହ ସ୍ୱାଇଁ, ପୁତ୍ର: ଶ୍ରୀହାନ୍, ଶ୍ୱଶୁର ଶ୍ରୀଯୁକ୍ତ ଆର୍ତ୍ତଚନ୍ଦ୍ର ଉଦୟ ସିଂହ, ଶାଶୁ: ଶ୍ରୀମତୀ ରଞ୍ଜିତା ଉଦୟ ସିଂହଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶ୍ରଦ୍ଧେୟ ଛାତ୍ରଛାତ୍ରୀ ଅଭିଭାବକ ମଣ୍ଡଳୀ ତଥା ସହକର୍ମୀଗଣଙ୍କ ହାର୍ଦ୍ଦିକ ଅଭିନନ୍ଦନ ସାଦରେ ଗ୍ରହଣ କରିବା ପୂର୍ବକ ଧନ୍ୟବାଦ ଅର୍ପଣ କରିଛନ୍ତି। ଧ–୬୭୨୪୫

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ରୁଦ୍ର ବଳବନ୍ତରାୟ**
ଚକ୍ରତୀର୍ଥ ରୋଡ୍, ପୁରୀ
ଆଜି ଜନ୍ମଦିନ ଅବସରରେ ସମସ୍ତ ବନ୍ଧୁ ଏବଂ ପରିବାର ତରଫରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ୍ଭର ଦୀର୍ଘାୟୁ କାମନା କରୁଅଛୁ।
**ଶୁଭେଚ୍ଛା ସହ**
ଭାରତୀ, ଶମ୍ଭୁ, ଅଜା, ଆଈ, ଜେଜେ, ଜେଜେମା'। ଧ–୬୪୦୯୭

**Birthday Wish**



**Krishna Rani**
**Nimapada**
Wishing you a day filled with happiness and a year filled with joy. Happy birthday !....
**Best wishes from:**
Gunu & Family D-14952

**ଜନ୍ମଦିନ ଶୁଭେଚ୍ଛା**



**ଝରଣା ରାଉତରାୟ (ରୋଜି)**
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ରୁବି, ବାପୁନ୍, ଆକାଶ, ଆଶିଷ, ସିବାନୀ, ବବି, ଚିଣ୍ଟୁ, ଲିଜି। ଧ–୧୪୯୪୯

**ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ ଦିବ୍ୟାଂଶୁ (ସାହିଲ)**
ଜୟପୁର, ନାରକୋଣା ରାଜନଗର, କେନ୍ଦ୍ରାପଡ଼ା
କାର୍ତ୍ତିକ ୨୮ ତାରିଖ ସୋମବାର ତୋର ପ୍ରଥମ ଜନ୍ମବାର୍ଷିକରେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ଅଶେଷ କୃପାରୁ ତୋର ଭବିଷ୍ୟତ ଜୀବନ ସୁଖମୟ ହେଉ ଏହାହିଁ ଆମର ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା । **ଶୁଭେଚ୍ଛା ସହ:–**
ଜେଜେ, ମା', ଅଜା, ଆଈ, ବାବା, ମାମା, ବନ୍ଧୁ ଓ ପରିବାରବର୍ଗ। ଧ–୧୪୯୪୫

**Birthday Wish**



**Manas kumar**
Wishing you a day filled with Happiness and a year filled with joy. Happy Birthday and God bless you. With best compliments from- U.M.Vision D-68150

**CLASSIFIED BOOKING STATIONS**

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

# ମନେ ପଡ଼ନ୍ତି

**୭ମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରବି ନାରାୟଣ ଦାସ**
ଷ୍ଟେଶନରୋଡ୍, ଢେଙ୍କାନାଳ
ଆବିର୍ଭାବ: ୧୪।୧୨।୧୯୩୦
ତିରୋଧାନ: ୧୩।୧୧।୨୦୧୨
ପୂଜ୍ୟବାବା ଆପଣ କୁହନ୍ତି କର୍ମ ହିଁ ଭଗବାନ। ଏହି ମନ୍ତ୍ର ହିଁ ଆମର ପ୍ରେରଣା।
**ଶୋକସନ୍ତପ୍ତ**
ଦାସ ପରିବାର । ଧ–୬୬୮୨୮

**୧୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଚିତ୍ତରଞ୍ଜନ ସାମନ୍ତସିଂହାର**
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୨୬।୦୨।୧୯୬୬
ତିରୋଧାନ: ୨୧।୧୦।୨୦୦୬
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ଧ–୧୪୯୨୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରାଚୀ ପ୍ରିୟଦର୍ଶିନୀ ପଟ୍ଟନାୟକ**
୧୧୨, ଶହୀଦନଗର, ଭୁବନେଶ୍ୱର
ଆବିର୍ଭାବ: ୧୨।୦୩।୧୯୭୭
ତିରୋଧାନ: ୦୬।୧୧।୨୦୧୮
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ତୁମର ପ୍ରଥମବର୍ଷ ଶ୍ରାଦ୍ଧରେ ଆମ୍ଭେ ସମସ୍ତ ପରିବାରବୃନ୍ଦ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ।
**ଶୋକସନ୍ତପ୍ତ**
ବାବି, ରୀନା, ବାବୁ ଓ ଆଚାର୍ଯ୍ୟ ପରିବାର । ଧ–୬୬୧୯୮

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭବାନନ୍ଦ ମିଶ୍ର**
ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ
ପ୍ରାକ୍ତନ ପ୍ରଧାନ ଶିକ୍ଷକ, ୟୁନିଟ୍–୯
L.I.G- 287, Brit Colony
Nayapalli
ଆବିର୍ଭାବ: ୦୨।୧୧।୧୯୪୨
ତିରୋଧାନ: ୧୨।୧୧।୨୦୧୨
ଶିକ୍ଷା ଆକାଶର ଶାନ୍ତି କପୋତ ଦିଗ୍‌ବଳୟେ ଗଲ ଲୁଚି, ଅଧୁରା ରହିଛି ତୁମର କରମ ସାରିବା ପାଇଁ କି ଆଶୀଷ ଦିଅହେ ବିଞ୍ଚି।
**ଶ୍ରଦ୍ଧାଞ୍ଜଳି ସହ:**
ତୁମର ସ୍ନେହାଶୀର୍ବାଦଭିକ୍ଷୁ ପରିବାରବର୍ଗ ଧ–୬୭୭୧୭

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶୈଳବାଳା ମିଶ୍ର**
ଗ୍ରାମ: ବାମଦେଇପୁର, କାକଟପୁର, ଜି: ପୁରୀ
ଆବିର୍ଭାବ: ୦୮।୦୪।୧୯୩୬
ତିରୋଧାନ: ୦୧।୧୧।୨୦୦୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ହତଭାଗ୍ୟ ସ୍ୱାମୀ, ପୁତ୍ର, ପୁତ୍ରବଧୂମାନେ, କନ୍ୟା, ଜ୍ୱାଇଁମାନେ ଓ ନାତି, ନାତୁଣୀମାନେ। ଧ–୬୭୭୧୮

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



❝ ଭିତ୍ତିଭୂମି ବିକାଶରେ ଭାରତ ଅଗାମୀ ପାଞ୍ଚ ବର୍ଷରେ ୧.୪ ଟ୍ରିଲିୟନ ଡଲାର ବିନିଯୋଗ କରିବା ନେଇ ସରକାରଙ୍କ ଯୋଜନା ରହିଛି।
– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ



❝ ଆମର ଡିଜିଟାଲ ଇକୋସିଷ୍ଟମର ଦୃଢ଼ୀକରଣ ଲାଗି ଷ୍ଟ୍ରାଟେଜିକ ପାର୍ଟନରଙ୍କଠାରୁ ଦୃଢ଼ ସମର୍ଥନ ଲାଭ କରିଛୁ।
– ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ

## ସଂକ୍ଷେପରେ

### ଧନତେରସରେ ୧୫ ହଜାରରୁ ଊର୍ଦ୍ଧ୍ୱ କାର ଡେଲିଭରି



**ନୂଆଦିଲ୍ଲୀ,୨୬-୧୦:** ମାନ୍ଦାବସ୍ଥା ସତ୍ତ୍ୱେ ଚଳିତବର୍ଷ ଅଟୋମୋବାଇଲ କମ୍ପାନୀଗୁଡିକ ଧନତେରସରେ ଭଲ କାରବାର ହାସଲ କରିଥିବା ଜଣାପଡ଼ିଛି। ହ୍ୟୁଣ୍ଡାଇ ମୋଟର୍ସ, କିଆ ମୋଟର୍ସ ଏବଂ ଏମ୍‌ଜି ମୋଟର୍ସ ଭଳି ବିଭିନ୍ନ କାର କମ୍ପାନୀ ଡେଲିଭରି ପ୍ରଦାନ କରିଛନ୍ତି। ଧନତେରସରେ ସାମଗ୍ରୀ କିଣିବା ଶୁଭ ବୋଲି ବିଶ୍ୱାସ ରହିଥିବା ବେଳେ ଏହି ଦିନ ସାଧାରଣତଃ ଲୋକମାନେ ଅନେକ ସଂଖ୍ୟାରେ ଡେଲିଭରି ନେବା ପସନ୍ଦ କରିଥାନ୍ତି। ହ୍ୟୁଣ୍ଡାଇ ମୋଟର୍ସ ଗ୍ରୁପ ଅଫ୍ କମ୍ପାନୀର କିଆ ମୋଟର୍ସ ପକ୍ଷରୁ ଶୁକ୍ରବାର ୨,୧୮୪ କିଆ ସେଲଟସ୍ ଡେଲିଭରି ଦିଆଯାଇଥିବା ସୂଚନା ରହିଛି। ସେହିଭଳି ୭୦୦ ହେକ୍ଟର ମଡେଲ ଡେଲିଭରି ହୋଇଥିବା ଏମ୍‌ଜି ମୋଟର୍ସ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ୨୦୦ କାର କେବଳ ଦିଲ୍ଲୀ-ଏନ୍‌ସିଆରରେ ହୋଇଛି। ଏହି ଦିନ ବିକ୍ରିରେ ବେଶ ଉନ୍ନତି ହୋଇଥିବା ମାରୁତି ସୁଜୁକି ଇଣ୍ଡିଆ ପ୍ରକାଶ କରିଛି। ମାତ୍ର କେତେ ୟୁନିଟ ଯାନ ବିକ୍ରି ହୋଇଛି କମ୍ପାନୀ ସେ ନେଇ କୌଣସି ସୂଚନା ଦେଇନାହିଁ। ପାର୍ବଣରେ ସାରା ଦେଶରେ ୨୦୦ ମର୍ସିଡିଜ ଡେଲିଭରି ହୋଇଛି। କେବଳ ମୁମ୍ବାଇରେ ୧୨୫ ଏବଂ ଗୁଜରାଟରେ ୭୪ ଡେଲିଭରି ହୋଇଛି।

### ସୋନି ପକ୍ଷରୁ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୨୬-୧୦:** ସୋନି ଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ଗ୍ରାହକଙ୍କ ଲାଗି ପ୍ରତିବର୍ଗରେ ନୂଆ ପ୍ରଡକ୍ଟ, ପ୍ରମୁଖ ପ୍ରଡକ୍ଟ ମଡେଲ ଉପରେ ଆକର୍ଷଣୀୟ ରିହାତି, ବଛାବଛା ପ୍ରଡକ୍ଟ କ୍ରୟ କ୍ଷେତ୍ରରେ ନିଶ୍ଚିତ ଉପହାର ପ୍ରଦାନ କରୁଛି। ବ୍ରାଭିଆ ଟେଲିଭିଜନ, ଆଲ୍ଫା କ୍ୟାମେରା ଲେନ୍ସ, ସାଉଣ୍ଡ ବାର, ପାର୍ଟି ସ୍ପିକର, ହେଡଫୋନ, ବ୍ଲୁଟୁଥ୍ ସ୍ପିକର କ୍ଷେତ୍ରରେ ନୂଆ ପ୍ରଡକ୍ଟ ଆସିଛି। ପାର୍ବଣରେ ଗ୍ରାହକ ସନ୍ତୁଷ୍ଟିକୁ ଧ୍ୟାନରେ ରଖି କମ୍ପାନୀ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ କରାଉଥିବା ଏହା କହିଛି। ଗ୍ରାହକଙ୍କୁ ପ୍ରମୋଶନାଲ ସ୍କିମ ଏବଂ ବିଭିନ୍ନ କମ୍ପାନୀର ଫାଇନାନ୍ସ ସୁବିଧା ପ୍ରଦାନ କରାଯାଉଛି। ପ୍ରିମିୟମ ପ୍ରଡକ୍ଟ ଅଭିଜ୍ଞତା ଏବଂ ସର୍ବୋତ୍ତମ ଟେକ୍ନୋଲୋଜି ପ୍ରଦାନ ଦିଗରେ ସୋନି ସର୍ବଦା କାର୍ଯ୍ୟ କରୁଥିବା କମ୍ପାନୀର ଏମ୍‌ଡି ସୁନୀଲ ନାୟାର କହିଛନ୍ତି।

# ମାନ୍ଦାବସ୍ଥା ଯୋଗୁ କମିଲା ରେଳୱେର ରାଜସ୍ୱ

**ନୂଆଦିଲ୍ଲୀ,୨୬-୧୦**



■ ପାସେଞ୍ଜରରେ ୧୫୫ କୋଟି, ମାଲ ପରିବହନ ରାଜସ୍ୱ ୩୯୦୧ କୋଟି ହ୍ରାସ

■ ଦ୍ୱିତୀୟ ତ୍ରୈମାସରେ ଟିକେଟ ବୁକିଂ ୧.୨୭% କମିଛି

■ ସ୍ଥିତି ସମ୍ଭାଳିବା ଲାଗି ୧୭ ଜୋନକୁ ରେଳ ବୋର୍ଡର ଚିଠି

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହାର ପ୍ରଭାବ ରେଲୱେ ଉପରେ ପଡିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ପାସେଞ୍ଜର ଏବଂ ମାଲ ପରିବହନ ବର୍ଗରେ ରେଲୱେ ରାଜସ୍ୱ ଯଥାକ୍ରମେ ୧୫୫ ଏବଂ ୩୯୦୧ କୋଟି ଟଙ୍କା ହ୍ରାସ ଘଟିଛି। ଏହାର ପୂର୍ବ ତ୍ରୈମାସ ତୁଳନାରେ ଏହି ରାଜସ୍ୱ ହ୍ରାସ ଘଟିଥିବା ସୂଚନା ଅଧିକାର ତଥ୍ୟରୁ ଏହା ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶର ନିମୁଚ୍ ବାସିନ୍ଦା ଶେଖର ଗୌର ରେଲୱେ ରାଜସ୍ୱକୁ ନେଇ ଏକ ଆର୍‌ଟିଆଇ ଆବେଦନ କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ରେଲୱେ ପାସେଞ୍ଜର ଭଡା ବାବଦକୁ ୧୩,୯୮.୯୨ କୋଟି ଟଙ୍କା ଲାଭ ରାଜସ୍ୱ ହାସଲ କରିଥିଲା। ଏହା ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ୧୩,୨୪୩.୮୧ କୋଟି ଟଙ୍କାକୁ ହ୍ରାସ ଘଟିଛି।

ସେହିଭଳି ଚଳିତ ବର୍ଷ ପ୍ରଥମ ତ୍ରୈମାସରେ ମାଲ ପରିବହନ ବାବଦକୁ ରେଲୱେ ୨୯,୨୬୬.୯୨ କୋଟି ଟଙ୍କା ରାଜସ୍ୱ ପାଇଥିଲା। ଏହା ଦ୍ୱିତୀୟ ତ୍ରୈମାସରେ ୨୫,୧୬୫.୧୩ କୋଟି ଟଙ୍କାକୁ ଖସି ଆସିଛି। ଟିକେଟ ବୁକିଂ ଉପରେ ମଧ୍ୟ ମାନ୍ଦାବସ୍ଥାର ପ୍ରଭାବ ଦେଖା ଦେଇଥିବା ଜଣାପଡିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ଏପ୍ରିଲଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ବୁକିଂ ୧.୨୭% କମିଛି। ଏହାବାଦ ସବ୍‌ଅର୍ବାନ ରେଳ ଯାତ୍ରା ସମାନ ସମୟରେ ୧.୧୩% ହ୍ରାସ ଘଟିଥିବା ଆର୍‌ଟିଆଇ ତଥ୍ୟରୁ ସାମ୍ନାକୁ ଆସିଛି। ମାନ୍ଦାବସ୍ଥା ପ୍ରଭାବକୁ ହ୍ରାସ କରିବା ଲାଗି ରେଲୱେ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ଏହା ମାଲ ପରିବହନ ଟ୍ରାଫିକ ଉପରେ ଲାଗୁ ହେଉଥିବା ବିଜି ରିଜନ ସରଚାର୍ଜକୁ ରେଲୱେ ଉଠାଇ ଦେଇଛି।

ଏହା ଏୟାର କଣ୍ଡିସନ ଚେୟାର କାର ଏବଂ ଏକଜିକ୍ୟୁଟିଭ୍ କାର ସିଟିଂ ଉପରେ ୨୫% ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ଆରମ୍ଭ କରିଛି। ୩୦ ବର୍ଷ ପୁରୁଣା ଡିଜେଲ ଇଞ୍ଜିନଗୁଡିକୁ ବାଦ ଦେବା ଲାଗି ଯୋଜନା ରହିଛି। ସେହିଭଳି ଇନ୍ଧନ ବିଲ୍ ହ୍ରାସ, ଅଣ ଭଡା ରାଜସ୍ୱ ବୃଦ୍ଧି, ଜମିର ମୁଦ୍ରାକରଣ ଭଳି ବିଭିନ୍ନ ପ୍ରସଙ୍ଗକୁ ଏବେ ରେଲୱେ ଗୁରୁତ୍ୱ ଦେଉଛି। ମାନ୍ଦାବସ୍ଥା ବିରୋଧରେ ଲଢିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ରେଳ ବୋର୍ଡ ଏହାର ୧୭ ଜୋନକୁ ଚିଠି ଲେଖିଥିଲା। ମାଲ ପରିବହନ କ୍ଷେତ୍ରରେ ହ୍ରାସ ହେବା ଏବେ ରେଲୱେ ଲାଗି ଏକ ଚିନ୍ତାର କାରଣ ପାଲଟିଛି। ବର୍ଷା କୋଇଲା ପରିବହନକୁ ପ୍ରଭାବିତ କରିଥିବା ବେଳେ ମାନ୍ଦାବସ୍ଥା ଇସ୍ପାତ ଏବଂ ସିମେଣ୍ଟ କ୍ଷେତ୍ରକୁ କ୍ଷତିଗ୍ରସ୍ତ କରିଛି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ପଦକ୍ଷେପ ନିଆଯାଉଥିବା ବେଳେ ରାଜସ୍ୱ କ୍ଷତିକୁ ଭରଣା କରିବା ଲାଗି ରେଲୱେ ଶୀଘ୍ର ସକ୍ଷମ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ହିରୋର କ୍ୟାମ୍ପସ ଚ୍ୟାଲେଞ୍ଜ


**ନୂଆଦିଲ୍ଲୀ,୨୬-୧୦**

ହିରୋମୋଟୋ କର୍ପ ପକ୍ଷରୁ ହିରୋ କ୍ୟାମ୍ପସ ଚ୍ୟାଲେଞ୍ଜର ପଞ୍ଚମ ସଂସ୍କରଣ ପାଇଁ ଆବେଦନପତ୍ର ଆହ୍ୱାନ କରାଯାଉଛି। ଇତିମଧ୍ୟରେ ଏଥି ଲାଗି ୫୦୦ରୁ ଅଧିକ ଆବେଦନ ଆସିଛି। ଏହାର ପଞ୍ଜୀକରଣ ଆସନ୍ତା ମାସ ୯ରେ ଶେଷ ହେବ। ଶିକ୍ଷାର୍ଥୀଙ୍କୁ ନିଜ ସୃଜନଶୀଳ ପ୍ରତିଭାର ପରିଚୟ ଦେବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗତ ୪ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ୪୦ ହଜାରରୁ ଅଧିକ ବିଜନେସ ଏବଂ ଇଞ୍ଜିନିୟରିଂ ଶିକ୍ଷାର୍ଥୀ ମାନେ ଅଂଶ ଗ୍ରହଣ କରିଛନ୍ତି। ଦେଶର ଭବିଷ୍ୟତ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପେସାଦାରଙ୍କ ସହ ସମ୍ପର୍କ ଯୋଡିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ହିରୋମୋଟୋ କର୍ପର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ତଥା ସାମାଜିକ ଦାୟିତ୍ୱବୋଧ ତଥା ସୂଚନା ଅଧିକାରୀ ବିଜୟ ସେଠୀ କହିଛନ୍ତି। ଏଥିରେ ବିଜେତାଙ୍କୁ ୨୩ ଏବଂ ରନର୍ସଅପଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ହିରୋମୋଟୋ କର୍ପରେ ପ୍ରିପ୍ଲେସମେଣ୍ଟ ସୁବିଧା କରାଯିବ।

# ସିଣ୍ଡିକେଟ୍ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ

**ଭୁବନେଶ୍ୱର, ୨୬-୧୦**

ସିଣ୍ଡିକେଟ୍, ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ବିଶ୍ୱନାଥ ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହାସହ ସେ ଓଡ଼ିଶାର ଉପ-ଆଞ୍ଚଳିକ ପ୍ରବନ୍ଧକ ଦାୟିତ୍ୱ ମଧ୍ୟ ତୁଲାଇବେ। ପଶ୍ଚିମବଙ୍ଗ ଜନ୍ମିତ ଶ୍ରୀ ଦାସ ୧୯୯୦ ମସିହାରେ ବ୍ୟାଙ୍କରେ ଯୋଗ ଦେଇଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟରେ ଯୋଗଦେବା ପୂର୍ବରୁ ସେ ଲକ୍ଷ୍ନୌସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟରେ ସାମାଜିକ ଏବଂ ଅର୍ଥନୈତିକ ବୃଦ୍ଧି ନିମନ୍ତେ କୃଷି, ଏମ୍‌ଏସ୍‌ଏମ୍‌ଇ ଅଧୀନସ୍ଥ ଯୋଜନାଗୁଡିକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।




# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆନ୍ଧ୍ର ବ୍ୟାଙ୍କର ସହାୟତା

**ଭୁବନେଶ୍ୱର,୨୬-୧୦**

ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ଆନ୍ଧ୍ର ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜେ. ପାକିରିସାମୀ ୩.୫୮ କୋଟି ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପ୍ରଦାନ କରିଛନ୍ତି। ଫନୀ ପ୍ରଭାବିତଙ୍କ ଥଇଥାନ ନିମନ୍ତେ ବିଭିନ୍ନ କାର୍ଯ୍ୟକୁ ସେ ପ୍ରଶଂସା କରିଛନ୍ତି। ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ କେ.ଭି.ଭି.ଏନ୍.ଏସ୍. ରାମମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।


**नालको NALCO**
**National Aluminium Company Limited**
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :

**1- NIT No. OMC-5114**
**Name of the work:** Flue Wall Scrapping and Finishing of Anode Baking Furnace-I.

**2- NIT No. OMC-5117**
**Name of the work:** Operational Assistance for Green Anode Plant-II ( For Package-A) and Green Scrap Feeding and Operational Assistance for Green Anode Plant-I (For package-B)

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in
**DGM (Mech.)-T&C**

See Career Appointment on every Wednesday & Saturday

**CORRIGENDUM TO TENDER ADVERTISEMENT NO.498, Dt.16.10.2019**
**(HIRING FOR VEHICLE OF MHT-2 CHC BINKA)**
With reference to the above advertisement in daily odia Sambad and Dharitri paper on Date: 17.10.2019 the last date of submission of technical and financial bid is extended to 01.11.2019. 02.00 P.M. and bid will be open on date: 01.11.2019 at 03.00 P.M. For detail information and documents please visit **www.subarnapur.nic.in.** The authority has reserve the right to cancel the whole process without any notice.
**Sd./-**
**MO I/C**
**CHC, Binka**

**OFFICE OF THE PRINCIPAL, S.C.S. AUTONOMOUS COLLEGE, PURI**
**No. 4253** **DATE. 26.10.2019**
**TENDER CALL NOTICE**
Sealed Tenders are invited from interested reputed registered firms/ authorized suppliers having valid up-to-date GST/ IT Clearance Certificate alongwith Dealership Certificate for supply of articles/ equipments of reputed make, so as to reach the undersigned on or before 14.11.2019 by 3.00 P.M. by Regd./ Speed Post.
For details, visit the college website: **www.scscollege.nic.in**
**Sd./- Principal**
**S.C.S. (A) College, Puri**


# ୟୁବିଆଇର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୬-୧୦**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାହକଙ୍କ ନିକଟରେ ବ୍ୟାଙ୍କର ସବିଶେଷ ପ୍ରଡକ୍ଟ ପହଞ୍ଚାଇବା ଲକ୍ଷ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ୫୦୦ ଗ୍ରାହକ ଅଂଶ ଗ୍ରହଣ କରିଥିଲେ। ଏହାକୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉଦଘାଟନ କରିଥିଲେ। ବ୍ୟାଙ୍କର ଏମ୍‌ଡି ଅଶୋକ କୁମାର ପ୍ରଧାନ ଏଥିରେ ଯୋଗ ଦେଇଥିଲେ। ଉଦ୍ୟୋଗୀଙ୍କୁ ସମସ୍ୟା ବିହୀନ ଋଣ ଯୋଗାଣ ଉପରେ ଷଡଙ୍ଗୀ ଏଥିରେ ଗୁରୁତ୍ୱାରୋପ କରିଥିଲେ। ରାଜକିଶୋର ନାୟକ ଏଥିରେ ବ୍ୟାଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ୪୯.୯୫ କୋଟି ଟଙ୍କାର ଋଣ ପତ୍ର ଏଥିରେ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ରତିକାନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ ଅତିଥି ମାନେ ଏଠାରେ ଯୋଗ ଦେଇଥିଲେ।

# ଆଲ୍ଲାହାବାଦ ବ୍ୟାଙ୍କର କଷ୍ଟମର ଆଉଟରିଚ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬-୧୦**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଯାଜପୁର ଟାଉନ ବିରଜା ମଣ୍ଡପଠାରେ କଷ୍ଟମର ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦ କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ସତୀଶ କୁମାର ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ଆଞ୍ଚଳିକ ମୁଖ୍ୟ ସନ୍ଦିପ କୁମାର ଘୋଷାଲ, ଯାଜପୁର ଜିଲା ମୁଖ୍ୟ ପ୍ରବନ୍ଧକ ଦିଲୀପ କୁମାର ପଟେଲ, ନାବାର୍ଡର ଡେବିଟ ପ୍ରବନ୍ଧକ ସୁବ୍ରତ କୁମାର ସାହୁ ଏଥିରେ ଯୋଗ ଦେଇଥିଲେ। ଏଥିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ବିତ୍ତ ପ୍ରତିଷ୍ଠାନଗୁଡିକ ଯୋଗ ଦେଇଥିଲେ। ଏଥିରେ ପ୍ରଥମ ଦିନରେ ୧୨୦୦ ହିତାଧିକାରୀଙ୍କୁ ୩୦.୧୨ କୋଟି ଟଙ୍କାର ଋଣ ମଞ୍ଜୁରୀ କରାଯାଇଛି।



ସେହିଭଳି ଦ୍ୱିତୀୟ ଦିନରେ ୧୯.୯୮ କୋଟି ଟଙ୍କା ମଞ୍ଜୁରୀ ପ୍ରଦାନ କରାଯାଇଛି। ଦ୍ୱିତୀୟ ଦିନରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଯୋଗ ଦେଇ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ।


**CLASSIFIED DISPLAY**
**ALL EDITION - B/W (Everyday)**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
**ବାବା ଆମିଲ ସୁଫି**
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କେଟିଂ, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Bhagyalaxmi Finance**
Reg No. U6519TN198PLC00855
ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କେସିଙ୍ଗା**
(ଗ୍ରାମ ପଞ୍ଚାୟତ ଶାଖା)
**ସଂଖ୍ୟା.୩୨୨୫** **ତା:୨୫।୧୦।୨୦୧୯**
**ନୋଟିସ**
**ବିଷୟ - ଦୋକାନ ଗୃହର ମାସିକ ଭଡା ବାବଦରେ ଟଙ୍କା ପୈଠ ନ କରିବା ସମ୍ବନ୍ଧେ**
ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, କେସିଙ୍ଗା ପଞ୍ଚାୟତ ସମିତି ଦ୍ୱାରା ଆପଣମାନେ ପାଇଥିବା ଦୋକାନ ଗୃହଗୁଡିକର ବକେୟା ନିମ୍ନ ପ୍ରକାରରେ ପୈଠ କରିନାହାନ୍ତି, ଯାହାକି ଆପଣମାନେ କରିଥିବା ଚୁକ୍ତିନାମା/ସର୍ତ୍ତାବଳୀ ସମ୍ପୂର୍ଣ୍ଣ ଉଲଂଘନ ଅଟେ। ଏଣୁ ଆପଣମାନଙ୍କୁ ଅନୁରୋଧ, ଏହି ନୋଟିସ ପ୍ରାପ୍ତିର ୧୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ବକେୟା ଭଡା (ଟଙ୍କା) ପରିଶୋଧ କରିବା ହେବେ, ଅନ୍ୟଥା ଚୁକ୍ତିନାମା ଉଲଂଘନ ଅଭିଯୋଗରେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

| ଗୃହ ନଂ. | ନାମ | ବକେୟା ଟଙ୍କା |
|---|---|---|
| ୧ | ପରମେଶ୍ୱର ଦୀପ | ଟ.୩୪,୫୦୦/- |
| ୨ | ଧବଳେଶ୍ୱର ସାହୁ | ଟ.୬୧,୦୦୦/- |
| ୩ | ଗୁରୁବାରୁ ବାଗ | ଟ.୪୬,୫୦୦/- |
| ୪ | ଚନ୍ଦ୍ରକାନ୍ତ ତାଣ୍ଡି | ଟ.୨୨,୦୦୦/- |
| ୫ | ରମାକାନ୍ତ ଗଉଡ | ଟ.୬୨,୦୦୦/- |
| ୬ | ସନ୍ତୋଷ କୁମାର ପ୍ରଧାନ | ଟ.୧୫,୦୦୦/- |
| ୭ | ଲାଲବାହାଦୁର ଗୁରୁମ | ଟ.୨୫୦୦/- |
| ୮ | ସଞ୍ଜୟ କୁମାର | ଟ.୭୭,୫୦୦/- |
| ୯ | ରାଜୁ ବନଛୋର | ଟ.୧୬,୦୦୦/- |
| ୧୦ | ନିଳାଞ୍ଚଳ ମହଲା | ଟ.୫୩,୦୦୦/- |
| ୧୧ | ବିରବିଚନ୍ଦ୍ର ଜୈନ | ଟ.୫୨,୫୦୦/- |
| ୧୨ | ସୂରଜଭାନୁ ଅଗ୍ରୱାଲ | ଟ.୧୫,୦୦୦/- |
| ୧୩ | ଶ୍ରୀମତୀ ଆଶାବଳୀ ମହାନନ୍ଦ | ଟ.୭୧,୫୦୦/- |
| ୧୪ | ଶ୍ରୀମତୀ କାନ୍ତି ମାଝୀ | ଟ.୭୨,୫୦୦/- |
| ୧୫ | ନିତ୍ୟାନନ୍ଦ ମାଝୀ | ଟ.୧୯,୦୦୦/- |
| ୧୬ | ବୈଷ୍ଣବ ମାଝୀ | ଟ.୧,୦୨,୫୦୦/- |
| ୧୭ | ଟିକେମନ ମାଝୀ | ଟ.୯୭,୫୦୦/- |
| ୧୮ | ଶ୍ରୀମତୀ କ୍ଷିରବତି କୁମାର | ଟ.୧,୦୨,୫୦୦/- |
| ୧୯ | କବିର ମାଝୀ | ଟ.୧,୦୨,୫୦୦/- |
| ୨୦ | ଧରମଦାସ ନାଗ | ଟ.୧,୦୨,୫୦୦/- |
| ୨୧ | ନରସିଂହ ତାଣ୍ଡି | ଟ.୫୪,୦୦୦/- |
| ୨୨ | ରୂପାଧର ବିଭାର | ଟ.୧୧,୯୦୦/- |
| ୨୩ | ଚକ୍ର ମାଝୀ | ଟ.୧,୦୨,୫୦୦/- |

**ସ୍ୱା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ, କେସିଙ୍ଗା**



ବିଶ୍ୱ ବକ୍ସିଂ ପରିଷଦକୁ ଆଇଓସିର ବାସନ୍ଦ ନିଷ୍ପତ୍ତି ଉଭୟ ଆମେଚର ଓ ପ୍ରଫେସନାଲ ବକ୍ସିଂ ଉପରେ ଗଭୀର ପ୍ରଭାବ ପକାଇବ ।
–ଟାଇସନ ଫ୍ୟୁରୀ, ବ୍ରିଟିଶ ହେଭିୱେଟ୍ ବକ୍ସିଂ ଷ୍ଟାର



ଆଇ–ଲିଗ୍ ଖେଳିବା ଦ୍ୱାରା ମୁଁ ଅସାଧାରଣ ଅନୁଭୂତି ହାସଲ କରିଛି, ଏହା ମୋ ଖେଳର ଉନ୍ନତିରେ ବିଶେଷ ସହାୟ ହୋଇଛି ।
– ଥୋଇବା ସିଂ ମୋଇରାଙ୍ଗଥେମ୍
ଭାରତୀୟ ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

### ଅବୈଧ ବୋଲିଂ ଆକ୍ସନ ଲାଗି ୩ ବୋଲରଙ୍କୁ ବାସନ୍ଦ

**ଦୁବାଇ, ୨୬।୧୦:** ଅଷ୍ଟ୍ରେଲିଆରେ ହେବାକୁ ଥିବା ୨୦୨୦ ଆଇସିସି ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ୟୁଏଇରେ ଅନୁଷ୍ଠିତ ହେଉଛି। ତେବେ ଏହି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଅବସରରେ ଅବୈଧ ବୋଲିଂ ଆକ୍ସନ ଲାଗି ଆଇସିସି ୩ ଜଣ ବୋଲରଙ୍କୁ ବୋଲିଂ କରିବାରୁ ବାସନ୍ଦ କରିଛି। ଏହି ୩ ଜଣ ବୋଲର ହେଲେ ସିଙ୍ଗାପୁରର ସେଲଡୋରେ କୁମାର, ସ୍କଟ୍‌ଲାଣ୍ଡର ଟିମ୍ ସୋଲେ ଓ ନାଇଜେରିଆର ଆବିଓଡୁନ ଆବିଓୟେ। ସ୍କଟ୍‌ଲାଣ୍ଡ ବିପକ୍ଷ ମ୍ୟାଚ୍ ଅବସରରେ ସିଙ୍ଗାପୁରର କୁମାରଙ୍କ ବୋଲିଂ ଶୈଳୀ ଆଇସିସି ନିୟମ ବିରୋଧରେ ରହିଥିଲା। ସେହିଭଳି କେନିଆ ବିପକ୍ଷ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡର ସୋଲେଙ୍କ ବୋଲିଂ ଶୈଳୀକୁ ନେଇ ଅମ୍ପାୟର ରେଫରିଙ୍କ ନିକଟରେ ରିପୋର୍ଟ କରିଥିଲେ। ଗତ ୨୧ରେ ନାଇଜେରିଆ ଓ କାନାଡା ମଧ୍ୟରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚ୍ ସମୟରେ ଆବିଓୟେଙ୍କ ବୋଲିଂ ଶୈଳୀ ଅବୈଧ ରହିଥିଲା ବୋଲି ଆଇସିସି ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଏହି ୩ ବୋଲରଙ୍କ ବୋଲିଂ ଶୈଳୀର ଭିଡିଓ ଇଭେଣ୍ଟ ପ୍ୟାନେଲ ନିକଟକୁ ରିଭ୍ୟୁ ପାଇଁ ପଠାଯାଇଥିଲା। ସେଠାରେ ଏମାନଙ୍କ ବୋଲିଂ ଶୈଳୀ ଆଇସିସି ନିୟମ ବିରୋଧରେ ରହିଥିଲା। ଫଳରେ ଆଇସିସିର ଧାରା ୬.୭ ଅନୁଯାୟୀ ସେମାନଙ୍କୁ ବୋଲିଂରୁ ବାସନ୍ଦ କରାଯାଇଛି। ଏହି ୩ଜଣ ବୋଲର ସେମାନଙ୍କ ବୋଲିଂ ଆକ୍ସନ ସୁଧାରି ଆଇସିସି ଟେଷ୍ଟିଂ ସେଣ୍ଟରରୁ ସବୁଜ ସଙ୍କେତ ପାଇବା ପରେ ଜାତୀୟ ଦଳ ପକ୍ଷରୁ ବୋଲିଂ କରିବାର ଅନୁମତି ପାଇବେ।

# ପ୍ରଥମ ବିଜୟ ଲକ୍ଷ୍ୟରେ ଚେନ୍ନାଇନ

ଇଣ୍ଡିଆନ ସୁପର ଲିଗ୍

**ଚେନ୍ନାଇ, ୨୬।୧୦(ପି.ଟି.)**

ମୁମ୍ବାଇ ସିଟି ଏଫସି ବିପକ୍ଷରେ ରବିବାର ଚେନ୍ନାଇନ ଏଫସିର ତା'ର ପ୍ରଥମ ଘରୋଇ ମ୍ୟାଚ ଖେଳିବ। ଏଥିସହିତ ଚଳିତ ସିଜନରେ ପ୍ରଥମ ଥର ପାଇଁ ଚେନ୍ନାଇ ସହରକୁ ପ୍ରତ୍ୟାବର୍ତ୍ତନ କରୁଛି ହିରୋ ଇଣ୍ଡିଆନ ସୁପର ଲିଗ (ଆଇଏସଏଲ) ଫୁଟବଲ ଟୁର୍ନାମେଣ୍ଟରେ ତା'ର ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି। ଚତୁର୍ଥ ଆଇଏସଏଲ ସିଜନରେ ଚାମ୍ପିୟନ ହୋଇଥିବା ଚେନ୍ନାଇୟିନ ଏଫସି ଗତ ବର୍ଷ ଅତ୍ୟନ୍ତ ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରି ପଏଣ୍ଟ ତାଲିକାର ଅନ୍ତିମ ସ୍ଥାନରେ ରହିଥିଲା।

ଘରୋଇ ସମର୍ଥକଙ୍କ ଆଗରେ ଏହା ଆମର ପ୍ରଥମ ମ୍ୟାଚ। ତେଣୁ ଆମ ଖେଳାଳିମାନେ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ଆଗ୍ରହୀ ହେବା ସ୍ୱାଭାବିକ। ଆମେ କେମିତି ଜିତିବୁ ସେଥିରେ ମୋର କିଛି ଯାଏ ଆସେ ନାହିଁ। ଆମେ ତିନି ପଏଣ୍ଟ ପାଇବା ଜରୁରୀ। ପରବର୍ତ୍ତୀ ଦୁଇଟି ମ୍ୟାଚରୁ ସର୍ବାଧିକ ପଏଣ୍ଟ ନେଇପାରିଲେ ମୁଁ ବହୁତ ଖୁସି ହେବି ବୋଲି ଦଳର ମୁଖ୍ୟ ପ୍ରଶିକ୍ଷକ ଜନ ଗ୍ରେଗୋରୀ କହିଛନ୍ତି।

ଚଳିତ ସିଜନରେ ଚେନ୍ନାଇୟିନ ତାର ଅଭିଯାନ ପରାଜୟରୁ ଆରମ୍ଭ କରିଛି। ବାହାରେ ଖେଳିଥିବା ପ୍ରଥମ ମ୍ୟାଚରେ ସେମାନେ ଏଫସି ଗୋଆ ଠାରୁ ୩–୦ ଗୋଲରେ ପରାସ୍ତ ହୋଇଥିଲେ। ସେଇ ମ୍ୟାଚରେ ପ୍ରତିପକ୍ଷର ଚମତ୍କାର ଆକ୍ରମଣ ଆଗରେ ସେମାନଙ୍କ ରକ୍ଷଣଭାଗ ଭଲ ପ୍ରଦର୍ଶନ କରିପାରି ନ ଥିଲା। ଦୁଇ ସେଣ୍ଟର–ବ୍ୟାକ ଲୁସିଆନ ଗୋଇଆନ ଓ ଏଲି ସାବିୟା ପ୍ରତିପକ୍ଷର ଫେରାନ କରୋମିଆନ୍ସ ଓ ସାଥି ପ୍ରତିପକ୍ଷ ଖେଳାଳିଙ୍କୁ ଅଟକାଇ ପାରି ନ ଥିଲେ। ତେବେ ମୁମ୍ବାଇ ବିପକ୍ଷ ମ୍ୟାଚ ପାଇଁ ରୁମାନିଆର ସେଣ୍ଟର–ବ୍ୟାକ ଲୁସିଆନ ଖୁବ ଉତ୍ସାହୀ ହେବେ। ଏହାର କାରଣ ସେ ପୂର୍ବରୁ ମୁମ୍ବାଇ ଦଳ ପାଇଁ ଦୁଇ ସିଜନ ଖେଳିଛନ୍ତି ଓ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି।

ଅନ୍ୟପକ୍ଷରେ କୋଚିଠାରେ ସେମାନଙ୍କର ଚଳିତ ସିଜନର ପ୍ରଥମ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ଏଫସି ବିପକ୍ଷରେ ଲଢୁଆ ବିଜୟ ହାସଲ କରିଥିବା ମୁମ୍ବାଇ ସିଟି ଏଫସି ଆତ୍ମବିଶ୍ୱାସରେ ଭରି ରହିଛି। ତେବେ ଏହି ଦଳରେ ମଧ୍ୟ କିଛି ସମସ୍ୟା ରହିଛି। କୋଚିଠାରେ ଆଘାତ ପାଇ ଆହତ ହୋଇଥିବା ସେଣ୍ଟର–ବ୍ୟାକ ମାଟୋ ଗ୍ରୀଚ ଆସନ୍ତା କାଲିର ମ୍ୟାଚ ଖେଳିପାରିବେ ନାହିଁ ବୋଲି ଦଳର ପ୍ରଶିକ୍ଷକ ଜର୍ଜ କଷ୍ଟା ସ୍ପଷ୍ଟ କରିଛନ୍ତି। ସେହିପରି ପ୍ରଭାବଶାଳୀ ମିଡ୍‌ଫିଲଡର ପାଓଲୋ ମାକାଡୋଙ୍କ ଖେଳିବା ନେଇ ସନ୍ଦେହ ରହିଛି। ସେ ମଧ୍ୟ ପୂର୍ବ ମ୍ୟାଚରେ ଆହତ ହୋଇଥିଲେ। ଚେନ୍ନାଇନ ବିପକ୍ଷରେ ମୁମ୍ବାଇ ସିଟିକୁ ମୁଖ୍ୟତଃ ଚାରିଜଣ ଭାରତୀୟ ରକ୍ଷଣଭାଗ ଖେଳାଳିଙ୍କୁ ନେଇ ଖେଳିବାକୁ ପଡିବ। ରକ୍ଷଣଭାଗରେ ପ୍ରତୀକ ଚୌଧୁରୀଙ୍କ ଜୋଡ଼ିଦାର ହେବେ ସାର୍ଥକ ଗୋଲୁଇ। କିନ୍ତୁ ପ୍ରତିଆକ୍ରମଣ ପାଇଁ ଜଣାଶୁଣା ମୁମ୍ବାଇର ଅଗ୍ରଭାଗ ଖେଳାଳି ଚେନ୍ନାଇନ ପାଇଁ ମୁଣ୍ଡବ୍ୟଥାର କାରଣ ହେବ। କୋଚିଠାରେ ବିଜୟସୂଚକ ଗୋଲ ଦେଇଥିବା ତାରକା ଷ୍ଟ୍ରାଇକର ଅମିନ ଚେର୍ମିଟି ଭଲ ଫର୍ମରେ ଥିବାପରି ଜଣାପଡୁଛନ୍ତି। ତାଙ୍କ ସହିତ ମୋଡୁ ସୋଉଗୁ ଓ କାର୍ଲସଙ୍କୁ ମିଶାଇଲେ ମୁମ୍ବାଇ ନିଶ୍ଚିତ ଭାବେ ଚେନ୍ନାଇନ ରକ୍ଷଣଭାଗ ପାଇଁ ସମସ୍ୟା ସୃଷ୍ଟି କରିବ। ସିଜନ ଆରମ୍ଭ ପୂର୍ବରୁ ଆମେ ଚେନ୍ନାଇନ ବିପକ୍ଷରେ ମ୍ୟାଚ ଖେଳିଛୁ ଏବଂ ଗୋଆ ବିପକ୍ଷରେ ମୁଁ ସେମାନଙ୍କ ଖେଳ ଦେଖିଛି। ସେଥିପାଇଁ ମୁଁ ଭାବୁଛି ସେମାନେ ଆମ ପାଇଁ ପରୀକ୍ଷା ସୃଷ୍ଟି କରିବେ। ତେବେ ଆମେ କଣ କରିପାରିବୁ ତାହା ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି କୋଚ୍ କଷ୍ଟା କହିଛନ୍ତି।



ଗୁଆହାଟୀ: ଶନିବାର ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। ଏହି ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୨–୧ ଗୋଲରେ ପରାସ୍ତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ୨ୟ ପରାଜୟ ଥିଲା।

# ଏଟିକେର ବୃହତ୍ ବିଜୟ

**କୋଲକାତା, ୨୬।୧୦(ପି.ଟି.)**

ଚଳିତ ଷଷ୍ଠ ହିରୋ ଇଣ୍ଡିଆନ ସୁପର ଲିଗ(ଆଇଏସ୍ଏଲ୍)ର ଷଷ୍ଠ ମ୍ୟାଚରେ ଘରୋଇ ଏଟିକେ ଏଫସି ଏକ ବୃହତ୍ ବିଜୟ ହାସଲ କରିଛି। ଏଟିକେ ପଦାର୍ପଣ କରିଥିବା ହାଇଦ୍ରାବାଦ ଏଫସିକୁ ୫–୦ ଗୋଲର ବୃହତ୍ ବ୍ୟବଧାନରେ ହରାଇ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଡେଭିଡ ୱିଲିୟମ୍ସ ଓ ଏଡୁ ଗାର୍ସିଆ ପ୍ରତ୍ୟେକେ ଦୁଇଟି ଲେଖାଏଁ ଏବଂ ରଏ କ୍ରିଷ୍ଣା ଗୋଟିଏ ଗୋଲ ସ୍କୋର କରିଥିଲେ। ଡେଭିଡ ୱିଲିୟମ୍ସ ୨୫ତମ ଏବଂ ରଏ କ୍ରିଷ୍ଣା ୨୭ତମ ମିନିଟରେ ଗୋଲ ଦେଇ ଏଟିକେକୁ ୨–୦ରେ ଅଗ୍ରଣୀ କରାଇଥିଲେ। ହାଫ୍ ଟାଇମ୍‌ର ଗୋଟିଏ ମିନିଟ ପୂର୍ବରୁ ୱିଲିୟମ୍ସ ବ୍ୟକ୍ତିଗତ ଦ୍ୱିତୀୟ ତଥା ଦଳର ତୃତୀୟ ଗୋଲ ସ୍କୋର କରିଥିଲେ । ମ୍ୟାଚ ଶେଷ ଆଡକୁ ଲାଗ ଲାଗ ଦୁଇଟି ଗୋଲ ଦେଇ ଏଟିକେ ଏକ ବୃହତ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଏଡୁ ଗାର୍ସିଆ ୮୮ ଓ ୯୦ ମିନିଟରେ ଏହି ଦୁଇଟି ଗୋଲ ସ୍କୋର କରିଥିଲେ। ଡବଲ୍ ଗୋଲ ସ୍କୋରର ଗାର୍ସିଆଙ୍କୁ ମାରୁତି ସୁଜୁକି ଲିମିଟଲେସ ପ୍ଲେୟାର ଅଫ ଦି ମ୍ୟାଚ ଏବଂ ଡେଭିଡ ୱିଲିୟମ୍ସଙ୍କୁ ହିରୋ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମାଇକେଲ ସୁସାଇରାଜ ଆଇଏସଏଲ ଇମର୍ଜିଂ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ଲାଭ କରିଥିଲେ।



୨୦୨୦ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାୟର ମ୍ୟାଚ୍ ପୂର୍ବରୁ ଶନିବାର କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଭାରତୀୟ ମହିଳା ହକି ଦଳର ଜୋର୍‌ଦାର ଅଭ୍ୟାସ।

## ଭାରତ ଲକ୍ଷ୍ମୀ ଅଭିଯାନକୁ ମହିଳା କ୍ରୀଡ଼ାବିତ୍‌ଙ୍କ ସମର୍ଥନ

**ନୂଆଦିଲ୍ଲୀ, ୨୬।୧୦(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଭାରତ ଲକ୍ଷ୍ମୀ' ଅଭିଯାନକୁ ଦେଶର ମହିଳା କ୍ରୀଡ଼ାବିତ୍‌ମାନେ ସମର୍ଥନ କରିଛନ୍ତି। ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ଅଭିଜ୍ଞ ମହିଳା ବକ୍ସର ଏମ୍‌ସି ମେରୀକମ ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି। ସିନ୍ଧୁ, ମେରୀକମଙ୍କ ସମେତ ବକ୍ସର ନିଖାତ ଜରିନ, ମହିଳା ରେସଲର ପୂଜା ଧଣ୍ଡା ଓ ଟେବୁଲ ଟେନିସ ତାରକା ମନିକା ବାତ୍ରା ଟୁଇଟ୍ କରି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଦୀପାବଳି ଅବସରରେ ମହିଳାଙ୍କ ସମ୍ମାନ ଓ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପ ପ୍ରଶଂସନୀୟ ଓ ଏଥିପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛୁ ବୋଲି ଏହି ସବୁ ମହିଳା ଖେଳାଳି ଟୁଇଟ୍ କରିଛନ୍ତି। ଦେଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କ ସମ୍ମାନ ଲାଗି ଏକ ଅଭିଯାନ ଆରମ୍ଭ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଗତମାସ ନିବେଦନ କରିଥିଲେ। ଆମ ସଂସ୍କୃତିରେ ଝିଅପିଲାଙ୍କୁ ଦେବୀ ଲକ୍ଷ୍ମୀଙ୍କ ସହ ତୁଳନା କରାଯାଇଥାଏ। ତେଣୁ ଝିଅପିଲାଙ୍କୁ ଉଚିତ ସମ୍ମାନ ଦେବା ସହ ସେମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ଦୀପକ ରୌପ୍ୟ, ବାଲାଜୀ ବ୍ରୋଞ୍ଜ ଜିତିଲେ

**ଉହାନ୍ (ଚାଇନା), ୨୬।୧୦ (ପି.ଟି.):** ଏଠାରେ ଚାଲିଥିବା ୭ମ ମିଲିଟାରୀ ୱାର୍ଲ୍ଡ ଗେମ୍ସରେ ଭାରତୀୟ ବକ୍ସର ଦୀପକ ଏକ ରୌପ୍ୟ ଜିତିଥିବାବେଳେ ଟେନିସ ଖେଳାଳି ଏନ୍. ଶ୍ରୀରାମ ବାଲାଜୀ ଏକ ବ୍ରୋଞ୍ଜ ଜିତିଛନ୍ତି। ୪୬–୪୯ କେଜି କାଟେଗୋରୀ ପୁରୁଷ ଲାଇଟ୍ ଫ୍ଲାଇୱେଟ କାଟେଗୋରି ଫାଇନାଲରେ ଦୀପକ ସ୍ୱର୍ଣ୍ଣ ବିଜୟୀ କାଜାଖସ୍ତାନର ଝୁସୁପୋଭ୍ ଟେମିରତାସଙ୍କଠାରୁ ୦–୫ରେ ହାରିଯାଇଛନ୍ତି। ବାଲାଜୀ ଏକ ପୁରୁଷ ସିଙ୍ଗଲ୍ସ ଟେନିସ୍ ବ୍ରୋଞ୍ଜ ପଦକ ମୁକାବିଲାରେ ଉଜ୍‌ବେକିସ୍ତାନର ଫୋମିନ୍ ସର୍ଗେଙ୍କୁ ୬–୨, ୬–୩ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧୯ ମିନିଟ ଧରି ଚାଲିଥିଲା। ତେବେ ମିଡଲ ଡିଷ୍ଟାନ୍ସ ଧାବକ ଜିନସନ ଜନସନଙ୍କୁ ଭାଗ୍ୟ ସହାୟ ହୋଇ ନ ଥିଲା। ସେ ୩:୪୯.୩୪ ସେକେଣ୍ଡ ଟାଇମିଂରେ ପୁରୁଷ ୧୫୦୦ ମିଟର ଫାଇନାଲରେ ୫ମ ହୋଇଥିଲେ। ଇଭେଣ୍ଟର ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଯଥାକ୍ରମେ ପୋଲାଣ୍ଡର ରୋଜମିସ୍ ମିଚାଲ (୪:୪୬.୩୩ ସେକେଣ୍ଡ), ମରକ୍କୋର ଔଲାଧା ହିଚାମ (୩:୪୬.୪୪) ଏବଂ ପୋଲାଣ୍ଡର ଲିୱାନ ଡୋସ୍କି ମାର୍ସିନ (୩:୪୬.୬୧ ସେକେଣ୍ଡ) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଭାରତର ପୁରୁଷ ୪x୪୦୦ ମିଟର ରିଲେ ଦଳ ୩:୦୬.୮୧ ସେକେଣ୍ଡ ଟାଇମିଂରେ ଚତୁର୍ଥ ସ୍ଥାନ ଅଧିକାର କରି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛି।

## ଫିକ୍ସିଂ ଅଭିଯୋଗ: ବୋଲିଂ କୋଚ୍, ବ୍ୟାଟ୍ସମ୍ୟାନ୍ ଗିରଫ

କର୍ଣ୍ଣାଟକ ପ୍ରିମିୟର ଲିଗ୍

**ବେଙ୍ଗାଲୁରୁ, ୨୬।୧୦ (ପି.ଟି.):** କର୍ଣ୍ଣାଟକ ପ୍ରିମିୟର ଲିଗ୍ (କେପିଏଲ୍) ସହିତ ସମ୍ପୃକ୍ତ ଥିବା ଜଣେ ବ୍ୟାଟ୍ସମ୍ୟାନ ଏବଂ ଜଣେ ବୋଲିଂ କୋଚ୍ ଗିରଫ ହୋଇଛନ୍ତି। ୨୦୧୮ରେ ଉଭୟେ ମ୍ୟାଚ ଫିକ୍ସିଂ ସହିତ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ବେଙ୍ଗାଲୁରୁ ବ୍ଲାଷ୍ଟର୍ସ ବୋଲିଂ କୋଚ୍ ଭିନୁ ପ୍ରସାଦ ଏବଂ ବ୍ୟାଟ୍ସମ୍ୟାନ ବିଶ୍ୱନାଥନ ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ୍ (ସିସିବି) ଦ୍ୱାରା ଶୁକ୍ରବାର ଗିରଫ ହୋଇଛନ୍ତି। କୋଚ୍ ଜଣକ ଗତବର୍ଷ ବେଙ୍ଗାଲୁରୁ ବ୍ଲାଷ୍ଟର୍ସ ଏବଂ ବେଲାଗାଭି ପାନ୍ଥର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ବ୍ୟାଟ୍ସମ୍ୟାନ ଜଣକ ବୁକିଙ୍କ ପ୍ରଲୋଭନରେ ଜାଣିଶୁଣି ଧୀମା ବ୍ୟାଟିଂ କରିଥିଲେ। ସିସିବି ଅକ୍ଟୋବର ପ୍ରଥମ ସପ୍ତାହରେ ପାନ୍ଥର୍ସ ମାଲିକ ଅଲି ଅସ୍‌ଫାକ୍ ଥାରାଙ୍କୁ ଗିରଫ କରିଥିଲା। ପରେ ପୋଲିସ ବାଫନା ଏବଂ ସାୟାମ ନାମଧାରୀ ବୁକିଙ୍କୁ ଗିରଫ କରିଥିଲା।

# ଏଫ୍‌ଟିପି କ୍ୟାଲେଣ୍ଡରକୁ ନେଇ ଅଷ୍ଟ୍ରେଲିଆର ଉଦ୍‌ବେଗ

**ମେଲ୍‌ବୋର୍ନ, ୨୬।୧୦ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ପ୍ରସ୍ତାବିତ ନୂଆ ଏଫ୍‌ଟିପି କ୍ୟାଲେଣ୍ଡରକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପରେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଉଦ୍‌ବେଗ ପ୍ରକାଶ କରିଛି। ପରବର୍ତ୍ତୀ ୮ ବର୍ଷିଆ ଏଫ୍‌ଟିପି ସାଇକେଲ(୨୦୨୩–୨୦୩୧) ବେଳେ ପ୍ରତିବର୍ଷ ଏକ ଫ୍ଲାଗ୍‌ଶିପ୍ ଟୁର୍ନାମେଣ୍ଟର ଆୟୋଜନ ଲାଗି ଆଇସିସିର ପ୍ରସ୍ତାବ ରହିଛି। ଏହା ଯଦି କାର୍ଯ୍ୟକାରୀ ହୁଏ ତେବେ କୌଣସି ଦ୍ୱିପାକ୍ଷିକ ଟେଷ୍ଟ ସିରିଜ ଆୟୋଜନ କରିବାକୁ ଅଷ୍ଟ୍ରେଲିଆ ଅନିଚ୍ଛା ପ୍ରକାଶ କରିଛି। ଚଳିତମାସ ପ୍ରଥମ ଭାଗରେ ଦୁବାଇଠାରେ ଆଇସିସି ବୈଠକ ବସିଥିଲା। ଏହି ୮ବର୍ଷ ମଧ୍ୟରେ ୮ଟି ଆଇସିସି ପୁରୁଷ ଇଭେଣ୍ଟ ଲାଗି ବ୍ରଡକାଷ୍ଟିଂ ପ୍ୟାକେଜ ବ୍ୟବସ୍ଥା ଦ୍ୱାରା ଆଇସିସିର ଆୟ ଯଥେଷ୍ଟ ବୃଦ୍ଧି ପାଇବ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନେ ପ୍ରସ୍ତାବ ଦେଇଥିଲେ। ସଦସ୍ୟ ରାଷ୍ଟ୍ରଙ୍କ ୱାର୍କିଂ ଗ୍ରୁପ୍ ଏଥିରେ ସହମତି ପ୍ରକାଶ କରିଥିଲେ। ବିସିସିଆଇ ସିଇଓ ରାହୁଲ ଜୋହରି ଇତିମଧ୍ୟରେ ଆଇସିସି ନିକଟରେ ଭାରତ ଅରାଜି ସମ୍ପର୍କରେ ଅବଗତ କରାଇ ଦେଇଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ୍ ରବର୍ଟ୍ସ କହିଛନ୍ତି, ଏହି ପ୍ରସଙ୍ଗରେ ଆଲୋଚନା ହେବା ଉଚିତ୍ ଥିଲା। ପରବର୍ତ୍ତୀ ୮ବର୍ଷିଆ ସାଇକେଲ ଯଦି କାର୍ଯ୍ୟକାରୀ ହୁଏ ତେବେ ଏହି ସମୟ ମଧ୍ୟରେ ଚାରୋଟି ଟି୨୦ ବିଶ୍ୱକପ୍ ସହିତ ଦୁଇଟି ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ବ୍ୟତୀତ ଏକ ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ଖେଳାଯିବ। ଏହା ଟେଷ୍ଟ ଚାମ୍ପିୟନଶିପ୍ ଉପରେ ପ୍ରଭାବ ପକାଇପାରେ ବୋଲି ରବର୍ଟ କହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ସମେତ ବିଶ୍ୱକପ୍‌ଗୁଡ଼ିକ ମଧ୍ୟରେ ସୁସ୍ଥ ସନ୍ତୁଳନର ଆବଶ୍ୟକତା ରହିଛି। ପୁନଶ୍ଚ ବିବିଏଲ ଏବଂ ଆଇପିଏଲ ଭଳି ଘରୋଇ ଲିଗ୍ ଗୁଡ଼ିକ ପାଇଁ ସମୟ ବାହାର କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ନଭେମ୍ବର ୩୦ରୁ ଆଇ–ଲିଗ୍

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.)**

ଚଳିତ ସିଜନରେ ବିଧିବଦ୍ଧଭାବେ ଆଇ–ଲିଗ୍‌ର ପାହ୍ୟା ବ୍ୟୟବହୁଳ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ତଳକୁ ଖସିଯାଇଛି। ଏହି ପ୍ରତିଯୋଗିତା ନଭେମ୍ବର ୩୦ରୁ ଖେଳାଯିବାକୁ ଥିବାବେଳେ କୌଣସି ବ୍ରଡକାଷ୍ଟର ଧାର୍ଯ୍ୟ ହୋଇପାରି ନ ଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପ୍ରକାଶ କରିଛି। ଶୁକ୍ରବାର ଲିଗ୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥର ଭାଗ ନେଇଥିବା ପ୍ରମୁଖ ଦଳଗୁଡ଼ିକ ହେଲେ ଗତଥର ଚାମ୍ପିୟନ ଚେନ୍ନାଇ ସିଟି, ମୋହନ ବାଗାନ, ଇଷ୍ଟବେଙ୍ଗଲ ଏବଂ ରିୟଲ କଶ୍ମୀର ଏଫ୍‌ସି। ବୈଠକରେ ଲିଗ୍ କମିଟି ଚେୟାରମ୍ୟାନ ତଥା ଏଆଇଏଫଏଫ୍ ସିନିୟର ସଭାପତି ସୁବ୍ରତ ଦତ୍ତ, ସାଧାରଣ ସମ୍ପାଦକ କୁଶାଲ ଦାସ, ସିଇଓ ସୁନନ୍ଦ ଧର୍‌ଙ୍କ ବ୍ୟତୀତ କମିଟି ସଦସ୍ୟ ସୋଟର ଭାଜ୍, ଅନିଲ କୁମାର, ଚିରାଗ ଟାନ୍ନା, ଏଆଇଏଫ୍ଏଫ୍ ବୈଷୟିକ ନିର୍ଦ୍ଦେଶକ ଇସାକ୍ ଡୋରୁ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ସମଗ୍ର ସିଜନରେ ଗୋଟିଏ କ୍ଲବ ସର୍ବାଧିକ ୩ ଜଣ ବିଦେଶୀ ଖେଳାଳିଙ୍କୁ ବଦଳ କରିପାରିବ। ଏକ ମ୍ୟାଚ ବେଳେ ସର୍ବାଧିକ ୮ ଅଫିସିଆଲଙ୍କୁ ବେଞ୍ଚରେ ବସିବା ଲାଗି ଅନୁମତି ରହିବ। ଏଆଇଏଫ୍ଏଫ୍ ସେକ୍ରେଟାରିଏଟ୍ ଏବଂ ଆଇ–ଲିଗ୍ କ୍ଲବଗୁଡ଼ିକ ସହିତ ଆଲୋଚନା ପରେ ୨୨ ବର୍ଷରୁ କମ୍ ଖେଳାଳି କୋଟା ସମ୍ପର୍କରେ ଆଲୋଚନା ହେବ। ଦ୍ୱିତୀୟ ଡିଭିଜନ ଲିଗ୍ ପାଇଁ ଆବେଦନକାରୀ କ୍ଲବଗୁଡ଼ିକ ମଧ୍ୟରୁ ୧୦ଟି କ୍ଲବକୁ ମନୋନୟନ କରାଯାଇଛି। ତେବେ ଏହି କ୍ଲବଗୁଡ଼ିକୁ ଲାଇସେନ୍ସ ପ୍ରକ୍ରିୟାରେ ସାମିଲ ହେବାକୁ ପଡ଼ିବ। ମନୋନୀତ କ୍ଲବଗୁଡ଼ିକ ହେଲା ଭବାନୀପୁର ଏଫ୍‌ସି, ମହମ୍ମଡ଼ାନ ଏସ୍‌ସି ଲୋନ୍‌ଷ୍ଟାର କଶ୍ମୀର ଏଫ୍‌ସି, ଆରା ଏଫ୍‌ସି, ଏନ୍‌ଜିଆର ଫୁଟ୍‌ବଲ କ୍ଲବ ଜମ୍ମୁ, କିକ୍‌ଷ୍ଟାର୍ଟ ଏଫ୍‌ସି କର୍ଣ୍ଣାଟକ, ଏଫ୍‌ସି ବେଙ୍ଗାଲୁରୁ ୟୁନାଇଟେଡ୍, ଏଫ୍‌ସି କେରଳ, ଗଡ଼ୱାଲ ଏଫ୍‌ସି, ଏୟୁ ରାଜସ୍ଥାନ ଏଫ୍‌ସି।

## ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

# ଚେସ୍‌ରେ ୧୦ ଖେଳାଳି ଜାତୀୟସ୍ତରକୁ ମନୋନୀତ

**ଦଶପଲ୍ଲା, ୨୬।୧୦**

ଗତ ୩ ଦିନ ଧରି ଦଶପଲ୍ଲା ରାଧାମୋହନ ଜୀଉ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଚେସ୍ ଓ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପନ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୬ ଜିଲାର ୪୯୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୋଗାସନ ପ୍ରତିଯୋଗିତାରେ ୨୮ ଜଣ ଛାତ୍ରୀଛାତ୍ର ଜାତୀୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ସେହିଭଳି ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ଚେସ୍‌ରେ ମୋଟ୍ ୧୨୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ୪୬ ବାଳିକା ଓ ୮୧ ବାଳକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣ ଜାତୀୟ ସ୍କୁଲ୍ ଚେସ୍ ଚାମ୍ପିୟନଶିପ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବାଳିକାରେ ପି. ସାଇରୂପା, ମିରାକିଲ୍ ପଣ୍ଡା, ଦୀପ୍ତିମୟୀ ସାହୁ, ଅଙ୍କିତା ସାହୁ ଓ ସ୍ୱର୍ଣ୍ଣମୁଦ୍ରା ମହାପାତ୍ର। ବାଳକ ବିଭାଗରେ ପ୍ରତ୍ୟୁଷ ମହାପାତ୍ର, ସ୍ୱୟଂଶ୍ରୀ ମହାନ୍ତି, ଅଭିଷେକ ନାୟକ, ମନିନ୍ଦରକର୍ଜି ଓ ପୂର୍ଣ୍ଣ ଖିଲ୍ଲୋ ରହିଛନ୍ତି। ନଭେମ୍ବର ୨୪ରୁ ୨୮ ପର୍ଯ୍ୟନ୍ତ କୋଲକାତାରେ ଜାତୀୟ ସ୍କୁଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଓଡ଼ିଆ ଛାତ୍ରୀଛାତ୍ରମାନେ ଏଠାରୁ ଯାଇ ଜାତୀୟ ସ୍ତରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ରୂପେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଜିଲା କ୍ରୀଡ଼ା ପ୍ରଶିକ୍ଷକ ଭାଗ୍ୟଧର ମଲ୍ଲିକ, ଜ୍ୟୋତି ପ୍ରକାଶ ପରିଡ଼ା, ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଶିବ ଶଙ୍କର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଧାମୋହନ ଜୀଉ ପ୍ରଧାନଶିକ୍ଷକ ରଘୁନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ପ୍ରଶିକ୍ଷକ ତ୍ରିନାଥ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ ଏବଂ ସହକାରୀ ଶିକ୍ଷକ ଆନନ୍ଦ ଚନ୍ଦ୍ର ସାଥୁଆ ଧନ୍ୟବାଦ ଦେଇଥିଲେ। ଚେସ୍‌ରେ ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର୍ ରହିଥିଲେ। ବିଭୁଦତ୍ତ ରଥ, କବିତା ଦାସ, ବଳାରସେନ ପାତ୍ର ଓ ପ୍ରଦ୍ୟୁମ୍ନ ନନ୍ଦ ସହାୟତା କରିଥିଲେ।





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି କୃତୀ ଖେଳାଳି।

“ଟେଷ୍ଟ ମ୍ୟାଚ ପାଇଁ ସ୍ଥାୟୀ ସେଣ୍ଟର ପ୍ରତିଷ୍ଠା କରାଯାଇପାରିଲେ କ୍ରିକେଟର ଏହି ଫର୍ମାଟ ପ୍ରତି ଖେଳପ୍ରେମୀଙ୍କୁ ଆକୃଷ୍ଟ କରିହେବ ।
–ଅନିଲ କୁମ୍ବଲେ, ପୂର୍ବତନ ଭାରତୀୟ କ୍ରିକେଟର



“ବାରମ୍ବାର କ୍ୟାମ୍ପ ଏବଂ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କଲେ ଏହା ଖେଳାଳିଙ୍କୁ ଫିଟ୍ ରଖିବାରେ ସହାୟକ ହୋଇଥାଏ ।
–ମେମୋଲ ରକି, ଭାରତୀୟ ମହିଳା ଫୁଟ୍‌ବଲ ମୁଖ୍ୟ କୋଚ୍



## ସଂକ୍ଷେପରେ

### ସାକିବ୍‌ଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ



**ଢାକା, ୨୬।୧୦ (ପି.ଟି.):** ଧର୍ମଘଟ ଦ୍ୱାରା ବାଂଲାଦେଶ ଖେଳାଳିମାନେ ହୁଏତ ଉପକୃତ ହୋଇପାରନ୍ତି ହେଲେ ଜାତୀୟ ଅଧିନାୟକ ଶକିବ ଅଲ୍ ହସନ ଏବେ ଅଡୁଆରେ ପଡ଼ିଛନ୍ତି। କେନ୍ଦ୍ରୀୟ ଚୁକ୍ତିରୁ ଖିଲାପ କରିଥିବାରୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଆଉ କିଛି ଦିନ ପରେ ବାଂଲାଦେଶ ଭାରତ ଟୁର୍‌ରେ ଯିବା ବିସିବିର କଠୋର ଆଭିମୁଖ୍ୟ ହୁଏତ ଦଳର ନୈତିକ ମନୋବଳକୁ ପ୍ରଭାବିତ କରିପାରେ। ଖବର ଅନୁସାରେ ସାକିବ କେନ୍ଦ୍ରୀୟ ଚୁକ୍ତି ନିୟମର ଉଲ୍ଲଂଘନ କରି ଟେଲିକମ୍ କମ୍ପାନୀ ‘ଗ୍ରାମିନ୍ ଫୋନ୍’ ସହିତ ଏକ ଚୁକ୍ତି କରିଛନ୍ତି। ବିସିବି ସଭାପତି ନାଜମୁଲ ହସନ କହିଛନ୍ତି ସେ ଯଦି ସନ୍ତୋଷଜନକ ଉତ୍ତର ନ ଦିଅନ୍ତି ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ଥାନୀୟ ଅଗ୍ରଣୀ ଟେଲିକମ୍ କମ୍ପାନୀ ଗ୍ରାମିନ ଫୋନ ଅକ୍ଟୋବର ୨୨ରେ ଘୋଷଣା କରି କହିଥିଲା ଯେ, ଦେଶର ଏହି ଅଲ୍‌ରାଉଣ୍ଡର ସାକିବ ସେମାନଙ୍କ ବ୍ରାଣ୍ଡ ଆମ୍ବାସଡ଼ାର ଭାବେ ଯୋଗ ଦେଇଛନ୍ତି।

### ଆଇଏସ୍ଏଲ୍‌କୁ ଭାରତର ଶ୍ରେଷ୍ଠ ଲିଗ୍ ମାନ୍ୟତା

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.):** ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ଶନିବାର ବିଧିବଦ୍ଧ ଭାବେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)କୁ ଦେଶର ଶ୍ରେଷ୍ଠ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ପ୍ରଦାନ କରିଛି। ଏତଦ୍ ବ୍ୟତୀତ ୨୦୨୦-୨୧ ସିଜନ ଶେଷ ସୁଦ୍ଧା କେଉଁ ଦୁଇଟି ଆଇ-ଲିଗ୍ କ୍ଲବ ଆଇଏସ୍ଏଲ୍‌ରେ ସାମିଲ ହେବେ ତାହା ସୁପାରିସ କରିବା ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)କୁ କହିଛି। ଭିଏତ୍‌ନାମ୍‌ରେ ଅନୁଷ୍ଠିତ ଏକ ବୈଠକ ବେଳେ ଦେଶରେ ଫୁଟ୍‌ବଲ ଖେଳର ବିକାଶ ନିମନ୍ତେ ଏଆଇଏଫଏଫ୍ ଦ୍ୱାରା ପ୍ରସ୍ତାବିତ ଏକ ‘ରୋଡ୍ ମ୍ୟାପ୍’କୁ ଏଏଫ୍‌ସି କାର୍ଯ୍ୟନିର୍ବାହୀ କମିଟିର ଅନୁମୋଦନ ଲାଭ କରିଛି। ଭାରତୀୟ ଫୁଟ୍‌ବଲ ରୋଡ୍‌ମ୍ୟାପ ସମ୍ପର୍କରେ ସୂଚନା ଦେବାକୁ ଯାଇ ଏଏଫ୍‌ସି କହିଛି, ସିଜନ ୨୦୧୯-୨୦ରେ ଆଇଏସଏଲ ଭାରତୀୟ ଫୁଟ୍‌ବଲରେ ପ୍ରିମିୟର ଲିଗ୍ ପ୍ରତିଯୋଗିତାର ମାନ୍ୟତା ଲାଭ କରିବ। ୨୦୨୦-୨୧ ସିଜନରେ ଦୁଇଟି ଆଇ-ଲିଗ୍ କ୍ଲବ ଆଇଏସଏଲ୍‌ରେ ସାମିଲ ହେବେ। ଏଥିପାଇଁ ସ୍ୱତନ୍ତ୍ର ମାନଦଣ୍ଡ ରହିବ। ଏଣିକି ବିଜୟୀ ଆଇଏସ୍ଏଲ କ୍ଲବ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପ୍ଲେ-ଅଫ୍ ଏବଂ ଆଇ-ଲିଗ୍ ବିଜେତାକୁ ଏଏଫ୍‌ସି କପ୍ ପ୍ଲେ-ଅଫ୍‌ରେ ଖେଳିବା ଲାଗି ଅନୁମତି ଦେବ ଏସିଆନ ଫୁଟ୍‌ବଲ କନଫେଡେରେଶନ। ପୂର୍ବରୁ ଅକ୍ଟୋବର ୧୪ରେ କୁଆଲାଲମ୍ପୁରରେ ଏଏଫ୍‌ସିର ଏକ ବୈଠକ ବସିଥିଲା।

# ଆଶଙ୍କାରେ ପ୍ରଥମ ଟି୨୦

**ନୂଆଦିଲ୍ଲୀ, ୨୬।୧୦ (ପି.ଟି)**

ଦୀପାବଳି ପରେ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣରେ ଅବନତୀ ହେବାର ସମ୍ଭାବନା ଥିଲେ ମଧ୍ୟ ଚିନ୍ତାଜନକ ରହିବ। ତେଣୁ ନଭେମ୍ବର ୩ ତାରିଖରେ ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟି୨୦ ମ୍ୟାଚ୍ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଉଛି।

ପୂର୍ବରୁ ୨୦୧୭ରେ ଠିକ୍ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କୋଟଲାରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ବାୟୁ ପ୍ରଦୂଷଣ ଯୋଗୁ ପ୍ରଭାବିତ ହୋଇଥିଲା। କେତେକ ଶ୍ରୀଲଙ୍କା ଖେଳାଳି ମାସ୍କ ପିନ୍ଧି ଖେଳିଥିଲେ। ଏପରିକି ଆଉ କେତେକ ଅସୁସ୍ଥ ହୋଇ ପଡିଥିଲେ।

**ଦିଲ୍ଲୀରେ ବାୟୁ ପ୍ରଦୂଷଣ**

ରୋଟେଶନ ପଲିସି ଓ ଭ୍ରମଣକାରୀ ଦଳର ଟ୍ରାଭେଲ ରୁଟ୍ ପାଇଁ ବିସିସିଆଇ ପ୍ରଥମ ଟି୨୦କୁ ଦିଲ୍ଲୀରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ପ୍ରଥମ ଟି୨୦ ମ୍ୟାଚ୍ ରାତିରେ ଖେଳାଯିବାର କାର୍ଯ୍ୟକ୍ରମ ଥିବାରୁ ପ୍ରଦୂଷଣର ପ୍ରଭାବ ପଡିବ ନାହିଁ ବୋଲି ବିସିସିଆଇ ଆଶା କରୁଛି। ଦୀପାବଳି ପୂର୍ବରୁ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ପୂରା ଖରାପ ରହିଛି। ଏକ୍ୟୁଆଇ ଷ୍ଟାଣ୍ଡାର୍ଡ ଅନୁସାରେ ୦– ୫୦କୁ ଭଲ ବୋଲି କୁହାଯାଇଥାଏ। ୫୧– ୧୦୦ ସନ୍ତୋଷଜନକ, ୧୦୧– ୨୦୦ ମଡରେଟ ଓ ୩୦୧– ୪୦୦କୁ ଅତି ଖରାପ ବୋଲି କୁହାଯାଇଥାଏ। ୪୦୦ରୁ ଊର୍ଦ୍ଧ୍ୱ ଏକ୍ୟୁଆଇକୁ ଅତି ଖରାପ ବୋଲି ଅଭିହିତ କରାଯାଇଥାଏ।

ଦୀପାବଳିର ଗୋଟିଏ ସପ୍ତାହ ପରେ ମ୍ୟାଚ ଆୟୋଜନ ହେବାକୁ ଯାଉଥିବାରୁ ବାୟୁ ପ୍ରଦୂଷଣ ନିଶ୍ଚିତ ଭାବେ କମିବ ବୋଲି ବିସିସିଆଇ ଓ ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି। ତେଣୁ ମ୍ୟାଚ୍ ବେଳେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ରହିବ ବୋଲି କୁହାଯାଇଛି। ଏଭଳି ପରିସ୍ଥିତିରେ ବିସିସିଆଇର ରୋଟେଶନ ପଲିସି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆବଶ୍ୟକ ପଡିଲେ ବାଂଲାଦେଶ ଖେଳାଳିମାନେ ମ୍ୟାଚ୍ ଅବସରରେ ମାସ୍କ ପିନ୍ଧିବେ ବୋଲି ଆଶା କରାଯାଉଛି।

## ଭାରତ ଗସ୍ତରୁ ଓହରିଲେ ତାମିମ

**ଢାକା, ୨୬।୧୦ (ପି.ଟି.):** ବାଂଲାଦେଶ କ୍ରିକେଟ ଦଳ ଭାରତ ଗସ୍ତରେ ଆସୁଥିବା ବେଳେ ସିନିୟର ଓପନର ତାମିମ ଇକ୍‌ବାଲ ଏଥିରୁ ଓହରିଯାଇଛନ୍ତି। ତାଙ୍କ ସ୍ତ୍ରୀ ଦ୍ୱିତୀୟଥର ପାଇଁ ମା’ ହେବାକୁ ଯାଉଛନ୍ତି। ଏହି ସମୟରେ ସେ ସ୍ତ୍ରୀଙ୍କ ପାଖରେ ରହିବାକୁ ଇଚ୍ଛା ଜାହିର କରିଛନ୍ତି। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମଧ୍ୟ ତାଙ୍କୁ ଏନେଇ ଅନୁମତି ଦେଇଛି। ତାମିମଙ୍କ ବଦଳରେ ବାମହାତୀ ବ୍ୟାଟ୍ସମ୍ୟାନ ଇମରୁଲ କାଏସଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ବିସିବି ତରଫରୁ ସୂଚନା ଦିଆଯାଇଛି। ଭାରତ ଗସ୍ତରେ ବାଂଲାଦେଶ ୩ଟି ଟି୨୦ ଓ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ୩ ତାରିଖରୁ ଟି୨୦ ସିରିଜ ଆରମ୍ଭ ହେବ। ସେହିପରି ଇନ୍ଦୋରରେ ୧୪ରୁ ୧୮ ତାରିଖ ଓ କୋଲକାତାରେ ୨୨ରୁ ୨୬ ତାରିଖ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଆଘାତ ସମସ୍ୟା ଦେଇ ଗତି କରୁଥିବା ତାମିମ ଟି୨୦ ଦଳରେ ସ୍ଥାନ ପାଇଥିଲେ। ସେ ମଧ୍ୟ ଆଫଗାନିସ୍ତାନ ବିପକ୍ଷ ଘରୋଇ ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିପାରି ନ ଥିଲେ। ବାଂଲାଦେଶର ଶ୍ରୀଲଙ୍କା ଗସ୍ତ ପରେ ସେ ବିଶ୍ରାମ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ।



ତାମିମ ଇକ୍‌ବାଲ

**ବାଂଲାଦେଶ ଟି୨୦ ଦଳ**

ସାକିବ ଅଲ ହାସନ (ଅଧିନାୟକ), ଲିଟନ ଦାସ, ଇମରୁଲ କାଏସ, ସୌମ୍ୟ ସରକାର,ମହମ୍ମଦ ନଇମ, ମୁସଫିକର ରହିବ, ମହମୁଦୁଲ୍ଲା, ଅଫିଫ୍ ହୋସେନ, ମୋସାଡେକ ହୋସେନ, ଅମିନୁଲ ଇସ୍‌ଲାମ, ଆରାଫତ ସନ୍ନୀ, ଅଲ– ଅମିନ ହୋସେନ, ମୁସ୍ତାଫିଜୁର ରହମାନ ଓ ଶଫିଉଲ ଇସଲାମ।

## ବାପା ମୋ ସୁପର୍ ହିରୋ

**ନୂଆଦିଲ୍ଲୀ, ୨୬।୧୦:** ବାପାଙ୍କ ନିଷ୍ପତ୍ତି ଯୋଗୁ ମୋ କ୍ୟାରିୟର ସହଜ ହୋଇଯାଇଥିଲା। ତେଣୁ ସେ ମୋ ଜୀବନର ‘ସୁପର୍ ହିରୋ’ ବୋଲି ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲି ଶନିବାର କହିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ବାପା ଏ ଦୁନିଆରେ ରହିଥିଲେ ସେତେଦିନ ପର୍ଯ୍ୟନ୍ତ ସେ ସର୍ବଦା ମୋର ସୁପର୍ ହିରୋ ଥିଲେ। କେତେକ ଲୋକଙ୍କ ଦ୍ୱାରା ତୁମେ ଅନୁପ୍ରାଣିତ ହୋଇପାର। କିନ୍ତୁ ଯେତେବେଳେ କେହି ଆପଣଙ୍କ ସାମ୍ନାରେ ଉଦାହରଣ ସୃଷ୍ଟି କରନ୍ତି ସେତେବେଳେ ଏହାର ପ୍ରଭାବ ଭିନ୍ନ ରହିଥାଏ। ମୁଁ ଯେତେବେଳେ ଯୁବକ ଥିଲି ଏବଂ କ୍ରିକେଟ୍ ଖେଳୁଥିଲି ସେତେବେଳେ ଏହି ଉଦାହରଣ ସେ (ମୋ ବାପା) ମୋ ସାମ୍ନାରେ ଆଣିଥିଲେ। ମୋ କ୍ୟାରିୟରକୁ ନେଇ ସେ ନିଷ୍ପତ୍ତି ନେବା ସହ ମୋତେ ବିଭିନ୍ନ ପରିସର ବିଷୟରେ କହିଥିଲେ। ତାଙ୍କର ଏହି ବ୍ୟକ୍ତିଗତ ନିଷ୍ପତ୍ତି ଯୋଗୁ କିପରି କଠିନ ପରିଶ୍ରମ କରି ଆଗକୁ ବଢ଼ିବି ତାହା ଉପରେ ମୋର ଫୋକସ୍ ରହିଥିଲା’ ବୋଲି କୋହଲି ଏକ କାର୍ଯ୍ୟକ୍ରମ ଅବସରରେ କହିଛନ୍ତି। ସେହିଭଳି ସମୟ ମିଳିଲେ ସ୍ତ୍ରୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଲମ୍ବା ଡ୍ରାଇଭରେ ଯିବାକୁ ପସନ୍ଦ କରନ୍ତି। ଲମ୍ବା ଡ୍ରାଇଭ୍‌ରେ ଯିବା ଲାଗି ଜାତୀୟ ରାଜପଥ ଉପଯୁକ୍ତ ସ୍ଥାନ ବୋଲି ଭାରତୀୟ କ୍ରିକେଟ୍ ଦଳର ଏହି ଷ୍ଟାର୍ ଖେଳାଳି ପ୍ରକାଶ କରିଛନ୍ତି।




## ବିରଳ ହ୍ୟାଟ୍ରିକ କ୍ଲବରେ ମାରିଜାନେ

**ସିଡ୍‌ନୀ, ୨୬।୧୦**

ଓମେନ୍‌ବିଗ୍‌ବାସ୍‌ଲିଗ୍ (ଡବ୍ଲ୍ୟୁବିବିଏଲ୍)ରେ ସିଡ୍‌ନୀ ସିକ୍ସର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳର ଦ୍ରୁତ ବୋଲର ମାରିଜାନେ କାପ୍ପ କ୍ୟାରିୟରର ପ୍ରଥମ ହ୍ୟାଟ୍ରିକ ସଫଳତା ପାଇଛନ୍ତି। ଶନିବାର ଅନୁଷ୍ଠିତ ମେଲବୋର୍ନ ଷ୍ଟାରସ୍ ବିପକ୍ଷ ମ୍ୟାଚ୍‌ରେ ମାରିଜାନେ ଏହି ହ୍ୟାଟ୍ରିକ୍ ଉଇକେଟ୍ ଅକ୍ତିଆର କରିଥିଲେ। ଡବ୍ଲ୍ୟୁବିବିଏଲ୍ ଇତିହାସରେ ସେ ୪ର୍ଥ ତଥା ସିଡ୍‌ନୀ ପାଇଁ ୨ୟ ବୋଲର ଭାବେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୭ରେ ମାରିଜାନେଙ୍କ ସ୍ତ୍ରୀ ତଥା ଟିମ୍‌ମେଟ୍ ଡାନେ ଭାନ୍ ନିଏକେର୍କ ପ୍ରଥମ ସିଡ୍‌ନୀ ସିକ୍ସର୍ସ ବୋଲର ଭାବେ ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ତେଣୁ ମାରିଜାନେଙ୍କ ପାଇଁ ଏହି ସଫଳତା ବେଶ୍ ସ୍ମରଣୀୟ ରହିଥିଲା। ଗତବର୍ଷ ଜୁଲାଇରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳର ଏହି ୨ ସଦସ୍ୟା ମାରିଜାନେ ଓ ଡାନେ ପରସ୍ପର ସମଲିଙ୍ଗୀ ବିବାହ କରିଥିଲେ।

ଶନିବାର ଡବ୍ଲ୍ୟୁବିବିଏଲ୍‌ର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମାରିଜାନେଙ୍କ ହ୍ୟାଟ୍ରିକ ସଫଳତା ବଳରେ ସିଡ୍‌ନୀ ସିକ୍ସର୍ସ ୭ ଉଇକେଟ୍‌ରେ ମେଲବୋର୍ନ ଷ୍ଟାରସ୍‌କୁ ହରାଇ ଦେଇଛି। ମେଲବୋର୍ନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ୍ ହରାଇ ୧୦୭ ରନ କରିଥିଲା। ମେଲବୋର୍ନ ଇନିଂସର ୧୯ତମ ଓଭର ବୋଲିଂ କରିଥିବା ମାରିଜାନେ ୪ର୍ଥ, ୫ମ ଓ ୬ଷ୍ଠ ବଲରେ ଉଇକେଟ୍ ନେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଜବାବରେ ସିଡ୍‌ନୀ ୧୭.୧ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।



ମାରିଜାନେ କାପ୍ପ

## ଉରୁଗୁଏ ଦଳକୁ ଫେରିଲେ ସୁଆରେଜ

**ମଣ୍ଟେଭିଡିଓ (ଉରୁଗୁଏ), ୨୬।୧୦ (ଏପି):** ନଭେମ୍ବରରେ ହଙ୍ଗେରୀ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ପାଇଁ ଷ୍ଟ୍ରାଇକର ଲୁଇସ୍ ସୁଆରେଜ ଏବଂ ଏଡିନ୍‌ସନ କାଭାନୀ ଉରୁଗୁଏ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଭୟ ଖେଳାଳି ଇଞ୍ଜୁରି ଥିବାରୁ ଅକ୍ଟୋବରରେ ପେରୁ ବିପକ୍ଷ ଗେମ୍ ଖେଳିପାରି ନ ଥିଲେ। ଉରୁଗୁଏ ଏବଂ ହଙ୍ଗେରୀ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ନଭେମ୍ବର ୧୫ରେ ବୁଦାପେଷ୍ଟର ଫେରେଙ୍କ ପୁସ୍‌କାସ ଷ୍ଟାଡିୟମରେ ଖେଳାଯିବ। **ଉରୁଗୁଏ ଦଳ:** ଗୋଲ୍‌କିପର– ଫର୍ନାଣ୍ଡୋ ମୁସ୍‌ଲେରା, ମାର୍ଟିନ କାମ୍ପାନା। ଡିଫେଣ୍ଡର– ଡିଏଗୋ ଗୋଡିନ୍, ସେବାଷ୍ଟିଆନ କୋଟ୍ସ, ଗାଷ୍ଟନ୍ ସିଲ୍‌ଭା, ମାର୍ଟିନ କାସେର୍ସ, ବ୍ରୁନୋ ମେଣ୍ଡେଜ, ମାଥିଆସ ସୁଆରେଜ। ମିଡ୍‌ଫିଲ୍ଡର– ମାଟିଆସ୍ ଭେଚିନୋ, ବ୍ରାଏନ ଲୋଜାନୋ, ଲୁକାସ ଟୋରିରା, ଜିଓର୍ଜିଆନ ଡି’ ଆରୋସାକେଟୋ, ଗାଷ୍ଟନ ପେରିରୋ ଡିଏଗୋ ଲାଖାଲ୍‌ଟ। ଷ୍ଟ୍ରାଇକର– ଲୁଇସ୍ ସୁଆରେଜ, ଏଡିନସନ କାଭାନୀ, ଖ୍ରିଷ୍ଟିଆନ ଷ୍ଟୁଆନ, ଜୋନାଥନ ରୋଡ୍ରିଗୁଏଜ୍, ଡାରୱିନ ନନେଜ୍, ବ୍ରାଏନ୍ ରୋଡ୍ରିଗୁଏଜ୍, ମାକ୍ସିମିଲାନୋ ଗୋମେଜ।

## ଫ୍ରେଞ୍ଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ: ସିନ୍ଧୁ ଆଉଟ

**ପ୍ୟାରିସ, ୨୬।୧୦ (ପି.ଟି.)**

ଏଠାରେ ଚାଲିଥିବା ୭ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଫ୍ରେଞ୍ଚ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ଆଉ ଜଣେ ଭାରତୀୟ ମହିଳା ତାରକା ବିଦାୟ ନେଇଛନ୍ତି। ସାଇନା ନେହ୍ୱାଲଙ୍କ ପରେ ପି.ଭି. ସିନ୍ଧୁ ମଧ୍ୟ ବିଦାୟ ନେଇଛନ୍ତି। ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଚାଇନିଜ ତାଇପେ ଖେଳାଳି ତାଇ ଜୁ ୟିଙ୍ଗଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ପଞ୍ଚମ ସିଡ ଖେଳାଳି ସିନ୍ଧୁ ୧୬– ୨୧, ୨୬– ୨୪, ୧୭– ୨ରେ ବିଶ୍ୱର ୧ ନମ୍ବର ଖେଳାଳି ତାଇଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ବିଜୟୀ ହେବାକୁ ତାଇଙ୍କୁ ଏକ ଘଣ୍ଟା ୧୫ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏପର୍ଯ୍ୟନ୍ତ ସିନ୍ଧୁ ଓ ତାଇ ପରସ୍ପରକୁ ୧୫ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ତାଇ ୧୦ଟିରେ ବିଜୟୀ ହୋଇଥିବା ବେଳେ ସିନ୍ଧୁ ୫ଟିରେ ବିଜୟୀ ହୋଇଛନ୍ତି। ଗତ ଅଗଷ୍ଟରେ ସିନ୍ଧୁ ଶେଷଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ତାଇଙ୍କୁ ହରାଇଥିଲେ ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୪ ବର୍ଷୀୟା ସିନ୍ଧୁ ୨୦୧୬ ଅଲିମ୍ପିକ୍ସରେ ତାଇଙ୍କୁ ମଧ୍ୟ ପରାସ୍ତ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ସଫଳତା ଓ ଅଗଷ୍ଟରେ ସୁଇଜରଲାଣ୍ଡ ଓପନ୍‌ରେ ବିଜୟ ପରେ ସିନ୍ଧୁ ଏଥିସହିତ କ୍ରମାଗତ ଚତୁର୍ଥ ଥର ପାଇଁ କୌଣସି ଟୁର୍ନାମେଣ୍ଟରେ ଆଗୁଆ ବିଦାୟ ନେଇଛନ୍ତି। ଫର୍ମ ଫେରିପାଇବାକୁ ସିନ୍ଧୁ ଏବେ ସଂଘର୍ଷ କରୁଛନ୍ତି। ଗତମାସ କୋରିଆ ଓପନରେ ସିନ୍ଧୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏହାପରେ ସେ ଡେନ୍‌ମାର୍କ ଓପନରେ ମଧ୍ୟ ପରାସ୍ତ ହୋଇଥିଲେ। ଶୁକ୍ରବାର ସାଇନା ନେହ୍ୱାଲ କ୍ୱାର୍ଟର ଫାଇନାଲରେ କୋରିଆର ଅନ ସେ ୟଙ୍ଗଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ପୁରୁଷ ଡବଲ୍ସ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଭାରତୀୟ ଆଶା ଉଜ୍ଜୀବିତ ରଖିଛନ୍ତି। ବିଶ୍ୱର ୧୧ ନମ୍ବର ଏହି ଯୋଡି ପରବର୍ତ୍ତୀ ରାଉଣ୍ଡରେ ପଞ୍ଚମ ସିଡ ଯୋଡି ଜାପାନର ହିରୋୟୁକି ଏଣ୍ଡୋ ଓ ୟୁଟା ୱାଟାନ୍‌ବେଙ୍କୁ ଭେଟିବେ।



## ୩ରୁ ମହମ୍ମଦ ଇମ୍ରାନ ସ୍ମାରକୀ କ୍ରିକେଟ

**ଭୁବନେଶ୍ୱର,୨୬। ୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଆସନ୍ତା ନଭେମ୍ବର ୩ ତାରିଖରୁ ଭୁବନେଶ୍ୱର ଉପକଣ୍ଠରେ ଥିବା ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡିଆରେ ମହମ୍ମଦ ଇମ୍ରାନ ସ୍ମାରକୀ ୧୭ ବର୍ଷରୁ କମ୍ ଟୁଇନ୍‌ସିଟି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଧଳା ବଲ୍‌ରେ ମ୍ୟାଚ୍ ଖେଳାଯିବ ଓ ମ୍ୟାଚ୍‌ଗୁଡିକ ୩୦ ଓଭର ବିଶିଷ୍ଟ ହେବ। ମ୍ୟାଟିଂ ଉଇକେଟରେ ଓ ନକ୍‌ଆଉଟ ପଦ୍ଧତିରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ଗୋଟିଏ ଲେଖାଏ ମ୍ୟାଚ୍ ଖେଳାଯିବ ଓ ସବୁ ମ୍ୟାଚ୍‌ରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଉଇକେଟକିପରଙ୍କୁ ପୁରସ୍କୃତ କରାଯିବ। ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ବୟସର ପ୍ରମାଣ ପାଇଁ ଦଳଗୁଡିକ ଖେଳାଳିଙ୍କ ଜନ୍ମଗତ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ସ୍ଥାନୀୟ ଶହୀଦ ସ୍ପୋର୍ଟିଂ କ୍ଲବରେ ଶନିବାର ଖବରଦାତା ସମ୍ମିଳନୀରେ ଏହି ଟୁର୍ନାମେଣ୍ଟ ଆୟୋଜନ ସଂକ୍ରାନ୍ତ ସୂଚନା ଦିଆଯାଇଥିଲା। ଏଥିରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ସଦସ୍ୟ ସୁଶାନ୍ତ ଦାସ, ଶ୍ରୀ ଜୟଦେବ କଲେଜ ସ୍ପୋର୍ଟ୍ସ ଅଧିକାରୀ ଦକ୍ଷ୍ୟବ୍ରହ୍ମା ରାଉତରାୟ, ମ୍ୟାଚ୍ ରେଫରି ଚଣ୍ଡିପ୍ରସନ୍ନ ମହାପାତ୍ର, ଆସୋସିଏଶନ ସଭାପତି ପ୍ରଦୀପ କୁମାର ଜେନା, ତପନ କୁମାର ସାହୁ ଓ ସମ୍ପାଦକ ଶରତଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଟୁର୍ନାମେଣ୍ଟରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ, ୟୁନିୟନ ସ୍ପୋର୍ଟିଂ, ରାଇଜିଂ ଷ୍ଟୁଡେଣ୍ଟ, ରାମେଶ୍ୱର ସ୍ପୋର୍ଟିଂ, ଜୁଭେନାଇଲ କ୍ରିକେଟ ଏକାଡେମୀ, ଶହୀଦ ସ୍ପୋର୍ଟିଂ, ପାରାମାଉଣ୍ଟ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ଅଂଶଗ୍ରହଣ କରିବେ। ୧୧ରେ ପ୍ରଥମ ଓ ୧୨ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ୧୩ ତାରିଖରେ ଫାଇନାଲ ମ୍ୟାଚ ଆୟୋଜନ ହେବ। ୩ ତାରିଖରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ୟୁନିୟନ ସ୍ପୋର୍ଟିଂ, ୪ ତାରିଖରେ ରାଇଜିଂ ଷ୍ଟୁଡେଣ୍ଟ ଓ ରାମେଶ୍ୱର ସ୍ପୋର୍ଟିଂ, ୫ ତାରିଖରେ ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ଶହୀଦ ସ୍ପୋର୍ଟିଂ, ୬ ତାରିଖରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଆୟୋଜନ ହେବ।




ଖବରଦାତା ସମ୍ମିଳନୀରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତା।

## ଫିଞ୍ଚ୍ ଫିଟ୍, ଟାଇ ସିରିଜ୍‌ରୁ ବାଦ୍

**ଆଡିଲେଡ୍, ୨୬।୧୦ (ଏଏଫ୍‌ପି)**

ଘରୋଇ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ରବିବାରଠାରୁ ଆରମ୍ଭ ହେବ। ଅଧିନାୟକ ଆରୋନ୍ ଫିଞ୍ଚଙ୍କୁ ଏହି ମ୍ୟାଚ୍‌ରେ ଖେଳିବା ଲାଗି ଫିଟ୍ ଘୋଷଣା କରାଯାଇଛି। ମାଂସପେଶୀ ଟାଣି ହୋଇଯାଇଥିବାରୁ ପ୍ରଥମ ମ୍ୟାଚ୍ ପୂର୍ବରୁ ଫିଞ୍ଚ୍ ସୁସ୍ଥ ହୋଇଥିବେ କି ନାହିଁ ସେ ନେଇ ଆଶଙ୍କା ରହିଥିଲା। ତେବେ ଶନିବାର ତାଙ୍କୁ ଫିଟ୍ ଘୋଷିତ କରାଯିବା ପରେ ଡେଭିଡ୍ ୱାର୍ନରଙ୍କ ସହ ସେ ଓପନିଂ କରିବା ନିଶ୍ଚିତ ହୋଇଯାଇଛି। ତେବେ ଡେଥ୍ ଓଭର ସ୍ପେଶାଲିଷ୍ଟ ଆଣ୍ଡ୍ରିଉ ଟାଇ ଆଘାତଜନିତ ସମସ୍ୟା ଲାଗି ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ଫିଲ୍ଡିଂ କରୁଥିବାବେଳେ ଟାଇଙ୍କ କହୁଣିରେ ଆଘାତ ଲାଗିଥିଲା। ଟାଇଙ୍କ ସ୍ଥାନରେ ନ୍ୟୁ ସାଉଥ୍ ୱେଲ୍ସର ଦ୍ରୁତ ବୋଲର ସିନ୍ ଆବଟଙ୍କୁ ଦଳରେ ସାମିଲ କରାଯାଇଛି। ଟାଇଙ୍କ ଅନୁପସ୍ଥିତିରେ ମିଚେଲ ଷ୍ଟାର୍କ, ପାଟ୍ କୁମିନ୍ସ, ବିଲି ଷ୍ଟାନଲେକ୍ ଓ କେନ୍ ରିଚାର୍ଡଶନଙ୍କ ଉପରେ ଦ୍ରୁତ ବୋଲିଂ ଭାର ରହିବ।

ଅପରପକ୍ଷରେ ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଏକ ବର୍ଷ ବାସନ୍ଦ ହୋଇ କ୍ରିକେଟ୍‌କୁ ଫେରିଥିବା ୱାର୍ନର ଓ ଷ୍ଟିଭ୍ ସ୍ମିଥ ପ୍ରଥମଥର ଲାଗି ଟି୨୦ ଆକ୍ସନରେ ଦେଖିବାକୁ ମିଳିବେ। ଉଭୟ ୱାର୍ନର ଓ ସ୍ମିଥ୍ ବାସନ୍ଦାଦେଶରୁ ମୁକୁଳିବା ପରେ ଟେଷ୍ଟ ଓ ଦିନିକିଆ କ୍ରିକେଟ୍ ଖେଳିସାରିଛନ୍ତି।

**ପ୍ରଥମ ଟି୨୦ ଆଜି**



ସିରିଜ୍ ପୂର୍ବରୁ ଟ୍ରଫି ସହ ଦୁଇ ଦଳର ଅଧିନାୟକ।

- **ଅଷ୍ଟ୍ରେଲିଆ ଦଳ:** ଡେଭିଡ୍ ୱାର୍ନର, ଆରୋନ୍ ଫିଞ୍ଚ୍ (ଅଧିନାୟକ), ଷ୍ଟିଭ୍ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ, ଆଷ୍ଟନ ଟର୍ନର, ଆଷ୍ଟନ ଅଗର, ଆଲେକ୍ସ କାରେ (ଉଇକେଟ୍‌କିପର), କେନ୍ ରିଚାର୍ଡଶନ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ବିଲି ଷ୍ଟାନଲେକ୍, ଆଦାମ ଜାମ୍ପା, ସିନ୍ ଆବଟ, ବେନ୍ ମ୍ୟାକ୍‌ଡେର୍ମଟ।
- **ଶ୍ରୀଲଙ୍କା ଦଳ:** କୁସଲ ମେଣ୍ଡିସ, ଦନୁଷ୍କା ଗୁଣଥିଲକ, କୁସଲ ପେରେରା, ଭାନୁକା ରାଜପକସା, ନିରୋଶାନ ଡିକ୍‌ୱେଲା (ଉଇକେଟ୍‌କିପର), ଦସୁନ ଶନକା, ୱାନିନ୍ଦୁ ହସରଙ୍ଗା, ଲକସନ ସନ୍ଦାକନ, ଲସିଥ୍ ମାଲିଙ୍ଗା (ଅଧିନାୟକ), ଇସୁରୁ ଉଦାନା, କସୁନ ରାଜିଥ୍, ନୁୱାନ ପ୍ରଦୀପ, ଶେହାନ ଜୟସୁରିୟା, ଅଭିଷ୍କା ଫର୍ନାଣ୍ଡୋ, ଲାହିରୁ କୁମାରା ଓ ଓଶାଡା ଫର୍ନାଣ୍ଡୋ।

## ୬ ଟନ୍ ଚୋରା କୋଇଲା ସହ ହାଇୱା ଜବତ

### ୨ ଡ୍ରାଇଭର ଗିରଫ

**ବାସୁଦେବପୁର,୨୬।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ଚାଟେରି ଛକ ନିକଟରୁ ବାସୁଦେବପୁର ଥାନା ପୋଲିସ ୬ ଟନ ଚୋରା କୋଇଲା ଭର୍ତ୍ତି ୨ଟି ହାଇୱା ଜବତ କରିଛି। ଏଥିସହ ୨ ଗାଡ଼ିର ଡ୍ରାଇଭର ଧାମନଗର କଙ୍କିରା ଗ୍ରାମର ସୁମନ୍ତ ଖଟୁଆ ଓ ଭାଗପୁର ଗ୍ରାମର ରତିକାନ୍ତ ବାରିକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ମାମଲା (ନଂ.୩୯୧/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ଧାମରା ଅଞ୍ଚଳରୁ ଏହି ଚୋରା କୋଇଲା ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଖବର ପାଇ ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି, ଏଏସ୍ଆଇ ବିନୋଦ ବିହାରୀ ହେମ୍ବ୍ରମ ସଦଳବଳ ଚଢ଼ାଉ କରି ଗାଡ଼ିକୁ ଜବତ କରିଥିଲେ।

## ଜଳକାରେ ଜଳସ୍ତର ବୃଦ୍ଧି

### ବହୁ ଚାଷଜମି ଜଳମଗ୍ନ

**ବସ୍ତା,୨୬।୧୦(ସ୍ୱ.ପ୍ର.)**

ଲଗାଣ ବର୍ଷା ଯୋଗୁ ବସ୍ତା ବ୍ଲକର ୧୨ଟି ପଞ୍ଚାୟତ ଏବଂ ସଦର ବ୍ଲକର ଦୁଇଟି ପଞ୍ଚାୟତ ମଧ୍ୟ ଦେଇ ପ୍ରବାହିତ ଜଳକା ନଦୀରେ ଜଳସ୍ତର ଦ୍ୱିତୀୟ ଦିନରେ ମଧ୍ୟ ବିପଦସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ବିପଦସଂକେତ ୫.୫୦ ମିଟର ଥିବାବେଳେ ଶନିବାର ସନ୍ଧ୍ୟା ୬ଟାରେ ଏହା ୬.୪୪ ମିଟରରେ ପ୍ରବାହିତ ହେଉଛି। ତେବେ ବ୍ଲକର ସହସ୍ରାଧିକ ଏକର ଚାଷଜମି ଜଳମଗ୍ନ ହୋଇରହିଛି। ଧାନ ଗଛରେ କେଣ୍ଡା ବାହାରୁଥିବା ବେଳେ ପାଣି ପଶିଯାଇ ଚାଷ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ନଦୀର ଜଳସ୍ତର କ୍ରମଶଃ ହ୍ରାସ ପାଉଥିବା ଜଳସେଚନ ବିଭାଗର ଯନ୍ତ୍ରୀ ଅଶୋକ କୁମାର ଦାସ କହିଛନ୍ତି।

### ■ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

# ବାଲେଶ୍ୱର ପ୍ରତିଯୋଗୀଙ୍କୁ ୬ ସ୍ୱର୍ଣ୍ଣ ପଦକ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବାଲେଶ୍ୱର ଅଫିସ,୨୬।୧୦**

ବାଲେଶ୍ୱର ଜିଲା ଫିଟ୍-୨-ଫାଇଟ୍ କରାଟେ ସେଣ୍ଟରର ପ୍ରତିଯୋଗୀ କେଉଁଝର ସହରସ୍ଥିତ ଗୁଜୁରାଟୀ ସମାଜ ପରିସରରେ ୱାର୍ଲଡ୍ ଟ୍ରାଡ଼ିଶନାଲ୍ ସୋଟୋକାନ୍ ଫେଡ଼େରେଶନ୍ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ୭ବର୍ଷରୁ କମ୍, ୭ରୁ ୯ବର୍ଷ, ୯ରୁ ୧୧ ବର୍ଷ, ୧୨ରୁ ୧୩ ବର୍ଷ, ୧୩ରୁ ୧୫ ବର୍ଷ ବର୍ଗର 'କାଟା ଏବଂ କୁମିତେ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବାଲେଶ୍ୱରର ପ୍ରତିଯୋଗୀ ମୋଟ ୬ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୧୪ଟି ବ୍ରୋଞ୍ଜ ପଦକ ହାସଲ କରିଥିବା କୋଚ୍ ମନୋରଞ୍ଜନ ଆଚାର୍ଯ୍ୟ ପ୍ରେସ୍ ବିବୃତିରେ ଜଣାଇଛନ୍ତି। କେଉଁଝର ଗୁଜୁରାଟୀ ସମାଜଠାରେ ଗତ ୧୯ ଓ ୨୦ ତାରିଖରେ ଆୟୋଜିତ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ବାଲେଶ୍ୱରରୁ ମୋଟ ୨୩ଜଣ (୧୯ଜଣ ପୁଅ ଓ ୪ଜଣ ଝିଅ) ପ୍ରତିଯୋଗୀ ଯୋଗଦେଇଥିଲେ। ବିଭିନ୍ନ ବିଭାଗରେ ନିଜର ପାରଦର୍ଶିତା ଦେଖାଇ ଆଦ୍ୟାଂଶୁ ମିଶ୍ର ୨ଟି, ପ୍ରତିନନ୍ଦନ ପୁହାଣ ୧ଟି, ଭକ୍ତିପ୍ରିୟା ବେହେରା ୧ଟି, ସତ୍ୟବ୍ରତ ଉପାଧ୍ୟାୟ ୧ଟି, କୌଶଳ ବିଶ୍ୱାଳ ୧ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ପ୍ରତିନନ୍ଦନ ପୁହାଣ, ଦେବାଶିଷ ପଣ୍ଡା, କ୍ରିଷ୍ଣା ବେହେରା, ସ୍ୱସ୍ତି ପ୍ରୟମ୍ ନାଏକ ଗୋଟିଏ ଲେଖାଏଁ ରୌପ୍ୟ ପଦକ ହାସଲ କରିଛନ୍ତି। ସତ୍ୟବ୍ରତ ଉପାଧ୍ୟାୟ, କୌଶଳ ବିଶ୍ୱାଲ, ସାୟନ୍ ବାନାର୍ଜୀ, ଚିନ୍ମୟୀ ପ୍ରଭା ଦାସ, ଅନିରୁଦ୍ଧ ପ୍ରସାଦ, ଆଦ୍ୟ ଆଶୁତୋଷ୍, କ୍ରିଷ୍ଣା ବେହେରା, ବିନିତ୍ ପ୍ରଧାନ, ସ୍ମିତିରଞ୍ଜନ ନାଏକ, ଅନୁୟା ପଣ୍ଡା, ଦେବଜ୍ୟୋତି ମହାନ୍ତି, ଭକ୍ତି ପ୍ରିୟା ବେହେରା, ଶ୍ରେୟାନ୍ ଆଚାର୍ଯ୍ୟ, ଶାୟନ୍ ବାନାର୍ଜୀ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଥିବା ଜଣାପଡ଼ିଛି। ଏହି କୃତି ପ୍ରତିଯୋଗୀମାନେ ଆଗାମୀ ୨୦୨୦ ମେ' ମାସରେ ବମ୍ବେର ଖଣ୍ଡାଲାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗୀମାନେ ବାଲେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ■ ନିଶା ବ୍ୟବସାୟକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

# ଦାଦା ଗୁରୁତର, ବର୍ତ୍ତିଗଲେ ପୁତୁରା

**ବାଲେଶ୍ୱର ଅଫିସ,୨୬।୧୦**-ବାଲେଶ୍ୱର ସଦର ଥାନା ଅଧୀନ ରସାଲପୁର ଛେଳିଆପଦା ଛକ ନିକଟସ୍ଥ କାଳିମଣ୍ଡପ ପଡ଼ିଆରେ ଜଣେ ଦୁର୍ବୃତ୍ତ ନିଶା ବ୍ୟବସାୟକୁ କେନ୍ଦ୍ର କରି ଶନିବାର ମଧ୍ୟାହ୍ନ ୧୨ଟାରେ ଦାଦା ଓ ପୁତୁରାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଧାରୁଆ ଖଣ୍ଡା ଚୋଟରେ ଦାଦା ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ପୁତୁରା ଅଳ୍ପକେ ବର୍ତ୍ତିଯାଇଥିଲେ। ଛେଳିଆପଦା ଗ୍ରାମର ରାଜମିସ୍ତ୍ରୀ କାମ କରୁଥିବା ପଞ୍ଚାନନ ମହାଲିକ ଓ ମୁନା ବାରିକଙ୍କ ମଧ୍ୟରେ ନିଶା ବ୍ୟବସାୟକୁ ନେଇ କିଛିଦିନ ପୂର୍ବରୁ ଗଣ୍ଡଗୋଳ ଲାଗିଥିଲା। ଶନିବାର ପୂର୍ବାହ୍ନରେ ପଞ୍ଚାନନ ତାଙ୍କ ପୁତୁରାଙ୍କ ସହ କାଳିମଣ୍ଡପ ପାଖ ଟ୍ୟୁବ୍‌ୱେଲକୁ ପାଣି ଆଣିବା ପାଇଁ ଯାଇଥିବା ବେଳେ ହଠାତ୍ ମୁନା ଏକ ଧାରୁଆ ଖଣ୍ଡା ଧରି ସେଠାରେ ପହଞ୍ଚି ଆକ୍ରମଣ କରିଥିଲେ। ପଞ୍ଚାନନଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ସଦର ଥାନା ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପଞ୍ଚାନନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମୁନାଙ୍କୁ ଗିରଫ କରିବା ପାଇଁ ଚେଷ୍ଟା କରିବା ସହ ଅଧିକ ତଦନ୍ତ ଜାରି ରଖିଛି।





# ସରକାରୀ ଅର୍ଥ ହେରଫେର: ଜେଲ ଗଲେ ପୂର୍ବତନ ସରପଞ୍ଚ

**ଚାନ୍ଦବାଲି, ୨୬।୧୦ (ଡି.ଏନ.ଏ.)**

ସରକାରୀ ଅର୍ଥ ହେରଫେର ମାମଲାରେ ବାଂଶଡ଼ା ଥାନା ପୋଲିସ ମଉସୁଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜ ମଲ୍ଲିକଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଛି। ଶନିବାର ଅପରାହ୍ନରେ ତାଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭଦ୍ରକ ଜେଲ ହାଜତକୁ ପଠାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଏହି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାର ବଳରେ ଜଣାପଡ଼ିଥିଲା। ଏ ନେଇ ତଦନ୍ତ ହେବା ପରେ ଗତ ମାସରେ ବିଡିଓ ଶ୍ୟାମସୁନ୍ଦର ଟୁଡୁ ମଉସୁଧାର ସରପଞ୍ଚ ଓ ପୂର୍ବତନ ସରପଞ୍ଚ ମଲ୍ଲିକଙ୍କ ନାମରେ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଂଶଡ଼ା ଥାନାରେ ଏ ନେଇ ଏକ ମାମଲା(ନଂ.୨୨୬/୧୯) ରୁଜୁ ହୋଇଥିଲା। ଗିରଫ ଭୟରେ ଉଭୟ ଫେରାର ଥିଲେ। ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଚାନ୍ଦବାଲି ବ୍ଲକ ଭାଜପା ପକ୍ଷରୁ ମଉସୁଧା ବଜାରରେ ସାଧାରଣ ସଭା ଓ ବାଂଶଡା ଥାନା ଘେରାଉ କରି ଦାବି କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରୁ ଭଦ୍ରକ ପୋଲିସ ପୂର୍ବତନ ସରପଞ୍ଚ ମଲ୍ଲିକଙ୍କୁ ଗିରଫ କରିଥିଲା। ପରେ ବାଂଶଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଥିଲା।



ଗିରଫ ପୂର୍ବତନ ସରପଞ୍ଚ ବ୍ରଜ ମଲ୍ଲିକ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ